DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୪/୨୦୨୨ (୧୬ ପୃଷ୍ଠା) Bhubaneswar, Monday, November 14/2022 Page 16 ₹ 7.00 ★★★★★★

୪୮ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 348 ମୂଲ୍ୟ ₹୭/-



ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

# ସହରାଞ୍ଚଳ ପ୍ରଦୂଷଣ ଘାତକ

- ରାଜ୍ୟର ୭ ସହର ଅତିପ୍ରଦୂଷିତ
- ସୁଧାରିବାକୁ କ୍ଲିନ୍ ଏୟାର ଆକ୍ସନ ପ୍ଲାନ୍

**ଭୁବନେଶ୍ୱର(ବ୍ୟୁରୋ)/ଯାଜପୁର/ଅନୁଗୋଳ ଅଫିସ୍, ୧୩।୧୧**

ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ମାରାତ୍ମକ ସ୍ତରରେ ରହୁଛି। କେବଳ ଦିଲ୍ଲୀ ନୁହେଁ, ଦେଶର ବଡ଼ ବଡ ସହରରେ ନିଃଶ୍ୱାସ ନେବା ପ୍ରାଣଘାତକ ହେଲାଣି। ସହରାଞ୍ଚଳରେ ବିଶୁଦ୍ଧ ବାୟୁ ମିଳିବା କଷ୍ଟକର ହୋଇପଡ଼ିଲାଣି। ଯାନବାହନ ବୃଦ୍ଧି ସାଙ୍ଗକୁ ଅନବରତ ନିର୍ମାଣ କାର୍ଯ୍ୟଜନିତ ଧୂଳି ଓ ସବୁଜ ବଳୟ ନଷ୍ଟ ହେବା ଯୋଗୁ ଶ୍ୱାସ ରୁନ୍ଧିଦେଲା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ରାଜଧାନୀ ଦିଲ୍ଲୀରେ ଅତ୍ୟଧିକ ବାୟୁ ପ୍ରଦୂଷଣ ସମଗ୍ର ଦେଶର ଚିନ୍ତା ବଢ଼ାଇ ଦେଇଛି। ଦେଶର ୧୩୨ ସହର ପ୍ରଦୂଷଣର ବିଷାକ୍ତ ବଳୟ ଭିତରକୁ ଚାଲିଯାଇଛି। ଓଡ଼ିଶାର ସହର ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଯାନବାହନ, ଶିଳ୍ପାଞ୍ଚଳ, ନିର୍ମାଣ କାର୍ଯ୍ୟ, କଠିନ ବର୍ଜ୍ୟବସ୍ତୁ ପୋଡ଼ିବା ଯୋଗୁ ସହରାଞ୍ଚଳରେ ପ୍ରଦୂଷଣ ମାତ୍ରା ବୃଦ୍ଧିପାଉଛି। ଭୁବନେଶ୍ୱର ସମେତ କଟକ, ଅନୁଗୋଳ, ତାଳଚେର, ବାଲେଶ୍ୱର, ରାଉରକେଲା ଏବଂ କଳିଙ୍ଗନଗର ଆଦି ୭ଟି ସହର ପ୍ରଦୂଷଣ ଜ୍ୱାଳାରେ ଛଟପଟ ହେଉଛନ୍ତି। ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟ ଦ୍ୱାରା କରାଯାଇଥିବା ସର୍ଭେରୁ ଏକଥା ସ୍ପଷ୍ଟ ହୋଇଛି।

ସହରାଞ୍ଚଳର ପରିବେଶକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିବାରୁ ଗୋଟିଏ ପରେ ଗୋଟିଏ ସହର ପ୍ରଦୂଷଣ ବଳୟ ଭିତରକୁ ଚାଲିଯାଉଛି। ସାଧାରଣତଃ ବାୟୁରେ ୧୦ ମାଇକ୍ରନରୁ କମ୍ ଧୂଳିକଣା ଓ ପ୍ରଦୂଷିତ ଦ୍ରବ୍ୟ ରହିବା କଥା। ମାତ୍ର ସହରାଞ୍ଚଳଗୁଡ଼ିକରେ ଏହାଠାରୁ ଯଥେଷ୍ଟ ଅଧିକ ରହୁଥିବା ଦେଖିବାକୁ ମିଳୁଛି। ମିଳିଥିବା ସୂଚନାନୁଯାୟୀ, ଭୁବନେଶ୍ୱରରେ ବାୟୁ



ପ୍ରଦୂଷଣ ହାର ସ୍ୱାଭାବିକ ମାତ୍ରାଠାରୁ ପ୍ରାୟ ୩୬ ପ୍ରତିଶତ ଅଧିକ ଥିବାବେଳେ ଅନୁଗୋଳରେ ୨୮, କଟକ ୨୭, ରାଉରକେଲା ୪୧ ଏବଂ ତାଳଚେରରେ ୪୫ ପ୍ରତିଶତ ଉପରେ ରହୁଛି। ରିପୋର୍ଟ ଅନୁଯାୟୀ ରବିବାର ଭୁବନେଶ୍ୱରରେ ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ୧୫୩ ରହିଥିବାବେଳେ କଳିଙ୍ଗନଗରରେ ୧୨୦ ରହିଛି, ଯାହାକି ୧୦୦ ମଧ୍ୟରେ ରହିବା କଥା।

ସହରାଞ୍ଚଳରେ ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବା ପାଇଁ ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ଏନ୍‌ଜିଟି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଧିକ ପ୍ରଦୂଷିତ ସହରଗୁଡ଼ିକର ପ୍ରଦୂଷଣ ହ୍ରାସ କରିବା ପାଇଁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)କୁ ପରାମର୍ଶ ଦେଇଥିଲା। ରାଜ୍ୟର ଉକ୍ତ ୭ ସହରାଞ୍ଚଳଗୁଡ଼ିକର ବାୟୁ ପ୍ରଦୂଷଣ ମାତ୍ରା କିପରି ହ୍ରାସ କରାଯାଇପାରିବ ସେ ନେଇ ☞ପୃଷ୍ଠା-୪

## ଦିଲ୍ଲୀ ଏକ୍ୟୁଆଇ ଅସ୍ୱାସ୍ଥ୍ୟକର

**ନୂଆଦିଲ୍ଲୀ, ୧୩।୧୧**

ଦିଲ୍ଲୀର ଏୟାର କ୍ୱାଲିଟି ଇନ୍‌ଡେକ୍ସ ବା ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ)ରେ ସାମାନ୍ୟ ଉନ୍ନତି ଆସିଛି। ତଥାପି ଏହା ଅସ୍ୱାସ୍ଥ୍ୟକର ରହିଛି। ସିଷ୍ଟମ୍ ଅଫ୍ ଏୟାର କ୍ୱାଲିଟି ଆଣ୍ଡ୍ ଫୋରକାଷ୍ଟିଂ ଆଣ୍ଡ୍ ରିସର୍ଚ୍ଚ (ଏସ୍‌ଏଏଫ୍‌ଏଆର୍) ଅନୁସାରେ ଜାତୀୟ ରାଜଧାନୀରେ ଏକ୍ୟୁଆଇ ସ୍ତର ଶନିବାର ୩୫୩ ରହିଥିବାବେଳେ ରବିବାର ସକାଳ ୮ଟାରେ ୩୨୦ ରହିଥିଲା। ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ମଧ୍ୟ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ନୋଏଡାରେ ଏକ୍ୟୁଆଇ ୩୪୧ ଥିବାବେଳେ ଗୁରୁଗ୍ରାମରେ ୩୨୪ ରହିଛି, ଯାହାକୁ 'ଅତି ଖରାପ' ବୋଲି କୁହାଯାଉଛି। ପ୍ରକାଶ ଯେ, ଏକ୍ୟୁଆଇ ୦ରୁ ୧୦୦ ରହିବା ଭଲ ଏବଂ ୧୦୦ରୁ ୨୦୦ ମଧ୍ୟରେ ରହିଲେ ମଧ୍ୟମ। ସେହିପରି ୨୦୦ରୁ ୩୦୦ ରହିଲେ ଖରାପ, ୩୦୦ରୁ ୪୦୦ ରହିଲେ ଅତି ଖରାପ ଏବଂ ୪୦୦ରୁ ୫୦୦ ସ୍ତରରେ ☞ପୃଷ୍ଠା-୪

## ଟି୨୦ ବିଶ୍ୱକପ: ଇଂଲଣ୍ଡ ଚାମ୍ପିୟନ




ଜୋସ ବଟଲର

**ମେଲବୋର୍ନ, ୧୩।୧୧**

ଟି୨୦ କ୍ରିକେଟ ବିଶ୍ୱକପର ୮ମ ସଂସ୍କରଣରେ ବାଜି ମାରିଛି ଇଂଲଣ୍ଡ। ରବିବାର ଅନୁଷ୍ଠିତ ଫାଇନାଲରେ ଜୋସ ବଟଲରଙ୍କ ଦଳ ୫ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡର ପେସ୍ ଓ ବାଉନ୍ସି ଟ୍ରାକ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୨୦ ଓଭରରେ ୮ ଉଇକେଟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ନ୍ୟାୟ ବ୍ୟବସ୍ଥାରେ ମହିଳା










**ଭାରତରେ ଚାଳକବିହୀନ ଟ୍ରେନ୍ ଖୁବ୍‌ଶୀଘ୍ର**

ଭାରତରେ ଖୁବ୍‌ଶୀଘ୍ର ଚାଳକବିହୀନ ଟ୍ରେନ୍ ଚଳାଚଳ କରିବାକୁ ଯାଉଛି। ଏଥିପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ଯୋଗାଯୋଗଭିତ୍ତିକ ଟ୍ରେନ୍ ନିୟନ୍ତ୍ରଣ ସିଷ୍ଟମ (ଆଇ-ସିବିଟିସି) ବିକଶିତ କରିବା ଲାଗି ଭାରତ ଇଲେକ୍ଟ୍ରୋନିକ୍ସ ଲିଃ (ବିଇଏଲ୍) ଏବଂ ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେଶନ ଲିଃ(ଡିଏମ୍ଆର୍‌ସି) ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପ୍ରଥମ ଥର ପାଇଁ ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ଆଇ-ସିବିଟିସି ବିକଶିତ ହେବା ପରେ ଟ୍ରେନ୍ ଓ ମେଟ୍ରୋ ଟ୍ରେନ୍‌ଗୁଡ଼ିକ ବିନା ଚାଳକରେ ଚଳାଚଳ କରିପାରିବ।

## ସଂକ୍ଷେପରେ

### କ୍ରିପ୍ଟୋ ଏକ୍ସଚେଞ୍ଜ ଭୁଶୁଡ଼ିବା ପଛରେ ଭାରତୀୟ ବଂଶୋଦ୍ଭବ ନିଶାଦ

**ସାନ୍ ଫ୍ରାନ୍ସିସ୍କୋ,୧୩।୧୧:** ବିଶ୍ୱର ଅନ୍ୟତମ ସର୍ବବୃହତ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ ଏଫ୍‌ଟିଏକ୍ସ ଭୁଶୁଡ଼ିବା ଘଟଣାରେ ଭାରତୀୟ ବଂଶୋଦ୍ଭବ ନିଶାଦ ସିଂ ସନ୍ଦେହ ଘେରକୁ ଆସିଛନ୍ତି। ସେ ଏଫ୍‌ଟିଏକ୍ସର ପ୍ରତିଷ୍ଠାତା ସାମ୍ ବାଙ୍କମ୍ୟାନ୍-ଫ୍ରାଏଡ୍‌ଙ୍କ ଘନିଷ୍ଠ ଥିଲେ। ମୁଖ୍ୟ ଟେକ୍‌ନୋଲୋଜି ଅଫିସର ଗାରି ୱାଙ୍ଗ୍, ନିଶାଦ ଏବଂ ସାମ୍ ଏକ୍ସଚେଞ୍ଜ୍‌ର ମ୍ୟାଚିଂ ଇଞ୍ଜିନ କୋଡ୍ ଏବଂ ପାଣ୍ଠିକୁ ନିୟନ୍ତ୍ରଣ କରୁଥିଲେ। ଅନଧିକୃତ କାରବାର ଯୋଗୁ ଏକ୍ସଚେଞ୍ଜର କୋଟି କୋଟି ଡଲାର କ୍ଷତି ହେଲା ବୋଲି ଏଫ୍‌ଟିଏକ୍ସ ନିକଟରେ ସ୍ୱୀକାର କରିଛି। ଦେବାଳିଆ ହୋଇପଡ଼ିଥିବା ନେଇ ଗତ ସପ୍ତାହରେ ଏଫ୍‌ଟିଏକ୍ସ ଆମେରିକାରେ ଆବେଦନ କରିଥିଲା। ତେବେ ଅନଧିକୃତ କାରବାର ଯୋଗୁ ଏହା କେତେ କ୍ଷତି ସହିଛି, ତାହା ଆବେଦନରେ ଦର୍ଶାଯାଇ ନାହିଁ। ତେବେ କ୍ଷତିର ପରିମାଣ ୬୦୦ ନିୟୁତ ଡଲାର ହେବ ବୋଲି କୁହାଯାଉଛି।

### ଉଦୟପୁର-ଅହମଦାବାଦ ରେଳଲାଇନରେ ବିସ୍ଫୋରଣ

**ଉଦୟପୁର,୧୩।୧୧:** ରାଜସ୍ଥାନ ଉଦୟପୁର ଜିଲାର ଜୱାର-ମାଇନ୍ସ ଥାନା ଅଞ୍ଚଳରେ ଥିବା ରେଳଲାଇନରେ ଶନିବାର ବିଳମ୍ବିତ ରାତିରେ ବିସ୍ଫୋରଣ ହେବାରୁ ଏଥିରେ ଫାଟ ସୃଷ୍ଟି ହୋଇଛି। ଫଳରେ ଉଦୟପୁର-ଅହମଦାବାଦ ରେଳଲାଇନରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅସର୍ୱା-ଉଦୟପୁର ଏକ୍ସପ୍ରେସ୍ ଟ୍ରେନ୍ ଉକ୍ତ ଅଞ୍ଚଳ ଦେଇ ଅତିକ୍ରମ କରିବା ପୂର୍ବରୁ ବିସ୍ଫୋରଣ ଘଟିଥିଲା। ଫଳରେ ଉକ୍ତ ଟ୍ରେନ୍ ଡୁଙ୍ଗରପୁରଠାରେ ଅଟକି ରହିଥିଲା। ଘଟଣାସ୍ଥଳରେ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚିଥିବାବେଳେ ବିସ୍ଫୋରଣକୁ ନେଇ ତଦନ୍ତ ଜାରି ରହିଛି। ବିସ୍ଫୋରଣରେ କ୍ଷତିଗ୍ରସ୍ତ ବ୍ରିଜ୍‌ର ପୁନଃନିର୍ମାଣରେ ରେଲ୍‌ୱେ ପୂର୍ଣ୍ଣ ସହଯୋଗ କରୁଥିବା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି।

### ଜୟଶଙ୍କର-ବ୍ଲିଙ୍କେନ୍ ଆଲୋଚନା


ଆଣ୍ଟୋନି ବ୍ଲିଙ୍କେନ୍


ଏସ୍. ଜୟଶଙ୍କର

**ନମପେନ୍,୧୩।୧୧:** କାମ୍ବୋଡ଼ିଆ ରାଜଧାନୀ ନମପେନ୍‌ଠାରେ ଅନୁଷ୍ଠିତ ଆସିଆନ୍-ଭାରତ ସମିଟ୍ ଅବସରରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ରବିବାର ଆମେରିକା ପ୍ରତିପକ୍ଷ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଆଲୋଚନାରେ ସ୍ଥାନ ପାଇଥିବା ଅନ୍ୟ ପ୍ରସଙ୍ଗ ମଧ୍ୟରେ ୟୁକ୍ରେନ ଯୁଦ୍ଧ, ଶକ୍ତି ପ୍ରସଙ୍ଗ, ଜି୨୦ ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ସ୍ଥିତି ଆଦି ରହିଛି। କାମ୍ବୋଡ଼ିଆ ଗସ୍ତରେ ଥିବା ଉପରାଷ୍ଟ୍ରପତି ଜଗଦୀପ୍ ଧନକର ଆସିଆନ୍-ଭାରତ ସମିଟ୍ ଏବଂ ୧୭ତମ ପୂର୍ବ ଏସିଆ ସମିଟ୍‌ରେ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଛନ୍ତି। ନଭେମ୍ବର ୧୫-୧୬ରେ ଇଣ୍ଡୋନେସିଆର ବାଲିଠାରେ ଅନୁଷ୍ଠିତ ହେବାକୁ ଥିବା ଜି୨୦ ସମିଟ୍‌ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହୋଇପାରେ। ଏହା ପୂର୍ବରୁ ଜୟଶଙ୍କର ଏବଂ ବ୍ଲିଙ୍କେନ୍ ଏକାଠି ହୋଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି।

### ଦୁର୍ଘଟଣାରେ ମରାଠୀ ଅଭିନେତ୍ରୀ କଲ୍ୟାଣୀଙ୍କ ମୃତ୍ୟୁ

**ମୁମ୍ବାଇ,୧୩।୧୧:** ମରାଠୀ ଅଭିନେତ୍ରୀ କଲ୍ୟାଣୀ କୁରାଲେ ଯାଦବଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଶନିବାର ରାତିରେ ସେ ରେଷ୍ଟୁରାଣ୍ଟ ବନ୍ଦ କରି ଘରକୁ ଫେରୁଥିବାବେଳେ କୋହ୍ଲାପୁର ରାସ୍ତାରେ ଏକ ଡମ୍ପର ତାଙ୍କୁ ଧକ୍କା ଦେଇଥିଲା। ସେ କିଛିଦିନ ହେଲା ରେଷ୍ଟୁରାଣ୍ଟ ଖୋଲିଥିଲେ ଏବଂ ଶୁଟିଂ ସାଙ୍ଗକୁ ବ୍ୟବସାୟ ବୁଝୁଥିଲେ। ଟିଭି ଶୋ' ତୁଝ୍ୟାତ୍ ଜିଭ୍ ରଙ୍ଗଲା ଏବଂ ଦଖନଚା ରାଜା ଜ୍ୟୋତିବା ତାଙ୍କୁ ଲୋକପ୍ରିୟ କରିଥିଲା। ମୃତ୍ୟୁର ୨୨ ଘଣ୍ଟା ପୂର୍ବରୁ ସେ ସୋସିଆଲ ମିଡିଆରେ ଏକ ଫଟୋ ପୋଷ୍ଟ କରିଥିଲେ।






# ଚର୍ଚ୍ଚାରେ ଟ୍ରମ୍ପ୍ ୨.୦

ଫ୍ଲୋରିଡାର ରିପବ୍ଲିକାନ୍ ଗଭର୍ନର ରୋନ୍ ଡେସାଣ୍ଟିସ୍ ଏହି ଆସନରୁ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଛନ୍ତି। ଏହି ସଫଳତା ସହ ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଦଳର ପ୍ରାର୍ଥୀ ଭାବେ ନିଜକୁ ଉପସ୍ଥାପିତ କରିଛନ୍ତି। ତାଙ୍କ ଲୋକପ୍ରିୟତା ଏବେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ୨୦୨୪ ନିର୍ବାଚନରେ ଟ୍ରମ୍ପ୍ ନ ଲଢ଼ିଲେ ରୋନ୍ ରାଷ୍ଟ୍ରପତି ପ୍ରାର୍ଥୀ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ୟେଲ୍ ୟୁନିଭର୍ସିଟିରେ ଉଚ୍ଚଶିକ୍ଷା ଲାଭ କରିଥିବା ୪୪ ବର୍ଷୀୟ ରୋନ୍ ହାର୍ଭାର୍ଡ ଲ ସ୍କୁଲରେ ପଢ଼ିବା ବେଳେ ନୌସେନାର ଆଇନ ଶାଖାରେ ଜେଏଜି ଅଫିସର ଭାବେ ଯୋଗଦେଇଥିଲେ। ରୋନ୍ ୨୦୧୦ରେ ଅବସର ନେଇ ୨୦୧୨ରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ପ୍ରତିନିଧିତ୍ୱ କରିଥିଲେ। ଏହାର ୬ ବର୍ଷ ପରେ ସେ ଫ୍ଲୋରିଡା ଗଭର୍ନର ଭାବେ ନିର୍ବାଚିତ ହୋଇଥିଲେ। ଚଳିତ ମିଡ୍‌ଟର୍ମ୍ସରେ ଅନେକ ରାଜ୍ୟରେ ଶାସକ-ବିରୋଧୀ ପ୍ରାର୍ଥୀଙ୍କ ଭୋଟ ବ୍ୟବଧାନ ଖୁବ୍ କମ୍ ଥିବାବେଳେ ରୋନ୍‌ଙ୍କ ବିପୁଳ ବିଜୟ ସମସ୍ତଙ୍କୁ ବିସ୍ମିତ କରିଛି। ସେ ତାଙ୍କ ଡେମୋକ୍ରାଟିକ୍ ଚ୍ୟାଲେଞ୍ଜର୍ ଚାର୍ଲି କ୍ରିଷ୍ଟଙ୍କୁ ୫୯:୪୦% ଭୋଟରେ ପରାସ୍ତ କରିଛନ୍ତି। ନିଜ ଲୋକପ୍ରିୟତା ପାଇଁ 'ଟ୍ରମ୍ପ୍ ୨.୦' ଭାବେ ପରିଚିତ ରୋନ୍ ମହିଳାଙ୍କ ଗର୍ଭପାତ ଅଧିକାର ଏବଂ ଏଲ୍‌ଜିବିଟିକ୍ୟୁ+ଙ୍କ ଅଧିକାରର ସୁରକ୍ଷା ପାଇଁ ଲଢ଼େଇ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ରୋନ୍ ରିପବ୍ଲିକାନ୍ ପ୍ରେସିଡେନ୍ସିଆଲ ନୋମିନେଶନରେ ଚ୍ୟାଲେଞ୍ଜ କଲେ ତାଙ୍କ ସମ୍ପର୍କରେ ଅନେକ ସଙ୍ଗିନ ତଥ୍ୟ ଲୋକଲୋଚନକୁ ଆଣିବେ ବୋଲି ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି।


ରୋନ୍ ଡେସାଣ୍ଟିସ୍

# ଡେମୋକ୍ରାଟ୍ସଙ୍କ ସିନେଟ୍

## ନେଭାଡା ସିନେଟର କ୍ୟାଥେରିନ୍ କୋର୍ଟେଜ୍ ମାସ୍ତୋଙ୍କ ପୁନଃ ବିଜୟ



**ୱାଶିଂଟନ,୧୩।୧୧**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଡେମୋକ୍ରାଟିକ୍ ପାର୍ଟି ସିନେଟ୍ ଉପରେ ନିୟନ୍ତ୍ରଣ ବଳବତ୍ତର ରଖିଛି। ମିଡ୍‌ଟର୍ମ୍ସରେ ଶାସକ ଦଳର ନେଭାଡା ସିନେଟର କ୍ୟାଥେରିନ୍ କୋର୍ଟେଜ୍ ମାସ୍ତୋ ଶନିବାର ବିଳମ୍ବିତ ରାତିରେ ବିଜୟୀ ହୋଇଛନ୍ତି। ସେ ତାଙ୍କ ରିପବ୍ଲିକାନ୍ ଚ୍ୟାଲେଞ୍ଜର ଆଡାମ୍ ଲକ୍ସଲ୍ଟଙ୍କୁ ପରାସ୍ତ କରିବା ସହ ନିଜ ଦଳ ହାତରେ ଉଚ୍ଚ ସଦନର ନିୟନ୍ତ୍ରଣ ରହିବା ସୁନିଶ୍ଚିତ କରିଛନ୍ତି।

ନେଭାଡା ନିର୍ବାଚନରେ ରାଷ୍ଟ୍ରପତି ବାଇଡେନ୍‌ଙ୍କ ପ୍ରାର୍ଥୀ କ୍ୟାଥେରିନ୍ ୪,୮୭,୮୨୯ ଖଣ୍ଡ ଅର୍ଥାତ୍ ୪୮.୮% ଭୋଟ ପାଇଥିବାବେଳେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସମର୍ଥିତ ଆଡାମ୍‌ଙ୍କୁ ୪,୮୧,୨୭୩ ଖଣ୍ଡ (୪୮.୧%) ଭୋଟ ମିଳିଛି। ଶେଷ ମୁହୂର୍ତ୍ତରେ ଗଣତି ହୋଇଥିବା ମେଲ୍-ଇନ୍-ବକ୍ସ ଭୋଟ କ୍ୟାଥେରିନ୍‌ଙ୍କୁ ବିଜୟୀ କରାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ଆସନରେ ଜିତିବା ପରେ ଡେମୋକ୍ରାଟ୍ସ ୫୦ ଆସନ ଦଖଲ ସହ ପ୍ରଭାବଶାଳୀ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଅନ୍ୟପକ୍ଷେ ବିରୋଧୀ ରିପବ୍ଲିକାନ୍ସ ବର୍ତ୍ତମାନ ୪୯ ଆସନରେ ସୀମିତ ରହିଛନ୍ତି। ଶାସକ ଦଳ ପାଇଁ ବିଗତ ୨୦ ବର୍ଷ ମଧ୍ୟରେ ଏହାକୁ ମିଡ୍‌ଟର୍ମ୍ସର ସର୍ବୋତ୍କୃଷ୍ଟ ଫଳାଫଳ ବୋଲି ବିବେଚନା କରାଯାଉଛି। ଅବଶିଷ୍ଟ ଜର୍ଜିଆ ଆସନରେ ଡିସେମ୍ବର ୬ରେ ନିର୍ବାଚନ ହେବ। ଜର୍ଜିଆର ଡେମୋକ୍ରାଟିକ୍ ସିନେଟର ରାଫାଏଲ୍ ୱାର୍ନୋକ୍ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀ ହେରସ୍କେଲ ୱାକରଙ୍କ ସହ ମୁହାଁମୁହିଁ ହେବେ। ଡେମୋକ୍ରାଟିକ୍ ପାର୍ଟି ଜିତିଲେ ସେମାନଙ୍କ ସଂଖ୍ୟା ୫୧ରେ ପହଞ୍ଚିବ। ଅନ୍ୟଥା ୧୦୦ ସଦସ୍ୟତା ବିଶିଷ୍ଟ ଉଚ୍ଚ ସଦନରେ ଦୁଇ ଦଳ ୫୦:୫୦ ଆସନ ଦଖଲ କଲେ ଆମେରିକା ଉପରାଷ୍ଟ୍ରପତି ତଥା ସିନେଟ୍ ପ୍ରେସିଡେଣ୍ଟ କମଳା ହାରିସ୍‌ଙ୍କ ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରିବ। ରେଡ୍ ୱେଭ୍ ବା ରିପବ୍ଲିକ୍ ପାର୍ଟିର ହାୱା ବହୁଥିବା ନେଇ ଯାହା କୁହାଯାଉଥିଲା, ତାହା ଭୁଲ୍ ପ୍ରମାଣିତ ହୋଇଛି। କାରଣ ଗତ ୨ ବର୍ଷ ମଧ୍ୟରେ ଟ୍ରମ୍ପ୍‌ଙ୍କ ମିଥ୍ୟା ନିର୍ବାଚନୀ ପ୍ରତିଶ୍ରୁତିକୁ ଆମେରିକୀୟମାନେ ଶୁଣିନାହାନ୍ତି। ଏସବୁ ସତ୍ତ୍ୱେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ରିପବ୍ଲିକାନ୍ସଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇଛି। ନିମ୍ନ ସଦନରେ ଡେମୋକ୍ରାଟ୍ସ ୨୦୪ ଆସନ ଦଖଲ କରିଥିବାବେଳେ ବିରୋଧୀ ରିପବ୍ଲିକାନ୍ସ ୨୧୧ ଆସନରେ ସଫଳତା ପାଇଛନ୍ତି। ତେଣୁ ସେମାନେ ବାଇଡେନ୍‌ଙ୍କ ଏଜେଣ୍ଡାକୁ ଅଟକାଇପାରିବେ।

## ବାଇଡେନ୍ ନା ହାରିସ୍



ମିଡ୍‌ଟର୍ମ୍ସର ଭୋଟ ଗଣତି ନ ସରୁଣୁ ଉଭୟ ଡେମୋକ୍ରାଟ୍ସ ଓ ରିପବ୍ଲିକାନ୍ସ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ପାଇଁ ସଜବାଜ ହେଲେଣି। ହ୍ୱାଇଟ୍ ହାଉସ୍ ଦୌଡ଼ରେ ଥିବା ପ୍ରାର୍ଥୀଙ୍କ ମଧ୍ୟରେ ସବୁଠୁ ଆଗରେ ବର୍ତ୍ତମାନର ରାଷ୍ଟ୍ରପତି ଜୋ ବାଇଡେନ୍ ଅଛନ୍ତି। ତେବେ ପରିବାର ସହ ବିଚାରବିମର୍ଶ କରି ଆସନ୍ତା ବର୍ଷ ସେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଯଦି ୭୯ ବର୍ଷୀୟ ରାଷ୍ଟ୍ରପତିଙ୍କୁ ଦ୍ୱିତୀୟ ଥର ଲଢ଼ିବା ପାଇଁ ତାଙ୍କ ବୟସ ଅନୁମତି ନ ଦିଏ, ତେବେ ୫୮ ବର୍ଷୀୟା ଉପରାଷ୍ଟ୍ରପତି କମଳା ହାରିସ୍ ଡେମୋକ୍ରାଟିକ୍ ପାର୍ଟିର ସର୍ବୋତ୍କୃଷ୍ଟ ପ୍ରାର୍ଥୀ ହୋଇପାରନ୍ତି। ବାଇଡେନ୍‌ଙ୍କ ପରେ ହାରିସ୍‌ଙ୍କ ପ୍ରାର୍ଥିତ୍ୱକୁ ଓପିନିୟନ୍ ପୋଲ୍‌ରେ ସବୁଠୁ ବେଶି ସମର୍ଥନ ମିଳିଛି।

## ଟ୍ରମ୍ପ୍‌ଙ୍କ ଘୋଷଣାକୁ ଅପେକ୍ଷା



୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସଙ୍କେତ ଦେଇଛନ୍ତି। ଆସନ୍ତା ୧୫ ତାରିଖରେ ଟ୍ରମ୍ପ୍ ବଡ଼ ଘୋଷଣା କରିବେ ବୋଲି କହିବା ପରେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଫ୍ଲୋରିଡାର ପାମ୍ ବିଚ୍‌ସ୍ଥିତ ମାର୍-ଏ-ଲାଗୋ ବାସଭବନରେ ସେ କ'ଣ ଘୋଷଣା କରିବେ ତାକୁ ଅନେକେ ଅପେକ୍ଷା କରିଛନ୍ତି। ପ୍ରତିନିଧି ସଭା ପାଇଁ ଅନୁଷ୍ଠିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପ୍‌ଙ୍କ ପ୍ରାର୍ଥୀମାନେ ଭଲ ପ୍ରଦର୍ଶନ କରିଥିବାବେଳେ ସିନେଟ୍ ଦଖଲ କରିବାରେ ବିଫଳ ହୋଇଛନ୍ତି। ତେଣୁ ଟ୍ରମ୍ପ୍‌ଙ୍କୁ ନେଇ ରିପବ୍ଲିକାନ୍ ପାର୍ଟିରେ ମତାମତ ମିଶ୍ରିତ ରହିଛି।

## ନିକ୍କି ହାଲି-ମାଇକ୍ ପେନ୍ସ




ଭାରତୀୟ ବଂଶୋଦ୍ଭବ ତଥା ସାଉଥ୍ କ୍ୟାରୋଲିନାର ପୂର୍ବତନ ଗଭର୍ନର ନିକ୍କି ହାଲି ଟ୍ରମ୍ପ୍‌ଙ୍କ କ୍ୟାବିନେଟ୍‌ରେ ହାଇପ୍ରୋଫାଇଲ ସଦସ୍ୟ ଥିଲେ। ଜାତିସଂଘରେ ଆମେରିକାର ପ୍ରାକ୍ତନ ଆମ୍ବାସାଡର ୫୦ ବର୍ଷୀୟା ନିକ୍କିଙ୍କୁ ମଧ୍ୟ ଟ୍ରମ୍ପ୍‌ଙ୍କ ବିକଳ୍ପ ଭାବେ ଦେଖାଯାଉଛି। ୨୦୧୬ ନିର୍ବାଚନ ବେଳେ ଟ୍ରମ୍ପ୍‌ଙ୍କୁ ଖୋଲାଖୋଲି ସମାଲୋଚନା କରିଥିବା ନିକ୍କି ଗତବର୍ଷ ଜାନୁୟାରୀ ୬ କ୍ୟାପିଟୋଲ ହିଲ୍ ଦଙ୍ଗାକୁ ମଧ୍ୟ ନିନ୍ଦା କରିଥିଲେ। ୨୦୨୦ ନିର୍ବାଚନ ପରେ ଟ୍ରମ୍ପ୍‌ଙ୍କ କାର୍ଯ୍ୟକଳାପକୁ ନେଇ ଇତିହାସ ତାଙ୍କ ବିଚାର କରିବ ବୋଲି ନିକ୍କି କହିଥିଲେ। ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କ ପାଇଁ ସୁଯୋଗ ଥିଲେ ସେ ଆସନ୍ତା ବର୍ଷ ଅଭିଯାନ ଆରମ୍ଭ କରିବେ ବୋଲି ଗତ ଅକ୍ଟୋବରରେ କହିଥିଲେ। ଟ୍ରମ୍ପ୍‌ଙ୍କ ଅମଳରେ ଉପରାଷ୍ଟ୍ରପତି ଥିବା ମାଇକ୍ ପେନ୍ସଙ୍କ ନାମ ମଧ୍ୟ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ପାଇଁ ଚର୍ଚ୍ଚାକୁ ଆସିଛି। ଇଣ୍ଡିଆନାର ୬୩ ବର୍ଷୀୟ ପୂର୍ବତନ ଗଭର୍ନର ଚଳିତ ନିର୍ବାଚନରେ ଜର୍ଜିଆରେ ଟ୍ରମ୍ପ୍‌ଙ୍କ ପ୍ରାର୍ଥୀ ବ୍ରିଏନ୍ କେମ୍ପ୍‌ଙ୍କ ସପକ୍ଷରେ ପ୍ରଚାର କରି ଜିତାଇଛନ୍ତି। ତେଣୁ ହ୍ୱାଇଟ୍ ହାଉସ୍ ଦୌଡ଼ରେ ପେନ୍ସ ମଧ୍ୟ ସାମିଲ ଥିବା କୁହାଯାଉଛି।

# ମୁମ୍ବାଇ ଏୟାରପୋର୍ଟରେ ୬୧ କେ.ଜି. ସୁନା ଜବତ

## ଦିନକରେ ସର୍ବାଧିକ

**ମୁମ୍ବାଇ,୧୩।୧୧**



ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ସୀମାଶୁଳ୍କ ଅଧିକାରୀମାନେ ୬୧ କିଲୋଗ୍ରାମ ସୁନା ଜବତ କରିଛନ୍ତି, ଯାହାର ମୂଲ୍ୟ ୩୨ କୋଟି ଟଙ୍କା। ବିମାନବନ୍ଦରରେ ଗୋଟିଏ ଦିନରେ ଏହା ସର୍ବାଧିକ ସୁନା ଜବତ ବୋଲି ରବିବାର ଜଣେ ଅଧିକାରୀ କହିଛନ୍ତି। ବେଆଇନ ଭାବେ ସୁନା ଆଣିବା ଅଭିଯୋଗରେ ୨ ମହିଳାଙ୍କ ସମେତ ୭ ଜଣ ଗିରଫ ହୋଇଛନ୍ତି। ଶୁକ୍ରବାର ପ୍ରଥମେ ତାଞ୍ଜାନିଆରୁ ଫେରିଥିବା ୪ ଭାରତୀୟଙ୍କଠାରୁ ୧ କିଲୋଗ୍ରାମ ସୁନା ମିଳିଥିଲା। ଏହାକୁ ସେମାନେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଥିବା ବେଲ୍ଟରେ ଲୁଚାଇ ରଖିଥିଲେ, ଯେଉଁଥିରେ ଏକାଧିକ ପକେଟ ରହିଥିଲା। ଏହା ବ୍ୟତୀତ ସେମାନେ ଦେହରେ ପିନ୍ଧିଥିବା ଅନ୍ୟ ବେଲ୍ଟଗୁଡ଼ିକରୁ ୫୩ କିଲୋ ଓଜନର ୟୁଏଇ ନିର୍ମିତ ସୁନା ବିସ୍କୁଟ୍ ମିଳିଥିଲା। ଦୋହା ବିମାନବନ୍ଦରରେ ସୁଦାନର ଜଣେ ବ୍ୟକ୍ତି ସେମାନଙ୍କୁ ଏହି ସ୍ୱତନ୍ତ୍ର ବେଲ୍ଟ ଦେଇଥିଲେ। ୪ ଯାତ୍ରୀଙ୍କୁ ଗିରଫ କରାଯିବା ପରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଦୁବାଇରୁ ଆସିଥିବା ୩ ଯାତ୍ରୀଙ୍କଠାରୁ ସୀମାଶୁଳ୍କ ଅଧିକାରୀ ୮ କିଲୋ ସୁନା ଜବତ କରିଛନ୍ତି। ସୁନାଗୁଣ୍ଡକୁ ମହମ ଆକୃତିରେ କରି ସେମାନେ ପିନ୍ଧିଥିବା ଜିନ୍ସ ଅଣ୍ଟାଘେରରେ ଲୁଚାଇ ରଖିଥିଲେ।

## ପଞ୍ଜାବରେ ଅସ୍ତ୍ର ପ୍ରଦର୍ଶନ ବନ୍ଦ

**ଚଣ୍ଡିଗଡ଼,୧୩।୧୧(ପି.ଟି.)**

ପଞ୍ଜାବରେ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ଏଏପି ସରକାର ବିରୋଧର ସମ୍ମୁଖୀନ ହେବା ପରେ ସର୍ବସାଧାରଣ ସ୍ଥାନରେ ଆଗ୍ନେୟାସ୍ତ୍ର ପ୍ରଦର୍ଶନକୁ ନିଷେଧ କରିଛନ୍ତି। ଏଥିସହିତ ବନ୍ଧୁକ ସଂସ୍କୃତି ଓ ହିଂସାକୁ ପ୍ରୋତ୍ସାହିତ କରୁଥିବା ଗୀତକୁ ମଧ୍ୟ ବେଆଇନ ଘୋଷଣା କରାଯାଇଛି। ଆଗାମୀ ୩ ମାସ ମଧ୍ୟରେ ଅସ୍ତ୍ର ଲାଇସେନ୍ସର ସମୀକ୍ଷା କରିବା ଲାଗି ପଞ୍ଜାବ ସରକାର ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସମ୍ପ୍ରଦାୟ ବିରୋଧରେ ଘୃଣା ମନ୍ତବ୍ୟ ପ୍ରଦାନରେ ସମ୍ପୃକ୍ତ ବ୍ୟକ୍ତି କିମ୍ବା ସଂଗଠନ ବିରୋଧରେ ତୁରନ୍ତ ଏତଲା ଦାଏର କରିବା ଲାଗି ନିର୍ଦ୍ଦେଶନାମା ଜାରି ହୋଇଛି।

## ୧୦୦ ଜିଲା ହସ୍ପିଟାଲ ହେବ ମେଡିକାଲ କଲେଜ

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**

ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ପର୍ଯ୍ୟାପ୍ତ ମାନବ ସମ୍ବଳ ଯୋଗାଇବା ଲକ୍ଷ୍ୟରେ ୨୦୨୭ ସୁଦ୍ଧା ୧୦୦ଟି ଜିଲା ହସ୍ପିଟାଲର ଉନ୍ନତୀକରଣ କରାଯାଇ ନୂଆ ମେଡିକାଲ କଲେଜରେ ପରିଣତ କରାଯିବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏଭଳି ଏକ ପ୍ରସ୍ତାବ ଆଣିଛି। କେନ୍ଦ୍ରୀୟ ଯୋଜନାରେ ଜିଲା ହସ୍ପିଟାଲ କିମ୍ବା ରେଫରାଲ ହସ୍ପିଟାଲଗୁଡ଼ିକର ଉନ୍ନତୀକରଣ କରାଯିବ। ପ୍ରତି ମେଡିକାଲ କଲେଜ ପାଇଁ ୩୨୫ କୋଟି ଟଙ୍କା ବ୍ୟୟ ହେବ। ଏଥିରେ କେନ୍ଦ୍ର ସରକାରଙ୍କ ଭାଗ ୬୦ ପ୍ରତିଶତ ଏବଂ ରାଜ୍ୟ ଭାଗ ୪୦ ପ୍ରତିଶତ ରହିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ତେବେ ଉତ୍ତରପୂର୍ବାଞ୍ଚଳ ଏବଂ ସ୍ୱତନ୍ତ୍ର ବର୍ଗରେ ଥିବା ରାଜ୍ୟରେ କେନ୍ଦ୍ର ରାଜ୍ୟ ପାଣ୍ଠି ଅନୁପାତ ୯୦:୧୦ ରହିବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଉପରୋକ୍ତ ପ୍ରସ୍ତାବକୁ ଖର୍ଚ୍ଚ ବିଭାଗ ଅନୁମୋଦନ କରିଥିବାବେଳେ ଏନେଇ ଏକ କ୍ୟାବିନେଟ ନୋଟ୍ ପ୍ରସ୍ତୁତ ହୋଇଛି। ପୂର୍ବରୁ ୩ ପର୍ଯ୍ୟାୟରେ ୧୫୭ଟି ମେଡିକାଲ କଲେଜକୁ ମଞ୍ଜୁରୀ ମିଳିଥିବାବେଳେ ସେଥିରୁ ୯୩ଟି କାର୍ଯ୍ୟକ୍ଷମ ହେଲାଣି। ଅନ୍ୟଗୁଡ଼ିକ ବିଭିନ୍ନ ପର୍ଯ୍ୟାୟରେ ନିର୍ମାଣାଧୀନ ରହିଛି। ପ୍ରସ୍ତାବିତ ୧୦୦ ମେଡିକାଲ କଲେଜ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ୧୦୦ଟି ଜିଲାରେ ସ୍ଥାପନ ହେବ, ଯେଉଁଠି ପୂର୍ବରୁ ସରକାରୀ କିମ୍ବା ଘରୋଇ ମେଡିକାଲ କଲେଜ ନ ଥିବ। ଏହା ବ୍ୟତୀତ ପୂର୍ବରୁ ଅନୁମୋଦିତ ୧୫୭ ମେଡିକାଲ କଲେଜ ସହ ସଂଯୋଗ କରି ନର୍ସିଂ କଲେଜ ଖୋଲିବା ଲାଗି କେନ୍ଦ୍ରୀୟ ଯୋଜନାରେ ୧୦ କୋଟି ଟଙ୍କା ଲେଖାଏ ଯୋଗାଇ ଦିଆଯିବ।

# ବିସ୍ଫୋରଣରେ ୬ ନିହତ

**ଇସ୍ତାନବୁଲ,୧୩।୧୧:** ତୁର୍କୀ ରାଜଧାନୀ ଇସ୍ତାନବୁଲର ଇଷ୍ଟିକଲାଲ ଜନଗହଳିପୂର୍ଣ୍ଣ ଶପିଂ ଷ୍ଟ୍ରିଟ୍‌ରେ ରବିବାର ଅପରାହ୍ନ ୪ଟାବେଳେ ବଡ଼ ଧରଣର ବିସ୍ଫୋରଣ ହୋଇଛି। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୪ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ବିସ୍ଫୋରଣର ସୂଚନା ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଘଟଣାସ୍ଥଳରେ ଫସିଥିବା ଲୋକଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ପୋଲିସ ଘଟଣାସ୍ଥଳକୁ ସିଲ୍ କରିଦେଇଛି। ବିସ୍ଫୋରଣ ପଛର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ୨୦୧୫-୧୬ରେ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍ ଇଷ୍ଟିକଲାଲ ଶପିଂ ଷ୍ଟ୍ରିଟ୍‌କୁ ଟାର୍ଗେଟ୍‌ରେ ବିସ୍ଫୋରଣ କରିଥିବାବେଳେ ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା।




# ଯୁଦ୍ଧଭୂଇଁରେ ସ୍ୱାମୀଙ୍କ ସନ୍ଧାନ

**ମସ୍କୋ, ୧୩।୧୧**

- ଲୁହାନସ୍କ ଯାଇଥିଲେ ୨୦୦, ଜୀବିତ ମାତ୍ର ୩୦ ରୁଷୀୟ
- ଫେରାଇ ଆଣିବା ପାଇଁ ୭୦ ସ୍ତ୍ରୀଙ୍କ ଅଭିଯାନ



ୟୁକ୍ରେନ୍ ଆକ୍ରମଣ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ କେବଳ ପାଶ୍ଚାତ୍ୟରେ ନିନ୍ଦିତ କରିନାହିଁ, ଦେଶ ଭିତରେ ମଧ୍ୟ ତାଙ୍କୁ ଘୋର ବିରୋଧର ସାମ୍ନା କରିବାକୁ ପଡୁଛି। ସାଢେ ୮ ମାସ ଧରି ଚାଲିଥିବା ଯୁଦ୍ଧ ରୁଷିଆକୁ ସାମରିକ ଦୃଷ୍ଟିରୁ ଦୁର୍ବଳ କରିଦେଇଛି। ୟୁକ୍ରେନ୍‌ର ପ୍ରତିଆକ୍ରମଣରେ ଅନେକ ଲକ୍ଷ ରୁଷୀୟ ସୈନ୍ୟ ନିହତ ହୋଇଛନ୍ତି। ଏଭଳି ସ୍ଥିତି ଉପୁଜିଛି ଯେ, ପୁଟିନ୍‌ଙ୍କ ପାଇଁ ୟୁକ୍ରେନ୍ ବିରୋଧରେ ଲଢ଼େଇ କରିବାକୁ ସାଧାରଣ ନାଗରିକଙ୍କୁ ବାଧ୍ୟ କରାଯାଉଛି। ଏହିକ୍ରମରେ କୁର୍ସ୍କ ଅଞ୍ଚଳର ଶତାଧିକ ଯୁବକଙ୍କୁ ରୁଷିଆ ସେନା ନିଜ ଦଖଲରେ ରଖିଥିବା ଲୁହାନ୍‌ସ୍କକୁ ପଠାଇଛି। ସେଠାରେ ଥିବା ସିଭିଲିଆନ୍ ସୋଲ୍‌ଜରଙ୍କୁ ଖୋଜି ଘରକୁ ଫେରାଇ ଆଣିବା ପାଇଁ ୭୦ ଜଣ ମହିଳା ଚାଲିଚାଲି ଯାଇଛନ୍ତି। ୱାର୍‌ଜୋନ୍‌କୁ ଯାଇଥିବା ପ୍ରାୟ ୨୦୦ ପୁରୁଷଙ୍କ ମଧ୍ୟରୁ ଆଉ ମାତ୍ର ୩୦ ଜଣ ଜୀବିତ ଅଛନ୍ତି। ଏହି ଖବର ପାଇବା ପରେ ମହିଳାମାନେ ବେଲ୍‌ଗୋରୋଡ୍‌ରୁ ଲୁହାନସ୍କରେ ପହଞ୍ଚିଛନ୍ତି। ଯୁଦ୍ଧଭୂମିରୁ ସୈନିକଙ୍କୁ ଛୁଟି ଦେଉ ନ ଥିବା କମାଣ୍ଡରମାନଙ୍କ ସହ ସେମାନେ ମୁହାଁମୁହିଁ ହୋଇଛନ୍ତି। କମାଣ୍ଡରଙ୍କୁ ସେମାନେ କହିଛନ୍ତି, ତୁମ ଉପରେ ଆଉ ଭରସା ନାହିଁ। ଆମ ସ୍ୱାମୀଙ୍କୁ ଘରକୁ ଫେରିଯିବା ପାଇଁ ଛାଡ଼ିଦିଅ। କେତେଜଣ ମହିଳା ସେମାନଙ୍କ ସ୍ୱାମୀଙ୍କୁ ସୀମାନ୍ତରୁ ଘରକୁ ଟାଣି ନେଇଛନ୍ତି।

ସାମ୍‌ଭେଲ୍ ୟୁରିଏଭିଚ୍ ନାମକ ଜଣେ କମାଣ୍ଡର ସୈନ୍ୟମାନଙ୍କ ହାତ,ଗୋଡ଼ ବାନ୍ଧି ସେମାନଙ୍କ ମୁଣ୍ଡ ଉପରେ ମାରଣାସ୍ତ୍ର ରଖି ଭୀରୁ ବୋଲି ଗାଳି କରିବା ସହ ଯୁଦ୍ଧଭୂମିକୁ ଯିବା ପାଇଁ କେମିତି ବାଧ୍ୟ କରୁଛନ୍ତି, ଏହି ମହିଳାମାନେ ସେନେଇ ମିଲିଟାରି ପ୍ରୋସିକ୍ୟୁଟର୍ସଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ଆମ ସ୍ୱାମୀଙ୍କୁ ସେମାନଙ୍କ ନିଜ ବନ୍ଧୁକରେ ଗୁଳି କରାଯାଇଛି। ଗର୍ଭବତୀ ଥିବା ସେଟଲାନା ଗୋରବାଟେନକୋ କହିଛନ୍ତି, ଶୀତରେ ଆମେ ବରଫ ପାଲଟି ଗଲୁଣି। ତଥାପି ଆଗେଇ ଚାଲୁଥିବୁ। ସ୍ୱାମୀଙ୍କୁ ନ ଧରି ଘରକୁ ଫେରିବାର ପ୍ରଶ୍ନ ଉଠୁନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୦୨,୭୩,୪୫୭ | ୬୬,୧୫,୩୨୨ | ୬୧,୯୮,୧୨,୬୮୦ |
| ଭାରତ | ୪,୪୬,୬୬,୩୭୭ | ୫,୩୦,୫୩୧ | ୪,୪୧,୨୩,୫୩୯ |
| ଓଡ଼ିଶା | ୧୩,୩୬,୩୦୪ | ୯୨୦୪(+୫୩) | ୧୩,୨୬,୯୧୫ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



ଜଣେ ସିକ୍ୟୁରିଟି ଗାର୍ଡ ରକ୍ତଚାପ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି।

# ସ୍ୱିକ୍ୟୁରିଟି ଗାର୍ଡ କରୁଛନ୍ତି ରୋଗୀ ଚିକିତ୍ସା

**ନୀଳଗିରି ମେଡିକାଲ**

■ **ସୋସିଆଲ ମିଡିଆରେ ଭିଡିଓ ଭାଇରାଲ**

**ନୀଳଗିରି, ୧୩।୧୧(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ହସ୍ପିଟାଲକୁ ନେଇ ବିବାଦ ଥମୁନି। ଏହି ହସ୍ପିଟାଲର ଜଣେ ଅସ୍ଥାୟୀ ସୁରକ୍ଷା କର୍ମଚାରୀ ନିଜ କାର୍ଯ୍ୟ ପରିବର୍ତ୍ତେ ଚିକିତ୍ସା କାମରେ ନିୟୋଜିତ ହୋଇଥିବା ଭିଡିଓ ଭାଇରାଲ ହୋଇଛି। ଯେଉଁ କାମ ଜଣେ ଡାକ୍ତର କିମ୍ବା ମେଡିକାଲ ତାଲିମପ୍ରାପ୍ତ କର୍ମଚାରୀ କରିବା କଥା ସେହି କାମକୁ କାର୍ଯ୍ୟରତ ଅସ୍ଥାୟୀ ସ୍ୱିକ୍ୟୁରିଟି ଗାର୍ଡ କରିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଅସ୍ଥାୟୀ ସିକ୍ୟୁରିଟି ଗାର୍ଡ ଜଣକ ବ୍ଲଡ୍ ପ୍ରେସର ଚେକ୍ କରୁଥିବା ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି। ଫଳରେ ରୋଗୀଙ୍କ ଜୀବନ ପ୍ରତି ବିପଦ ଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତିକୁ ନେଇ ପ୍ରଶ୍ନ ଉଠିଛି। କିଛି ଦିନ ପୂର୍ବେ ଏହି ମେଡିକାଲ ପରିସରରେ ଜଣେ ସିକ୍ୟୁରିଟି ଗାର୍ଡଙ୍କ ଦ୍ୱାରା ରଙ୍ଗମରା କାମ କରାଯାଉଥିବା ଭିଡିଓ ଭାଇରାଲ ହୋଇଥିଲା। ହସ୍ପିଟାଲ ପରିସରରେ ସିକ୍ୟୁରିଟି ଗାର୍ଡଙ୍କୁ ନିଜ କାର୍ଯ୍ୟ କରିବା ପରିବର୍ତ୍ତେ ଚିକିତ୍ସା ଓ ଶ୍ରମିକ ଭାବେ ନିୟୋଜିତ ହେବାକୁ ନିର୍ଦ୍ଦେଶ ଦେଉଛି କିଏ ତାକୁ ନେଇ ପ୍ରଶ୍ନ ଉଠିଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ନୀଳଗିରି ଏସ୍‌ଡିଏମ୍‌ଓ ଡା. ସରୋଜିନୀ ପ୍ରଧାନଙ୍କୁ ପଚାରିବାରୁ ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ ଏବଂ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ହେବନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# ଏବେ ବି ଖାଲିପଡ଼ିଛି ୨୦%ରୁ ଊର୍ଦ୍ଧ୍ୱ ସିଟ୍

**ସରୁନି ଯୁକ୍ତ୨, ଯୁକ୍ତ୩ ନାମଲେଖା**

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟରେ ୨୦୨୨-୨୩ ଶିକ୍ଷାବର୍ଷ ଲାଗି ଗତ ସେପ୍ଟେମ୍ବର ୨୨ରୁ ଯୁକ୍ତ୨ ଏବଂ ଅକ୍ଟୋବର ୧୩ରୁ ଯୁକ୍ତ୩ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହୋଇଛି। ହେଲେ ଏଯାଏ ନାମଲେଖା ସରୁନି। ପୂର୍ବରୁ ଦୁଇଥର ନାମଲେଖା ସରିଥିଲେ ମଧ୍ୟ ଯୁକ୍ତ୨ରେ ୨୦% ଓ ଯୁକ୍ତ୩ରେ ୨୪% ସିଟ୍ ଖାଲି ପଡ଼ିଛି। ଏବେ ତୃତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ବିଭିନ୍ନ ଉଚ୍ଚ ମାଧ୍ୟମିକ ସ୍କୁଲ ଓ ଡିଗ୍ରୀ କଲେଜରେ ସିଟ୍ ବଳକା ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। କାରଣ ଗତ ଦୁଇବର୍ଷ ବିନା ପରୀକ୍ଷାରେ ମାଟ୍ରିକ ଏବଂ ଯୁକ୍ତ୨ ପରୀକ୍ଷା ରେଜଲ୍ଟ ପ୍ରକାଶ ପାଇଥିଲା। ତେଣୁ ପାସ୍‌ହାର ବୃଦ୍ଧି ପାଇବାରୁ ସିଟ୍ ନିଅଣ୍ଟ ପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଯୁକ୍ତ୨ ଏବଂ ଯୁକ୍ତ୩ରେ ୧୫% ସିଟ୍ ସଂଖ୍ୟା ବୃଦ୍ଧି କରିଦେଲେ। ଏପରିକି ଯେଉଁଠି ଅଧିକ ଚାହିଦା ରହିଲା, ସେଠାରେ ୨୫% ସିଟ୍ ବଢ଼ାଗଲା। ତେବେ ଏଥର ଅଫ୍‌ଲାଇନ ପରୀକ୍ଷା କରାଯାଇ ଫଳ ପ୍ରକାଶ ପାଇବାରୁ ପାସ୍‌ହାର କମିଲା। ହେଲେ ବର୍ଦ୍ଧିତ ସିଟ୍ ହ୍ରାସ କରାଯାଇ ନ ଥିବାରୁ ସିଟ୍ ବଳକା ପଡିଛି। ଏଥିପାଇଁ ଚଳିତ ବର୍ଷ ପ୍ରଥମଥର ଉଭୟ ଯୁକ୍ତ୨ ଏବଂ ଯୁକ୍ତ୩ରେ ନାମଲେଖ ଆବେଦନ ପାଇଁ ତିନିଥର ସୁଯୋଗ ଦିଆଯାଇଛି। ବର୍ତ୍ତମାନ ତୃତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ସିଟ୍ ପୂରଣ ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

ସୂଚନାନୁସାରେ, ରାଜ୍ୟରେ ଯୁକ୍ତ୨ ପ୍ରଥମବର୍ଷରେ ନାମଲେଖା ପାଇଁ ମୋଟ୍ ୨,୦୬୬ଟି ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ଏଥିରେ ମୋଟ ସିଟ୍ ସଂଖ୍ୟା ୫ଲକ୍ଷ ୯ହଜାର ୧୩୦ ରହିଥିବାବେଳେ ପୂର୍ବରୁ ୨ଟି ପର୍ଯ୍ୟାୟରେ ୪ଲକ୍ଷ ୨ହଜାର ୬୩୪ଜଣ ନାମ ଲେଖାଇଛନ୍ତି। ୧ଲକ୍ଷ ୬ହଜାର ୪୯୬ଟି ସିଟ୍ ବଳକା ପଡ଼ିଛି। କଳାରେ ୨୯,୨୧୫, ବିଜ୍ଞାନରେ ୪୯,୮୨୮, ବାଣିଜ୍ୟରେ ୧୮,୩୮୫, ସଂସ୍କୃତରେ ୪,୫୫୭ ଏବଂ ଧନ୍ଦାମୂଳକ ଶିକ୍ଷାରେ ୪,୫୧୧ ସିଟ୍ ଖାଲି ପଡ଼ିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୧,୪୫୩ସିଟ୍ ଖାଲି ପଡ଼ିଥିବାବେଳେ ବାଲେଶ୍ୱରରେ ୯,୩୨୭, କଟକରେ ୯,୩୦୫, ଗଞ୍ଜାମରେ ୮,୭୧୮, ପୁରୀରେ ୬,୫୨୧, କେନ୍ଦ୍ରାପଡ଼ାରେ ୬,୧୫୪, ସୁନ୍ଦରଗଡ଼ରେ ୪,୬୯୬, ମୟୂରଭଞ୍ଜରେ ୪,୪୧୦ ଓ ଭଦ୍ରକରେ ୪,୪୮୮ ସିଟ୍ ଖାଲି ପଡ଼ିଛି।

ସେହିଭଳି ରାଜ୍ୟରେ ଥିବା ୧,୦୨୪ଟି ଡିଗ୍ରୀ କଲେଜରେ ମୋଟ ୨ଲକ୍ଷ ୫୫ହଜାର ୯୧୩ ସିଟ୍ ସଂଖ୍ୟା ରହିଥିବାବେଳେ ୨ଟି ପର୍ଯ୍ୟାୟରେ ୧ଲକ୍ଷ ୯୪ହଜାର ୦୩୩ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ବଳକା ୬୧,୮୦୦ଟି ସିଟ୍ ମଧ୍ୟରୁ କଳାରେ ୨୦,୮୭୦ଟି ଥିବାବେଳେ ଫିଜିକାଲ ସାଇନ୍ସରେ ୧୮,୧୩୨, ବାୟୋଲଜିକାଲ ସାଇନ୍ସରେ ୮,୪୧୮, ବାଣିଜ୍ୟରେ ୧୦,୭୯୫, ସେଲ୍ଫଫାଇନାନ୍ସିଂରେ ୭୦୪ ଏବଂ ସଂସ୍କୃତରେ ୨,୯୬୧ଟି ସିଟ୍ ଖାଲି ପଡ଼ିଛି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୬,୬୬୫ଟି ଖାଲି ପଡ଼ିଥିବାବେଳେ କଟକରେ ୫,୮୫୫, ଗଞ୍ଜାମରେ ୫,୦୫୭, ଯାଜପୁର ୩,୬୯୬ ଓ ଢେଙ୍କାନାଳ ୩,୭୬୧ ସିଟ୍ ବଳକା ରହିଛି। ଯେ ପର୍ଯ୍ୟନ୍ତ ସିଟ୍ କମା ନ ଯାଇଛି, ସେ ପର୍ଯ୍ୟନ୍ତ ସିଟ୍ ବଳକା ପଡ଼ିବ ବୋଲି ଶିକ୍ଷାବିତ୍ ପ୍ରଦୀପ୍ତ ଦାସ କହିଛନ୍ତି।

# ସୁରକ୍ଷା ଖୋଜୁଛି ଶୈଶବ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟରେ ଅସୁରକ୍ଷିତ ହୋଇପଡିଛନ୍ତି ଶିଶୁ। ଶିଶୁଙ୍କ ଅଧିକାର ଓ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବିଭାଗ ସହ ରାଜ୍ୟ ପୋଲିସର ସ୍ୱତନ୍ତ୍ର ସେଲ ଓ ଆଇନ ରହିଥିଲେ ମଧ୍ୟ ବାସ୍ତବରେ ସେମାନେ ସୁରକ୍ଷିତ ନାହାନ୍ତି। ଶିଶୁ ହତ୍ୟା, ଶାରୀରିକ ନିର୍ଯାତନା, ଯୌନ ଉତ୍ପୀଡ଼ନ, ଅପହରଣ, ଆକ୍ରମଣ ଆଦି ଅପରାଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିସହ ଜାତୀୟ ହାରଠାରୁ ଓଡ଼ିଶାର ହାର ବହୁ ଅଧିକ ରହୁଛି।

ନ୍ୟାଶନାଲ କ୍ରାଇମ୍ ରେକର୍ଡସ ବ୍ୟୁରୋ ରିପୋର୍ଟ ଅନୁସାରେ, ଶିଶୁଙ୍କ ପ୍ରତି ହେଉଥିବା ଅପରାଧ କ୍ଷେତ୍ରରେ ଓଡ଼ିଶା ୨୦୨୦ରେ ଦେଶର ୭ମ ରାଜ୍ୟ ଥିଲା। ଉକ୍ତ ବର୍ଷରେ ୬,୩୩୦ଜଣ ଶିଶୁ ବିଭିନ୍ନ ଅପରାଧର ଶିକାର ହୋଇଥିଲେ। ଏହାପରଠାରୁ ଶିଶୁ ଅପରାଧରେ ଓଡ଼ିଶାର ହାର ବଢ଼ିବାରେ ଲାଗିଛି। ୨୦୧୭ ତୁଳନାରେ ପ୍ରାୟ ଦୁଇଗୁଣ ବଢ଼ିଥିବା ଦେଖାଯାଇଛି। ୨୦୧୭ରେ ଏ କ୍ଷେତ୍ରରେ ଦେଶରେ ଓଡ଼ିଶାର ହାର ୨.୫% ଥିବାବେଳେ ୨୦୧୮ରେ ୩.୭%, ୨୦୧୯ରେ ୪.୭% ଓ ୨୦୨୦ରେ ୪.୯% ରହିଛି। ସେହିଭଳି ୨୦୧୯ରେ ଦେଶରେ ପ୍ରତି ଏକଲକ୍ଷରେ ଶିଶୁଙ୍କ ପ୍ରତି ଅପରାଧ ୩୩.୨% ଥିବାବେଳେ ଓଡ଼ିଶାରେ ୪୯.୯% ରହିଥିଲା। ୨୦୨୦ରେ ଦେଶରେ ୨୮.୯% ଥିବାବେଳେ ଓଡ଼ିଶାରେ ଏହି ହାର ୪୩.୯% ରହିଥିଲା।

ସେହିଭଳି କେବଳ ଶିଶୁ ଅପହରଣରେ ରାଜ୍ୟର ହାର ମଧ୍ୟ ବହୁ ଅଧିକ ରହିଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ୨୦୧୯ରେ ଦେଶରେ ପ୍ରତି ୧ ଲକ୍ଷରେ ଶିଶୁ ଅପହରଣ ହାର ୧୫.୫% ଥିବାବେଳେ ଓଡ଼ିଶାରେ ଏହା ୩୨.୮% ରହିଥିଲା। ୨୦୨୦ରେ ଦେଶରେ ଏହି ହାର ୧୨.୩% ଥିବାବେଳେ ଓଡ଼ିଶାରେ ୨୭.୨% ଥିଲା। ସେହିପରି ପୋକ୍‌ସୋ ଅଧୀନରେ ଆସୁଥିବା ଅପରାଧ ହାର ଦେଶ ତୁଳନାରେ ରାଜ୍ୟରେ ଅଧିକ ରହିବା ସହିତ କ୍ରମାଗତ ଭାବେ ବଢୁଥିବା ଦେଖାଯାଇଛି। ୨୦୧୭ରେ ଦେଶରେ ଏହି ହାର ୧.୮% ଥିବାବେଳେ ଓଡ଼ିଶାରେ ୭.୩% ରହିଛି। ୨୦୧୮ରେ ଜାତୀୟ ହାର ୮.୯%, ୨୦୧୯ରେ ୧୦.୬% ଏବଂ ୨୦୨୦ରେ ୧୦.୬% ରହିଥିଲା। ତେବେ ଏହି ବର୍ଷଗୁଡ଼ିକରେ ଓଡ଼ିଶାରେ କ୍ରମାଗତ ଭାବେ ୧୩.୪%, ୧୪.୫% ଏବଂ ୧୫.୩% ରହିଥିଲା। ଏହି ରିପୋର୍ଟକୁ ତର୍ଜମା କଲେ ଓଡ଼ିଶା ଶିଶୁ ସବୁବେଳେ ଅସୁରକ୍ଷିତ ହୋଇ ରହି ଆସିଛନ୍ତି।

# ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଓଏଏସ୍ ସ୍ତରରେ ଛୋଟ ଧରଣର ଅଦଳ ବଦଳ କରାଯାଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗତ ଶନିବାର ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ଯାଜପୁର ଏଡିଏମ୍ ଅକ୍ଷୟ କୁମାର ମଲିକଙ୍କୁ କଟକ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟ ଲ୍ୟାଣ୍ଡ ରେକର୍ଡ ଏବଂ ସେଟେଲମେଣ୍ଟ ଅଫିସରେ ଅତିରିକ୍ତ କମିଶନର ଭାବେ ନିଯୁକ୍ତି ମିଳିଛି। ସମ୍ବଲପୁର ଡେଭଲପମେଣ୍ଟ ଅଥରିଟି(ଏସ୍‌ଡିଏ) ସଚିବ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ସେହି ଜିଲାର ଉପଜିଲାପାଳ ଦାୟିତ୍ୱ ସହ ଅତିରିକ୍ତ ଭାବେ ତାଙ୍କ ପୁରୁଣା ଦାୟିତ୍ୱ ତୁଲାଇବେ। କେନ୍ଦ୍ରାପଡା ଜିଲା ଡିଆର୍‌ଡିଏର ଅତିରିକ୍ତ ପିଡି ମନ୍ଦରଧର ମହାଲିକଙ୍କୁ ବଦଳି କରାଯାଇ ନୀଳଗିରି ଉପଜିଲାପାଳ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ଜଗତସିଂହପୁର ଜିଲାର ଅତିରିକ୍ତ ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କୁ ଭୁବନେଶ୍ୱର ବିଡିଏର ଓଏସ୍‌ଡି ଭାବେ ଦାୟିତ୍ୱ ମିଳିଛି। ନୀଳଗିରି ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀଙ୍କୁ ଖୋର୍ଦ୍ଧା ଉପଜିଲାପାଳ ଭାବେ ନିଯୁକ୍ତି ମିଳିଛି।

# ଜି.ଉଦୟଗିରିରେ ୧୦ ଡିଗ୍ରୀ ତାପମାତ୍ରା

**ଜି.ଉଦୟଗିରି, ୧୩।୧୧(ଡି.ଏନ.ଏ.)**

କନ୍ଧମାଳ ଜିଲାରେ ଶୀତର ପ୍ରକୋପ ଆରମ୍ଭ ହୋଇଛି। ରବିବାର ଜି.ଉଦୟଗିରିଠାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସକୁ ହ୍ରାସ ପାଇଛି। ସ୍ଥାନୀୟ କୃଷି ଗବେଷଣା କେନ୍ଦ୍ର ତାପ ମାପକ ଯନ୍ତ୍ର ଦାୟିତ୍ୱରେ ଥିବା ଅଧିକାରୀ ସତ୍ୟ ନାରାୟଣ ମହାନ୍ତି ଏହି ସୂଚନା ଦେଇଛନ୍ତି। ପାରଦ ଖସିଥିବାରୁ ପ୍ରବଳ ଶୀତ ଅନୁଭୂତ ହେଉଛି। ୯ଟା ମଧ୍ୟରେ ଘରୁ ବାହାରକୁ ବାହାରିବା କଷ୍ଟକର ହେଉଛି। ଦିନସାରା ପରିବେଶ ଥଣ୍ଡା ରହୁଛି। ରାସ୍ତା କଡରେ ବସୁଥିବା ଛୋଟ ବ୍ୟବସାୟୀମାନେ ସନ୍ଧ୍ୟା ନ ହେଉଣୁ ପସରା ବନ୍ଦ କରି ଦେଉଛନ୍ତି। ରାତିରୁ କୁହୁଡି ଆରମ୍ଭ ହୋଇଯାଇ ପୂର୍ବାହ୍ନ ଯାଏଁ ଢାଙ୍କି ରହୁଥିବା ଯୋଗୁ ଯାନବାହନ ଚଳାଚଳରେ ଅସୁବିଧା ହେଉଛି। ଅନ୍ୟପକ୍ଷରେ ଜିଲାର ଦାରିଙ୍ଗବାଡ଼ିରେ ରବିବାର ସକାଳ ୮ଟା ସୁଦ୍ଧା ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ ରହିଥିଲା। ଛୁଟିଦିନରେ ଶୀତର ମଜା ନେବା ପାଇଁ ଜିଲା ବାହାରୁ ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା।

# ଟ୍ରାକ୍ଟର ଧକ୍କାରେ ୨ ଶ୍ରମିକଙ୍କ ମୃତ୍ୟୁ

**ରାଇରଙ୍ଗପୁର, ୧୩।୧୧(ଡି.ଏନ୍.ଏ)**

ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ମହିଷକୁଦରରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଶନିବାର ରାତିରେ ଲକ୍ଷ୍ମୀପୋଷି ମହିଷକୁଦର ଗ୍ରାମ ରାସ୍ତାରେ ଟ୍ରାକ୍ଟର ଧକ୍କାରେ ୨ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ଉକ୍ତ ଗ୍ରାମର ରେଙ୍ଗ ପୂର୍ତ୍ତି (୪୦), ରାମଚନ୍ଦ୍ର ପୂର୍ତ୍ତି(୩୪)। ପୋଲିସ ସୂଚନା ମୁତାବକ, ଉଭୟ କର୍ମ କ୍ଷେତ୍ରରୁ ଚାଲି ଚାଲି ଘରକୁ ଫେରୁଥିଲେ। ଗାଁ ପାଖ ରାସ୍ତାରେ ଏକ ଟ୍ରାକ୍ଟର ଉଭୟଙ୍କୁ ପଛପଟୁ ଧକ୍କା ଦେଇଥିଲା। ଦୁହେଁ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୧୦୫/୨୨ରେ ଏକ ମମଲା ରୁଜୁ କରି ଟ୍ରାକ୍ଟର ଜବତ କରି ତଦନ୍ତ ଜାରି ରଖିଛି।









**ଆଜିର ମନ୍ତବ୍ୟ**

"ଭାରତ ଆଉ ଦୁର୍ବଳ ହୋଇ ରହିନାହିଁ। ଦେଶକୁ କେହି ଖରାପ ଦୃଷ୍ଟିରେ ଦେଖିଲେ ମୁହଁତୋଡ଼ ଜବାବ ଦିଆଯିବ।
-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢମଣା ପଶିଲା ଗାତେ
ବୋହୂ ଭୁଆସୁଣୀ ହାଟକୁ ଯିବେ
ଓଢ଼ଣା ପଡ଼ିଛି ହାତେ**

ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ମୁଣ୍ଡରେ ଓଢ଼ଣା ପକାଯାଇଥାଏ। ମଥାରେ ଓଢ଼ଣୀ ଦେବା ନାରୀର ଲଜ୍ଜାଶୀଳା ଗୁଣକୁ ପରିପ୍ରକାଶ କରିଥାଏ। ଗ୍ରାମ୍ୟ ବୋହୂ ଭୁଆସୁଣୀ ବଜାର ହାଟ ବୁଲିବା ପାଇଁ ଘରୁ ଗୋଡ଼ କାଢ଼ିଥିବା ବେଳେ ନିଜକୁ ଦୃଷ୍ଟି ଆଢୁଆଳରେ ରଖିବାକୁ ଯାଇ ହାତେ ଲମ୍ବର ଓଢ଼ଣା ଟାଣିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢମ ଡିରୀ
ଅଣ୍ଟାରୁ ଝଡୁଛି ସିଝା ବିରି**

ଢମ ଗପୁଥିବା ବା ବଡେଇ କରି କହୁଥିବା ସ୍ତ୍ରୀଲୋକର ପ୍ରକୃତ ଧନ ଦରବର ଚିତ୍ର। ନିଜେ ଯେତେ ନୁହେଁ, ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ଗପିବା ଦ୍ୱାରା ନିଜର ଗୁମର ପଦାରେ ପଡିଯାଇଥାଏ। ଫଳରେ ଲୋକହସା ହେବାହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସ୍ୱାମୀଙ୍କୁ ବଶୀକରଣ ପାଇଁ ୫୯ ଲକ୍ଷ ଖର୍ଚ୍ଚ

**ମୁମ୍ବାଇ,୧୩।୧୧**

ପ୍ରତ୍ୟେକଙ୍କ ଘରେ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ଛୋଟ ଛୋଟ କଳି, ତକରାଳ ହୋଇଥାଏ। ଅନେକେ ଏହାକୁ ଭଲପାଇବାର ଭିନ୍ନ ରୂପ ବୋଲି ମନେକରନ୍ତି। ମୁମ୍ବାଇ ଅନ୍ଧେରୀରେ ରହୁଥିବା ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ସ୍ତ୍ରୀ ସ୍ୱାମୀଙ୍କୁ ବଶୀକରଣ ପାଇଁ ୫୯ ଲକ୍ଷ ଟଙ୍କା ଜଣେ ଜ୍ୟୋତିଷଙ୍କୁ ଦେଇଥିବା ଘଟଣା ସାମ୍ନାକୁ ଆସିଛି। ଘରେ ଲାଗି ରହିଥିବା ଝଗଡ଼ାରେ ଅତିଷ୍ଠ ହୋଇ ସେ ଏପ୍ରକାର ନିଷ୍ପତ୍ତି ନେଇଥିବା ପୋଲିସ କହିଛି। କଳାଯାଦୁ ଜରିଆରେ ସ୍ୱାମୀଙ୍କୁ ସମ୍ପୂର୍ଣ୍ଣ ଭାବେ ନିଜ ଆୟତ୍ତକୁ ଆଣିବା ଲାଗି ସେ ଚେଷ୍ଟା କରିଥିଲେ। ଘଟଣା ନେଇ ମୁମ୍ବାଇର ପୋୱାଇ ପୋଲିସ ଶନିବାର ଜ୍ୟୋତିଷ ବାଦଲ ଶର୍ମା ଓ ପରେଶ ଗଡା ନାମକ ବ୍ୟକ୍ତିଙ୍କୁ ଗିରଫ କରିଛି।

୩୯ ବର୍ଷୀୟ ଜଣେ ବ୍ୟବସାୟୀ ଜଣକ ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ଅନ୍ଧେରୀ ଇଷ୍ଟରେ ରହୁଥିଲେ। ୧୩ ବର୍ଷ ପୂର୍ବେ ଉକ୍ତ ବ୍ୟବସାୟୀଙ୍କ ସ୍ତ୍ରୀ ଅନ୍ୟଜଣଙ୍କ ସହ ଅନୈତିକ ସମ୍ପର୍କ ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ପରିବାର ଲୋକଙ୍କ ଆପୋସ ବୁଝାମଣା ପରେ ମହିଳା ଜଣକ ପରେଶଙ୍କ ସହ କୌଣସି ସମ୍ପର୍କ ରଖିବେ ନାହିଁ ବୋଲି ରାଜି ହୋଇଥିଲେ। ଏ ଘଟଣା ପରଠୁ ଦୁହିଁଙ୍କ ଭିତରେ ମନୋମାଳିନ୍ୟ ଲାଗି ରହିଥିଲା। ଗତ ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ବ୍ୟବସାୟୀ ଜଣକ ସ୍ତ୍ରୀଙ୍କ ଜାଣତରେ ଘରେ ୩୫ ଲକ୍ଷ ଟଙ୍କା ଆଣି ରଖିଥିଲେ, ଯାହାକୁ ସେ ଦୀପାବଳି ଅବସରରେ କର୍ମଚାରୀମାନଙ୍କୁ ଦେବାର ଯୋଜନା ଥିଲା। ଅକ୍ଟୋବର ୧୮ରେ ଯେତେବେଳେ ବ୍ୟବସାୟୀ ଜଣକ ଟଙ୍କା କଥା ସ୍ତ୍ରୀଙ୍କୁ କହିଲେ, ସେ ଏ ବାବଦରେ ଜାଣି ନ ଥିବା କହିଥିଲେ। ପରେ ସ୍ୱାମୀ ତାଙ୍କ ବଡ଼ ଭାଇଙ୍କୁ ଏ ବିଷୟରେ କହିଥିଲେ। ଦୁଇ ଭାଇ ମହିଳାଙ୍କୁ ଟଙ୍କା ସମ୍ପର୍କରେ ପଚାରିବାରୁ ସେ ସବୁ ସତ ମାନିଯାଇ କହିଥିଲେ, ଘରେ ଲାଗିଥିବା କଳିଝଗଡ଼ାର ସମାଧାନ ପାଇଁ ସେ ପାଖାପାଖି ୫୯ ଲକ୍ଷ ଟଙ୍କା ବାଦଲ ଶର୍ମା ନାମକ ଜ୍ୟୋତିଷଙ୍କୁ ଦେଇଛନ୍ତି, ଯାହାଙ୍କ କଣ୍ଟାକ୍ଟ ସେ ଇନ୍ଷ୍ଟାଗ୍ରାମରୁ ପାଇଥିଲେ। ନିଜ ଅସୁବିଧା କଥା ମହିଳା ଜଣକ ବାଦଲଙ୍କୁ ଜଣାଇବା ପରେ ସେ କଳାଯାଦୁ ଦ୍ୱାରା ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଲେ। ଏକଥା ମହିଳା ଜଣକ ନିଜ ପୁରୁଷ ବନ୍ଧୁ ପରେଶଙ୍କୁ ମଧ୍ୟ ଜଣାଇଥିଲେ। ମହିଳା ଓ ଜ୍ୟୋତିଷଙ୍କ ମଧ୍ୟରେ ପରେଶ ମଧ୍ୟସ୍ଥତାର କାମ କରୁଥିବା ପୋଲିସ କହିଛି। ଅର୍ଥ ଏବଂ ଅନେକ ସୁନା ଗହଣା ମହିଳା ଜଣକ ବାଦଲଙ୍କୁ ଦେଇଥିବା କହିଥିଲେ, ଯାହାପରେ ସ୍ୱାମୀ ଏ ନେଇ ପୋୱାଇ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଆଇପିସି ଦଫା ୪୨୦, ୪୦୬ ଏବଂ ୩୪ ଅଧୀନରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରିୟଜନମାନଙ୍କ ସହିତ ଆଜିର ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ଅଭିଳଷିତ ଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମଜନିତ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି । ଭୁଲ୍ ବୁଝାମଣା କାରଣରୁ କୌଣସି ଅପରିଚିତଙ୍କ ସହ କଳହ ଲାଗିପାରେ।

**ବୃଷ** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ଯେଉଁ ପରିସ୍ଥିତି ହେଉନା କାହିଁକି, ଆଦୌ ପଛକୁ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ ମନକଥା ମନରେ ମାରି ଚଳିବାକୁ ବାଧ ହେବେ। ବନ୍ଧୁଙ୍କ ସହାନୁଭୂତି ଦ୍ୱାରା ବିବାଦୀୟ ଘଟଣାର ସମାଧାନ ଘଟିବ।

**ମିଥୁନ** ଦୀର୍ଘଦିନର ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହେବ। ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ରକୁ ବ୍ୟସ୍ତବହୁଳ କରିପାରେ। ମାନସିକ ସ୍ଥିତି ପୂର୍ବବତ୍ ରହିବା ହେତୁ ପ୍ରତ୍ୟେକ କ୍ଷେତ୍ରରେ ନୀରବତା ଅବଲମ୍ବନ କରିବାକୁ ବାଧହେବେ । ଅବହେଳିତ ଓ ଅସମ୍ପାଦିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**କର୍କଟ** ଆତ୍ମୀୟଙ୍କ ସାହାଯ୍ୟ ପ୍ରତିଶ୍ରୁତି ଆପଣଙ୍କୁ ନୂତନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିବ। ଦୀର୍ଘ ଦିନର ସ୍ଥଗିତ କାମକୁ ଆରମ୍ଭ କରିବାରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସହକର୍ମୀମାନେ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇବେ। ଆଜିର ପ୍ରତ୍ୟୁଷରୁ ଦୂରଯାତ୍ରା ଫଳପ୍ରଦ ହେବାର ଆଶା କରାଯାଇପାରେ ।

**ସିଂହ** ଆଜି ଚେଷ୍ଟା କରୁଥିବା କାମ ସାଙ୍ଗକୁ ଅର୍ଥ ସମ୍ପର୍କ ଦିଗରୁ ଶୁଭଫଳ ପାଇବେ। ଆକସ୍ମିକ ଭାବରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଆପଣଙ୍କୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**କନ୍ୟା** ସାମାଜିକ ସ୍ତରରେ ଅନ୍ୟମାନଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ତାହାର ମୂଲ୍ୟ ସେମାନେ ବୁଝିପାରିବେ ନାହିଁ। ହାତକୁ ନେଇଥିବା କାମଗୁଡ଼ିକ ପରିସ୍ଥିତିବଶତଃ ଓଲଟା ହୋଇପାରେ । ସେବା ମନୋବୃତ୍ତି କାରଣରୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଆଦୃତ ହେବେ।

**ତୁଳା** କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିପାରନ୍ତି। ଅବଶ୍ୟ କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ । ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବାର ଆଶଙ୍କା ଉପୁଜିପାରେ। ସ୍ୱାର୍ଥସାଧନ ମାନସରେ ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। କିନ୍ତୁ କାର୍ଯ୍ୟଦକ୍ଷତା ହେତୁ ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ଜମିଜମା ବିବାଦଜନିତ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** ସ୍ୱାସ୍ଥ୍ୟହାନି ଓ ପାରିବାରିକ ସମସ୍ୟା ପୂର୍ବ ପରି ରହିବା କାରଣରୁ ମାନସିକ ଭାରସାମ୍ୟ ହରାଇପାରନ୍ତି। ହାତକୁ ନେଇଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧ ହେବେ। ଆଜିର ପ୍ରାତଃଭ୍ରମଣ ଉପଭୋଗ୍ୟ ହୋଇ ନ ପାରେ।

**ମକର** ଆଜି କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ତ୍ୱରାନ୍ୱିତ ହେବ। ଘରେ ବନ୍ଧୁ ମିଳନଜନିତ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ । ମନ ବୁଝିଲାଭଳି କଥା କହି ପଡ଼ୋଶୀମାନେ ନିଜର କାର୍ଯ୍ୟ ହାସଲ କରିନେବେ। ପୂର୍ବରୁ ସତର୍କ ନ ହେବା କାରଣରୁ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ ।

**ମୀନ** ପରିବାରର ଅର୍ଥନୈତିକ ଅଭିବୃଦ୍ଧି ହେତୁ କେତେକାଂଶରେ ମନୋବଳ ବଢ଼ିଯିବ। କର୍ମକ୍ଷେତ୍ରରେ ଛୋଟ ବଡ଼ କେତୋଟି ଘଟଣାକୁ ବାଦ୍ ଦେଲେ ପ୍ରାୟତଃ ବିଶେଷ ଅସୁବିଧା ରହିବ ନାହିଁ। ତଥାପି ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି।

ଆଜି ନଭେମ୍ବର ୧୪ ତାରିଖ, ଶିଶୁ ଦିବସ, ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ, ବିଶ୍ୱ ମଧୁମେହ ଦିବସ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହ, ମହାକାଳ ଭୈରବାଷ୍ଟମୀ, ମାର୍ଗଶିର କୃଷ୍ଣଷଷ୍ଠୀ, ସୋମବାର, ରାଶିନକ୍ଷତ୍ର-ଦିବା ଘ.୦୧/୧୪ ଗତେ, ପୁଷ୍ୟା-କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫/୫୮ ଗତେ, ଘ.୦୭/୨୧ ମଧ୍ୟେ, ଘ.୦୮/୫୫ ଗତେ, ଘ. ୧୦/୦୮ ମଧ୍ୟେ ଶୁଦ୍ଧ ଶୁଭବେଳା, ସକାଳ ଘ. ୦୭/୨୮ ଗତେ, ଘ.୦୮/୪୪ ମଧ୍ୟେ ରାହୁକାଳ।

# ଆଜିଠୁ ଯୁକ୍ତ୩ ତୃତୀୟ ପର୍ଯ୍ୟାୟ ନାମଲେଖା ଆବେଦନ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟରେ ୨୦୨୨-୨୩ ଶିକ୍ଷାବର୍ଷ ଲାଗି ତୃତୀୟ ପର୍ଯ୍ୟାୟ ଯୁକ୍ତ୩ ନାମଲେଖା ପାଇଁ ଆବେଦନ ସୋମବାରଠାରୁ ଆରମ୍ଭ ହେବ। ରାଜ୍ୟରେ ୧,୦୨୪ଟି ଡିଗ୍ରୀ କଲେଜ ରହିଛି। କଳା, ଫିଜିକାଲ ସାଇନ୍ସ, ବାୟୋଲଜିକାଲ ସାଇନ୍ସ ଏବଂ ବାଣିଜ୍ୟରେ ପୂର୍ବରୁ ୨ଟି ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଶେଷ ହୋଇଥିବାବେଳେ ସିଟ୍ ବଳକା ରହିଥିବାରୁ ପୁଣି ତୃତୀୟ ପର୍ଯ୍ୟାୟ ନାମଲେଖା ହେବ। ତେଣୁ ୧୪ ତାରିଖରୁ ନାମଲେଖା ଲାଗି ଅନ୍‌ଲାଇନ୍‌ରେ ଫର୍ମ ଉପଲବ୍ଧ ହେବ। ପୂର୍ବାହ୍ନ ୧୧ଟାରୁ ଛାତ୍ରୀଛାତ୍ର ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ୧୭ ଧାର୍ଯ୍ୟ ହୋଇଛି। ୨୨ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ୨୩ ଓ ୨୪ ତାରିଖରେ ନାମ ଲେଖାଇବେ। ସେହିପରି ୨୯ ତାରିଖ ସନ୍ଧ୍ୟା ୭ଟା ସୁଦ୍ଧା ଚୂଡ଼ାନ୍ତ ନାମଲେଖା ତଥ୍ୟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ସହ ନଭେମ୍ବର ୩୦ ସୁଦ୍ଧା ନାମଲେଖାଇଥିବା ଛାତ୍ରୀଛାତ୍ର ନାମଲେଖା ଫି' ପୈଠ କରିବା ବାଧ୍ୟତାମୂଳକ କରାଯାଇଛି।

# ଧାନ କିଆରିରେ ଛୁଆହାତୀ ମୃତଦେହ

**ବୁଗୁଡ଼ା, ୧୩।୧୧(ଡି.ଏନ.ଏ.)**



ଗଞ୍ଜାମ ଜିଲା ବୁଗୁଡ଼ା ବନାଞ୍ଚଳରେ ରବିବାର ଏକ ଛୁଆ ହାତୀର ମୃତ୍ୟୁ ଘଟିଛି। ବୁଗୁଡ଼ା ଥାନା ପାଙ୍ଗିଡ଼ି ପଞ୍ଚାୟତ ଅନ୍ତର୍ଗତ ବେଲପଡା ଗ୍ରାମ ନିକଟ ଏକ ଧାନ କିଆରିରେ ଛୁଆ ହାତୀ ମୃତଦେହ ପଡ଼ିଥିବା ବେଳେ କିପରି ତାହାର ମୃତ୍ୟୁ ଘଟିଲା ଜଣାପଡ଼ିନାହିଁ। ପ୍ରାୟ ୨ ବର୍ଷର ଏହି ଅଣ୍ଡିରା ହାତୀଟିର ଶୁଣ୍ଢର ମଧ୍ୟଭାଗ ଅଧା କଟିଯାଇଛି। ତେଣୁ ବନ୍ୟଜନ୍ତୁ ଶିକାରୀ ବିଛାଇଥିବା ବିଦ୍ୟୁତ୍ ତାରରେ ଲାଗି ହାତୀର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଏସିଏଫ୍ ପ୍ରଭାକର ନାୟକ, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଦିଲୀପ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ସୋମବାର ବ୍ୟବଚ୍ଛେଦ ପରେ ହାତୀ ମୃତ୍ୟୁର କାରଣ ଜଣାପଡିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି। ବୁଗୁଡ଼ା ବନାଞ୍ଚଳରେ ବନ୍ୟଜନ୍ତୁ ଶିକାର ଏବେ ନିତିଦିନିଆ ଘଟଣା ହୋଇସାରିଲାଣି। ଅଧିକାଂଶ ସ୍ଥାନରେ ଶିକାର ପାଇଁ ଦୁର୍ବୃତ୍ତମାନେ ବିଦ୍ୟୁତ୍ ତାର ବିଛାଉଥିଲେ ମଧ୍ୟ ବନ ବିଭାଗ ତରଫରୁ ପାଟ୍ରୋଲିଂ କରାଯାଉନି। ପୂର୍ବରୁ ବାର୍‌ହା ଶିକାର ପାଇଁ ପଡ଼ିଥିବା ଫାଶରେ ପଡି ଏକ କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଶିକାରୀଙ୍କ ବିଦ୍ୟୁତ୍ ତାରରେ ଲାଗି ମଧ୍ୟ କେତେଜଣଙ୍କ ଜୀବନ ଗଲାଣି। ବନ ବିଭାଗ ସବୁ ଜାଣି ମଧ୍ୟ ଚୁପ୍ ବସିଛି।

# ଟିକେଟ ନ ମିଳିବାରୁ ସୂର୍ଯ୍ୟମନ୍ଦିରରେ ଉତ୍ତେଜନା



**କୋଣାର୍କ, ୧୩।୧୧(ଡି.ଏନ୍.ଏ)**

- **କାଉଣ୍ଟର, ମୁଖ୍ୟଦ୍ୱାର ୨ଘଣ୍ଟା ବନ୍ଦ କରିଦେଲେ କର୍ମଚାରୀ**
- **ପୋଲିସ ହସ୍ତକ୍ଷେପ ପରେ ମାଗଣାରେ ବୁଲିଲେ ପର୍ଯ୍ୟଟକ**

ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ସୂର୍ଯ୍ୟମନ୍ଦିରରେ ରବିବାର ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ସୂର୍ଯ୍ୟମନ୍ଦିର ବୁଲିବାକୁ ପ୍ରବେଶ ଟିକେଟ ନ ମିଳିବାରୁ ପର୍ଯ୍ୟଟକଙ୍କୁ ନିରାଶ ହେବାକୁ ପଡ଼ିଛି। ଏହାକୁ ନେଇ ସେଠାରେ ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)ର ଦାୟିତ୍ୱହୀନତା ଯୋଗୁ ଏଭଳି ଅବସ୍ଥା ଉପୁଜିଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି। ସମ୍ପ୍ରତି ପର୍ଯ୍ୟଟନ ଋତୁରେ କୋଣାର୍କକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ରବିବାର ଛୁଟିଦିନ ଥିବାରୁ ସୂର୍ଯ୍ୟମନ୍ଦିର ବୁଲିବାକୁ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଟିକେଟ ପାଇଁ କାଉଣ୍ଟର ସମ୍ମୁଖରେ ଘଣ୍ଟା ଘଣ୍ଟା ଧରି ପର୍ଯ୍ୟଟକମାନେ ଅପେକ୍ଷା କରି ରହିଥିଲେ। ତେବେ ବହୁ ପର୍ଯ୍ୟଟକଙ୍କୁ ପ୍ରବେଶ ଲାଗି ଟିକେଟ ମିଳି ନ ଥିଲା। ଏଥିଯୋଗୁ ସେମାନେ ନିରାଶ ହୋଇଥିଲେ। ସେହିପରି ଅନେକ ପର୍ଯ୍ୟଟକ ଅନଲାଇନ ଟିକେଟ କରିଥିଲେ ମଧ୍ୟ ମୁଖ୍ୟଦ୍ୱାର ବନ୍ଦ ହୋଇଯିବାରୁ ୨ଘଣ୍ଟା ଅପେକ୍ଷା କରି ନିରାଶରେ ଫେରିଯାଇଥିଲେ। ଦୀର୍ଘସମୟ ପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଫଳରେ ମୁଖ୍ୟଦ୍ୱାରରେ ପର୍ଯ୍ୟଟକମାନେ ହୋହାଲ୍ଲା କରି ଠେଲାପେଲା କରିଥିଲେ। ସୁରକ୍ଷାକର୍ମୀମାନଙ୍କ ଦ୍ୱାରା ସୂର୍ଯ୍ୟମନ୍ଦିର ମୁଖ୍ୟଦ୍ୱାର ଓ ପ୍ରବେଶ ପଥ ବନ୍ଦ କରିଦିଆଯିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ କୋଣାର୍କ ପୋଲିସ ଓ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ମୁଖ୍ୟ ପ୍ରବେଶ ପଥ ଖୋଲାଯାଇଥିଲା। ଏହାପରେ ପର୍ଯ୍ୟଟକମାନେ ମାଗଣାରେ ସୂର୍ଯ୍ୟମନ୍ଦିର ପରିସରରେ ପ୍ରବେଶ କରିଥିଲେ। ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥିବାବେଳେ ଏଏସ୍ଆଇ ପାଖରେ ଆବଶ୍ୟକ ସଂଖ୍ୟକ ଟିକେଟ ଅଭାବ ଯୋଗୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସର୍ଭର ଡାଉନ ଥିବାରୁ ଏଭଳି ସମସ୍ୟା ଦେଖାଦେଇଥିବା କର୍ମଚାରୀ କହିଛନ୍ତି। ପ୍ରତିଦିନ ପ୍ରାୟ ଦୁଇହଜାର ଟିକେଟ ବିକ୍ରି କରାଯାଇଥାଏ। ତେବେ ପର୍ଯ୍ୟଟନ ଋତୁ, ପର୍ବପର୍ବାଣି ଓ ଛୁଟିଦିନଗୁଡ଼ିକରେ ଅଧିକ ଗହଳି ହେଉଥିବାରୁ ଅଧିକ ଟିକେଟ ମହଜୁଦ ରଖାଯିବା କଥା। ମାତ୍ର ରବିବାର ସେଥିପ୍ରତି ଗୁରୁତ୍ୱ ଦିଆଯାଇ ନ ଥିଲା। ଏଏସ୍ଆଇର ଅପାରଗତା ଓ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁ ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ଏଭଳି ସମସ୍ୟା ଉପୁଜୁଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି।

# ଜାନୁୟାରୀ ୪ରୁ କୁମ୍ଭୀର ଗଣନା

**ରାଜନଗର, ୧୩।୧୧(ଡି.ଏନ.ଏ.)**

## ପର୍ଯ୍ୟଟକଙ୍କ ପାଇଁ ୧୦ଦିନ ଭିତରକନିକା ବନ୍ଦ

ଜାନୁୟାରୀ ୪ରୁ ୧୪ ତାରିଖ ପର୍ଯ୍ୟନ୍ତ ଭିତରକନିକାରେ କୁମ୍ଭୀର ଗଣନା କରାଯିବ। ଭିତରକନିକା ଜାତୀୟ ଉଦ୍ୟାନ ଓ ଜାତୀୟଉଦ୍ୟାନ ବାହାରେ ଥିବା ନଦୀ ନାଳରେ ରହୁଥିବା କୁମ୍ଭୀରଙ୍କ ବି ଗଣନା ହେବ। ସେଥିପାଇଁ ଏହି ୧୦ ଦିନ ଭିତରକନିକା ଜାତୀୟ ଉଦ୍ୟାନ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। କୌଣସି ପର୍ଯ୍ୟଟକ ଏହି ସମୟ ସୀମା ମଧ୍ୟରେ ଭିତରକନିକାକୁ ପ୍ରବେଶ କରିପାରିବେ ନାହିଁ। ଜାନୁୟାରୀ ୧୫ରୁ ଭିତରକନିକା ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଭିତରକନିକାରେ ଜାନୁୟାରୀ ୨୦୨୨ରେ ହୋଇଥିବା ଗଣନା ଅନୁସାରେ ୧୭୮୪ ବଉଳା କୁମ୍ଭୀର ଅଛନ୍ତି। ସୂଚନାଯୋଗ୍ୟ, ୧୯୭୦ ମଧ୍ୟଭାଗରେ କରାଯାଇଥିବା ଏକ ସର୍ଭେରେ ଭାରତରେ କୁମ୍ଭୀରମାନଙ୍କ ସଂଖ୍ୟା ନଗଣ୍ୟ ବୋଲି ଜଣାପଡିଥିଲା। ଏହାପରେ କୁମ୍ଭୀରଙ୍କ ବଂଶ ବୃଦ୍ଧି ଓ ବାସସ୍ଥଳୀର ସ୍ଥିତି ବଜାୟ ରଖିବା ପାଇଁ କେନ୍ଦ୍ର ସରକାର, ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ସହାୟତାରେ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ଯୋଜନା ଅନୁଯାୟୀ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାମୁଦ୍ରିକ ପ୍ରାଣୀ ବିଶେଷଜ୍ଞ ଡ. ଏଚ୍.ଆର୍. ବଷ୍ଟାର୍ଡ ଓଡ଼ିଶା ସମୁଦ୍ର ଉପକୂଳ ପରିଦର୍ଶନ କରି ଭିତରକନିକା କୁମ୍ଭୀର ବଂଶବୃଦ୍ଧି ପାଇଁ ଅନୁକୂଳ ପରିବେଶ ବୋଲି ଚିହ୍ନଟ କରିଥିଲେ। ୧୯୭୫ରେ ୧୧୫ ବର୍ଗ କିଲୋମିଟର ଅଞ୍ଚଳରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଦେଶର ପ୍ରଥମ ବଉଳା କୁମ୍ଭୀର ଗବେଷଣା ଓ ସଂରକ୍ଷଣ କେନ୍ଦ୍ର ଗଢ଼ି ଉଠିଥିଲା। ପ୍ରଥମେ ୩୪ଟି ପରିପକ୍ୱ କୁମ୍ଭୀରଙ୍କ ସହିତ ୯୬ କୁମ୍ଭୀରଙ୍କୁ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସେହି କୁମ୍ଭୀରଙ୍କ ସଂଖ୍ୟା ୧୭୮୪ରେ ପହଞ୍ଚିଛି।

## ପ୍ରଥମ ପୃଷ୍ଠାରୁ...

### ଟି୨୦ ବିଶ୍ୱକପ...

ହରାଇ ୧୩୭ ରନ କରିଥିଲା। ୧୩୮ ରନର ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ୧୯ତମ ଓଭରରେ ୫ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଥିଲେ। ପୂରା ଟୁର୍ନାମେଣ୍ଟରେ ସ୍ଥିର ପ୍ରଦର୍ଶନ ଦେଇ ଆସିଥିବା ଇଂଲଣ୍ଡର ସାମ୍ କୁରାନ ପ୍ଲେୟର ଅଫ୍ ଦି ମ୍ୟାଚ ଓ ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ।

### ସହରାଞ୍ଚଳ ପ୍ରଦୂଷଣ ...

ରାଜ୍ୟ ସରକାର ଏକ ବ୍ୟାପକ ସ୍ୱଚ୍ଛ ବାୟୁ ଆକ୍ସନ ପ୍ଲାନ (କମ୍ପ୍ରିହେନ୍‌ସିଭ କ୍ଲିନ୍ ଏୟାର ଆକ୍ସନ ପ୍ଲାନ୍) ପ୍ରସ୍ତୁତ କରିଛନ୍ତି। ଏଥିରେ ରାଜ୍ୟ ପରିବହନ ବିଭାଗ, ଶିଳ୍ପ, କୃଷି, ଖଣି ଓ ଇସ୍ପାତ, ଗୃହନିର୍ମାଣ ଓ ନଗର ଉନ୍ନୟନ ଭଳି ଅନ୍ୟାନ୍ୟ ବିଭାଗକୁ ସାମିଲ କରାଯାଇଛି। ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରିବା ପାଇଁ ଏସ୍‌ପିସିବି ନୋଡାଲ ଏଜେନ୍ସି ଭାବେ ଦାୟିତ୍ୱ ତୁଲାଇବ। ପ୍ରଦୂଷିତ ବାୟୁମଣ୍ଡଳକୁ ସାମାନ୍ୟ ସ୍ତରକୁ ଆଣିବା ପାଇଁ ଶିଳ୍ପାଞ୍ଚଳ ଓ ଯାନବାହନଜନିତ ପ୍ରଦୂଷଣ ରୋକିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହିତ ସହରାଞ୍ଚଳ ନିକଟରେ ଥିବା ଅତି ପ୍ରଦୂଷିତ ଶିଳ୍ପାନୁଷ୍ଠାନଗୁଡ଼ିକୁ ସ୍ଥାନାନ୍ତର କରିବା, ସହରାଞ୍ଚଳରେ ଅଧିକମାତ୍ରାରେ ସବୁଜ ବଳୟ ସୃଷ୍ଟି କରିବା, ସର୍ବସାଧାରଣ ପରିବହନ ସେବାରେ ସଂସ୍କାର ଆଣିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ଯାନବାହନରୁ ବାହାରୁଥିବା ଧୂଆଁ, ବର୍ଜ୍ୟବସ୍ତୁ ପରିଚାଳନା, କୋଠାବାଡ଼ି ନିର୍ମାଣ ଯୋଗୁ ହେଉଥିବା ପ୍ରଦୂଷଣ ଇତ୍ୟାଦିକୁ ରୋକିବା ଲାଗି ପଦକ୍ଷେପ ନିଆଯିବାକୁ ବ୍ୟବସ୍ଥା ହୋଇଛି। ରାଉରକେଲା, ତାଳଚେର, କଳିଙ୍ଗନଗର, ଅନୁଗୋଳ ହେଉଛି ଶିଳ୍ପାଞ୍ଚଳ ସହର। ସେଠାରେ ଶିଳ୍ପଭିତ୍ତିକ ପ୍ରଦୂଷଣ ରୋକିବାକୁ ଏକ ବଡ଼ ଆହ୍ୱାନ ହୋଇଛି । ସେହିସବୁ ସହରରେ ପିଏମ୍(ପାର୍ଟିକୁଲେଟ ମ୍ୟାଟର)-୧୦ ରହୁଛି, ଯାହାର ସ୍ୱାଭାବିକ ସ୍ତର ୧୦୦ ମାଇକ୍ରୋଗ୍ରାମ ରହିବା କଥା। ହେଲେ ଏହା ଅଧିକ ରହୁଛି। ଭୁବନେଶ୍ୱର, କଟକ ଓ ବାଲେଶ୍ୱରରେ ବାୟୁ ପ୍ରଦୂଷଣ ପିଏମ୍-୧୦କୁ ୨୭ରୁ ୩୬ ପ୍ରତିଶତକୁ ହ୍ରାସ କରିବା ନେଇ ଆକ୍ସନ ପ୍ଲାନ୍‌ରେ ପରାମର୍ଶ ଦିଆଯାଇଛି। ଆସନ୍ତା ବର୍ଷ ରାଉରକେଲା ଏବଂ ଭୁବନେଶ୍ୱରରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ବାୟୁ ପ୍ରଦୂଷଣ ମାତ୍ରା ସ୍ୱାଭାବିକଠାରୁ ଅଧିକ ରହିଲେ ଖେଳ ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇପାରେ। ତେଣୁ ଏହା ପୂର୍ବରୁ ଉଭୟ ସହରରେ ବାୟୁ ପ୍ରଦୂଷଣ ମାତ୍ରା ହ୍ରାସ କରିବାକୁ ଏସ୍‌ପିସିବି, ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏ ସମ୍ପର୍କରେ ରାଜ୍ୟ ପରିବେଶ ନିର୍ଦ୍ଦେଶକ କେ. ମୁରୁଗେସେନଙ୍କ କହିବା ହେଲା ଓଡ଼ିଶାରେ ଥିବା ସହରଗୁଡ଼ିକର ପ୍ରଦୂଷଣ ହାର ସେତେଟା ଚିନ୍ତାଜନକ ନୁହେଁ। କେତେକ ସହରରେ ପ୍ରଦୂଷଣ ହାର ସାମାନ୍ୟ ଅଧିକ ରହୁଛି। ସେଥିପାଇଁ କ୍ଲିନ୍ ଏୟାର ଆକ୍ସନ ପ୍ଲାନ୍ ଏବଂ ମାଇକ୍ରୋ ପ୍ଲାନ୍ କରାଯାଇଛି। ସହରଗୁଡ଼ିକର ପରିବେଶ କିପରି ସ୍ୱଚ୍ଛ ରହିବ ସେ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେବା ସହ ନିୟମିତ ପରିସ୍ଥିତିର ସମୀକ୍ଷା କରାଯାଉଛି ବୋଲି ମୁରୁଗେସେନ୍ କହିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ଶିଳ୍ପ ଜିଲା ଅନୁଗୋଳର ଖଣି ଅଞ୍ଚଳରେ ପ୍ରଦୂଷଣ କମୁଥିବାବେଳେ ୫୫ନଂ. ଜାତୀୟ ରାଜପଥରେ ଏହା ବଢ଼ିବାରେ ଲାଗିଛି। ୨୦୧୮ରେ ଜିଲାରେ ପ୍ରଦୂଷଣର ମାତ୍ରା ବଢ଼ିଥିବା ରେକର୍ଡ ହୋଇଥିଲା। ସେହିବର୍ଷ ବାୟୁରେ ଭାସମାନ କଣିକା ପରିମାଣ ୧୦୦ ପିଏନ୍‌ଟିଏନ୍ ରହୁଥିବା ଜଣାପଡ଼ିଥିଲା। ସମୀକ୍ଷା ପରେ ଏହାକୁ ନିୟନ୍ତ୍ରଣ କରିବା ଲାଗି ଉଦ୍ୟମ ଆରମ୍ଭ କରାଯିବା ସହ ଏବେ ବାୟୁରେ ଭାସମାନ କଣିକା ପରିମାଣ ୭୫ରୁ ୮୫ ପିଏନ୍‌ଟିଏନ୍‌କୁ ହ୍ରାସ କରାଯାଇପାରିଛି। ଏଥିଲାଗି ଅନ୍‌ଲାଇନ୍ ମନିଟରିଂ ସିଷ୍ଟମ୍ କାର୍ଯ୍ୟ କରୁଛି। ଚିମିନିରୁ ନିର୍ଗତ ଧୂଆଁଜନିତ ପ୍ରଦୂଷଣ ମାତ୍ରା ଅଟୋ ରେକର୍ଡ କରାଯାଉଛି। ହାଇ ଫ୍ରିକ୍ୱେନ୍ସି କ୍ୟାମେରା ଲଗାଯିବା ସହ ଖଣି ଅଞ୍ଚଳର ରୋଡ୍ କରିଡର ଚାରିପଟେ ସବୁଜ କପଡ଼ା ବନ୍ଧା ଯାଇଛି। ପାଣି ସିଞ୍ଚନ ମଧ୍ୟ କରାଯାଉଛି। ଫଳରେ ୩ ବର୍ଷ ହେଲା ସ୍ଥିତିରେ ସୁଧାର ଆସିଛି। ତେବେ ବଅଁରପାଳରୁ ରନ୍ତଲେଇ ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଉ ନ ଥିବାରୁ ପ୍ରଦୂଷଣ ବଢୁଥିବା ଅନୁଗୋଳ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଅନୁପ ମଲ୍ଲିକ ସୂଚନା ଦେଇଛନ୍ତି। ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ କହିବା ହେଲା ଶିଳ୍ପାଞ୍ଚଳରେ ପ୍ରଦୂଷଣକୁ ନିୟନ୍ତ୍ରଣ ମଧ୍ୟରେ ରଖିବାକୁ ଇଣ୍ଡଷ୍ଟ୍ରି ଏୟାର ପଲ୍ୟୁଶନ କାଉଣ୍ଟିଂ ଡିଭାଇସ୍ ଲଗାଯାଇଛି। ଅନ୍‌ଲାଇନ ମନିଟରିଂ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବା ସହ ନ୍ୟାଶନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ ଜରିଆରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଗାଡ଼ି ମୋଟରରୁ ନିର୍ଗତ ଧୂଆଁକୁ ରୋକିବାକୁ ଜୋର ଦେବାକୁ କୁହାଯାଇଛି। ଆଗକୁ ମେକାନିକାଲ ରୋଡ୍ ସୁଇପର ବ୍ୟବସ୍ଥା ଲାଗୁ କରିବାକୁ ଯୋଜନା ରହିଥିବା ବେହେରା କହିଛନ୍ତି।

### ଦିଲ୍ଲୀ ଏକ୍ୟୁଆଇ ...

ରହିଲେ ବିପଜ୍ଜନକ ବୋଲି ବିବେଚନା କରାଯାଏ। ଦିଲ୍ଲୀ ସମେତ ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶର ଚାଷୀମାନେ ଅମଳ କରିସାରିବା ପରେ କୃଷିକ୍ଷେତ୍ରର ନଡ଼ାମୂଳିରେ ନିଆଁ ଲଗାଇଦେଉଥିବାରୁ ଜାତୀୟ ରାଜଧାନୀ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଛି। ଏହାର ସମାଧାନ ପାଇଁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ଶାସନ ସଚିବମାନଙ୍କୁ ଜାତୀୟ ମାନବ ଅଧିକାର କମିଶନ ପୂର୍ବରୁ ନୋଟିସ କରିଥିଲେ। ପ୍ରଦୂଷଣ ରୋକିବା ପାଇଁ କ'ଣ ସବୁ ପଦକ୍ଷେପ ନେଇଛନ୍ତି, ତାହା ଉପରେ ସତ୍ୟପାଠ ଜରିଆରେ ରିପୋର୍ଟ ଦାଖଲ କରିବାକୁ ୪ ସପ୍ତାହ ଦେଇଥିଲେ। ମୁଖ୍ୟ ଶାସନ ସଚିବମାନଙ୍କ ବ୍ୟକ୍ତିଗତ ଉପସ୍ଥିତିରେ ଆସନ୍ତା ୧୮ରେ କମିଶନ ପରବର୍ତ୍ତୀ ଶୁଣାଣି କରିବେ।

**ହନିଟ୍ରାପ୍, ବ୍ଲାକ୍‌ମେଲିଂରୁ କଳାଧନ ଠୁଳ ଘଟଣା**

# ଅର୍ଚ୍ଚନାଙ୍କ ବାପାଙ୍କୁ ଇଡି ଜେରା


ଅର୍ଚ୍ଚନା ନାଗ

- ଖଗେଶ୍ୱରଙ୍କ ମୋବାଇଲରୁ ତଥ୍ୟ ପାଇବାକୁ ଉଦ୍ୟମ
- ସହାୟତା କରୁଛନ୍ତି ସାଇବର ବିଶେଷଜ୍ଞ
- ୧୦ କୋଟିର ସମ୍ପତ୍ତି ଠାବ ନେଇ ଏସ୍ଆଇଟିକୁ ରିପୋର୍ଟ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ କଳାଧନ୍ଦାର ବିଜିନେସ୍ ପାର୍ଟନର ଖଗେଶ୍ୱର ପାତ୍ରଙ୍କୁ ୧୦ ଦିନିଆ ରିମାଣ୍ଡରେ ନେଇ ମାରାଥନ ଜେରା କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଇତିମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସେହି ଅନୁସାରେ ଅଧିକ ପ୍ରମାଣ ଯୋଗାଡ଼ କରିବାକୁ ଇଡି ତା'ର ତଦନ୍ତ ପରିସରକୁ ବ୍ୟାପକ କରିଛି। ଏ ପରିସ୍ଥିତିରେ ଅର୍ଚ୍ଚନାଙ୍କ ବାପା ସୁରେନ୍ଦ୍ର ନାଗଙ୍କଠାରୁ ମଧ୍ୟ ତଥ୍ୟ ହାସଲ ପାଇଁ ଲାଗି ପଡିଛି। ରବିବାର ସକାଳ ପ୍ରାୟ ୮ଟାରୁ ସୁରେନ୍ଦ୍ରଙ୍କୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ଇଡି ମାରାଥନ ଜେରା କରି ଝିଅ ଅର୍ଚ୍ଚନାଙ୍କ କଳାଧନ୍ଦାର କାହାଣୀ ପାଇବାକୁ ଚେଷ୍ଟା ଚଳାଇଛି। କେସିଙ୍ଗାସ୍ଥିତ କୋଠା ନିର୍ମାଣ ପଛର କାହାଣୀ, ସରକାରୀ ଜାଗାରେ କେମିତି ଓ କାହା ଟଙ୍କାରେ ଉକ୍ତ ୩ ମହଲା କୋଠା ନିର୍ମାଣ ହେଲା, ଅର୍ଚ୍ଚନାଙ୍କ ଲିଙ୍କ୍‌ରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ୫ ବର୍ଷ ମଧ୍ୟରେ ତାଙ୍କୁ ଝିଅ କେତେ ଟଙ୍କା ପଠାଇଛନ୍ତି, ଅର୍ଚ୍ଚନା କେବେଠାରୁ ଜଗବନ୍ଧୁଙ୍କ ସହ ସମ୍ପର୍କରେ ଆସିଲେ, ସେମାନଙ୍କ କଳାଧନ୍ଦା ବିଷୟରେ ସେ ପୂର୍ବରୁ ଜାଣିଥିଲେ କି, ଏଭଳି ଏକାଧିକ ପ୍ରଶ୍ନ ଇଡି ପକ୍ଷରୁ ସୁରେନ୍ଦ୍ରଙ୍କୁ ପଚରାଯାଇଥିବା ସୂଚନା ମିଳିଛି। ଏଥିସହ ସୁରେନ୍ଦ୍ର ଆଣିଥିବା ବିଭିନ୍ନ ଦସ୍ତାବିଜକୁ ଇଡି ଅଧିକାରୀମାନେ ଯାଞ୍ଚ କରୁଛନ୍ତି। ତେଣୁ ବାପାଙ୍କ ତଥ୍ୟକୁ ଯାଞ୍ଚ କରିବାକୁ ଝିଅ ଅର୍ଚ୍ଚନାଙ୍କୁ ଜେଲରେ ଜେରା କିମ୍ବା ତାଙ୍କୁ ରିମାଣ୍ଡରେ ଆଣି ଇଡି ପଚରାଉଚରା କରିବାକୁ ଯୋଜନା କରୁଛି। ଅନ୍ୟପକ୍ଷରେ ରିମାଣ୍ଡର ତୃତୀୟ ଦିନରେ ଇଡି ଅଧିକାରୀମାନେ ଖଗେଶ୍ୱରଙ୍କୁ ବିଭିନ୍ନ ସ୍ଥାନକୁ ନେଇ ବାରମ୍ବାର ଜେରା କରିଥିଲେ। ସେହିପରି ତାଙ୍କଠାରୁ ଜବତ ୨ଟି ମୋବାଇଲ ଫୋନ୍‌ରେ କଳାଧନ୍ଦାର କିଛି ସୁରାକ ମିଳିଥିବା ଜଣାପଡିଛି। ହେଲେ ଉକ୍ତ ମୋବାଇଲରୁ ବହୁ ମେସେଜ୍ ଓ ଭିଡିଓ ଡିଲିଟ୍ ହୋଇଯାଇଥିବାରୁ ତାହାକୁ ପାଇବା ପାଇଁ ଇଡି ସାଇବର ବିଶେଷଜ୍ଞଙ୍କ ସହାୟତା ନେଇଛି। ସାଇବର ବିଶେଷଜ୍ଞମାନେ ଉକ୍ତ ଡିଲିଟ୍ ତଥ୍ୟକୁ ରିକଭରି କରିବାକୁ ପ୍ରୟାସ କରୁଛନ୍ତି।

### ଏସ୍ଆଇଟି ବୈଠକରେ ଅର୍ଚ୍ଚନା ପ୍ରସଙ୍ଗ, ଆୟକର ବିଭାଗକୁ ତଦନ୍ତ ନିର୍ଦ୍ଦେଶ

ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏସ୍ଆଇଟି ବୈଠକରେ ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ପ୍ରସଙ୍ଗ ଉଠିଥିବା ସୂଚନା ମିଳିଛି। ଏ ପର୍ଯ୍ୟନ୍ତ ଅର୍ଚ୍ଚନାଙ୍କ ୧୦ କୋଟିର ସମ୍ପତ୍ତି ଠାବ ହୋଇଥିବା ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏସ୍ଆଇଟିକୁ ରିପୋର୍ଟ ଦିଆଯାଇଛି। ଏପରିକି ଏନେଇ ତଦନ୍ତ କରାଯାଉଛି ଏବଂ କେତେଜଣ କ୍ଷମତାଶାଳୀଙ୍କ ସମ୍ପୃକ୍ତି ଆଶଙ୍କା କରାଯାଉଥିବା ଇଡି କହିଛି। ତେଣୁ ଏହି ଆର୍ଥିକ କାରବାରରେ ବଳିଷ୍ଠ ତଦନ୍ତ ପାଇଁ ଆୟକର ବିଭାଗକୁ ଏସ୍ଆଇଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ପରିସ୍ଥିତିରେ ଅର୍ଚ୍ଚନାଙ୍କ ଲିଙ୍କ୍‌ରେ ଥିବା ବହୁ ବଡ଼ବଡ଼ିଆ ତଦନ୍ତ ପରିସରକୁ ଖୁବ୍‌ଶୀଘ୍ର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଜମିବାଡ଼ି ବିବାଦରୁ ଗୁଳି କରି ହତ୍ୟା

ରାଉରକେଲା ଅଫିସ,୧୩।୧୧

ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଝରିଆକୋଚା ବସ୍ତିରେ ଜମିବାଡ଼ି ବିବାଦରୁ ରବିବାର ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତ ଯୁବକ ଜଣଙ୍କ ହେଲେ ବାଞ୍ଛାନିଧି ତନ୍ତୀ(୪୨)। ପୋଲିସ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଜିତ ଓରାମ ଓରଫ ବୁମ୍‌କୁଙ୍କୁ ଗିରଫ କରିଛି। ଏ ନେଇ ଝିରପାଣି ଥାନାରେ ଏକ ମାମଲା (ନଂ.୧୦୧।୨୨) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ମୃତ ବାଞ୍ଛାନିଧି ବହୁ ବର୍ଷ ଧରି ଝରିଆକୋଚା ବସ୍ତିରେ ଥିବା କିଛି ଅନାବାଦି ଜାଗା ଜବରଦଖଲ କରିଛନ୍ତି। ଉକ୍ତ ଜାଗାକୁ ନେଇ ଅଭିଯୁକ୍ତ ଅଜିତ ଓରାମ ଓ ବାଞ୍ଛାନିଧିଙ୍କ ମଧ୍ୟରେ ବିବାଦ ରହିଥିଲା। ରବିବାର ସକାଳ ସାଢ଼େ ୬ଟାରେ ବାଞ୍ଛାନିଧି ଘର ପାଖରେ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ସେଥିରୁ ଗୋଟିଏ ଗୁଳି ବାଞ୍ଛାନିଧିଙ୍କ ଦେହରେ ବାଜିବାରୁ ସେ ତଳେ ପଡିଯାଇଥିଲେ। ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

DSPL-279


ଶିଶୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା

ଶିଶୁ ଦିବସ ଅବସରରେ ପିଲାମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ପ୍ରତ୍ୟେକ ଶିଶୁ ସ୍ୱତନ୍ତ୍ର । ଶିଶୁ ଭିତରେ ଥିବା ବିଶେଷ ପ୍ରତିଭାକୁ ଚିହ୍ନଟ କରି ତାର ବିକାଶ ଦିଗରେ ସୁଯୋଗ ସୃଷ୍ଟି କରିବା ପାଇଁ ପରିବାର, ସମାଜ ତଥା ଶିକ୍ଷକ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ । ଏହା ଶିଶୁ ମଧ୍ୟରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିବା ସହ ସମାଜର ବିକାଶରେ ତାର ଯୋଗଦାନ ରଖିବାକୁ ସେମାନଙ୍କୁ ଉତ୍ସାହିତ କରିବ । ଆସନ୍ତୁ, ଶିଶୁମାନଙ୍କ ପ୍ରତିଭାର ସର୍ବୋତ୍ତମ ବିକାଶରେ ପୂର୍ଣ୍ଣ ସହଯୋଗ ଯୋଗାଇ ଦେଇ ସେମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ସହାୟକ ହେବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା


'ପବିତ୍ର ଶିଶୁ ଦିବସ-୨୦୨୨' ଉପଲକ୍ଷେ ବାର୍ତ୍ତା

'ପବିତ୍ର ଶିଶୁ ଦିବସ-୨୦୨୨' ଅବସରରେ ପିଲାମାନଙ୍କୁ ମୋର ଶ୍ରଦ୍ଧା ଏବଂ ଶୁଭେଚ୍ଛା । ଶୈଶବର ଚପଳତା, ଉଦାମତା ଏବଂ ଅସ୍ମିତାରେ ପରିପୁଷ୍ଟ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ସଂପର୍କ'-'ସହଯୋଗ'-'ସାହାଯ୍ୟ'-'ସୃଷ୍ଟି' ଏବଂ 'ସମାରୋହ' ଭଳି ୫-'ସି' ଉପାଦାନକୁ ନେଇ ଗଠିତ ଆମର ଶିକ୍ଷା ବ୍ୟବସ୍ଥା ସହଭାଗୀତା ଏବଂ ସମୟାନୁବର୍ତ୍ତିତା ମନ୍ତ୍ରରେ ନିଜକୁ ଦୀକ୍ଷିତ କରି ଶିଶୁଟିର ସର୍ବାଙ୍ଗୀନ ବିକାଶ ନିମନ୍ତେ ସତତ ଚେଷ୍ଟିତ । ଆଗାମୀ ଦିନରେ ଶିଶୁମାନଙ୍କର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ସଭିଏଁ ହେବା ସଂକଳ୍ପବଦ୍ଧ - 'ଏହା ହିଁ ହେଉ ପବିତ୍ର ଶିଶୁ ଦିବସର ଅନୁଚିନ୍ତା' ।

(ସମୀର ରଞ୍ଜନ ଦାଶ)
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା

OIPR-27068/13/0020/2223

# ବଡ଼ବଡ଼ିଆଙ୍କୁ ଫସାଇବାକୁ ଓଡ଼ିଶା ଆସିଥିଲେ ପ୍ରୀତି

**ଚର୍ଚ୍ଚାରେ ଆଉଜଣେ ବ୍ଲାକ୍‌ମେଲର**

- ର୍ୟାକେଟ୍‌ରେ ଅନେକେ ସମ୍ପୃକ୍ତ ଥିବା କହିଲା ରାଜସ୍ଥାନ ପୋଲିସ
- ବଳାତ୍କାର ମାମଲାରେ ବୃଦ୍ଧାଶ୍ରମ ମାଲିକଙ୍କୁ ଫସାଇଥିଲେ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ବହୁଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ କଳାକାରନାମାକୁ ନେଇ ଚାରିଆଡ଼େ ଏବେ ଚର୍ଚ୍ଚା ଲାଗିରହିଛି। ଏପରିସ୍ଥିତିରେ ଓଡ଼ିଶା ଆସି ମାୟାଜାଲରେ ଫସାଇ ସମ୍ପତ୍ତି ଲୁଟ୍ କରିବାକୁ ଯୋଜନା କରୁଥିବା ପ୍ରୀତି ଦେଶାଇ ନାମ୍ନୀ ଜଣେ ରହସ୍ୟମୟୀ ଅଣଓଡ଼ିଆ ମହିଳାଙ୍କୁ ରାଜସ୍ଥାନର କୋତୱାଲି ଥାନା ପୋଲିସ ଭୁବନେଶ୍ୱରରୁ ଗିରଫ କରିବା ଘଟଣା ଆହୁରି ଚର୍ଚ୍ଚା ସୃଷ୍ଟି କରିଛି। ପ୍ରୀତିଙ୍କ ଘର କର୍ନାଟକ ବେଲଗାଭି ଜିଲା ତିଲକୱାଡ଼ି ଥାନା ଅଞ୍ଚଳରେ। ତେବେ କର୍ନାଟକରେ ଏକାଧିକ ମହିଳା ଏହି ବ୍ଲାକ୍‌ମେଲିଂ ଗ୍ୟାଙ୍ଗରେ ଥିବା ରାଜସ୍ଥାନ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ପ୍ରୀତି ଏଠାରେ ବହୁ ବଡ଼ବଡ଼ିଆଙ୍କୁ ଫସାଇବାକୁ ଆସିଥିବା ସ୍ପଷ୍ଟ ହୋଇଛି। ଏଠାରେ ତାଙ୍କର କେତେଜଣ ସହଯୋଗୀ ଥିବା ରାଜସ୍ଥାନ ପୋଲିସ ସୂଚନା ଦେଇଥିବାରୁ କମିଶନରେଟ ପୋଲିସ ଏହାର ଖୋଳତାଡ଼ କଲେ ଆହୁରି ବହୁ ତଥ୍ୟ ପଦାକୁ ଆସିବ।

ସୂଚନା ଅନୁଯାୟୀ, ରାଜସ୍ଥାନର ଭରତପୁର ଜିଲା କୋତୱାଲି ଥାନା ଅନ୍ତର୍ଗତ ରଞ୍ଜିତନଗରରେ ଏକ ବୃଦ୍ଧାଶ୍ରମ ଚଳାଉଥିବା ବରିଷ୍ଠ ନାଗରିକ ଅନିଲ କୁମାର ଗୋଏଲଙ୍କ ନିକଟକୁ ୨୦୨୦ କରୋନା ସମୟରେ ପ୍ରୀତି ଯାଇଥିଲେ। ସେ ନିଜକୁ ଗରିବ କହି ଉକ୍ତ ବୃଦ୍ଧାଶ୍ରମରେ ରହିଥିଲେ। ଏହାପରେ ନାନା ଭୟ ଦେଖାଇ ୩୦ ଲକ୍ଷ ଟଙ୍କା ଦାବି କରିବା ସହ ଉକ୍ତ ବୃଦ୍ଧାଶ୍ରମକୁ ନିଜ ନାଁରେ କରିବାକୁ ସେ ବାଧ୍ୟ କରିଥିଲେ। ଏନେଇ ମାଲିକ ଅନିଲ ଅରାଜି ହେବାରୁ ପ୍ରୀତି ତାଙ୍କ ନାମରେ ଉଦ୍ୟୋଗ ନଗର ଥାନାରେ ଏକ ବଳାତ୍କାର ମାମଲା (ନଂ.୨୧୭/୨୦୨୨) ରୁଜୁ କରିଥିଲେ। ପରବର୍ତ୍ତୀ ସମୟରେ ଏହି ମାମଲା ମିଛ ବୋଲି ପ୍ରମାଣିତ ହୋଇଥିଲା। ହେଲେ ପରେ ସେ ଅନିଲଙ୍କ ଝିଅଙ୍କୁ ଅଶ୍ଳୀଳ ଫଟୋ ଓ ମେସେଜ୍ ପଠାଇଥିଲେ। ଏନେଇ ଅନିଲଙ୍କ ଝିଅଙ୍କ ଅଭିଯୋଗକ୍ରମେ ପୋଲିସ ଆଉଏକ ମାମଲା (ନଂ.୨୭୭/୨୦୨୧) ରୁଜୁ କରି ତଦନ୍ତ କରିଥିଲା। ତେବେ ତଦନ୍ତ ସମୟରେ ପ୍ରୀତିଙ୍କ ଏକାଧିକ ଗୁମର କଥା ପୋଲିସ ଜାଣିବାକୁ ପାଇଥିଲା। ଦୁଇଜଣ ବ୍ୟକ୍ତିଙ୍କୁ ପ୍ରୀତି ପ୍ରେମ ଜାଲରେ ଫସାଇ ବ୍ଲାକ୍‌ମେଲ କରିଥିବା ବେଳେ ଜଣେ ତାଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଥିଲେ। ତେବେ ଏହି ଘଟଣାରେ ତାଙ୍କ ନାମରେ ୨ଟି ମାମଲା ଥିବା ଜଣାପଡ଼ିଥିଲା। ସ୍ଥାନୀୟ ପୋଲିସ ପ୍ରୀତିଙ୍କୁ ଗିରଫ କରିବା ପରେ ଜେଲ ପଠାଇଥିଲା। ହେଲେ ମାସେ ପରେ ସେ ବେଲ୍‌ରେ ଆସିଥିଲେ। ମାମଲାର ଶୁଣାଣି ସମୟରେ ସେ କୋର୍ଟରେ ହାଜର ନ ହେବାରୁ ସ୍ଥାନୀୟ କୋର୍ଟ ପ୍ରୀତିଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ।

ଉଲ୍ଲେଖଯୋଗ୍ୟ, କିଛିମାସ ତଳେ ପ୍ରୀତି ଭୁବନେଶ୍ୱର ଆସି ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ୩ ଯୁବତୀଙ୍କ ସହ ରହୁଥିଲେ। ଶନିବାର ସେ ପରିବା କିଣିବାକୁ ବାହାରକୁ ଆସିବାବେଳେ ରାଜସ୍ଥାନ ପୋଲିସ ଟିମ୍ ତାଙ୍କୁ କାବୁ କରିଥିଲା।


ପ୍ରୀତି ଦେଶାଇ

# ବିରଳ ପ୍ରଜାତିର ମାଛ ନିଲାମ


ବିରଳ ପ୍ରଜାତିର ମାଛ ପାନିଆ ଫାଳ।

ଭୋଗରାଇ,୧୩।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ପଶ୍ଚିମବଙ୍ଗର ଦୀଘା ମୁହାଣ ମାଛ ମାର୍କେଟ୍‌କୁ ରବିବାର ଏକ ବିରଳ ପ୍ରଜାତିର ମାଛ ନିଲାମ ପାଇଁ ଆସିଥିଲା। ଏହି ମାଛଟି ଓଡ଼ିଶାର ପାରାଦୀପ ଅଞ୍ଚଳ ଗଭୀର ସମୁଦ୍ରରୁ ମତ୍ସ୍ୟଜୀବୀମାନେ ଧରି ଟ୍ରଲର ଯୋଗେ ଦୀଘା ମାଛ ମାର୍କେଟ୍‌କୁ ଆଣିଥିଲେ। ମାଛଟିର ଲମ୍ବ ୧୨ ଫୁଟ୍ ରହିଥିବା ବେଳେ ଏହାର ଓଜନ ସାଢ଼େ ୫ କୁଇଣ୍ଟାଲ। ଏହା ମଗର ମାଛ ଭଳି ଚେପ୍‌ଟା, ମୁହଁ ଲମ୍ବା ଦୁଇ ଧାରରେ ଶକ୍ତ ମୁନିଆ କଣ୍ଟା ରହିଛି। ମାଛକୁ ବଙ୍ଗଳା ଭାଷାରେ ଚିରୁଣୀଫାଳ ଏବଂ ଓଡ଼ିଆରେ ପାନିଆ ଫାଳ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ମାଛଟି ଜୀବନ ରକ୍ଷାକାରୀ ଔଷଧୀୟ କାର୍ଯ୍ୟରେ ବ୍ୟବହୃତ ହେଉଥିବାରୁ କୋଲକାତାର ଏକ କମ୍ପାନୀ ୩୦ହଜାର ଟଙ୍କାରେ କିଣି ନେଇଥିବା ସୂଚନା ମିଳିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୪ ନଭେମ୍ବର, ୨୦୨୨

> ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଁଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି- ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା ! – ଶ୍ରୀମା



# ନ୍ୟାୟ ବ୍ୟବସ୍ଥାରେ ମହିଳା

ଭାରତରେ ବର୍ତ୍ତମାନ ନ୍ୟାୟିକ ଢାଞ୍ଚା ପୁରୁଷପ୍ରଧାନ ଓ ସାମନ୍ତବାଦୀ ହୋଇଥିବାରୁ ସେଥିରେ ମହିଳାମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱର ସୁଯୋଗ ମିଳୁନାହିଁ ବୋଲି ସୁପ୍ରିମକୋର୍ଟର ନବନିଯୁକ୍ତ ପ୍ରଧାନ ବିଚାରପତି (ସିଜେଆଇ) ଧନଞ୍ଜୟ ଯଶୱନ୍ତ ଚନ୍ଦ୍ରଚୂଡ଼ କହିଛନ୍ତି। ଏହି ବୃତ୍ତିରେ ଅଧିକରୁ ଅଧିକ ମହିଳା ଓ ସମାଜର ଅବହେଳିତ ବର୍ଗଙ୍କୁ ପ୍ରବେଶ ସୁଯୋଗ ଦେବା ସକାଶେ ଗଣତାନ୍ତ୍ରିକ ଓ ମେଧାଭିତ୍ତିକ ଚୟନ ବ୍ୟବସ୍ଥା କରାଯିବା ଉପରେ ସିଜେଆଇ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ପୂର୍ବରୁ ବହୁ ବିଦ୍ୱାନ୍ ମହିଳା ସଶକ୍ତୀକରଣ, ସେମାନଙ୍କ ଉତ୍ଥାନ ଓ ଅର୍ଥନୀତିରେ ଅଧିକ ଯୋଗଦାନ ଉପରେ ପ୍ରାଧାନ୍ୟ ଦେଇଛନ୍ତି। ଚାକିରି କିମ୍ବା ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ନିମନ୍ତେ ସଂରକ୍ଷଣ ଉପରେ ଏମାନେ ଜୋର ଦେଇଆସିଛନ୍ତି। ହେଲେ ଜଷ୍ଟିସ ଚନ୍ଦ୍ରଚୂଡ଼ ଗଣତାନ୍ତ୍ରିକ ଓ ମେଧାଭିତ୍ତିକ ଚୟନ ବ୍ୟବସ୍ଥା ଲାଗି ଆହ୍ୱାନ ଦେବା ଅଧିକ ଯୁକ୍ତିଯୁକ୍ତ ମନେହେଉଛି। ତେବେ କମ୍ ମେଧା ଥିବା ମହିଳାଙ୍କୁ ନ୍ୟାୟପାଳିକା ଭଳି ସଂସ୍ଥାରେ ନିଯୁକ୍ତି ଦିଆଗଲେ ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ନାହିଁ ବୋଲି ମଧ୍ୟ କୁହାଯାଇପାରେ। ଅବଶ୍ୟ ଦେଖିଲେ ସବୁ ମେଧାସମ୍ପନ୍ନ ବିଚାରପତି ସର୍ବଦା ଠିକ୍ ନିଷ୍ପତ୍ତି ନେଇ ନ ଥାଆନ୍ତି ଓ ସ୍ଥଳବିଶେଷରେ ଅନେକେ ପକ୍ଷପାତିତା ଅବଲମ୍ବନ କରୁଥିବା ଅଭିଯୋଗ ହୋଇଥାଏ। ତେଣୁ ମହିଳାଙ୍କ ମେଧାକୁ ଗୁରୁତ୍ୱ ଦିଆଯିବା ସହିତ ସେମାନେ କିଭଳି ଏହି ବୃତ୍ତି ପ୍ରତି ଆକର୍ଷିତ ହୋଇପାରିବେ ସେଥିଲାଗି ଅନୁକୂଳ ବାତାବରଣ ସୃଷ୍ଟି ହେବା ଦରକାର। ଜଷ୍ଟିସ୍ ଚନ୍ଦ୍ରଚୂଡ଼ ନ୍ୟାୟପାଳିକାକୁ ପୁରୁଷପ୍ରାଧାନ୍ୟ ଓ ସାମନ୍ତବାଦୀ ବୋଲି ଯାହା ଅଭିହିତ କରିଛନ୍ତି, ତାହା ଅନେକ କ୍ଷେତ୍ରରୁ ସ୍ପଷ୍ଟ ଜଣାପଡ଼ିଥାଏ। ଏଭଳି ଆହ୍ୱାନ ଦେଉଥିବା ଚନ୍ଦ୍ରଚୂଡ଼ଙ୍କ ଇତିହାସ ଯେତେବେଳେ ଲେଖାଯିବ ସେତେବେଳେ ଆଧାର ସଂକ୍ରାନ୍ତରେ ସେ ଦେଇଥିବା ଐତିହାସିକ ମତ ନିଶ୍ଚିତ ଭାବେ ସ୍ଥାନ ପାଇବ। ଅନ୍ୟପକ୍ଷରେ ଟେଲିଭିଜନ ଉପସ୍ଥାପକ ତଥା ସାମ୍ବାଦିକ ଅର୍ଣ୍ଣବ ଗୋସ୍ୱାମୀଙ୍କ କେସ୍‌ରେ ଯେଭଳି ଭାବେ ତାଙ୍କୁ ସେ ତତ୍‌କ୍ଷଣାତ୍ ଜାମିନ ଦେଇଥିଲେ, ସେହି କଥା ମଧ୍ୟ ଇତିହାସରେ ଲିପିବଦ୍ଧ ହୋଇରହିବ। ସିଜେଆଇ ପଦବୀ ପାଇବା ପରେ ଯଦି ଅର୍ଣ୍ଣବଙ୍କ ମାମଲାର ବିଚାର ଭଳି ସବୁ ସାଧାରଣ ଭାରତୀୟଙ୍କ କେସ୍‌ରେ ଅନୁରୂପ ଭାବେ ୪୮ ଘଣ୍ଟା ଭିତରେ ରାୟ ମିଳିପାରନ୍ତା, ତେବେ ଜନସାଧାରଣଙ୍କ ବିଶ୍ୱାସ ହୁଅନ୍ତା ଯେ ଚନ୍ଦ୍ରଚୂଡ଼ ଜଣେ ନିରପେକ୍ଷ ବିଚାରପତି ଓ ତାଙ୍କ ଉପରେ ରାଜନୈତିକ ଚାପ ପଡ଼ିବା ଅସମ୍ଭବ। ଯେପର୍ଯ୍ୟନ୍ତ ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଶୀଘ୍ର ନ୍ୟାୟ ମିଳିବାର ସମ୍ଭାବନା ରହୁନାହିଁ ଏବଂ ସାଧାରଣ ନାଗରିକଙ୍କ ପାଇଁ ଦଶନ୍ଧି ଉପରେ ସମୟ ଲାଗିଯାଉଛି ଓ ସ୍ଥଳବିଶେଷରେ ଅନେକଙ୍କର ମୃତ୍ୟୁ ପୂର୍ବରୁ ମଧ୍ୟ ନ୍ୟାୟ ମିଳିପାରୁ ନାହିଁ; ସେଭଳି କ୍ଷେତ୍ରରେ କୌଣସି ବିଚାରପତିଙ୍କ ବଡ଼ବଡ଼ କଥା କହିବାର ଅଧିକାର ନାହିଁ ବୋଲି ଚିନ୍ତା କରାଯାଇପାରେ।

ନ୍ୟାୟପାଳିକାରେ ମହିଳା ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇବା ଧାରାରେ ଅବଶ୍ୟ ଧୀରେ ଧୀରେ ପରିବର୍ତ୍ତନ ଆସୁଥିବା ଲକ୍ଷ୍ୟ କରାଯାଉଛି। ନିକଟରେ ଓଡ଼ିଶା ଜୁଡିସିଆଲ ସର୍ଭିସ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ୫୦ ଜଣ କୃତକାର୍ଯ୍ୟଙ୍କ ମଧ୍ୟରୁ ୨୮ ଛାତ୍ରୀ ଥିବା ବେଳେ ୨୨ ଜଣ ଛାତ୍ର ରହିଛନ୍ତି। ଏଥିସହିତ ପ୍ରଥମ ତିନୋଟି ସ୍ଥାନରେ ଝିଅମାନେ ସ୍ଥାନ ପାଇଥିବା ବେଳେ ଶ୍ରେଷ୍ଠ ୧୦ରେ ୬ ଜଣ ମହିଳା ଅଛନ୍ତି। ନିଶ୍ଚିତ ଭାବେ ଏହି ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଙ୍କ ପାଇଁ ଏହା ଉତ୍ସାହଜନକ ହୋଇପାରିଛି। କିନ୍ତୁ ସାରା ଦେଶର ଚିତ୍ର ଦେଖିଲେ ନ୍ୟାୟପାଳିକାରେ ମହିଳା ବିଚାରପତି ଓ ଅଧିକାରୀଙ୍କ ସଂଖ୍ୟା ଯଥେଷ୍ଟ କମ୍ ରହିଛି। ଏକ ହିସାବରୁ ଜଣାପଡ଼ିଛି ଯେ ଭାରତର ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ହାରାହାରି ୧୨ ପ୍ରତିଶତ ମହିଳା ବିଚାରପତି ଅଛନ୍ତି। ଅନୁରୂପ ଭାବେ ମହିଳା ଆଇନଜୀବୀଙ୍କ କଥା ଦେଖିଲେ ଦେଶର ପଞ୍ଜୀକୃତ ୧୭ ଲକ୍ଷ ଓକିଲଙ୍କ ମଧ୍ୟରେ ଏମାନଙ୍କ ସଂଖ୍ୟା ରହିଛି ମାତ୍ର ୧୫ ପ୍ରତିଶତ। ଆଜିର ସ୍ଥିତିରେ ମହିଳାଙ୍କ ପ୍ରତି ବଢୁଥିବା ଅତ୍ୟାଚାରର ପରିସଂଖ୍ୟାନକୁ ଦେଖିଲେ ମହିଳା ବିଚାରପତିଙ୍କ ସଂଖ୍ୟା ଆହୁରି ବଢ଼ାଇବା ନିତାନ୍ତ ଆବଶ୍ୟକ। ଅବଶ୍ୟ ଏହା ମଧ୍ୟ ସମସ୍ତେ ଜାଣନ୍ତି ଯେ ଅଧିକାଂଶ ପରିବାରରେ ମହିଳାଙ୍କ ପ୍ରତି ଅତ୍ୟାଚାର ମହିଳାଙ୍କ ଦ୍ୱାରା ହୋଇଥାଏ। ଏଠାରେ ମନେପଡ଼େ ୯୦ ଦଶକର ଓଡ଼ିଶା ସରକାରଙ୍କ ସ୍ଲୋଗାନ-'ଶାଶୁ ହାତକଡ଼ି, ନଣନ୍ଦ ବେଡ଼ି'। ସବୁ ପରିବାରରେ ମହିଳାମାନେ ଯଦି ଅନ୍ୟ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ବିରୋଧ କରନ୍ତେ, ତେବେ ବଧୂହତ୍ୟା ଓ ଅନର କିଲିଂ ଭଳି ମାମଲା କୋର୍ଟ କଚେରି ପର୍ଯ୍ୟନ୍ତ ଯାଆନ୍ତା ନାହିଁ। ସେହି ଧାରାରେ ଦେଖିଲେ ମହିଳା ବିଚାରପତିମାନେ ନିଶ୍ଚିତ ଭାବେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ମଲମ ହୋଇପାରିବେ, ମାତ୍ର ସବୁ କ୍ଷେତ୍ରରେ ବିଶ୍ୱାସଯୋଗ୍ୟ ହେଉନାହିଁ।

ଦେଖାଯାଉଛି କୋର୍ଟଗୁଡ଼ିକରେ ମହିଳାମାନେ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥାଆନ୍ତି। ଅଧିକାଂଶ ବୟସ୍କ ପୁରୁଷ ଓକିଲଙ୍କର ମହିଳା ଆଇନଜୀବୀଙ୍କ ପ୍ରତି ସମ୍ମାନ ରହୁନାହିଁ। ସାଧାରଣତଃ କୋର୍ଟ ରୁମ୍‌ଗୁଡ଼ିକ ଭିଡ଼ ରହିବା ଓ ମହିଳାଙ୍କ ପାଇଁ ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁ ଏହି ବୃତ୍ତି ପ୍ରତି ସେମାନଙ୍କ ଆକର୍ଷଣ ରହୁ ନ ଥିବା ଆଲୋଚନା ହେଉଛି। ନିଯୁକ୍ତି ପଦ୍ଧତି ଯୋଗୁ ନ୍ୟାୟପାଳିକାର ପ୍ରାରମ୍ଭିକ ଅବସ୍ଥାରେ ମହିଳା ବିଚାରପତିଙ୍କ ଯୋଗଦାନ ଭଲ ରହୁଛି। କିନ୍ତୁ ଉଚ୍ଚ ନ୍ୟାୟପାଳିକାରେ କଲେଜିୟମ୍ ବ୍ୟବସ୍ଥାରେ ଚୟନ ପ୍ରକ୍ରିୟା ଅସ୍ୱଚ୍ଛ ରହୁଥିବାରୁ ମହିଳାମାନଙ୍କୁ ସେହି ଅନୁଯାୟୀ ପଦୋନ୍ନତି ମିଳିପାରୁ ନ ଥିବା ବାରମ୍ବାର ଅଭିଯୋଗ ହୋଇଥାଏ।

ଏଠାରେ ମନେପଡ଼େ ବିଚାରପତି ପୁଷ୍ପା ଗନେଡିୱାଲା ୨୦୨୧ ଜାନୁୟାରୀ ୨୫ରେ ଏକ ମାମଲା ଉପରେ ଦେଇଥିବା ରାୟ। 'ପ୍ରେସିଂ ବ୍ରେଷ୍ଟସ୍ ୱିଦାଉଟ୍ ସ୍କିନ୍ ଟୁ ସ୍କିନ୍ କନ୍‌ଟାକ୍ଟ ନଟ୍ 'ସେକ୍ସୁଆଲ୍ ଆସଲ୍ଟ' ଅଣ୍ଡର ପୋକ୍‌ସୋ, ରୁଲ୍ସ ବମ୍ବେ ହାଇକୋର୍ଟ। ତାଙ୍କର ସେହି ମତକୁ ସେତେବେଳେ ସବୁଆଡୁ ସମାଲୋଚନା କରାଯାଇଥିଲା। ଉକ୍ତ ରାୟ ଆଧାରରେ ଦେଖିଲେ ସାଧାରଣରେ ଭରତୀୟ ମହିଳାଙ୍କ ମାନସିକତାରେ ପେଟ୍ରିଆର୍‌କି ବା ପୁରୁଷପ୍ରାଧାନ୍ୟ ଚିନ୍ତାଧାରା ପ୍ରବଳମାତ୍ରାରେ ବସାବାନ୍ଧି ରହିଛି। ଅତଏବ କେବଳ ମହିଳା ବିଚାରପତିଙ୍କ ସଂଖ୍ୟା ବଢ଼ିଗଲେ ଏହାର ସମାଧାନ ଆସିପାରିବ ନାହିଁ। ଏଥିଲାଗି ପୁରୁଷ ହୁଅନ୍ତୁ ବା ମହିଳା, ପ୍ରତ୍ୟେକଙ୍କ ପୁରୁଣା ଓ ପଛୁଆ ମାନସିକତାରେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | 2 | | |
| 9 | 4 | | 2 | | 3 | | 1 | 8 |
| | 7 | | | | 4 | 5 | | 6 |
| 1 | | | | 8 | 7 | | | |
| 7 | | | | | | | | |
| | 3 | | 4 | | 1 | | 2 | |
| | | | | | 9 | | | |
| 4 | 6 | 8 | | | 2 | | | 9 |
| | | | | | | | | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 9 | 1 | 7 | 4 | 3 | 6 | 2 |
| 7 | 1 | 4 | 6 | 3 | 2 | 5 | 9 | 8 |
| 3 | 2 | 6 | 8 | 5 | 9 | 7 | 4 | 1 |
| 9 | 7 | 5 | 2 | 6 | 8 | 1 | 3 | 4 |
| 1 | 3 | 8 | 9 | 4 | 7 | 2 | 5 | 6 |
| 4 | 6 | 2 | 3 | 1 | 5 | 8 | 7 | 9 |
| 2 | 5 | 1 | 4 | 9 | 3 | 6 | 8 | 7 |
| 8 | 4 | 3 | 7 | 2 | 6 | 9 | 1 | 5 |
| 6 | 9 | 7 | 5 | 8 | 1 | 4 | 2 | 3 |

ଗତ କାଲିର ଉତ୍ତର

# ଶିଶୁ ହସିଲେ ଦେଶ ହସିବ



ଡ. ସମୀର କୁମାର ନନ୍ଦ

ଆଜିର ଶିଶୁ ଭବିଷ୍ୟତର ନାଗରିକ ଓ ସେହି କ୍ରମରେ ଆଜିର ଶିଶୁଟିଏ ହସିଲେ ନିଶ୍ଚୟ ଆସନ୍ତାକାଲି ଦେଶ ହସିବ। ତେଣୁ ଦେଶରେ ଶିଶୁଟିଏ ସୁରକ୍ଷିତ ଭାବରେ ଓ ଖୁସିରେ ରହିବା ଦରକାର। କିନ୍ତୁ ସେଥିପାଇଁ ଆମେ ଓ ଆମ ସରକାର କେତେ ଯତ୍ନବାନ ତାହା ହେଉଛି ଆଜିର ମୁଖ୍ୟ ଆଲୋଚ୍ୟ ବିଷୟ।

ଜାତିସଂଘର ସାଧାରଣ ପରିଷଦ ୧୯୫୯ ନଭେମ୍ବର ୨୦ ଦିନ ଶିଶୁ ଅଧିକାର ସମ୍ପର୍କିତ ଘୋଷଣାନାମା ଓ ୧୯୮୯ ନଭେମ୍ବର ୨୦ରେ ଶିଶୁ ଅଧିକାର ସମ୍ପର୍କିତ ସମ୍ମିଳନୀକୁ ଗ୍ରହଣ କରିଥିବାରୁ ସମଗ୍ର ବିଶ୍ୱରେ ନଭେମ୍ବର ୨୦କୁ ବିଶ୍ୱ ଶିଶୁ ଦିବସ ଭାବେ ପାଳନ କରାଯାଏ। ଆଜି ଆମ ଦେଶରେ ଶିଶୁ ଦିବସ ପାଳନ କରୁଛୁ। ଶିଶୁ ଦିବସ ପ୍ରଥମେ ଆମେରିକାର ଚେଲସିଆସ୍ଥିତ ଧର୍ମଯାଜକ ଡ. ଚାର୍ଲସ ଲିଓନାର୍ଡଙ୍କ ଦ୍ୱାରା ୧୮୫୭ରେ ଆରମ୍ଭ ହୋଇଥିଲା। ସେ ପ୍ରଥମେ ଶିଶୁମାନଙ୍କ ପାଇଁ ଏହି ଦିବସକୁ ରୋଜ ଡେ ପରେ ଫ୍ଲାୱାର ସଣ୍ଡେ ଓ ପରେ ପରେ ଶିଶୁ ଦିବସ ବୋଲି ନାମକରଣ କରିଥିଲେ। ଆମ ଦେଶରେ ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ନଭେମ୍ବର ୧୪ ଦିନ ଶିଶୁ ଦିବସ ପାଳନ କରାଯାଏ। ଆମେ ନଭେମ୍ବର ୧୪ ଦିନ ଶିଶୁ ଦିବସ ହେଉ କିମ୍ବା ଜୁନ ୧୨ରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରି କର୍ତ୍ତବ୍ୟ ସାରିଦେଲେ କ'ଣ ଆମ ଦେଶର ଶିଶୁ ସୁରକ୍ଷିତ ହୋଇଯିବ?

ସ୍ୱାସ୍ଥ୍ୟ, ଶିକ୍ଷା, ପୁଷ୍ଟିହୀନତା ଓ ଶିଶୁ ଶ୍ରମିକ ପ୍ରଥାର ବିଲୋପ ଆଜି ଗମ୍ଭୀର ସମସ୍ୟାକୁ ସମ୍ପୂର୍ଣ୍ଣ ରୂପେ ସମାଧାନ କରିପାରିଲେ ଯାଇ ଆମେ ଶିଶୁ ସୁରକ୍ଷା କ୍ଷେତ୍ରରେ ସଫଳ ହୋଇପାରିବା। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ-୫ ଅନୁଯାୟୀ ଓଡ଼ିଶା ବାଲ୍ୟବିବାହ କ୍ଷେତ୍ରରେ ସାମଗ୍ରିକ ଭାବେ ଜାତୀୟ ହାରଠାରୁ ତଳେ ଅଛି। ହେଲେ ବେଶ୍ କିଛି ଜିଲା ଏ କ୍ଷେତ୍ରରେ ଜାତୀୟ ହାରଠାରୁ ଢେର ଉପରେ ଅଛନ୍ତି। ଓଡ଼ିଶାରେ ୨୧.୩% ଝିଅ ବାଲ୍ୟ ବିବାହ କରୁଛନ୍ତି, ଯେତେବେଳେ କି ଜାତୀୟ ହାର ୨୬.୮% ରହିଛି।

ଶିଶୁ ଶ୍ରମିକ ପ୍ରଥା ଏବେ ଏକ ମୁଖ୍ୟ ସମସ୍ୟା। ଆମ ରାଜ୍ୟରେ ଶିଶୁ ଶ୍ରମିକ ପ୍ରଥା ଏଯାବତ୍ ବଞ୍ଚି ରହିଛି। ଗତ କିଛି ଦିନ ତଳେ ପୋଲିସ ଚଢ଼ାଉ ସମୟରେ ଆନ୍ଧ୍ରପ୍ରଦେଶକୁ ଚାଲାଣ ହେଉଥିଲା ବେଳେ କଣ୍ଟାବାଞ୍ଜି ରେଳଷ୍ଟେଶନରୁ ୧୮ ଜଣ ନାବାଳକଙ୍କ ସମେତ ୫୨ ଜଣ ଦାଦନ ଶ୍ରମିକ, ବଲାଙ୍ଗୀର ଜିଲା ଖପ୍ରାଖୋଲ ଅଞ୍ଚଳରେ ଚାରିଜଣ ଶିଶୁଙ୍କ ସହିତ ସାତ ଜଣ ଦାଦନ ଶ୍ରମିକ, ଭେଲୁଆଖୋଲ ଗାଁ ନିକଟରେ ଏକ ବସ୍‌ରୁ ଆଠଜଣ ଶିଶୁଙ୍କ ସହିତ ଚଉଦ ଜଣ ଦାଦନ ଶ୍ରମିକ ଉଦ୍ଧାର ହୋଇଥିଲେ। ଆମ ସମାଜରେ ଶିଶୁ ଶ୍ରମିକ ପ୍ରଥାକୁ ଅନେକାଂଶରେ ପ୍ରୋତ୍ସାହନ ଦାରିଦ୍ର୍ୟ ଓ ପ୍ରାଥମିକ ଶିକ୍ଷାର ଅଭାବ ହିଁ ଯୋଗାଇଥାଏ। ଦେଶରେ ବିଭିନ୍ନ ଜନଗଣନା ସମୟରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ହେବାରୁ ଗୁରୁପଦ ସ୍ୱାମୀ କମିଟିଙ୍କ ରିପୋର୍ଟ ଆଧାରରେ ସରକାର ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ମାଧ୍ୟମରେ ୧୯୮୮ରେ ଶିଶୁ ଶ୍ରମିକମାନଙ୍କ ପାଇଁ ବିଶ୍ୱର ସର୍ବବୃହତ୍ ପ୍ରକଳ୍ପ 'ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ' ଖୋଲି ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ଉଭୟ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପ୍ରଦାନ କରି ସେହି ଶିଶୁମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରିଥିଲେ। ଫଳସ୍ୱରୂପ ଆମ ରାଜ୍ୟରେ ୨୦୦୧ ଓ ୨୦୧୧ ଜନଗଣନା ଅନୁସାରେ କ୍ରମାଗତ ଭାବେ ଶିଶୁ ଶ୍ରମିକମାନଙ୍କ ସଂଖ୍ୟା ହ୍ରାସ ପାଇଥିଲା। ସାରା ଦେଶରେ ମଧ୍ୟ ଏହି ପ୍ରକଳ୍ପ ପ୍ରଭାବରେ ୨୦୦୧ରୁ ୨୦୧୧ ଭିତରେ ୮୩ ଲକ୍ଷରୁ ଅଧିକ ଶିଶୁ ଶ୍ରମିକ ସଂଖ୍ୟା ହ୍ରାସ ପାଇଥିଲା। ଆମ ଦେଶର ବାର୍ଷିକ ବଜେଟ ପ୍ରାୟ ୪୦ ଲକ୍ଷ କୋଟି ହୋଇ ଥିଲାବେଳେ ଶିଶୁ ଶ୍ରମିକ ପ୍ରବଣ ୨୧ଟି ରାଜ୍ୟର ୩୧୩ ଜିଲାରେ ପରିଚାଳିତ ଉକ୍ତ ପ୍ରକଳ୍ପର ପରିଚାଳନା ପାଇଁ ବାର୍ଷିକ ମାତ୍ର ୧୯୦ କୋଟି ଟଙ୍କା ଖର୍ଚ୍ଚ ହେଉଥିଲା, ଯାହାକି ଅନ୍ୟ ବିଭାଗର ବ୍ୟୟବରାଦ ତୁଳନାରେ ଅତ୍ୟନ୍ତ ନଗଣ୍ୟ। ପୁନଶ୍ଚ ଉକ୍ତ ପ୍ରକଳ୍ପ ଯୋଗୁ ଆମ



ରାଜ୍ୟ ସମେତ ସମଗ୍ର ଦେଶରେ ଲକ୍ଷ ଲକ୍ଷ ଶିଶୁ ଶ୍ରମିକ ଉଦ୍ଧାର ହୋଇ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ ହେବା ସହିତ ଆଜି ବିଭିନ୍ନ ପ୍ରକାରର ଉଚ୍ଚ ପଦବୀରେ କାର୍ଯ୍ୟରତ। କିନ୍ତୁ ପରିତାପର ବିଷୟ, ଏକତରଫା ଭାବେ ସରକାର ଉକ୍ତ ପ୍ରକଳ୍ପକୁ ସମଗ୍ର ଶିକ୍ଷା ଅଭିଯାନ ସହିତ ମିଶ୍ରଣ କରିଦେଲେ। ଏଠାରେ ପ୍ରକାଶଯୋଗ୍ୟ, ଯେଉଁ ଶିକ୍ଷା ବ୍ୟବସ୍ଥା ଥାଇ ମଧ୍ୟ ଓ ଯାହାର ଅସଫଳତା ପାଇଁ ଶିଶୁ ଶ୍ରମିକ ପ୍ରଥା ମୁଣ୍ଡ ଟେକିଥିଲା ସେହି ଶିକ୍ଷା ବ୍ୟବସ୍ଥା ଦେଶରେ ଶିଶୁ ଶ୍ରମିକ ପ୍ରଥାର ବିଲୋପ କରିପାରିବ ତ? ୟୁନିସେଫ୍ ତଥ୍ୟ ଅନୁଯାୟୀ, ଦେଶରେ ୨୦୧୮-୨୨ ମଧ୍ୟରେ ୬.୧ ନିୟୁତ ସଂଖ୍ୟକ ୬-୧୩ ବୟସର ଶିଶୁ ବିଦ୍ୟାଳୟ ବାହାରେ ଥିଲେ। ୨୦୨୦ ମାର୍ଚ୍ଚରେ ପ୍ରକାଶିତ ତଥ୍ୟ ଅନୁସାରେ ଓଡ଼ିଶାରେ ୨୦ରୁ କମ୍ ଉପସ୍ଥାନ ଥିବା ୬୩୦୦ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଛି।

ୟୁନେସ୍କୋ ତଥ୍ୟ ଅନୁଯାୟୀ, ଗତ ଆଠ ବର୍ଷରେ ଦେଶରେ ଖୋଲିଥିବା ପ୍ରତି ୧୦ ବିଦ୍ୟାଳୟ ମଧ୍ୟରେ ୭ଟି ବେସରକାରୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ। ସେହିପରି ୨୦୨୧ ଡିସେମ୍ବର ତଥ୍ୟ ଅନୁସାରେ ଦେଶରେ ସେକେଣ୍ଡାରୀ ସ୍ତରରେ ଡ୍ରପ୍ ଆଉଟ୍ ମାତ୍ର ୧୬.୧% ଥିଲାବେଳେ ରାଜ୍ୟରେ ୧୬.୦୬% ରହିଛି। ତାହାହେଲେ ଉକ୍ତ ଛାତ୍ରୀଛାତ୍ର ବିଦ୍ୟାଳୟ ନ ଆସି କୁଆଡ଼େ ଯାଉଛନ୍ତି? ଜିଲାସ୍ତରୀୟ ଶିଶୁ ଶ୍ରମିକ ସର୍ବେକ୍ଷଣ ସମୟରେ ଚିହ୍ନଟ ହେଉଥିବା ଅଧିକାଂଶ ଶିଶୁ ଶ୍ରମିକଙ୍କ ନାମ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ଥାଏ। କିନ୍ତୁ ସେମାନେ ପ୍ରତ୍ୟହ ବିଦ୍ୟାଳୟକୁ ନ ଯାଇ କାର୍ଯ୍ୟକ୍ଷେତ୍ରରେ ଦେଖିବାକୁ ମିଳନ୍ତି। ଯେଉଁ ଶିକ୍ଷା ବ୍ୟବସ୍ଥାରେ ଏତେ ପରିମାଣରେ ଡ୍ରପ୍ ଆଉଟ୍ ସେହି ଶିକ୍ଷାବ୍ୟବସ୍ଥା ଶିଶୁଶ୍ରମିକ ପ୍ରଥା ପରି ଅତ୍ୟନ୍ତ ସମ୍ବେଦନ ପ୍ରସଙ୍ଗକୁ କେଉଁ ପ୍ରକାରରେ ପ୍ରତିହତ କରିପାରିବ ତାହା ସମୟ କହିବ।

ନିକଟରେ ପ୍ରକାଶିତ କ୍ଷୁଧା ସୂଚକାଙ୍କ ତାଲିକା ଅନୁଯାୟୀ ଭାରତରେ ଶିଶୁମାନଙ୍କ ବିକାଶ ହାର ମାତ୍ର ୧୯.୩%। ବିଶ୍ୱର ଅନ୍ୟ ବିକାଶଶୀଳ ଦେଶଗୁଡ଼ିକ ତୁଳନାରେ ଏହି ହାର ନୈରାଶ୍ୟଜନକ। ଶିଶୁଙ୍କ ଉଚ୍ଚତା ଅନୁସାରେ ଓଜନ ବଢୁନି, ମାନସିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହେଉଛି। ପୁଷ୍ଟିକର ଖାଦ୍ୟର ଅଭାବ ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବାର ଅଭାବ ଏଭଳି ସ୍ଥିତିର କାରଣ ବୋଲି କୁହାଯାଉଛି। ଏସବୁ ତଥ୍ୟରୁ ଆମେ ଜାଣିପାରିବା ଆମ ଶିଶୁ କେତେ ସୁରକ୍ଷିତ? ସୁତରାଂ, ଶିଶୁ ସୁରକ୍ଷା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ଏଥିପାଇଁ ସରକାର ଯେ କେବଳ ପଦକ୍ଷେପ ନେବେ ତାହା ଭାବିବା ଅନୁଚିତ। ଆମେ ସମସ୍ତେ ଯଦି ଏଥିପାଇଁ ନିଃସ୍ୱାର୍ଥପର ଭାବେ ପଦକ୍ଷେପ ନେବା, ତେବେ ଏକ ସୁରକ୍ଷିତ ଶିଶୁ ସମାଜ ଗଠନରେ ଆମେ ସଫଳ ହୋଇପାରିବା ସହିତ ଶିଶୁ ଦିବସ ପାଳନ କରିବାର ଯଥାର୍ଥତା ରହିବ।

କଚେରି ସାହି, ଦେବଗଡ଼
ମୋ: ୯୪୩୭୨୧୮୯୧୭

# ମଧୁମେହ ଓ ଆମ ଜୀବନଶୈଳୀ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର

ଗତ ୧୦-୧୫ ବର୍ଷ ମଧ୍ୟରେ ଭାରତରେ ରୋଗୀ ବୋଝ ଏବେ ସଂକ୍ରାମକ ରୋଗଠାରୁ ଅଣସଂକ୍ରାମକ ରୋଗ ଆଡ଼କୁ ଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଦେଶରେ ୬କୋଟିରୁ ଊର୍ଦ୍ଧ୍ୱ ଜନତା ମଧୁମେହରେ ଆକ୍ରାନ୍ତ। ବିଜ୍ଞାନ ପତ୍ରିକା ଦି ଲାନ୍‌ସେଟର ରିପୋର୍ଟ ଅନୁଯାୟୀ ୧୯୮୦ରୁ ୨୦୨୧ ମସିହା ମଧ୍ୟରେ ଭାରତରେ ପୁରୁଷଙ୍କଠାରେ ମଧୁମେହ ୩.୭ ପ୍ରତିଶତରୁ ୯.୧ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ମହିଳାଙ୍କଠାରେ ମଧୁମେହ ୪.୬ ପ୍ରତିଶତରୁ ୮.୩ ପ୍ରତିଶତକୁ ବୃଦ୍ଧି ପାଇଛି। ବିଶେଷଜ୍ଞମାନଙ୍କ ମତ ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ଆସନ୍ତା ଦୁଇ ଦଶକ ମଧ୍ୟରେ ୧୨କୋଟିକୁ ଛୁଇଁବ। ମଧୁମେହ ଓ ତଜ୍ଜନିତ ସ୍ୱାସ୍ଥ୍ୟ ସମସ୍ୟା ଦିଗରେ ଗବେଷଣା କରୁଥିବା ସଂସ୍ଥା ପାର୍ଟନରଶିପ୍ ଟୁ ଫାଇଟ କ୍ରୋନିକ ଡିଜିଜ୍ ବା ପିଏଫ୍‌ସିଡିର ଅଧ୍ୟକ୍ଷ ଡ. କେନ୍‌ଥ ଥ୍ରୋପେ ଏ ନେଇ ନିଜର ଚିନ୍ତାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଟାଇପ୍-୨ ଡାଇବେଟିସ୍ ମାନବ ଇତିହାସର ସବୁଠାରୁ ବଡ଼ ଜନସ୍ୱାସ୍ଥ୍ୟ ପ୍ରସଙ୍ଗ ଓ ସର୍ବବୃହତ୍ ମହାମାରୀ ପାଲଟିବାକୁ ଯାଉଛି। ଏହା ଆର୍ଥିକ ବିକାଶ କ୍ଷେତ୍ରରେ ମଧ୍ୟ ସବୁଠାରୁ ବଡ଼ ପ୍ରତିବନ୍ଧକ ହେବ। ଏହାଛଡ଼ା ଏହି ରୋଗର ନିରାକରଣ ଓ ନିୟନ୍ତ୍ରଣ ପାଇଁ ମଧ୍ୟ ବିପୁଳ ଅର୍ଥ ବ୍ୟୟ ହେବ। ଆକଳନ ଅନୁଯାୟୀ ମଧୁମେହ ଓ ତଜ୍ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ବର୍ତ୍ତମାନ ୨୧୫-୩୭୫ ବିଲିୟନ ଡଲାର ବ୍ୟୟ ହେଉଛି। ଏହି ପରିମାଣ ଦିନକୁ ଦିନ ବଢୁଛି।

ଭାରତୀୟ ସହରାଞ୍ଚଳରେ ତ୍ରୁଟିପୂର୍ଣ୍ଣ ଆଧୁନିକ ଜୀବନଶୈଳୀ ମଧୁମେହ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କେତେକ କ୍ୟାନ୍‌ସର ପରି ଅଣ ସଂକ୍ରାମକ ରୋଗ ପାଇଁ ମୁଖ୍ୟତଃ ଦାୟୀ। ସତେଜ ଖାଦ୍ୟ ତୁଳନାରେ ଅଧିକ ପରିମାଣର ପ୍ରକ୍ରିୟାକୃତ ଓ ଫ୍ୟାଟ ବିଶିଷ୍ଟ ଖାଦ୍ୟ ସହ ଶାରୀରିକ ପରିଶ୍ରମ ଅଭାବ ମଧୁମେହର ଆଶଙ୍କାକୁ ବହୁଗୁଣିତ କରିଛି ଭାରତୀୟ ସହରମାନଙ୍କରେ। ଏହି ଖାଦ୍ୟ ମେଦବହୁଳତାର କାରଣ ହେଉଛି। ମେଦ ବହୁଳତା ମଧ୍ୟ ମଧୁମେହ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ। ମେଦ ବହୁଳତା ମଧୁମେହର ଆଶଙ୍କା ଦ୍ୱିଗୁଣିତ କରୁଛି। ଜଣେ ଠିକ୍ ଓଜନର ବ୍ୟକ୍ତି ତୁଳନାରେ ଅତ୍ୟଧିକ ମୋଟାଲୋକର ମଧୁମେହ ଆଶଙ୍କା ପ୍ରାୟ ଦଶଗୁଣ ବଢ଼ିଯାଏ। ସଚେତନତାର ଅଭାବ, ସ୍ୱାସ୍ଥ୍ୟ ଉପରେ ନଜରର ଅଭାବ, ରୋଗ ପରୀକ୍ଷାରେ ବିଳମ୍ବ ସହ ଚିକିତ୍ସାରେ ଅବହେଳା - ସବୁ ମିଶି ମଧୁମେହକୁ ମହାମାରୀରେ ପରିଣତ କରିବାକୁ ଯାଉଛି। ଭାରତରେ ଯେତେ ଲୋକ ମଧୁମେହରେ ପୀଡ଼ିତ ସେମାନଙ୍କ ମଧ୍ୟରୁ ମାତ୍ର ୫୦ ପ୍ରତିଶତ ହିଁ ନିଜ ରୋଗ ବିଷୟରେ ଜାଣନ୍ତି। ଅନେକ ମଧୁମେହୀ କେବେ ନିଜର ଶର୍କରା ପରୀକ୍ଷା ମଧ୍ୟ କରି ନ ଥାନ୍ତି। ଏହାଛଡ଼ା ଅନ୍ୟ ଏକ ବିପଦ ଭାରତୀୟମାନଙ୍କର ଜିନ୍‌କୁ ନେଇ। ଭାରତୀୟ ଗୁଣସୂତ୍ରରେ ଏହି ରୋଗ ଅଧିକ ଲୁଚି ରହିଥାଏ ପାଶ୍ଚାତ୍ୟ ଦେଶର ବାସିନ୍ଦାଙ୍କ ତୁଳନାରେ। ଅର୍ଥାତ୍ ପ୍ରାକ୍ ମଧୁମେହ ପରିସ୍ଥିତି ଏଠାରେ ଅଧିକ। କିନ୍ତୁ ଶୀଘ୍ର ଚିହ୍ନଟ ନ ହେବା କାରଣରୁ ଏହା ମଧୁମେହରେ ପରିଣତ ହେବାକୁ ବିଳମ୍ବ ହେଉନି। ଭାରତରେ ପରିବେଶ, କନେଟିକ୍, ଆଭ୍ୟନ୍ତରୀଣ ଶାରୀରିକ ସଂରଚନା ଓ ପାଚନକ୍ରିୟାରେ ତ୍ରୁଟି ସବୁମିଶି ମଧୁମେହୀଙ୍କ ସଂଖ୍ୟା ବୃଦ୍ଧି କରିଥାଏ। ଚଳିତବର୍ଷ ଆଦ୍ୟଭାଗରେ ପ୍ରକାଶିତ ଡାଇବେଟିସ୍ ମେଡିସିନ



ଅଧ୍ୟୟନ ଅନୁଯାୟୀ ଦକ୍ଷିଣ ଏସୀୟ ପୁରୁଷ ଓ ମହିଳା ଉଭୟେ ମଧୁମେହପ୍ରବଣ। ସମାନ ବୟସ ଓ ଜୀବନ ମାନର ଧଳା ୟୁରୋପୀୟଙ୍କ ତୁଳନାରେ ଦକ୍ଷିଣ ଏସୀୟଙ୍କର ମଧୁମେହ ଆଶଙ୍କା ୩-୪ଗୁଣ ଅଧିକ। ଟାଇପ୍-୨ ଡାଇବେଟିସ ପାଶ୍ଚାତ୍ୟବାସୀଙ୍କ ତୁଳନାରେ ଦକ୍ଷିଣ ଏସୀୟମାନଙ୍କୁ ଏକ ଦଶନ୍ଧି ପୂର୍ବରୁ ଯନ୍ତ୍ରଣା ଦେବା ଆରମ୍ଭ କରିଥାଏ। ମଧୁମେହଜନିତ କିଡ୍‌ନୀ ସମସ୍ୟା ମଧ୍ୟ ଦକ୍ଷିଣ ଏସୀୟମାନଙ୍କୁ ଦଶବର୍ଷ ଆଗୁଆ ଆକ୍ରମଣ କରିଥାଏ। ମଧୁମେହ ନିରାକରଣର ମୁଖ୍ୟ ଅଙ୍ଗ ସଚେତନତା। ତେଣୁ ଜାତୀୟ ସ୍ତରରେ ଏକ ପ୍ରଭାବଶାଳୀ ସ୍ୱଳ୍ପବ୍ୟୟୀ, ରୂପାୟନ ଓ କ୍ରିୟାଶୀଳ ଯୋଗୁ ରଣନୀତି ଆବଶ୍ୟକ ମଧୁମେହକୁ ଅଟକାଇବା ପାଇଁ ଜରୁରୀ ବୋଲି କହିଛନ୍ତି ଡ. ଥ୍ରୋପେ। ଆମ ଦେଶର ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ ଓ ଡ. ଥ୍ରୋପେଙ୍କ ଅନୁଷ୍ଠାନ ମଧ୍ୟରେ ଏକ ବୁଝାମଣା ହୋଇଛି। ଥ୍ରୋପେଙ୍କ ଅନୁଷ୍ଠାନ ମଧୁମେହର ବୃଦ୍ଧିକୁ ଅଟକାଇବା ସହ ଏହାକୁ ହ୍ରାସ କରିବା ଦିଗରେ ଅଭିଯାନରେ ସାମିଲ। ଏଥିପାଇଁ ସରକାର, ଏନ୍‌ଜିଓ ଓ କର୍ପୋରେଟ କ୍ଷେତ୍ରରେ ମଧ୍ୟ ଅନୁବନ୍ଧନ ଜରୁରୀ ବୋଲି ଡ. ଥ୍ରୋପେଙ୍କ ମତ। ସ୍ୱାସ୍ଥ୍ୟସେବା କର୍ମୀଙ୍କୁ ତାଲିମ ଦେବା ସହ ସେମାନଙ୍କୁ ଡାକ୍ତରୀ ଶିକ୍ଷା, ରୋଗ ଚିହ୍ନଟ ଉପକରଣ, ପ୍ରତିଷେଧକ ସେବା ଯୋଗାଇବା ନିମନ୍ତେ ପବ୍ଲିକ-ପ୍ରାଇଭେଟ ସହଯୋଗିତା ସବୁଠାରୁ ଅଧିକ କାମ୍ୟ ବୋଲି ସେ କହିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୧୭ରେ ମଧୁମେହ ଚିହ୍ନଟକୁ ଗୁରୁତ୍ୱ ଦିଆଯାଇଛି। ମାତ୍ର ସଚେତନତା ଅଭାବରୁ ଲୋକମାନେ ରୋଗ ଚିହ୍ନଟ ପାଇଁ ଆସୁନାହାନ୍ତି। ତେଣୁ ଏ କ୍ଷେତ୍ରରେ ସବୁଠାରୁ ଜରୁରୀ ସଚେତନତା।

ଅନ୍ତଃରାଷ୍ଟ୍ରୀୟ ମଧୁମେହ ସଂଘର ସୂଚନା ଅନୁଯାୟୀ ଟାଇପ-୨ ମଧୁମେହ ଓ ମେଦ ବହୁଳତାର ଶିକାର ବ୍ୟକ୍ତିବିଶେଷଙ୍କ ପାଇଁ ବାରିଆଟ୍ରିକ୍ ସର୍ଜରି ବା ଓଜନ ନିୟନ୍ତ୍ରଣ ଅସ୍ତ୍ରୋପଚାର ଏକ ଉପଯୋଗୀ ଚିକିତ୍ସା। ଔଷଧ ଓ ଅନ୍ୟାନ୍ୟ ଉପଚାର ଦ୍ୱାରା ମଧ୍ୟ ସହଜରେ ଓଜନ ହ୍ରାସ ଅସ୍ତ୍ରୋପଚାର ପରି ସୁଫଳ ମିଳିବା ସମ୍ଭବ ନୁହେଁ। ଗତ ଦୁଇଦଶକ ଧରି ମଧୁମେହଙ୍କ ନିମନ୍ତେ ଏଣ୍ଡୋସ୍କୋପିକ୍ ଡାଇବେଟିକ୍ ସର୍ଜରି ସବୁଠାରୁ ସଫଳ ଚିକିତ୍ସା ପଦ୍ଧତି ଭାବରେ ପରିଗଣିତ ହେଉଛି। ଡାଇବେଟିସ୍ ବିଶ୍ୱରେ କିଡ୍‌ନୀ ଅଚଳ ହେବାର ମୁଖ୍ୟ କାରଣ। ଏହାଛଡ଼ା ଘା' ନ ଶୁଖିବା ଯୋଗୁ ହଜାର ହଜାର ମଧୁମେହୀ ନିଜର ହାତ ବା ଗୋଡ଼ ହରାଇଥାନ୍ତି। ତେବେ ଏହା ବୟସ୍କମାନଙ୍କର ଦୃଷ୍ଟିହୀନତାର ମୁଖ୍ୟ କାରଣ। ପ୍ରାୟ ୫ ଅଯୁତ ବୟସ୍କଙ୍କର ଚକ୍ଷୁ ନଷ୍ଟ ହେବାର କାରଣ ଏହି ମଧୁମେହ। ଏହାଛଡ଼ା ମଧୁମେହ ଅନେକାଂଶରେ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତର କାରଣ। ଶୁଣା ନ ଯିବା ମଧ୍ୟ ମଧୁମେହ କାରଣରୁ ହୋଇଥାଏ। ତେଣୁ ମଧୁମେହୀମାନେ ନିୟମିତ ଭାବରେ ପାଦ, ଚକ୍ଷୁ ଓ ଇଏନ୍‌ଟି ବିଶାରଦଙ୍କ ପରାମର୍ଶ ନେବା ଆବଶ୍ୟକ। ମଧୁମେହର ସବୁଠାରୁ ଯନ୍ତ୍ରଣାଦାୟକ ପାର୍ଶ୍ୱ ପ୍ରଭାବ ଭୋଗ କରେ ପାଦ। ମଧୁମେହରେ ପାଦକୁ ରକ୍ତ ସଞ୍ଚାଳନ କମ୍ ହୋଇଯାଏ। ଏହାକୁ କୁହାଯାଏ ଗିଙ୍ଗ୍ରୋଲ ଭସ୍କୁଲାର ଡିଜିଜ୍।

ମଧୁମେହ ମୁଖ୍ୟତଃ ଏକ ଜୀବନଶୈଳୀ ରୋଗ। ତେଣୁ ଏହାର ନିରାକରଣ ସମ୍ଭବ। ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବା ସହ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିଥାଏ। ଏହା ହିଁ ମଧୁମେହକୁ ନିୟନ୍ତ୍ରଣ କରିବା ଓ ଅଟକାଇବା ନିମନ୍ତେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

- ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ: ୯୪୩୭୦୫୧୯୫୭

## ଏଇ ଭାରତରେ

ଆଦିବାସୀ ଓ ଅସହାୟ ସମୁଦାୟଙ୍କ ପିଲା ଏବଂ ଅନାଥମାନଙ୍କ ଆଶାବାଡ଼ି ପାଲଟିଛନ୍ତି ପୁଡୁଚେରୀର ଆଲିସ୍ ଥୋମାସ୍। ସେ ଦୀର୍ଘ ୩୨ ବର୍ଷ ହେଲା ଏଭଳି ପିଲାମାନଙ୍କୁ ଶିକ୍ଷା ଦେଇ ବିଭିନ୍ନ ଚାକିରି ପାଇଁ ଯୋଗ୍ୟ କରିପାରିଛନ୍ତି। ମୋଟ୍‌ରେ ୧୫୦ ପିଲା ବିଭିନ୍ନ ପଦପଦବୀରେ ଅବସ୍ଥାପିତ ହୋଇଛନ୍ତି। ଆଲିସ୍‌ଙ୍କୁ ୨୧ ବର୍ଷ ହୋଇଥିବାବେଳେ ସେ ପ୍ରଥମେ ଜଣେ ଅସହାୟ ପିଲାକୁ ଘରକୁ ଆଣି ରଖି ତାକୁ ପଢ଼ାଇଥିଲେ। ପରେ ଅଧିକ ପିଲା ତାଙ୍କ ପାଖକୁ ଆସିବାରୁ ରହୁଥିବା ଘର ପାଖରେ ଏକ ଘର ଭଡ଼ା ନେଲେ। ପିଲାସଂଖ୍ୟା ବୃଦ୍ଧି ପାଇବାରୁ ସେ 'ଉଦ୍ଭବୀ ଗରାଙ୍ଗଲ' ଏନ୍‌ଜିଓ ଗଠନ କରି ତାଙ୍କ ପେସାକୁ ଆଗକୁ ବଢ଼ାଇଥିଲେ। ସେ ମଧ୍ୟ ଏକ ସ୍କୁଲ ଖୋଲିଛନ୍ତି। ସେଠାରେ ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ସହ ଭୋକେଶନାଲ ପ୍ରଶିକ୍ଷଣ ଦେଉଛନ୍ତି। ଏହି ସ୍କୁଲ ସେ ପୁଡୁଚେରୀର ନୋନାନ୍‌କୁପ୍ପାମ୍‌ରେ ଚଳାଇଛନ୍ତି। ପିଲାମାନଙ୍କ ରହିବା, ଖାଇବା ଓ ପିଇବା ଖର୍ଚ୍ଚ ସେ ବିଭିନ୍ନ ବ୍ୟକ୍ତି, ଅନୁଷ୍ଠାନ ଓ ସରକାରୀ ଅନୁଦାନରେ ଚଳାଇଛନ୍ତି। ତେବେ ସବୁଠୁ ବଡ଼ କଥା ହେଉଛି ଯେଉଁ ପିଲାମାନଙ୍କୁ ଆଲିସ୍ ଆରମ୍ଭରୁ ପଢ଼ାଇଥିଲେ ସେମାନଙ୍କ ମଧ୍ୟରୁ ବିଭିନ୍ନ ପଦପଦବୀରେ ରହି ଏଥିଲାଗି ଆର୍ଥିକ ସହଯୋଗ କରିବାରେ ଲାଗିଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସ୍କୁଲରେ ଅନ୍ୟ ଅବହେଳିତ ପିଲାମାନଙ୍କୁ ପଢ଼ାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ନଭେମ୍ବର ୧୯୯୭

- ଅସ୍ତ୍ରଶସ୍ତ୍ର ତଦାରଖକାରୀ ଦଳକୁ ଇରାକରୁ ଫେରାଇ ନେବାକୁ ଜାତିସଂଘର ସ୍ୱତନ୍ତ୍ର କମିଶନର ମୁଖ୍ୟ ରିଚାର୍ଡ ବଟଲରଙ୍କ ଘୋଷଣା।
- ଗୁଜରାଟରେ ସଂଖ୍ୟାଲଘୁ ରାଷ୍ଟ୍ରୀୟ ଜନତାପାର୍ଟି (ଆର୍‌ଜେଡି) ସରକାରର ମୁଖ୍ୟମନ୍ତ୍ରୀ ଦିଲ୍ଲୀପ ପାରିଖ ଆସ୍ଥା ଭୋଟ୍‌ରେ ବିଜୟୀ।
- ଯାଜପୁର ଜିଲାର ଆସିଆ ପର୍ବତମାଳାରେ ୪୦ଟି ପ୍ରାଚୀନ ବୌଦ୍ଧ ଗୁମ୍ଫା ଆବିଷ୍କୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟାଳୟ ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ଉତ୍କଳମଣି ଗୋପବନ୍ଧୁ ଓ ତାଙ୍କ ସତୀର୍ଥମାନଙ୍କ ଦ୍ୱାରା ପ୍ରତିଷ୍ଠିତ ମଣିଷ ତିଆରି କାରଖାନା ସଦୃଶ ସତ୍ୟବାଦୀ ବିଦ୍ୟାଳୟର ରୂପାନ୍ତରୀକରଣ ହୋଇ ସୁନ୍ଦର ହୋଇଛି। ହେଲେ ଏଠାରେ ଥିବା ପ୍ରଧାନ ଶିକ୍ଷକ ସମେତ ୪ ଜଣ ବରିଷ୍ଠ ଶିକ୍ଷକ ପଦୋନ୍ନତି ପାଇ ଅନ୍ୟାନ୍ୟ ସ୍କୁଲରେ ଯୋଗଦେବାର ଅନେକ ଦିନ ବିତିଯାଇଥିଲେ ମଧ୍ୟ ଉକ୍ତ ବିଦ୍ୟାଳୟର ଶିକ୍ଷକ ପଦବୀଗୁଡ଼ିକ ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ତେଣୁ ପିଲାଙ୍କ ପାଠପଢ଼ାରେ ଘୋର ଅସୁବିଧା ହେଉଛି। ଉପରିସ୍ଥ ଅଧିକାରୀମାନେ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାଦ୍ୱାରା ଅଭିଭାବକଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଉଛି। ଆଗକୁ ପରୀକ୍ଷା ଥିବା ବେଳେ ପାଠ୍ୟକ୍ରମଗୁଡ଼ିକ ଆଗେଇ ପାରୁନାହିଁ। ଏଥିପାଇଁ ସରକାର ତୁରନ୍ତ ଦୃଷ୍ଟି ଦିଅନ୍ତୁ।

- ବନମାଳୀ ବେହେରା, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପାଞ୍ଚ ଇନ୍ଦ୍ରିୟେ ଷଡ଼ରିପୁ କଲେ ବିହାର
ମହାତୋଷେ
ସରସ ହୋଇଲା ଏ ଦେହର ଦଶ ଦୁଆର
ନବରସେ।
(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଅଖିଳ ଗିରିଙ୍କ ନାଁରେ ଭାଜପା ଏମ୍‌ପିଙ୍କ ଏତଲା**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିବା ଟିଏମ୍‌ସି ନେତା ଅଖିଳ ଗିରିଙ୍କ ବିରୋଧରେ ହୁଗ୍‌ଲିର ଭାଜପା ଏମ୍‌ପି ଲକେଟ୍ ଚାଟାର୍ଜୀ ରବିବାର ଥାନାରେ ଏତଲା ଦେଇଛନ୍ତି। ଭାଜପା ନେତା ଦିଲ୍ଲୀର ନର୍ଥ ଆଭିନ୍ୟୁ ଥାନାରେ ପହଞ୍ଚି ଅଭିଯୋଗ ଦାଏର କରିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମହିଳା ହୋଇ ମଧ ଏହି ପ୍ରସଙ୍ଗରେ ମୁହଁ ନ ଖୋଲିବା ଦୁଃଖଦାୟକ। ସେ ଅଖିଳଙ୍କୁ ଦଳରୁ ବହିଷ୍କାର କରିବା ଆବଶ୍ୟକ ଥିଲା ବୋଲି ଚାଟାର୍ଜୀ କହିଛନ୍ତି।

## ରାଜୀବ ହତ୍ୟା ଯୋଜନା ବିଷୟରେ ଜାଣି ନ ଥିଲି: ନଳିନୀ

**ଚେନ୍ନାଇ,୧୩।୧୧(ଆଇଏଏନ୍‌ଏସ୍):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ହତ୍ୟା ଯୋଜନା ସମ୍ପର୍କରେ ଅବଗତ ନ ଥିଲେ ବୋଲି ଦୋଷୀସାବ୍ୟସ୍ତ ନଳିନୀ ଶ୍ରୀହରନ କହିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନଳିନୀଙ୍କ ସମେତ ୬ ଜଣ ଶନିବାର ତାମିଲନାଡୁର ଭେଲୋର ଜେଲରୁ ମୁକ୍ତ ହୋଇଥିଲେ। ନଳିନୀ କହିଛନ୍ତି, ଗାନ୍ଧୀ ପରିବାରକୁ ଭେଟିବାକୁ ଚାହାନ୍ତି। ରାଜୀବଙ୍କ ହତ୍ୟାକୁ ନେଇ ସେ ପ୍ରକୃତରେ ଦୁଃଖିତ। ସେ ସ୍ୱାଭାବିକ ଜୀବନ ବଞ୍ଚିବାକୁ ଚାହାନ୍ତି। ତେବେ ଚେନ୍ନାଇରେ ରହିବେ କି ଲଣ୍ଡନରେ ଝିଅ ପାଖରେ ରହିବେ, ସେ ନେଇ ନିଷ୍ପତ୍ତି ନେଇ ନ ଥିବା ନଳିନୀ କହିଛନ୍ତି। ୨୦୦୮ରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭେଲୋର ଜେଲରେ ନଳିନୀଙ୍କୁ ଭେଟି ତାଙ୍କ ବାପାଙ୍କ ହତ୍ୟାକାଣ୍ଡ ସମ୍ପର୍କରେ ପଚାରିଥିଲେ। ସେତେବେଳେ ସେ ଭାବପ୍ରବଣ ହୋଇପଡ଼ିଥିଲେ। ବାପାଙ୍କ ହତ୍ୟାକାଣ୍ଡ ଜନିତ କ୍ଷତ ତାଙ୍କ ମନରୁ ଲିଭି ନ ଥିଲା ବୋଲି ପ୍ରିୟଙ୍କା ଖବରଦାତାମାନଙ୍କୁ କହିଛନ୍ତି।



## ଜି୨୦ ସମିଟ୍‌ରେ ଯୋଗଦେବେ ମୋଦି

**ନୂଆଦିଲ୍ଲୀ,୧୩।୧୧:** ଡିସେମ୍ବର ୧ରୁ ଭାରତ ଜି୨୦ର ଅଧକ୍ଷ ଦାୟିତ୍ୱ ଗ୍ରହଣ କରିବାକୁ ଥିବାବେଳେ ଇଣ୍ଡୋନେସିଆର ବାଲିଠାରେ ସୋମବାର ଆରମ୍ଭ ହେଉଥିବା ରାଷ୍ଟ୍ରଗୋଷ୍ଠୀର ୩ ଦିନିଆ ସମିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ। ଏଥିପାଇଁ ସେ ସୋମବାର ଇଣ୍ଡୋନେସିଆ ଗସ୍ତ କରିବେ। ୨୦୨୩ ବର୍ଷ ପାଇଁ ଭାରତ ଜି୨୦ର ଅଧକ୍ଷତା ଦାୟିତ୍ୱ ନେବାକୁ ଥିବାରୁ ମୋଦିଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଇଣ୍ଡୋନେସିଆରେ ଭାରତର ରାଷ୍ଟ୍ରଦୂତ ମନୋଜ କୁମାର ଭାରତୀ କହିଛନ୍ତି। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଥିବାବେଳେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜି୨୦ରେ ଯୋଗଦେବାକୁ ମନା କରିଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ ପରସ୍ପରକୁ ଭେଟିବେ। ୟୁକ୍ରେନ୍ ଓ ତାଇୱାନ ସମେତ ଦ୍ୱିପାକ୍ଷିକ ବାଣିଜ୍ୟ ଓ ମାନବାଧିକାର ପ୍ରସଙ୍ଗ ଉପରେ ଦୁଇ ନେତାଙ୍କ ଆଲୋଚନା ହୋଇପାରେ। ତେଣୁ ବାଇଡେନ୍-ଜିନ୍‌ପିଙ୍ଗଙ୍କ ସାକ୍ଷାତ୍ ଉପରେ ସାରା ବିଶ୍ୱର ନଜର ରହିଛି।

# ଭୋକିଲା ଶୋଉଥିବା ବାଳକ ଆମେରିକାରେ ବୈଜ୍ଞାନିକ

**ନାଗପୁର,୧୩।୧୧**

ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାର ଏକ ନିପଟ ମଫସଲ ଗ୍ରାମରେ ଏକଦା ଦିନକୁ ବେଳାଏ ଖାଇବା ଯୋଗାଡ଼ କରିବା ନିମନ୍ତେ ସଂଘର୍ଷ କରୁଥିବା ବାଳକ ଏବେ ଆମେରିକାରେ ଜଣେ ବରିଷ୍ଠ ବୈଜ୍ଞାନିକ। ଜଣେ ନିଜର କଠିନ ପରିଶ୍ରମ ଏବଂ ଦୃଢ଼ ସଂକଳ୍ପ ଦ୍ୱାରା ଯେ ଶ୍ରେଷ୍ଠତ୍ୱ ହାସଲ କରିପାରେ ଭାସ୍କର ହାଲ୍‌ମିଙ୍କ ଜୀବନୀ ଏହାର ଏକ ଜ୍ୱଳନ୍ତ ଉଦାହରଣ।

ଗଡ଼ଚିରୋଲିର କୁରଖେଡ଼ା ତହସିଲ ଅନ୍ତର୍ଗତ ଚିର୍‌ଚାଡ଼ି ଗ୍ରାମରେ ଏକ ଆଦିବାସୀ ପରିବାରରେ ବଡ଼ ହୋଇଥିବା ହାଲମି ଆମେରିକାର ମେରିଲାଣ୍ଡସ୍ଥିତ ବାୟୋଫାର୍ମାସ୍ୟୁଟିକାଲ କମ୍ପାନୀ ସିର୍ନାଓମିକ୍ସର ଗବେଷଣା ଓ ବିକାଶ ବିଭାଗରେ ବରିଷ୍ଠ ବୈଜ୍ଞାନିକ ଭାବେ କାର୍ଯ୍ୟରତ। ଉକ୍ତ କମ୍ପାନୀ ଜେନେରିକ୍ ମେଡିସିନ୍ ଉପରେ ଗବେଷଣା ଚଳାଇଥିବାବେଳେ ହାଲ୍‌ମି ଆର୍‌ଏନ୍‌ଏ ଉତ୍ପାଦନ ଓ ସିନ୍‌ଥେସିସ୍ ଉପରେ କାର୍ଯ୍ୟ କରୁଛନ୍ତି। ସେ ଚିର୍‌ଚାଡ଼ି ଗ୍ରାମର ପ୍ରଥମ ବିଜ୍ଞାନ ସ୍ନାତକ, ଯିଏ ବିଜ୍ଞାନରେ ପିଏଚ୍‌ଡି କରିଛନ୍ତି। ହାଲ୍‌ମି ତାଙ୍କ ପିଲାଦିନକୁ ମନେପକାଇ କହିଛନ୍ତି, ସେତେବେଳେ ପରିବାରର



ଭାସ୍କର ହାଲ୍‌ମି

ସ୍ଥିତି ଅତ୍ୟନ୍ତ ଦୟନୀୟ ଥିଲା। ଦିନକୁ ଗୋଟିଏ ବେଳା ଖାଇବା ଯୋଗାଡ଼ କରିବାକୁ ସଂଘର୍ଷ କରିବାକୁ ପଡୁଥିଲା। ବର୍ଷାଋତୁରେ ଘରେ ଖାଇବାକୁ ନ ଥିଲା କି ହାତରେ କାମ ନ ଥିଲା। ସେମାନେ ମହୁଆ ଫୁଲ, ଜଙ୍ଗଲୀ ଚାଉଳ ରାନ୍ଧି ଖାଉଥିଲେ। କେବଳ ତାଙ୍କ ପରିବାର ନୁହେଁ ଗାଁର ୯୦ ପ୍ରତିଶତ ଲୋକଙ୍କର ଅବସ୍ଥା ଏହିଭଳି ଥିଲା। ଜମିରୁ ଯଥେଷ୍ଟ ଅମଳ ହେଉ ନ ଥିବାରୁ ହାଲ୍‌ମିଙ୍କ ମାଆବାପା ପରଘରେ ପାଇଟି କରି ପରିବାର ଚଳାଉଥିଲେ। କିଛିବର୍ଷ ପରେ ତାଙ୍କ ବାପା ୧୦୦ କିଲୋମିଟର ଦୂରରେ ଖୋଲିଥିବା ଏକ ସ୍କୁଲ୍‌ରେ ରୋଷେୟା ଚାକିରି ପାଇବାରୁ ସେମାନଙ୍କ ସ୍ଥିତିରେ ସାମାନ୍ୟ ଉନ୍ନତି ଆସିଥିଲା।

## ଏୟାର ଶୋ’ ବେଳେ ୨ ଯୁଦ୍ଧବିମାନ ଧକ୍କା: ୬ ମୃତ



**ୱାଶିଂଟନ୍,୧୩।୧୧:** ଆମେରିକାର ଟେକ୍ସାସରେ ଏୟାର ଶୋ’ ଚାଲିଥିବାବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଦୁଇଟି ଯୁଦ୍ଧବିମାନ ପରସ୍ପରକୁ ଧକ୍କା ଦେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଗୋଟିଏ ବିମାନ ଦୁଇଖଣ୍ଡ ହୋଇଯାଇଥିବାବେଳେ ଏକ ଅଗ୍ନିପିଣ୍ଡୁଳା ତଳକୁ ଖସୁଥିବା ଦେଖାଯାଇଥିଲା। ଡଲାସ୍ ନିକଟରେ ଅନୁଷ୍ଠିତ ଏୟାର ଶୋ’ରେ ବୋଇଂ ବି-୧୭ ଫ୍ଲାଇଂ ଫୋର୍ଟ୍ରେସ୍ ଏବଂ ପି-୬୩ ବିମାନ ସାମିଲ ହୋଇଥିଲେ। ବୋଇଂ ବିମାନରେ ପାଇଲଟ୍‌ଙ୍କ ସମେତ ୪ରୁ ୫ ଜଣ କର୍ମଚାରୀ ଥିବାବେଳେ ପି-୬୩ରେ ଜଣେ ପାଇଲଟ୍ ଥିଲେ। ମୃତକଙ୍କ ମଧ୍ୟରେ ପାଇଲଟ୍ ଟେରି ବାର୍କର ଏବଂ ଲେନ୍ ରୁଟ୍ ରହିଥିବା ଆଲାଏଡ୍ ପାଇଲଟ୍ସ ଆସୋସିଏଶନ ପକ୍ଷରୁ କୁହାଯାଇଛି। ୱିଙ୍ଗ୍‌ସ ଓଭର ଡଲାସ ଏୟାର ଶୋ’ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ କାଉଣ୍ଟି ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

# ଟ୍ରମ୍ପଙ୍କ ସାନ ଝିଅ ବାହାହେଲେ



**ୱାଶିଂଟନ୍,୧୩।୧୧**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାନ ଝିଅ ଟିଫାନି ଟ୍ରମ୍ପ ଶନିବାର ବାହାହୋଇଛନ୍ତି। ଫ୍ଲୋରିଡାର ପାମ୍ ବିଚ୍‌ସ୍ଥିତ ମାର୍-ଏ-ଲାଗୋ ବାସଭବନରେ ବିଜ୍‌ନେସମ୍ୟାନ୍ ମାଇକେଲ୍ ବୁଲୋସ୍‌ଙ୍କ ହାତ ଧରିଛନ୍ତି। ସାଂସଦ ଆନ୍ନା ପଉଲିନା ଲୁନା ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇ ଟୁଇଟରରେ ସେମାନଙ୍କ ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ରିପବ୍ଲିକାନ୍ ନେତା ଟ୍ରମ୍ପଙ୍କ ସହ ଟିଫାନି, ଇଭାଙ୍କା, ଡୋନାଲ୍ଡ ଟ୍ରମ୍ପ ଜୁନିୟର୍, ବାରୋନ୍ ଏବଂ ଏରିକ୍ ଟ୍ରମ୍ପଙ୍କୁ ଦେଖିବାକୁ ମିଳିଛି।

ଟିଫାନି ହେଉଛନ୍ତି ଟ୍ରମ୍ପଙ୍କ ଚତୁର୍ଥ ସନ୍ତତି। ୨୦୧୮ରେ ଟିଫାନି ୟୁରୋପକୁ ଛୁଟି କାଟିବା ପାଇଁ ଯାଇଥିବାବେଳେ ସିଟି ୟୁନିଭର୍ସିଟି ଅଫ୍ ଲଣ୍ଡନରେ ପଢୁଥିବା ବୁଲୋସ୍‌ଙ୍କ ସହ ତାଙ୍କର ଦେଖାହୋଇଥିଲା। ଗତବର୍ଷ ଜାନୁୟାରୀରେ ୨୫ ବର୍ଷୀୟ ବୁଲୋସ୍ ହ୍ୱାଇଟ୍ ହାଉସ୍‌ର ରୋଜ୍ ଗାର୍ଡେନ୍‌ରେ ରାଷ୍ଟ୍ରପତିଙ୍କୁ ତାଙ୍କ ଝିଅଙ୍କ ହାତ ମାଗିଥିଲେ।

## କୋଇଲା ଉପରେ ଅଧିକ ନିର୍ଭର କରିବ ଭାରତ

**ନୂଆଦିଲ୍ଲୀ,୧୩।୧୧**

ସବୁଜ ଶକ୍ତିକୁ ବିକଳ୍ପ ଇନ୍ଧନ ଭାବେ ବ୍ୟବହାର ଦେଶରେ ଯେତେ ଗୁରୁତ୍ୱ ଦିଆଯାଉଥିଲେ ସୁଦ୍ଧା ରୁଷିଆ-ୟୁକ୍ରେନ୍ ଯୁଦ୍ଧଜନିତ ବିଶ୍ୱର ଭୂ-ରାଜନୈତିକ ସ୍ଥିତି ଯୋଗାଣ ଶୃଙ୍ଖଳକୁ ସଙ୍କୁଚିତ କରିଦେଇଛି। ଶକ୍ତି ମୂଲ୍ୟରେ ବୃଦ୍ଧି ସହ ଅନେକ ଦେଶରେ ମୁଦ୍ରାସ୍ଫୀତି ସର୍ବୋଚ୍ଚସ୍ତର ଛୁଇଁ ରେକର୍ଡ ଭାଙ୍ଗିଛି। ଏହିସବୁ କାରଣ କୋଇଲାଭିତ୍ତିକ ତାପଜଶକ୍ତି ଉପରେ ଭାରତର ନିର୍ଭରଶୀଳତା ବଢ଼ାଇଛି।

ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ, ଶକ୍ତି କ୍ଷେତ୍ରରେ ଅନିଶ୍ଚିତତା ସରକାରଙ୍କ ପାଇଁ ଏକ ବଡ଼ ଚିନ୍ତା। ବୈଶ୍ୱିକ ଅନିଶ୍ଚିତତା ଓ ଯୋଗାଣ ଶୃଙ୍ଖଳରେ ବାଧା ଉପୁଜିବା କାରଣରୁ ନିକଟ ଭବିଷ୍ୟତରେ ଭାରତ ମଧ ଅନ୍ୟ ଦେଶ ଭଳି କୋଇଲା ଉପରେ ଅଧିକ ନିର୍ଭରଶୀଳ ହେବ। ଏହିବସରରେ ଗ୍ରୀନ୍‌ପିସ୍ ଇଣ୍ଡିଆର ଜଳବାୟୁ ଏବଂ ଶକ୍ତି ଅଭିଯାନ ମୁଖ୍ୟ ଅବିନାଶ କୁମାର କୋଇଲା ଉପରେ ଭାରତର ନିର୍ଭରଶୀଳତାର ବାସ୍ତବ ତଥ୍ୟ ଉପସ୍ଥାପନ କରିଥିଲେ।




# ଉଚିତ ମୂଲ୍ୟ ପାଇବା ଆଶଙ୍କାରେ ଚାଷୀ

**ଗୋପାଳ ଚନ୍ଦ୍ର ସାହୁ**
**ବାଲିଆପାଳ,୧୩।୧୧**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ସୁବର୍ଣ୍ଣରେଖା ଅବବାହିକାରେ ଚଳିତବର୍ଷ ନଳିତା ଚାଷ କରିଥିବା ଚାଷୀଙ୍କ ଘରେ ଗଦା ହୋଇରହିଛି କୁଇଣ୍ଟାଲ କୁଇଣ୍ଟାଲ ଝୋଟ। ବଜାରରେ ଝୋଟ ଦର କମ୍ ଥିବାରୁ କ୍ଷତି ହେବା ଆଶଙ୍କା କରି ଚାଷୀମାନେ ବିକ୍ରୀ କରିବାକୁ ମନ ବଳାଉନାହାନ୍ତି। ଆଗକୁ ଦର ବଢ଼ିବ କି ନାହିଁ ସେହି ଚିନ୍ତାରେ ଚାଷୀମାନେ ଦିନ ଗଣୁଛନ୍ତି।

ଝୋଟ ଚାଷ ପାଇଁ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ସ୍ୱତନ୍ତ୍ର ପରିଚୟ ରହିଛି। ଗତବର୍ଷ ଝୋଟ ଚାଷରୁ ଚାଷୀ ଖୁବ୍ ଲାଭ ପାଇଥିଲେ। ଏ ଅଞ୍ଚଳର ଚାଷୀ କୁଇଣ୍ଟାଲ ପିଛା ସାଢ଼େ ୫ହଜାରରୁ ଛଅ ହଜାର ଟଙ୍କା ମଧ୍ୟରେ ଝୋଟ ବିକ୍ରି କରିଥିଲେ। ସେତେବେଳେ କମ୍ ପରିମାଣର ଚାଷ ହୋଇଥିବା ବେଳେ ପଡ଼ୋଶୀ ପଶ୍ଚିମବଙ୍ଗର ଦଲାଲ ଅଧିକ ସଂଖ୍ୟାରେ ଝୋଟ କିଣିବାକୁ ଆସିଥିବାରୁ ଦର ଅଧିକ ଥିଲା। ପ୍ରଚୁର ପରିମାଣରେ ଲାଭବାନ ହୋଇଥିଲେ ଚାଷୀ। ଏହାକୁ ନଜରରେ ରଖି ଚଳିତବର୍ଷ ଶ୍ରୀରାମପୁର, କୁମ୍ଭାରୀ, ନିଖିରା, ଦେଭୋଗ, ମଧୁପୁରା, ବିଷ୍ଣୁପୁର, ଜାମକୁଣ୍ଡା, ଘଣ୍ଟୁଆ, ଅସ୍ତି, ବାଲିଆପାଳ ଆଦି ପଞ୍ଚାୟତରେ ପ୍ରଚୁର ପରିମାଣରେ ଚାଷୀ ନଳିତା ଚାଷ କରିଥିଲେ। ଚାଷୀ ଏକର ପିଛା ୧୫ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ମେ’ ମାସରୁ ଆରମ୍ଭ ହୋଇ ସେପ୍ଟେମ୍ବର ମଧଭାଗ ପର୍ଯ୍ୟନ୍ତ ଝୋଟ ଅମଳ ଆରମ୍ଭ ହୋଇଥାଏ। ଏବେ ପାଖାପାଖି ୮୦ ପ୍ରତିଶତ ଝୋଟ ଅମଳ ସରିଛି। ଅଧିକ ପରିମାଣର ଝୋଟ ଉତ୍ପାଦିତ ହୋଇଥିଲେ ମଧ ବାଲିଆପାଳ ଅଞ୍ଚଳରେ କୌଣସି ସରକାରୀ ଝୋଟ କର୍ପୋରେସନ ନ ଥିବାରୁ ଚାଷୀ ଦଲାଲଙ୍କୁ ମାଛ ଶାଗ ଦରରେ ଝୋଟ ବିକ୍ରି କରିବାକୁ ବାଧ ହେଉଛନ୍ତି। ବିଗତ ଦିନରେ ବାଲିଆପାଳରେ ଏକ କର୍ପୋରେସନ ଥିଲା, ତାହା ଦୀର୍ଘଦିନ ହେବ ସରକାର ବନ୍ଦ କରି ଦେଇଛନ୍ତି। ବିକ୍ରି ପାଇଁ ଅଦ୍ୟାବଧି କୌଣସି ସୁବିଧା ସରକାରଙ୍କ ପକ୍ଷରୁ ହୋଇନାହିଁ ବୋଲି ଶ୍ରୀରାମପୁର ଗ୍ରାମର ଧ୍ରୁବଚରଣ ଜେନା ପ୍ରକାଶ କରିଛନ୍ତି। ତେବେ ଝୋଟର ଉଚିତ୍ ମୂଲ୍ୟ ମିଳୁ ନ ଥିବାରୁ ଚାଷୀ ନଳିତା ଚାଷରୁ ମୁହଁ ଫେରାଉଛନ୍ତି। ଓଡ଼ିଶାର ଚାଷୀଙ୍କ ପାଇଁ ପଶ୍ଚିମବଙ୍ଗର ଝୋଟ କଳ ମାଲିକ ଭଲ ଲାଭ ଉଠାଉଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ନ ଦେବାରୁ ଶହ ଶହ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି, ସରକାରୀ ସ୍ତରରେ ଝୋଟ କିଣିବା ପାଇଁ ଖୁବ ଶୀଘ୍ର ପଦକ୍ଷେପ ନେବାକୁ ଚାଷୀ ଦାବି କରିଛନ୍ତି। ପ୍ଲାଷ୍ଟିକ ଓ ପଲିଥିନ ନିଷିଦ୍ଧ ହେବା ପରେ ଝୋଟ ସାମଗ୍ରୀର ଚାହିଦା ଦିନକୁ ଦିନ ବଢୁଥିବାରୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବା ଆବଶ୍ୟକ। ବାଲିଆପାଳରେ ପୁଣି ଏକ ଝୋଟ କର୍ପୋରେସନ ସ୍ଥାପନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

**ଘରେ ଗଦା ହୋଇଛି କୁଇଣ୍ଟାଲ କୁଇଣ୍ଟାଲ ଝୋଟ**



ବାଲିଆପାଳ ଅଞ୍ଚଳର ଝୋଟ ଚାଷୀ।

ଏନେଇ ବାଲିଆପାଳ ବ୍ଲକ କୃଷି ଅଧିକାରିଣୀ ଶ୍ରଦ୍ଧା ହୋତା କହିଛନ୍ତି, ବାଲିଆପାଳରେ ଥିବା ଝୋଟ କର୍ପୋରେସନ ବନ୍ଦ ହୋଇଯିବା ପରେ ସରକାରୀସ୍ତରରେ ଝୋଟ ବିକ୍ରି ପାଇଁ କିଛି ବ୍ୟବସ୍ଥା ହୋଇନାହିଁ। ଏହା ବ୍ୟତୀତ ଅଞ୍ଚଳର ଚାଷୀ ଭଲମାନର ଝୋଟ ପ୍ରସ୍ତୁତ କରି ପାରୁନାହାନ୍ତି। ଯାହାକି ସରକାରୀସ୍ତରରେ ବିକ୍ରି କରିବାରେ ଅସୁବିଧା ହେଉଛି। ତେଣୁ ଲୋକେ ସ୍ଥାନୀୟ ବେପାରୀଙ୍କୁ ଝୋଟ ବିକ୍ରି କରୁଛନ୍ତି। ତେବେ ନଳିତା ଚାଷ ହେଉଥିବା ପଞ୍ଚାୟତରେ ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନାରେ ଝୋଟ ପ୍ରସେସିଂ ୟୁନିଟ କରିବା ପାଇଁ କିଛି ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହିତ ଯୋଗାଯୋଗ କରିଛି। ଯଦି ପ୍ରସେସିଂ ୟୁନିଟ ହୋଇଯାଏ, ତାହେଲେ ଚାଷୀ ଝୋଟ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେବେନାହିଁ। ଏହି ଉଦ୍ୟୋଗ ସ୍ଥାପନ ପାଇଁ ଅନୁସୂଚୀତ ଜାତି,ଜନଜାତି ଏବଂ ମହିଳା ବର୍ଗର ଲୋକଙ୍କ ପାଇଁ ସରକାର ୫୦ ପ୍ରତିଶତ ରିହାତି ବ୍ୟବସ୍ଥା ରଖିଛନ୍ତି। ବର୍ତ୍ତମାନ ସରକାରୀସ୍ତରରେ ଝୋଟ କିଲୋ ପ୍ରତି ୪୭.୫୦ ପଇସା ରହିଥିବା ବେଳେ ସ୍ଥାନୀୟ ବେପାରୀ କିଲୋ ପ୍ରତି ୨୫ ଟଙ୍କା ଦରରେ ଚାଷୀଙ୍କଠାରୁ ଝୋଟ କିଣୁଥିବା ବ୍ଲକ କୃଷି ଅଧିକାରିଣୀ ହୋତା କହିଛନ୍ତି।

## ରାଜ୍ୟ ଖବର

# ୬ ଶିକ୍ଷକଙ୍କ ଦିନକର ଦରମା ବନ୍ଦ

**ବିଳମ୍ବରେ ସ୍କୁଲ ଆସିବାରୁ କାର୍ଯ୍ୟାନୁଷ୍ଠାନ**

**କେନ୍ଦୁଝର,୧୩।୧୧(ସ୍ୱ.ପ୍ର.)**

ବିଳମ୍ବରେ ସ୍କୁଲ ଆସିବାକୁ ନେଇ ୬ ଶିକ୍ଷକଙ୍କ ଦିନକର ଦରମା ବନ୍ଦ ହୋଇଛି। କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଶନିବାର ୨ ସ୍କୁଲ୍ ପରଦର୍ଶନ ସମୟରେ ଶିକ୍ଷକଙ୍କ ଅନୁପସ୍ଥିତି ଦେଖି ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଖବର ପ୍ରଚାର ପରେ ଆଦୌ ସ୍କୁଲ ଯାଉ ନ ଥିବା ଶିକ୍ଷକଙ୍କ ମଧ୍ୟରେ ଛନକା ପଶିଛି। ସୂଚନା ମୁତାବକ, ଜିଲାର ଅନେକ ବିଦ୍ୟାଳୟରେ ପ୍ରତିଦିନ ଶିକ୍ଷକମାନେ ବିଳମ୍ବରେ ଆସି ଶୀଘ୍ର ଘରକୁ ଯାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏନେଇ ଶନିବାର ଜିଲା ଶିକ୍ଷା ଅଧିକାରୀ ଆନନ୍ଦପୁର ବ୍ଲକ୍ ଧକୋଠା ସରକାରୀ ହାଇସ୍କୁଲ ଏବଂ କୋଳିମାଟିସ୍ଥିତ ସ୍ୱପ୍ନେଶ୍ୱର ଆଦିବାସୀ ହାଇସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲ୍ ସମୟ ସକାଳ ୬ଟା ୩୦ ହୋଇଥିଲେ ହେଁ ଧକୋଠା ସରକାରୀ ହାଇସ୍କୁଲର ଶିକ୍ଷୟିତ୍ରୀ ନିବେଦିତା ସାହୁ, ସୁଜାତା ଦଳେଇ ଏବଂ କୋଳିମାଟି ସ୍ୱପ୍ନେଶ୍ୱର ଆଦିବାସୀ ହାଇସ୍କୁଲର ଶିକ୍ଷକ ତପନ ଚକ୍ର, ବିନୟ ଭୂଷଣ ମିଶ୍ର, ନିରଞ୍ଜନ ମିଶ୍ର, ଯୁଗଳ କିଶୋର ବାରିକ ଅନୁପସ୍ଥିତ ଥିଲେ। ଶିକ୍ଷାଧିକାରୀ ଦେଖିବା ପରେ ସମସ୍ତ ଶିକ୍ଷକଙ୍କ ଗୋଟିଏ ଦିନର ଦରମା ବନ୍ଦ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଜିଲାର ଅନ୍ୟ ସମସ୍ତ ବିଦ୍ୟାଳୟରେ ଅଚାନକ ପରିଦର୍ଶନ କରାଯିବ ବୋଲି ସେଠୀ ପ୍ରକାଶ କରିଛନ୍ତି।

**INDIAN PORT RAIL & ROPEWAY CORPORATION LTD.** SAGARMALA
(A JV Company Under Ministry of Ports, Shipping & Waterways, Govt. of India)

**Tender No - IPRCL/ BBS/T/PPT-R-8 & 14/120 Dated 11.11.2022**
IPRCL invites e-tender for **"Up-gradation of Railway Track (Route 8 & 14 At PPA Exchange Yard at Old Station, Paradip."**
Bidding document will be available for downloading from 16 hours of **14.11.2022** on the website.
**www.etenders.gov.in/eprocure/app**
Date of Tender opening: **16.12.2022**
Any corrigendum / addendum would be hosted on the above website only.

**Government of Odisha** No.AA-20:
**"e-Procurement Notice"**
**BID IDENTIFICATION NO:**
**03 /A. C.E. (T&C, STL) /2022-23, Dt.11.11.2022**

| | | |
|---|---|---|
| 1 | Name of the work | Supply, Installation, Testing & Commissioning of Electrical Testing Equipment for Standard Testing Laboratory, Bhubaneswar. |
| 2 | Estimated Cost of the Tender | Rs.30,15,254/- |
| 3 | Period of completion | Sixty Days (60 days) |
| 4 | Date & time of availability of bid document in the portal | Dt. 15.11.2022 (10.00 AM) |
| 5 | Last date / Time for receipt of bids in the portal | Dt. 05.12.2022 (05.00 PM) |
| 6 | Name and address of the Officer Inviting Tender | Addl. Chief Engineer (T&C, STL)-cum-Electrical Inspector, Bhubaneswar, Plot No. GD-2/7, Matrivihar, Bhubaneswar-751023 Phone & Fax No. 0674-2300955 E-mail ID: sestl-od@gov.in, deistll-od@gov.in |

Further details can be seen from the e-procurement portal **https://tendersodisha.gov.in.** Any amendment / cancellation / retenders, please refer to the above cited website.

**Sd./- S.K. Dash**
**Addl. Chief Engineer (T & C, STL)-Cum-E.I., Bhubaneswar**
**OIPR-04069/11/0002/2223**

**Shailabala Women's Autonomous College, Cuttack**
Accredited with "A Grade' by N.A.A.C. (2006, 2017)
**ADMISSION NOTICE 2022 - 23**
Offers Following Self-Financing Course in PPP mode for the Academic Session 2022-23

| Course | Duration | Eligibility |
|---|---|---|
| **B. Sc. ITM** (Bachelor of Science Information Technology & Management) | 3 Years | Minimum 40% in aggregate without extra optional, if any, at the Higher Secondary or equivalent examination in Science stream from a recognized Board/University |

Forms and Information Bulletins are available at College Counter on 5th Floor Science Block Annex for Rs. 300/- on all working days OR you maydownload the form from the college website **www.shailabalawomenscollege.ac.in.** Last date to apply 25.11.2022, E-mail: sfcshailabalawac2022@gmail.com
*Sd /- Principal*
**For Details, Call: 8249864218, 9439964289**

**Government of Odisha**
**Higher Education Department**
**Timeline for Phase-III Admission into U.G. Courses under SAMS in the Higher Education Institutions for the Academic year 2022-23**

**No. N-58:-** Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in

| Sl# | Activities | Timeline |
|---|---|---|
| 1 | Availability of Online Common Application Form (CAF) in the website www.samsodisha.gov.in | 14-Nov-2022 **(11.00 AM)** |
| 2 | Last date of applying online CAF | 17-Nov-2022 **(11.45 PM)** |
| 3 | Publication of 1st Selection Merit List in SAMS Portal | 22-Nov-2022 **(02.00 PM)** |
| 4 | Reporting of Applicants at allotted institutions for taking admission | 23-Nov-2022 and 24-Nov-2022 **(till 05.00 PM)** |
| 5 | Data updation of applicants selected in Phase-III (1st Selection) admission process | 23-Nov-2022 and 24-Nov-2022 **(till 07.00 PM)** |
| 6 | Publication of waitlisted applicants in HEI's e-Space Five (5) times the actual vacancy as on 17th-Nov-2022) | 22-Nov-2022 **(02.00 PM)** |
| 7 | Reporting of waitlisted applicants along with relevant documents in respective HEIs for taking admission | 26-Nov-2022 and 28-Nov-2022 **(02.00 PM)** |
| 8 | Selection and publication of selected applicants (from the reported applicants) in the HEI's Notice Board | 28-Nov-2022 **(03.00 PM to 05.00 PM)** |
| 9 | Validation of documents, Final Admission & data updation of the waitlisted applicants in the e-space of respective HEIs | 29-Nov-2022 **(07.00 PM)** |
| 10 | Collection of Admission fees at the respective HEIs selected in Phase-III selection process | Till 30-Nov-2022 **(07.00 PM)** |

**For more details please contact:**
**e-Admission Helpline (Toll Free) Number 155335/1800-345-6770**
N.B.: Please go through the detailed U.G. Phase-III Guidelines available in U.G. SAMS website (https://samsodisha.gov.in/DegreeNew/index.aspx
OIPR-11001/11/0041/2223 **Sd./- Deputy Director, PTC Section**

# ୪୧୫ ବର୍ଷ ବାମ୍ଫିର ମିଳିଲା ସନ୍ଧାନ

## ସଂକ୍ଷେପରେ

### ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ

ନିମାପଡ଼ା,୧୩।୧୧(ଡି.ଏନ୍.ଏ.)- ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ଆପତ୍ତିଜନକ, ଅଶାଳୀନ, ଅପମାନଜନକ ମନ୍ତବ୍ୟ ଦେଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ଅଖିଳ ଗିରିଙ୍କ ପ୍ରତି ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ପ୍ରଦାନ ଯୋଗୁ ରାଷ୍ଟ୍ରର ମର୍ଯ୍ୟାଦା କ୍ଷୁଣ୍ଣ ହୋଇଛି। ମନ୍ତ୍ରୀଙ୍କୁ ପଶ୍ଚିମବଙ୍ଗ ସରକାର ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ସହ ତାଙ୍କୁ ଗିରଫ କରାଯାଉ। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବିରେ ଭାଜପା ନିମାପଡ଼ା ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ନିମାପଡ଼ା ବ୍ଲକ ଛକଠାରେ ବିକ୍ଷୋଭ ପ୍ରଦର୍ଶନ ସହ ମନ୍ତ୍ରୀ ଗିରିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏନେଇ ମନ୍ତ୍ରୀଙ୍କ ଗିରଫ ଦାବିରେ ନିମାପଡ଼ା ଥାନାରେ ଏତଲା ହୋଇଛି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀର ଅସମ୍ମାନ ଦେଶଦ୍ରୋହଠାରୁ କୌଣସି ମାତ୍ରାରେ କମ୍ ନୁହେଁ ବୋଲି ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା କହିଛନ୍ତି। ତାଙ୍କସହ ଭାଜପା ମହିଳା ମୋର୍ଚ୍ଚାର ପୁରୀ ଜିଲା ସମ୍ପାଦକ ମୀନଲତା ମହାନ୍ତି, ସନ୍ଧ୍ୟାରାଣୀ ରଥ, ତିଲୋତ୍ତମା ବାରିକ, ସ୍ୱର୍ଣ୍ଣଲତା ମାଝି, ପ୍ରଣୟିନୀ ମିଶ୍ର, ସସ୍ମିତା ସାମନ୍ତରାୟ, ନମିତା ସାହୁ, କଳ୍ପନା ଜେନା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ଡିସେମ୍ବର ୨ୟ ସପ୍ତାହରୁ ତମାଣ୍ଡୋ କପ୍ ଫୁଟ୍‌ବଲ

ଯାଁଳା,୧୩।୧୧(ଡି.ଏନ୍.ଏ.): ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ୨୭ତମ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟବ୍ଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୧୨ଟି ଟିମ୍ ଅଂଶଗ୍ରହଣ କରିବେ। ନକଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଟିମକୁ ତମାଣ୍ଡୋ କପ୍ ସହ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ରନର୍ସ ଅପ ଟିମକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯିବା ସହ ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପ୍ରଦାନ କରାଯିବ। ଓଫା ମାନ୍ୟତାପ୍ରାପ୍ତ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ଇଚ୍ଛୁକ ଦଳ ନଭେମ୍ବର ଶେଷ ସୁଦ୍ଧା ସୁକାନ୍ତ ପଟ୍ଟନାୟକ ସାଧାରଣ ସମ୍ପାଦକ ମୋ-୯୦୬୪୦୭୬୭୦୯ ରେ ଯୋଗାଯୋଗ କରିବାକୁ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ମାଙ୍କଡ଼ା ପଥର ଚୋରା ଚାଲାଣ: ୫ ଗିରଫ

ଖୋର୍ଦ୍ଧା ଅଫିସ,୧୩।୧୧: ଖୋର୍ଦ୍ଧାରେ ମାଙ୍କଡ଼ା ପଥର, ମୋରମ ଚୋରାଚାଲାଣ ବଢ଼ିବାରେ ଲାଗିଛି। ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ମାଙ୍କଡ଼ା ପଥର ଚୋରା ଚାଲାଣ ବେଳେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶରଧାପୁର ଅଞ୍ଚଳର ଲଳିତ କୁମାର ଦାସ, ରିଆନ୍ ଖାନ, ତାଜୁରୁଦ୍ଦିନ ଖାନ, ଶିଶିର କୁମାର ବରାଳ, ତ୍ରିନାଥ ନାୟକ। ଅଭିଯୁକ୍ତ ବିରୋଧରେ ଥାନାରେ ପୃଥକ ମାମଲା ରୁଜୁ ହୋଇଛି।

## କଟକ ସହରରେ ଅନାଲୋଚିତ ଐତିହ୍ୟ

କଟକ ଅଫିସ, ୧୩।୧୧:




କଟକ ସହର ଅନ୍ତର୍ଗତ ବିଦ୍ୟାଧରପୁର ଅଞ୍ଚଳରେ ଚିହ୍ନଟ ହୋଇଛି ପ୍ରାୟ ୪୧୫ ବର୍ଷର ଏକ ପ୍ରାଚୀନ ବାମ୍ଫି। ଐତିହ୍ୟ ଗବେଷକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ ଓ ସିଲଭର ସିଟି କଟକ ପବ୍ଲିକ ଚ୍ୟାରିଟେବଲ ଟ୍ରଷ୍ଟର ସଦସ୍ୟମାନେ କଟକ ସହର ମଧ୍ୟରେ ଏହି ଅବହେଳିତ ଐତିହ୍ୟର ସନ୍ଧାନ ପାଇଛନ୍ତି। ବାମ୍ଫିଟି ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହି ପୁରାତନ ବାମ୍ଫିରେ ପାର୍ସି ଓ ପ୍ରାଚୀନ ଓଡ଼ିଆ ଭାଷାରେ ଲିଖିତ ଏକ ଶୀଳାଲେଖ ମଧ୍ୟ ରହିଛି।

ଏ ସମ୍ପର୍କରେ ଅଧିକ ତଥ୍ୟ ଦେବାକୁ ଯାଇ ଗବେଷକ ନାୟକ କହିଛନ୍ତି, ପୁରୁଷୋତ୍ତମ ଦେବ ହେଉଛନ୍ତି ଖୋର୍ଦ୍ଧା ଭୋଇବଂଶୀୟ ରାଜା, ଯାହାଙ୍କ ରାଜୁତି କାଳ ୧୬୦୦ ରୁ ୧୬୨୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଚାଲିଥିଲା। ଏହା ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ରାଜୁତିସମୟ। ସେ ସମୟରେ ହାସିମ ଖାଁ କଟକର ମୋଗଲ ସୁବେଦାର ଭାବେ ନିଯୁକ୍ତି ପାଇଥିଲେ। ୧୬୦୮-୦୯ରେ କେଶୋଦାସ ମାରୁ ନାମକ ମୋଗଲ ଜାଗିରଦାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରିଥିଲେ। ସେପଟେ ଖୋର୍ଦ୍ଧା ରାଜା ପୁରୁଷୋତ୍ତମ ଦେବଙ୍କ ସହ କେଶୋଦାସର ପ୍ରବଳ ସଂଘର୍ଷ ହୋଇଥିଲା। ପୁରୀ ଶ୍ରୀମନ୍ଦିର ଲୁଣ୍ଠନ କରିବାକୁ ଆସିଥିବା ଏହି ମୋଗଲ ଜାଗିରଦାରକୁ ବୀର ପାଇକ ସେନା ଚାରିପଟରୁ ଘେରି ରଖିଥିଲେ। ଏହି ସମୟରେ କେଶୋଦାସଙ୍କୁ ଯୁଦ୍ଧରେ ସାହାଯ୍ୟ କରିବା ପାଇଁ ବଙ୍ଗର ସୁବେଦାର ଇସଲାମ ଖାଁ ତାଙ୍କର ବିଶ୍ୱସ୍ତ ସେନାପତି ବକ୍ସି ମହମ୍ମଦ ତାହିରକୁ ପୁରୀ ଅଭିମୁଖେ ପଠାଇଥିଲେ। କଟକର ସୁବେଦାର ହାସିମ ଖାଁ ଓ ମହମ୍ମଦ ତାହିରଙ୍କ ମିଳିତ ସେନା ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ତେବେ ଘଟଣାର ଭୟବହତା ବୁଝି ଉଭୟ ପକ୍ଷ ମଧ୍ୟରେ ସେ ସମୟରେ ସନ୍ଧି ହୋଇଥିଲା। ଏହି ଘଟଣା ସମ୍ପର୍କରେ ତଥ୍ୟ 'ମାଦଳାପାଞ୍ଜି' ଓ ମୀର୍ଜାନାଥନଙ୍କ 'ବାହାରିସ୍ଥାନ-ଏ-ଘାୟିବି' ପୁସ୍ତକରେ ବର୍ଣ୍ଣିତ ହୋଇଛି। ଅଭିଲେଖରୁ ମିଳୁଥିବା ନାମ 'ବକ୍ସି ମହମ୍ମଦ ତାହିର' ଏହି ଯୁଦ୍ଧରେ ଅଂଶଗ୍ରହଣ କରିବାକୁ ଓଡିଶା ଆସିଥିବା ମୋଗଲ ସେନାପତି ବୋଲି ଗବେଷକ ନାୟକ ମତ ଦେଇଛନ୍ତି। ବାମ୍ଫିର ନିର୍ମାଣ କାଳ ପ୍ରାୟ ୧୬୦୮-୦୯ ଖ୍ରୀଷ୍ଟାବ୍ଦରେ ହୋଇଥିବା ଅଭିଲେଖରୁ ସୂଚନା ମିଳୁଛି। ତିନି ଧାଡ଼ି ବିଶିଷ୍ଟ ଓଡ଼ିଆ ଅଭିଲେଖରେ ପୁରୁଷୋତ୍ତମ ଦେବ ମହାରାଜାଙ୍କ ୧୨ଅଙ୍କରେ ବକ୍ସି ମହମ୍ମଦ ତାହିର ନାମକ ବ୍ୟକ୍ତି ଏହି ବାମ୍ଫି ଖୋଳାଇଥିଲେ ବୋଲି ଲେଖାଯାଇଛି। ମୋଗଲ ସେନା ଓ ଖୋର୍ଦ୍ଧା ରାଜାଙ୍କ ମଧ୍ୟରେ ସନ୍ଧି ହେଲାପରେ ରାଜଧାନୀ କଟକରେ ଏହି ବାମ୍ଫିଟି ଖୋଳା ଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ସାମୟିକ ଶାନ୍ତି ଥିବାରୁ ମୋଗଲମାନଙ୍କ ଦ୍ୱାରା ଓଡ଼ିଆ ରାଜାଙ୍କ ନାମ ଓ ଅଙ୍କ ଅଭିଲେଖରେ ବ୍ୟବହାର କରାଯାଇଥିଲା ବୋଲି ଗବେଷକ ନାୟକ କହିଛନ୍ତି।

ଏହି ପ୍ରାଚୀନ ଐତିହାସିକ ବାମ୍ଫିଟି ଆଜି ଜରାଜୀର୍ଣ୍ଣ ଓ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି। ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ ଓ ସିଲଭର ସିଟି କଟକ ପବ୍ଲିକ ଚ୍ୟାରିଟେବଲ ଟ୍ରଷ୍ଟର ସଦସ୍ୟମାନଙ୍କ ଦ୍ୱାରା ବାମ୍ଫିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରାଥମିକ ସଫେଇ କାର୍ଯ୍ୟ ହୋଇଛି। ତେବେ ଉଭୟ ସଂସ୍ଥାର ସଦସ୍ୟମାନେ ପ୍ରଶାସନିକ ଅବହେଳା ପାଇଁ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କଟକ ସହର ମଝିରେ ଅବସ୍ଥିତ ହୋଇ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସ୍ଥଳୀର ଏ ପ୍ରକାର ଅବହେଳା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସିଲଭର ସିଟି କଟକ ପବ୍ଲିକ ଚ୍ୟାରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ଆକାଶ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସଂସ୍କୃତି ବିଭାଗ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ସିଏମସି ପରି ସରକାରୀ ଅନୁଷ୍ଠାନ ଏ ଦିଗରେ ଅଧିକ ତତ୍ପର ହୋଇ କିପରି ଏହି ପ୍ରାଚୀନ ଐତିହ୍ୟର ପୁନରୁଦ୍ଧାର ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ବିକାଶ ପ୍ରସାଦ ଦାସ ମତବ୍ୟକ୍ତ କରିଛନ୍ତି।

## ବନ୍ଧୁକ ଦେଖାଇ ୫ ଲକ୍ଷ ଲୁଟିନେଲେ

ନିଶ୍ଚିନ୍ତକୋଇଲି, ୧୩।୧୧(ସ୍ୱ.ପ୍ର)

କଟକ ଜିଲା ସାଲେପୁର ବଜାରର ଥିବା ବିକଳାନନ୍ଦ କରଙ୍କ ବ୍ୟବସାୟ ପ୍ରତିଷ୍ଠାନର ଏକ ମିକ୍ସଚର ଗାଡ଼ିକୁ ଅଟକାଇ ୫ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଘଟିଛି କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ଥାନା ରାଣୀପଡ଼ା ନିକଟରେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବିକଳାନନ୍ଦ କରଙ୍କ ବ୍ୟବସାୟ ପ୍ରତିଷ୍ଠାନର ମ୍ୟାନେଜର ଧୀରେନ୍ଦ୍ରନାଥ ଦାସ ରବିବାର କେନ୍ଦ୍ରାପଡ଼ାରୁ ଟଙ୍କା ସଂଗ୍ରହ କରି ଏକ ଟାଟା ମ୍ୟାଜିକ୍ ଗାଡ଼ି (ଓଆର୦୨ଏକ୍ୟୁ-୧୬୧୭)ରେ ସାଲେପୁର ଅଭିମୁଖେ ଆସୁଥିଲେ। ଗାଡ଼ିରେ ଡ୍ରାଇଭର ଓ ଅନ୍ୟ ଜଣେ ସହଯୋଗୀ ଥିଲେ। ତେବେ କେନ୍ଦ୍ରାପଡ଼ାରୁ ୨ଜଣ ଯୁବକ ତାଙ୍କ ଗାଡ଼ିକୁ ପିଛା କରି ଆସୁଥିଲେ। ରାଣୀପଡ଼ା ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ଉକ୍ତ ୨ଜଣ ଯୁବକ ଧୀରେନ୍ଦ୍ରଙ୍କ ଗାଡ଼ିକୁ ଅଟକାଇ ସେମାନଙ୍କୁ ମାଡ଼ମାରିବା ସହ ବନ୍ଧୁକ ଦେଖାଇ ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଦ୍ରୁତଗତିରେ ପଳାଇଥିଲେ। ଏ ସମ୍ପର୍କରେ ମ୍ୟାନେଜର ଧୀରେନ୍ଦ୍ର ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୯୪/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି। ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ ଘଟଣାସ୍ଥଳ ପରିଦର୍ଶନ କରି କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହା ଅନୁଧ୍ୟାନ କରିଛନ୍ତି।



ଲୋକସ୍ୱର ସଙ୍ଗଠନର ଏକାଦଶ ବାର୍ଷିକ ଉତ୍ସବରେ ଅତିଥିମାନେ 'ଲୋକସ୍ୱର ସମ୍ମାନ' ପ୍ରଦାନ କରୁଛନ୍ତି।

## ଶ୍ରୀକ୍ଷେତ୍ର ପରିକ୍ରମା, ସିଦ୍ଧମହାବୀରଙ୍କ ନାଗାବେଶ ଦର୍ଶନ

ପୁରୀ ଅଫିସ, ୧୩।୧୧

ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ରବିବାର ଶ୍ରୀକ୍ଷେତ୍ର ପରିକ୍ରମା ଅନୁଷ୍ଠିତ ହୋଇଛି। ଶ୍ରୀଚୈତନ୍ୟଙ୍କ ସମୟରୁ ଶ୍ରୀକ୍ଷେତ୍ର ପରିକ୍ରମା ତଥା ପଞ୍ଚତୀର୍ଥ ପରିକ୍ରମା ଆରମ୍ଭ ହୋଇଥିବା କୁହାଯାଏ। ପବିତ୍ର କାର୍ତ୍ତିକ ମାସ ପରେ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ଏହି ପରିକ୍ରମା ଆରମ୍ଭ କରିବାର ପରମ୍ପରା ରହିଛି। ରବିବାର ହରିନାମ ସଂକୀର୍ତ୍ତନ ସହ ସାଧୁସନ୍ଥ, ବୈଷ୍ଣବ ଓ ଶ୍ରଦ୍ଧାଳୁମାନେ ପଦଯାତ୍ରାରେ ସାମିଲ ହୋଇ ଶ୍ରୀକ୍ଷେତ୍ର ପରିକ୍ରମା କରିଥିଲେ। ସେମାନେ ଦିରିଆମହାବୀର, ସିଦ୍ଧମହାବୀର, ଆଲାମଚଣ୍ଡୀ, ଶ୍ରୀଲୋକନାଥ ପୀଠ, ସ୍ୱର୍ଗଦ୍ୱାର, ଚକ୍ରତୀର୍ଥ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲେ। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହରିନାମ ସଂକୀର୍ତ୍ତନରେ ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପଦଯାତ୍ରା ବେଳେ ପଦଯାତ୍ରୀମାନେ ବାଟରେ ପଡୁଥିବା ବିଭିନ୍ନ ତୀର୍ଥସ୍ଥଳ ବୁଲିଥିଲେ। ବଡ଼ଛତା ମଠ, ନେବଳଦାସ ମଠ, ବଡ଼ଓଡ଼ିଆ ମଠ, ହରିଦାସ ମଠ, ରାଧାକାନ୍ତ ମଠ, ସିଦ୍ଧବକୁଳ ମଠ ସମେତ ସମସ୍ତ ରାମାନନ୍ଦୀ ଓ ଗୌଡୀୟ ମଠରୁ ଏହି ପରିକ୍ରମା ବାହାରିଥିଲା। ସେହିପରି ଜିଲା ଓ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଆସି ଶ୍ରୀକ୍ଷେତ୍ର ପରିକ୍ରମାରେ ସାମିଲ ହୋଇଥିଲେ। ପରମ୍ପରା ଅନୁଯାୟୀ, ଏହି ତିଥିରେ ମହାବୀରଙ୍କୁ ନାଗାବେଶରେ ସଜ୍ଜିତ କରାଯାଏ। ରବିବାର ଭୋରରୁ ସିଦ୍ଧ ମହାବୀରଙ୍କ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳଆଳତି ପରେ ସ୍ନାନ, ଭୋଗ କରାଯାଇ ସିଦ୍ଧ ମହାବୀରଙ୍କୁ ନାଗାବେଶ କରାଯାଇଥିଲା। ସର୍ବସାଧାରଣ ଦର୍ଶନ ଆରମ୍ଭ ହେବା ସହ ରସଗୋଲା ଭୋଗ ଲାଗି ହୋଇଥିଲା। ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ର ପରିକ୍ରମା କରିବା ସହ ମହାବୀରଙ୍କୁ ନାଗା ବେଶରେ ଦର୍ଶନ ଓ ରସଗୋଲା ଭୋଗ କରିଥିଲେ। ମୁଖ୍ୟତଃ ସିଦ୍ଧ ମହାବୀରଙ୍କ ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଥିଲା। ସିଦ୍ଧ ମହାବୀରଙ୍କ ସହ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମହାବୀର ମନ୍ଦିରରେ ଏଭଳି ରୀତିନୀତି ପାଳିତ ହୋଇଥିଲା।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବୋଲଗଡ଼,୧୩।୧୧(ଡି.ଏନ୍.ଏ.)

ବୋଲଗଡ଼ ଥାନା ଅଧୀନ କଳାଙ୍ଗ ଗ୍ରାମ ବଡ଼ସାହିର ଏକ ବନ୍ଦ ଘରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଏହି ଗ୍ରାମର ବିଜୟ କୁମାର ସାହୁ। ତିନିଦିନ ପୂର୍ବେ ବିଜୟ ମଧ୍ୟାହ୍ନରେ ନିଜ ଜଳଖିଆ ଦୋକାନରୁ ଘରକୁ ଖାଇବା ପାଇଁ ଆସିଥିବା ବେଳେ କୌଣସି କାରଣକୁ ନେଇ ତାଙ୍କ ସ୍ତ୍ରୀଙ୍କ ସହ ବଚସା ହୋଇଥିଲା। ପରେ ବିଜୟ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିବାରୁ ସେ ପିଲାଙ୍କୁ ନେଇ ବାପଘରକୁ ପଳାଇଥିଲେ। ପରବର୍ତ୍ତୀ ସମୟରେ ବିଜୟ ତାଙ୍କ ମା'କୁ ମଧ୍ୟ ଘରୁ ବାହାର କରି ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ଫଳରେ ତାଙ୍କ ମା'ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେବାକୁ ପଳାଇଆସିଥିଲେ। ଗ୍ରାମବାସୀ କୌଣସି କାମରେ ଶୁକ୍ରବାର ବିଜୟଙ୍କ ଘର କବାଟ ବାଡେଇଥିଲେ ମଧ୍ୟ ସେ ଖୋଲି ନ ଥିଲେ। ଶନିବାର ପଡିଶା ଘରେ ବିଜୟଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ତାଙ୍କ ମା' ଓ ସ୍ତ୍ରୀଙ୍କୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ କବାଟ ଭଙ୍ଗାଯାଇ ବିଜୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ସମ୍ପର୍କରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୩/୨୨) ରୁଜୁକରି ତଦନ୍ତ ଚଳାଇଛି।

## ତୃତୀୟ ଆଇଏପିଏସ୍ଏମ୍ ସମ୍ମିଳନୀ ଉଦଯାପିତ



ଭୁବନେଶ୍ୱର,୧୩।୧୧

ଏମ୍ସ ଭୁବନେଶ୍ୱରର କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ଆୟୋଜିତ ୩ ଦିନିଆ ୩ୟ ଆଇଏପିଏସଏମ ଜାତୀୟ ଯୁବ ସମ୍ମିଳନୀ ନିକଟରେ ଉଦଯାପିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ଏମ୍ସ ନୂଆଦିଲ୍ଲୀ, ପିଜିଆଇଏମଇଆର ଚଣ୍ଡିଗଡ, ଜିପମର ପୁଡୁଚେରୀ, ଏମ୍ସ ପାଟନା, ଏମ୍ସ ରାୟପୁର, ଏମ୍ସ ଯୋଧପୁର, ଏମ୍ସ ଭୋପାଳ, ଏମ୍ସ କଲ୍ୟାଣୀ, ଏମ୍ସ ଗୋରଖପୁର, ଏମ୍ସ ବାଥିଣ୍ଡା, ଏମ୍ସ ବିବିନଗର, ଏମ୍ସ ମଙ୍ଗଳାଗିରି ଏବଂ ଏମଜିଆଇଏମଏସ ସେବାଗ୍ରାମ ଭଳି ଜାତୀୟ ପ୍ରତିଷ୍ଠାନର ବିଶେଷଜ୍ଞଙ୍କ ସମେତ ଦେଶର ବିଭିନ୍ନ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ୫୦୦ ରୁ ଅଧିକ ଯୁବ ଚିକିତ୍ସକମାନେ ମଧ୍ୟ ଅଂଶଗ୍ରହଣ କରିଥଲେ। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ପ୍ରିଭେଣ୍ଟିଭ୍ ଆଣ୍ଡ ସୋସିଆଲ୍ ମେଡିସିନ୍ ସହ ନିରନ୍ତର ସ୍ୱାସ୍ଥ୍ୟ ପାଇଁ ସମ୍ପ୍ରଦାୟର ଚିକିତ୍ସକ ବିଷୟବସ୍ତୁକୁ ନେଇ ଏହି ସମ୍ମିଳନୀରେ ବ୍ୟାପକ ଆଲୋଚନା ହୋଇଥିଲା। ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ, ପଦ୍ମଶ୍ରୀ ଡା. ଅଭୟ ବାଙ୍ଗ, ପଦ୍ମଶ୍ରୀ ଡା. ସି.ଏସ. ପାଣ୍ଡବ, ଡା. ହରିବଂଶ ଚୋପ୍ରା, ଡା. ସୁନୀଲା ଗର୍ଗ ଏବଂ ଡା. ପୁରଷୋତ୍ତମ ଗିରି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଶେଷ କରି ସମାଜର ତୃଣମୂଳ ସ୍ତରରେ ଗୁଣବତ୍ତାସମ୍ପନ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ କମ୍ୟୁନିଟି ଚିକିତ୍ସକଙ୍କ ଆବଶ୍ୟକତା ଉପରେ ଡା ବିଶ୍ୱାସ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ପ୍ରଫେସର ଡା. ସୋନୁ ହାଙ୍ଗମା ସୁବା, ସଂଗଠନର ଅଧ୍ୟକ୍ଷ, ଯୁବ ନେତାଙ୍କ ଦକ୍ଷତା ବୃଦ୍ଧି, ଏକାଡେମୀ ଏବଂ ଅନୁସନ୍ଧାନର ଦୃଢ଼ତା କ୍ଷେତ୍ରରେ ବୈଜ୍ଞାନିକ ଏକ୍ସପୋଜରର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନେକ ସାଧାରଣ ଅଧିବେଶନ, ସାମୂହିକ ଆଲୋଚନା, ପୋଷ୍ଟର କମ୍ପିଟିସନ ଏବଂ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ନିର୍ମାଣ ମେଧାବୃତ୍ତି ସମ୍ମାନ ପ୍ରଦାନ

ବାଲକାଟୀ,୧୩।୧୧(ଡି.ଏନ୍.ଏ.)

ବାଲକାଟୀସ୍ଥିତ ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ରବିବାର ନିର୍ମାଣ ମେଧାବୃତ୍ତି ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରଶାସନିକ ସେବା ଓ ଓଡିଶା ପୋଷ୍ଟ ଗ୍ରାଜୁଏଟ ଟିଚର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏହି ଅଞ୍ଚଳର ଆକାଂକ୍ଷା ମହାପାତ୍ର, ଅମିତା ପଟ୍ଟନାୟକ ଓ ସ୍ୱର୍ଣ୍ଣପ୍ରିୟା ରାଉତରାୟଙ୍କୁ ଚଳିତ ବର୍ଷର ନିର୍ମାଣ ମେଧାବୃତ୍ତି ସମ୍ମାନ ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନିର୍ମାଣର ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଭୁବନେଶ୍ୱର ପୁସ୍ତକ ମେଳା କମିଟିର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ. ଶିକ୍ଷାବିତ୍ ପୁଷ୍ପଶ୍ରୀ ମହାପାତ୍ର, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମିଶ୍ର, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ ପ୍ରମୁଖ ଯୋଗଦେଇ ସେମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।




ବାଲକାଟୀସ୍ଥିତ ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ ପକ୍ଷରୁ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ନିର୍ମାଣ ମେଧାବୃତ୍ତି ସମ୍ମାନ ପାଇଥିବା ଛାତ୍ରୀମାନେ।

## ଅବହେଳିତ ଅବସ୍ଥାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି

ଖୋର୍ଦ୍ଧା ଅଫିସ,୧୩।୧୧

- ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତି ଚାରିପଟେ ଗଛ ଉଠିଲାଣି
- ପୂଜ୍ୟପୂଜା ପ୍ରତି ଅପମାନ, ପ୍ରଶାସନର ନଜର ନାହିଁ
- ପ୍ରସ୍ତାବିତ ସ୍ଥାନକୁ ସ୍ଥାନାନ୍ତର ହେଉ ନ ଥିବାରୁ ଅସନ୍ତୋଷ

ଭାରତୀୟ ମୁକ୍ତି ସଂଗ୍ରାମର କଥା ଉଠିଲେ, ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ପାଇକ ବିଦ୍ରୋହ ଓ ପାଇକ ବୀରଙ୍କ କଥା ମନେପଡ଼େ। ପାଇକ ବିଦ୍ରୋହର ଅନ୍ୟତମ କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ରେ ଖୋର୍ଦ୍ଧା ମାଟିରୁ ଦିନେ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ତେଜିଥିଲା। ଶେଷରେ ଭାରତୀୟଙ୍କ ପରାକ୍ରମ ଆଗରେ ଇଂରେଜଙ୍କୁ ହାର୍ ମାନିବାକୁ ପଡ଼ିଥିଲା। ବକ୍ସି ଜଗବନ୍ଧୁଙ୍କ ପାଇଁ ଏ ମାଟି ଗୌରବାନ୍ୱିତ ହୋଇଛି। ତାଙ୍କ ବଳିଦାନ ଯୋଗୁ ଏ ମାଟି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ତେବେ ସେହି ମହାନ ବୀରଙ୍କୁ ଯଥୋଚିତ ସମ୍ମାନ ମିଳୁନାହିଁ। ଏପରିକି ତାଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହି ଧୂଳିଧୂସରିତ ହୋଇ ପଡ଼ିଛି। ମାତ୍ର ଏଥିପ୍ରତି ପ୍ରଶାସନର ନଜର ନାହିଁ।

ଜାତୀୟ ରାଜପଥ ପାର୍ଶ୍ୱ ଇସ୍କନ ମନ୍ଦିର ନିକଟରେ ରହିଛି ବକ୍ସିଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି। ଏହି ପ୍ରତିମୂର୍ତ୍ତି ଚାରିପଟେ ଅନାବନା ଗଛଲତା ମାଡ଼ିଗଲାଣି। ରାଜପଥ ସମ୍ପ୍ରସାରଣ କାରଣରୁ ପ୍ରତିମୂର୍ତ୍ତିରେ ବହଳେ ଧୂଳିର ଆସ୍ତରଣ ବସିଲାଣି।



ଜାତୀୟ ରାଜପଥ ପାର୍ଶ୍ୱରେ ଅବହେଳିତ ଅବସ୍ଥାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି।

ମାତ୍ର ଏଥିପ୍ରତି ପ୍ରଶାସନର ନଜର ପଡୁନାହିଁ। ଏ କ୍ଷେତ୍ରରେ ରାଜନୈତିକ ଇଚ୍ଛାଶକ୍ତିର ମଧ୍ୟ ଅଭାବ ଦେଖାଦେଇଛି। ପୂଜ୍ୟପୂଜା ପ୍ରତି କିଭଳି ଅବହେଳା କରାଯାଉଛି, ଏହା ହେଉଛି ତାହାର ଏକ ଉଦାହରଣ। ୨୦୦୯ ଜାନୁୟାରୀ ୨୪ରେ ବରୁଣେଇ ଓ ଗଡ଼ଖୋର୍ଦ୍ଧା ବିକାଶ ପରିଷଦ ଆନୁକୂଲ୍ୟରେ ଏହି ପ୍ରତିମୂର୍ତ୍ତି ରାଜପଥ ପାର୍ଶ୍ୱରେ ସ୍ଥାପନି କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ସେତେବେଳେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତତ୍କାଳୀନ ବ୍ରହ୍ମଗିରି ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର କର୍ପୋରେଟର ପ୍ରତାପ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଡ. ଦିଲୀପ ଶ୍ରୀଚନ୍ଦନ ସଭାପତି ଏବଂ ରାଜକିଶୋର ରାମ ଏହି ପରିଷଦର ଉପଦେଷ୍ଟା ରହିଥିଲେ। କିଛିବର୍ଷ ଧରି ଏହି ପ୍ରତିମୂର୍ତ୍ତି ଭଲ ଅବସ୍ଥାରେ ଥିଲା। ସେଠାରେ ବକ୍ସି ଜଗବନ୍ଧୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପ୍ରଭୃତି ପାଳନ ଅବସରରେ ମାଲ୍ୟାର୍ପଣ କରାଯାଉଥିଲା। ଏବେ ବି ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ଆସିଲେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। ମାତ୍ର ଏହାପରେ ସମସ୍ତେ ତାଙ୍କୁ ଭୁଲିଯାଉଛନ୍ତି। ଏଭଳି ଭାବେ ପୂଜ୍ୟପୂଜାକୁ ସମ୍ମାନ ଦିଆଯାଉଛି। ପାଇକ ବିଦ୍ରୋହରେ ବକ୍ସିଙ୍କ ନେତୃତ୍ୱକୁ ନେଇ କୁମ୍ଭୀର କାନ୍ଦଣା କରୁଥିବା କେତେକ ସଙ୍ଗଠନ ଏହି ଅବହେଳିତ ପ୍ରତିମୂର୍ତ୍ତି ସଫା କରିବାକୁ କେବେ ଆସି ନ ଥିବା ସ୍ଥାନୀୟ ଲୋକେ ଗଣମାଧ୍ୟମ ଆଗରେ କହିଛନ୍ତି।

ତେବେ କେବଳ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନୁହେଁ, ଗଡ଼ଖୋର୍ଦ୍ଧା ଛକରେ ଥିବା ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତିର ସମାନ ଅବସ୍ଥା। ରାଜପଥରୁ ଗଡ଼ଖୋର୍ଦ୍ଧା ମୌଜାରେ ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ ସ୍ଥାନକୁ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଲାଗି ବାରମ୍ବାର ବୈଠକ, ଆଲୋଚନା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏହି ପଞ୍ଚ ପାଇକଙ୍କ ମୂର୍ତ୍ତି ଚାରିପଟେ ଅନାବନା ଗଛଲତା ମାଡିଗଲାଣି। ପ୍ରତିମୂର୍ତ୍ତି ପଛପଟେ ଗଛ ଉଠିଲାଣି। ମୂର୍ତ୍ତିରେ ଫାଟ ସୃଷ୍ଟି ହେଲାଣି। ସଞ୍ଜ ନଇଁଲେ ଏଠାରେ ଅସମାଜିକଙ୍କ ଆଡ୍ଡା ଜମୁଛି। ଯାନବାହନ ଯିବାବେଳେ ଧୂଳି ଉଡ଼ି ଏହି ପ୍ରତିମୂର୍ତ୍ତି ଉପରେ ପଡ଼ି ଆସ୍ତରଣ ଜମିଗଲାଣି। ଯାହାଙ୍କ ପାଇଁ ଓଡ଼ିଶା ଆଜି ବିଶ୍ୱ ଦରବାରରେ ଗର୍ବିତ, ଯେଉଁମାନେ ଓଡ଼ିଆ ଜାତିର ଅସ୍ମିତା ସେମାନଙ୍କ ପ୍ରତିମୂର୍ତ୍ତିକୁ ଅବହେଳା ପୂଜ୍ୟପୂଜାର ଅପମାନ ସଦୃଶ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରସ୍ତାବିତ ସ୍ଥାନକୁ ଏହି ପ୍ରତିମୂର୍ତ୍ତିକୁ କେବେ ସ୍ଥାନାନ୍ତର କରାଯିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନର ଆନ୍ତରିକତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ କାରଣରୁ ପ୍ରତିମୂର୍ତ୍ତି ସ୍ଥାନାନ୍ତର ହୋଇପାରୁନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଏ ନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି, ପ୍ରତିମୂର୍ତ୍ତି ସ୍ଥାନାନ୍ତର ଲାଗି ଜମି ଚିହ୍ନଟ ସରିଛି। ଏଥିପ୍ରତି ଗୁରୁତ୍ୱ ଦିଆଯିବ।

## ସଂକ୍ଷେପରେ

### ଥାନାରୁ ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ): ଶୌଚ ହେବାକୁ କହି ଥାନାରୁ ଖସି ପଳାଇଥିବା ଅଭିଯୁକ୍ତଙ୍କୁ ଖାରବେଳ ନଗର ଥାନା ପୋଲିସ ଗିରଫ କରିଛି । ସେ ହେଲେ ୟୁନିଟ ୩ ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର ସେଖ ମଣି । ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି । ପୋଲିସ ମାମଲା (୪୦୬/୨୨) ରୁଜୁ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନାନୁସାରେ, ଅଭିଯୁକ୍ତ ସେଖ ମଣି ଖାରବେଳନଗର ଥାନା ଅଞ୍ଚଳରୁ ଏକ ମୋଟର ସାଇକେଲର ଡିକି ଭାଙ୍ଗି ମୋବାଇଲ ଚୋରି କରିଥିବା ଅଭିଯୋଗ ହୋଇଥିଲା। ସେ ଜୟ କିଶାନ ମାର୍କେଟ ନିକଟରେ ସନ୍ଦେହଜନକ ଭାବରେ ବୁଲାବୁଲି କରୁଥିବା ବେଳେ ପୋଲିସ ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ହେଲେ ଶୌଚ ପାଇଁ ଯିବାକୁ କହି ଥାନାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ପୋଲିସ ଖବର ପାଇ ଅଭିଯୁକ୍ତଙ୍କୁ ମସଜିଦ୍ କଲୋନୀ ନିକଟରୁ ଗିରଫ କରିଥିଲା।

### ପାର୍କିଂକୁ ନେଇ ଗଣ୍ଡଗୋଳ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ): ଗାଡ଼ି ପାର୍କିଂକୁ ନେଇ କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜମହଲ ଛକ ନିକଟରେ ରବିବାର ରାତିରେ ଗଣ୍ଡଗୋଳ ହୋଇଛି । ପାର୍କିଂ ଫି ଆଦାୟ କରୁଥିବା କର୍ମଚାରୀ ଓ ଗାଡ଼ି ଚାଳକ ମଧ୍ୟରେ ଠେଲାପେଲା, ଧସ୍ତାଧସ୍ତି ହୋଇଥିବା ଜଣାପଡିଛି। ଏଥିରେ ଉଭୟ ପକ୍ଷ ଆହତ ହୋଇଛନ୍ତି। ଫଳରେ ସେଠାରେ କିଛି ସମୟ ଟ୍ରାଫିକ ଜାମ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷର ବ୍ୟକ୍ତିଙ୍କୁ ଥାନାକୁ ନେଇଥିଲା । ଏନେଇ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ସୂଚନାନୁସାରେ, ଜଣେ ବାଇକ ଚାଳକ ଜଣେ ଯୁବତୀଙ୍କୁ ଧରି ରାଜମହଲ ଛକ ନିକଟକୁ ଆସିଥିଲେ। ସେଠାରେ ବାଇକ ରଖି ମାର୍କେଟିଂ କରିଥାନ୍ତେ। ହେଲେ ସେଠାରେ ଟିକେଟ କାଟୁଥିବା ଜଣେ ଯୁବତୀ ଏଠାରେ ଜାଗା ନାହିଁ । ଟିକେ ସମୟ ଅପେକ୍ଷା କର, ନହେଲେ ଆଗକୁ ଯାଇ ରଖିଦିଅ ବୋଲି କହିଥିଲେ। କିନ୍ତୁ ବାଇକ ଚାଳକ ବାଇକ୍ ସେଠାରେ ରଖିବାକୁ ଜିଦ୍ ଧରିବା ସହିତ ଟିକେଟ ଫି ଆଦୟ କରୁଥିବା ଯୁବତୀଙ୍କ ସହ ଯୁକ୍ତିତର୍କ କରିଥିଲେ। ଏହାପରେ ଅନ୍ୟ କର୍ମଚାରୀ ଆସିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ପରେ ଠେଲାପେଲା ହୋଇଥିଲା।

### ୩ କାର୍‌ର କାଚ ଭାଙ୍ଗି ଚୋରି

ଭୁବନେଶ୍ୱର,୧୩।୧୧(ବ୍ୟୁରୋ) - ରାଜଧାନୀରେ ୩ଟି କାର୍‌ର କାଚ ଭାଙ୍ଗି ଚୋରି ହୋଇଛି। ଜଣେ ଦୁର୍ବୃତ୍ତ ଇଟାରେ ୩ଟି କାର କାଚ ଭାଙ୍ଗି ଚୋରି କରିବାର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଛି । ବିଡିଏ କଲୋନୀ ଅଞ୍ଚଳର ଖଗେଶ୍ୱର ଜେନାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ ଖଗେଶ୍ୱର ଜେନା ଓ ଅନ୍ୟମାନଙ୍କ କାର ଘର ବାହାରେ ପାର୍କିଂ ହୋଇଥିଲା। ରାତି ପ୍ରାୟ ସାଢେ ୧ଟା ବେଳକୁ ଜଣେ ଯୁବକ କାର କାଚଗୁଡିକୁ ଇଟାରେ ଭାଙ୍ଗିଦେଇଥିଲେ। ଏହାପରେ କାର ଭିତରୁ ଟଙ୍କା, ଅଡିଓ ସିଷ୍ଟମ ସହ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ନେଇଯାଇଥିବା ଖଗେଶ୍ୱର ଅଭିଯୋଗ କରିଛନ୍ତି । ସକାଳୁ କାର ଭାଙ୍ଗି କେହି ଲୁଟ କରିଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ । ପିସିଆର ପହଁଚି ସିସିଟିଭି ଫୁଟେଜକୁ ସଂଗ୍ରହ କରିବା ସହ ଅଭିଯୁକ୍ତଙ୍କୁ ଧରିବା ନେଇ ତଦନ୍ତ ଆରମ୍ଭ କରିଛି।

### ମହାରୁଦ୍ରାଭିଷେକ ପୂଜା

ବାରଙ୍ଗ,୧୩।୧୧(ଡି.ଏନ୍.ଏ.): ଦାରୁଠେଙ୍ଗ ବ୍ରାହ୍ମଣ ନିଯୋଗ ସମିତି ଆନୁକୂଲ୍ୟରେ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ମହାରୁଦ୍ରାଭିଷେକ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଦାରୁଠେଙ୍ଗ ବ୍ରାହ୍ମଣ ନିଯୋଗ ସମିତି ସଭାପତି ପ୍ରାଣବନ୍ଧୁ ରଥ ଓ ନିଖିଳ ଉତ୍କଳ ବୈଦିକ ପରିଷଦ ସଭାପତି ଉଲ୍ଲାସ ଚନ୍ଦ୍ର ମିଶ୍ର ଶର୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଖୋର୍ଦ୍ଧା, ପୁରୀ, କଟକ ଆଦି ଜିଲାରୁ ୧୦୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ପଣ୍ଡିତ ଯୋଗଦେଇଥିଲେ। ମହାଦେବଙ୍କ ନିକଟରେ ସୂର୍ଯ୍ୟପୂଜା, ମଙ୍ଗଳଆଳତି, ବେଦ ପଠନ, ସର୍ବଦେବଦେବୀ ଆବାହନ ଏବଂ ୫୦ ଲିଟର ଦୁଗ୍ଧ, ୫ କେଜି ଭସ୍ମ, ୨୦ ଲିଟର ଆଖୁ ରସରେ ରୁଦ୍ରାଭିଷେକ ହୋଇଥିଲା। କୃଷ୍ଣଚନ୍ଦ୍ର ଶତପଥୀ ଓ କବିତା ଶତପଥୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଅଜିତ ଶତପଥୀ, ସୁରେଶ ଶତପଥୀ, ସତ୍ୟନାରାୟଣ ଦାସ ପ୍ରମୁଖ ପୂଜକ ପୂଜାର୍ଚ୍ଚନା କରିଥିଲେ। ୧୦୮ ବ୍ରାହ୍ମଣ ପଣ୍ଡିତଙ୍କ ବେଦମନ୍ତ୍ରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଦାରୁଠେଙ୍ଗ ବ୍ରାହ୍ମଣ ନିଯୋଗ ସମିତି ଓ ପଞ୍ଚାୟତ ପକ୍ଷରୁ ଅତିଥି ପଣ୍ଡିତ ଓ ବ୍ରାହ୍ମଣଙ୍କୁ ସମ୍ମାନିତ କରାଯାଇଥିଲା।

# ଉଦ୍‌ଘାଟନ ପରେ ବି ଖୋଲୁନି ମଡର୍ନ ମାଂସ ମାର୍କେଟ

ଭୁବନେଶ୍ୱର, ୧୩।୧୧ (ବ୍ୟୁରୋ)




- ଅବ୍ୟବସ୍ଥାକୁ ନେଇ ବ୍ୟବସାୟୀଙ୍କ ଅସନ୍ତୋଷ
- ଦୋକାନ ଆଲଟ୍‌ମେଣ୍ଟ, ମାଂସକଟା ସ୍ଥାନରେ ବନ୍ଧ ନିର୍ମାଣ ଦାବି

ବହୁ ପ୍ରତୀକ୍ଷିତ ଘାଟିକିଆସ୍ଥିତ ଅତ୍ୟାଧୁନିକ ମାଂସ ମାର୍କେଟ ଉଦ୍‌ଘାଟିତ ହେବାର ୮ଦିନ ବିତି ଯାଇଥିଲେ ବି ଏଯାବତ୍ ସେଠାରେ ବ୍ୟବସାୟ ଆରମ୍ଭ ହୋଇ ପାରିନାହିଁ। ଛାଡ଼ଖାଇକୁ ଦୃଷ୍ଟିରେ ରଖି ୭ ତାରିଖ ସୋମବାର ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ ପ୍ରମୁଖ ମାର୍କେଟକୁ ଉଦ୍‌ଘାଟନ କରିଥିଲେ। ମାତ୍ର ହଠାତ୍ ମାର୍କେଟ ଉଦ୍‌ଘାଟନ ହୋଇଥିବାରୁ ଓ ସ୍ଥାନୀୟ ବାସିନ୍ଦା ଏ ସମ୍ପର୍କରେ ଜାଣି ନ ଥିବାରୁ ରବିବାର ଅର୍ଥାତ୍ ୧୩ ତାରିଖରୁ ଖୋଲିବା ପାଇଁ ବ୍ୟବସାୟୀମାନେ ନିଷ୍ପତ୍ତି ନେଇଥିଲେ। ମାତ୍ର ବିଏମ୍‌ସି ପକ୍ଷରୁ ବ୍ୟବସାୟୀଙ୍କୁ ଦୋକାନ ଆଲ୍‌ଟମେଣ୍ଟ କରାଯାଇ ନ ଥିବାରୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଅପରପକ୍ଷେ ଦୋକାନରେ ମାଂସ କାଟିବା ପାଇଁ ହୋଇଥିବା ବ୍ୟବସ୍ଥାକୁ ନେଇ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି। ମାଂସ କଟା ସ୍ଥାନର ଚତୁଃପାର୍ଶ୍ୱରେ ବନ୍ଧ କରାଯାଇ ନାହିଁ। ଫଳରେ ମାଂସ କାଟିବା ସମୟରେ ରକ୍ତପାଣି ଚାରିଆଡକୁ ବୋହିବା ସହ ଦୋକାନ ଆଗରେ ଗଦା ହେବ। ତେଣୁ ମାଂସ କଟା ସ୍ଥାନରେ ବନ୍ଧ କରିବାକୁ ବ୍ୟବସାୟୀମାନେ ଉଦ୍‌ଘାଟନ ସମୟରେ ଦାବି କରିଥିଲେ। ତୁରନ୍ତ ବନ୍ଧ କରାଯିବ ବୋଲି ମେୟର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ମାତ୍ର ଏହି କାମ ସରୁ ନ ଥିବାରୁ ଓ ଦୋକାନ ଆଲଟ୍‌ମେଣ୍ଟ ଦିଆଯାଇ ନ ଥିବାରୁ ମାର୍କେଟ ଖୋଲିପାରୁ ନାହିଁ। ତେବେ ଆସନ୍ତା ରବିବାର ମାର୍କେଟ ଖୋଲିବାକୁ ଯୋଜନା ଥିବା ବ୍ୟବସାୟୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଏଠାରେ ଥଇଥାନ ହେବାକୁ ଥିବା ବ୍ୟବସାୟୀମାନେ ନାକାଗେଟ, ରେଣ୍ଟାଲ, ଷ୍ଟୁଡିଓ ଛକ ଓ ଘାଟିକିଆ ଅଞ୍ଚଳରେ ରାସ୍ତା କଡ଼ରେ ମାଂସ ବ୍ୟବସାୟ କରୁଥିଲେ। ପ୍ରାୟ ୨୫ଜଣ ରାସ୍ତାକଡ଼ରେ ବ୍ୟବସାୟ କରୁଥିବାବେଳେ ସେମାନଙ୍କ ମଧ୍ୟରୁ ୧୨ଜଣଙ୍କୁ ଏଠାରେ ଥଇଥାନ କରାଯାଇଛି। ତେଣୁ ଥଇଥାନ ହୋଇ ନ ଥିବା ଅନ୍ୟ ବ୍ୟବସାୟୀମାନେ ସମ୍ପୃକ୍ତ ସ୍ଥାନରେ ବ୍ୟବସାୟ କରିବେ, ଯାହାଦ୍ୱାରା ଗ୍ରାହକମାନେ ମାର୍କେଟକୁ ନ ଯାଇ ସେହିଠାରୁ ମାଂସ କିଣିବେ। ତେଣୁ ସେମାନଙ୍କୁ ମଧ୍ୟ ଯଥାଶୀଘ୍ର ଥଇଥାନ କରିବା ନେଇ ଦାବି କରାଯାଇଛି।

ସୂଚନାଯୋଗ୍ୟ, ୨୦୧୮ରେ ଅତ୍ୟାଧୁନିକ ମାଂସ ମାର୍କେଟ ନିର୍ମାଣ ଆରମ୍ଭ ହୋଇଥିଲା। କୌଣସି କାରଣରୁ ବିବାଦ ଲାଗି ରହିଥିବାରୁ ଏହା ୪ବର୍ଷ ଧରି କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ତେବେ ଲଟେରି ଜରିଆରେ ୧୨ଜଣ ବ୍ୟବସାୟୀଙ୍କୁ ଦୋକାନ ଆବଣ୍ଟନ କରାଯାଇଛି। ଏଠାରେ ଆବଶ୍ୟକ ହେଉଥିବା ସରଞ୍ଜାମ ଯଥା ଏସି, ଡିପ୍ ଫ୍ରିଜର ଓ ମାଂସ କାଟିବା ପାଇଁ ହତିଆର ବିଏମ୍‌ସି ପକ୍ଷରୁ ଯୋଗାଇଦିଆଯାଇଛି। ସେହିପରି ପାର୍କିଂ ପାଇଁ ଯଥେଷ୍ଟ ସ୍ଥାନ ଥିବା ବେଳେ ମାଂସ କାଟିବା ପାଇଁ ଦୁଇଟି ଘର ରହିଛି। ଗୋଟିଏ ଅଫିସ୍ ରୁମ ରହିବା ସହ ବ୍ୟବସାୟୀଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା କରାଯାଇଛି।

# ଶିଶୁଙ୍କ ସହ ଦିନଟିଏ




ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଅଙ୍କୁର ଫାଉଣ୍ଡେଶନ ଦ୍ୱାରା ଆଇ.ଆର.ସି ଭିଲେଜର ଏନ୍‌୧ ମାଧ୍ୟମିକ ବିଦ୍ୟାଳୟଠାରେ 'ଶିଶୁଙ୍କ ସହ ଦିନଟିଏ' କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ବର୍ଷ ତମାମ କରାଯାଉଥିବା ବେଳେ ସେମାନଙ୍କୁ ଖୁସିର ବାର୍ତ୍ତା ବାଣ୍ଟିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା । ଚିନ୍ମୟୀ ପଣ୍ଡା ଆଇମା କାହାଣୀ କହି ପିଲାଙ୍କୁ ଉତ୍ସାହିତ କରିଥିଲେ। ଗାୟିକା ଅନିନ୍ଦିତା ଦାସଙ୍କ ବେଲୁନ ବାଲା ଗୀତରେ ପିଲାମାନେ ନାଚି ଉଠିଥିଲେ। ଚକୋଲେଟ ଓ ଉପହାର ଦେଇ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ।




ଭୁବନେଶ୍ୱର ସୂଚନାଭବନରେ ରବିବାର ଅନୁଷ୍ଠିତ 'ଆଶ୍ରୟ'ର ୨୮ତମ ବାର୍ଷିକୋତ୍ସବ ଓ ପ୍ରୋଜେକ୍ଟ ସକ୍ଷମ-୨୦୨୨ରେ ଯୋଗଦେଇଥିବା ଅତିଥିମାନେ ।

# ମୁଖ୍ୟ ଆକର୍ଷଣ ସାଜିଲା ଅଘୋରି ନୃତ୍ୟ

ବାରଙ୍ଗ,୧୩।୧୧(ଡି.ଏନ୍.ଏ)

**ସରିଲା ବାରଙ୍ଗର ପ୍ରସିଦ୍ଧ କାର୍ତ୍ତିକେଶ୍ୱର ଭସାଣି**

ସରିଲା ବାରଙ୍ଗର ପ୍ରସିଦ୍ଧ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ। କାର୍ତ୍ତିକପୂର୍ଣ୍ଣିମାଠାରୁ ଆରମ୍ଭ ହୋଇ ୫ଦିନ ଧରି ଚାଲିଥିବା ଏହି ପୂଜା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ବିସର୍ଜନର ଗୋଟିଏ ଦିନରେ ୩୭ଟି ମେଢ଼ ବିସର୍ଜନ ହୋଇଥିଲା। ପୂଜାର ଅନ୍ୟତମ ଆକର୍ଷଣ ଭସାଣି ହୋଇଥିବାରୁ ଏହାକୁ ଦେଖିବାକୁ ବାରଙ୍ଗ ଥାନାଠାରୁ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ବିଭିନ୍ନ ଗାଁ ମୁଣ୍ଡରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ପୂଜା କମିଟି ପକ୍ଷରୁ ଭସାଣି ଶୋଭାଯାତ୍ରାର ଏକ ପ୍ରକାର ପ୍ରତିଯୋଗିତା ହୋଇଥିବା ଦେଖିବାକୁ ମିଳିଥିଲା। ଆଲୋକ ସଜ୍ଜା, ବିଭିନ୍ନ ପ୍ରକାରର ବାଜା, ଘଣ୍ଟ, ସିଙ୍ଘ, ପଞ୍ଜାବୀ, ହଳଦୀକାଠ, ଘୋଡାନାଚ, ପତକା, କଣ୍ଢେଇ ନାଚ, ଷଣ୍ଢ ଘୋଡା ଆଦି ପାରମ୍ପରିକ ବାଦ୍ୟ ସହ ଡିଜେକୁ ସାମିଲ କରାଯାଇଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଅଘୋରି ନୃତ୍ୟ ଦେଖିବାକୁ ଲୋକଙ୍କ ବେଶ୍ ଭିଡ଼ ହୋଇଥିଲା। କଳାକାରଙ୍କର ନିଆରା ନୃତ୍ୟ, ବିଭୂତିବୋଳା ଶରୀରରୁ ନିଆଁ ବାହାରିବା ଦୃଶ୍ୟ ଦେଖଣାହାରିଙ୍କୁ ବିମୋହିତ କରିଥିଲା। ସମସ୍ତ ମେଢ଼ ପୁରୁଣା ବାରଙ୍ଗଠାରେ ହୋଇଥିବା ୪୮ମଣ୍ଡଳ ନାମ ସଂକୀର୍ତ୍ତନ ବାଲିଯାତ୍ରା ମହୋତ୍ସବ କମିଟି ସମ୍ବର୍ଦ୍ଧନା କକ୍ଷରୁ ଭୋଗହାଣ୍ଡି ନେଇ ବାରଙ୍ଗ ଥାନା ପାଖକୁ ଆସିଥିଲେ। ସେଠାରେ ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟି ଭସାଣି ପରିଚାଳନା କକ୍ଷରେ ସଭାପତି ପ୍ରତାପ ଚନ୍ଦ୍ରପାଣି ଓ ସମ୍ପାଦକ ସୁରେଶ ମହାନ୍ତି ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ପୂଜା କମିଟିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଭୋଗହାଣ୍ଡି ନେଇ ପୁରୀ ମେନ୍ କେନାଲ କୂଳରେ ହୋଇଥିବା କୃତ୍ରିମ ପୁଷ୍କରିଣୀରେ ବିସର୍ଜନ ପାଇଁ ଯାଇଥିଲେ। ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣାଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ଏହି ଭସାଣି ଶେଷ ହୋଇଥିଲା।

# ଦିବ୍ୟାଙ୍ଗଙ୍କୁ ସହାୟତା ପାଇଁ ଆଗେଇ ଆସନ୍ତୁ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ):

**ଆଶ୍ରୟର ୨୮ତମ ବାର୍ଷିକୋତ୍ସବ**

- ଶୈଳରାଣୀ ମିଶ୍ର ଓ ମାନସ ପଟ୍ଟନାୟକଙ୍କୁ 'ଆଶ୍ରୟ ସେବାରତ୍ନ' ପୁରସ୍କାର

ଦିବ୍ୟାଙ୍ଗମାନେ ଅବହେଳିତ ନୁହନ୍ତି। ସେମାନେ ଆମ ପରି ମଣିଷ । ସେମାନଙ୍କୁ କିଏ ଅକ୍ଷମ ତ ଆଉ କିଏ ଦୁର୍ବଳ କୁହେ। ଦିବ୍ୟାଙ୍ଗଙ୍କୁ ସହାୟତା ପାଇଁ ସମାଜର ସବୁ ବର୍ଗର ଲୋକେ ଆଗେଇ ଆସନ୍ତୁ ବୋଲି ରବିବାର ସୂଚନା ଭବନରେ ଅନୁଷ୍ଠିତ 'ଆଶ୍ରୟ'ର ୨୮ତମ ବାର୍ଷିକୋତ୍ସବ ଓ ପ୍ରୋଜେକ୍ଟ ସକ୍ଷମ-୨୦୨୨ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ସାହିତ୍ୟିକ ଦାଶ ବେନହୁର, ସାମ୍ବାଦିକ ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରଦ୍ୟୁମ୍ନ ଶତପଥୀ, ସାହିତ୍ୟିକା ଡ. ସିନ୍ଧୁନନ୍ଦିନୀ ତ୍ରିପାଠୀ, ଅଭିନେତା ଆକାଶ ଦାସ ନାୟକ, ସମାଜସେବୀ ଶୈଳରାଣୀ ମିଶ୍ର, ବନ୍ଦନା ପଣ୍ଡା ଏବଂ ସଂଗଠକ ମାନସ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଲୋକନାଥ ଦାଶ ଅଧ୍ୟକ୍ଷତା କରି କହିଥିଲେ, ରାଜ୍ୟର ବାସ୍ତବ ଦିବ୍ୟାଙ୍ଗ ତଥା ଅସହାୟମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଥଇଥାନ ଓ ଅଧିକାରକୁ ସାବ୍ୟସ୍ତ କରାଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ପ୍ରତିଷ୍ଠିତ କରାଇବା ଏହାର ମୂଳ ଲକ୍ଷ୍ୟ। ଏହି ଅବସରରେ 'ଆଶ୍ରୟ ପତ୍ରିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହାସହ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ବିଭିନ୍ନ ସାମଗ୍ରୀ ବିତରଣ, ଛାତ୍ରୀଛାତ୍ରଙ୍କୁ 'ଆଶ୍ରୟ ଛାତ୍ରବୃତ୍ତି' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କବି ବିଜୟା ମିଶ୍ରଙ୍କ କବିତା ପୁସ୍ତକ 'ଉରଣ' ଏବଂ ପାଣ୍ଡବ ନାୟକଙ୍କ 'ନୟାଗଡ଼ ପରିକ୍ରମା' ମଧ୍ୟ ଲୋକାର୍ପିତ ହୋଇଥିଲା। ଜୀବନବ୍ୟାପୀ ସମାଜସେବାରେ ନିଜକୁ ଉତ୍ସର୍ଗ କରିଥିବାରୁ ସମାଜସେବୀ ଶୈଳରାଣୀ ମିଶ୍ର ଓ ମାନସ ରଞ୍ଜନ ପଟ୍ଟନାୟକଙ୍କୁ 'ଆଶ୍ରୟ ସେବାରତ୍ନ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେହିପରି ଭାଷାବିତ୍, ଗବେଷିକା ତଥା ସାହିତ୍ୟିକା ପ୍ରଫେସର ଡ. ବିଜୟଲକ୍ଷ୍ମୀ ମହାନ୍ତି, କବି ପ୍ରଫେସର ସୁହାସିନୀ ମହାପାତ୍ର, କ୍ୟାନ୍‌ସର ବିଶେଷଜ୍ଞ ଡ. ମାଧବାନନ୍ଦ କର, ପ୍ରଫେସର ଡା ସୁଦର୍ଶନ ପଟ୍ଟନାୟକ, ବିଜୟା ମିଶ୍ର, ଡ. ମହେଶ ପ୍ରସାଦ ରାଉତ, ପ୍ରଫେସର ଡ. ଦୁର୍ଗାପ୍ରସାଦ ରଥ, ଶିଶୁ ବିଶେଷଜ୍ଞ ଡ. ଗୋପବନ୍ଧୁ ନନ୍ଦ, ଗାୟତ୍ରୀ ବହିଦାର, ମଞ୍ଜୁଳା କୁମାରୀ ରଥ, ପାଣ୍ଡବ ନାୟକ, ସତ୍ୟନାରାୟଣ ମିଶ୍ର ଏବଂ ସତ୍ୟରଞ୍ଜନ ପାଣିଗ୍ରାହୀଙ୍କୁ 'ଆଶ୍ରୟ ପୁରସ୍କାର' ପ୍ରଦାନ କରାଯାଇଥିଲା।

# ମଦ ଜବତ, ଜଣେ ଗିରଫ

ଗମ୍ଭାରୀମୁଣ୍ଡା,୧୩।୧୧(ଡି.ଏନ୍.ଏ.):

ବାଣପୁର ଥାନା ଅଞ୍ଚଳରେ ବାଲୁଗାଁ ଅବକାରୀ ବିଭାଗ ଚଢ଼ାଉ କରି ୭୦ ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଏହି ଥାନା ଅଧୀନ କୁରୁଞ୍ଜିପୁର ଗ୍ରାମର ମୋଚିରାମ ମୁଦୁଲି(୪୬)। ସୂଚନା ମୁତାବକ, ବାଣପୁର ଅଞ୍ଚଳରେ ଚୋରା ଦେଶୀ ମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା । ବାଲୁଗାଁ ଅବକାରୀ ଅଧିକାରୀ ରୋହିତ କୁମାର ଦଣ୍ଡସେନା କୌଣସି ସୂତ୍ରରୁ ଖବର ପାଇ ବାଣପୁର କେନାଲ ରୋଡ୍‌ରେ ଚଢ଼ାଉ କରି ମୋଚିରାମଙ୍କୁ ଧରିବା ସହ ମଦ ଓ ବାଇକ୍ ଜବତ କରିଥିଲେ । ଏ ନେଇ ଅବକାରୀ ବିଭାଗରେ ଏକ ମାମଲା (ନଂ.୧୦୯/୨୦୨୨-୨୩) ରୁଜୁ ହୋଇଛି।

# ରାଜ୍ୟସ୍ତରୀୟ ଯୁବ କବି ସମ୍ମିଳନୀ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ହେଲ୍ପମେଟ୍ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଅବସରରେ ଯାନ୍ତ୍ରିକ ଭବନରେ ଏକ ରାଜ୍ୟସ୍ତରୀୟ ଯୁବ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେଶାତ୍ମବୋଧକ, ସଚେତନତାମୂଳକ, ବୃକ୍ଷ, ନାରୀ ଓ ଗାନ୍ଧୀଙ୍କ ଉପରେ କବିତା ପାଠ ସହ ଲୋପ ପାଇଯାଉଥିବା ରଢ଼ି ଓ ଢ଼ଗ ଢ଼ମାଳି ଉପରେ ଯୁବ ପିଢ଼ିଙ୍କୁ ସଚେତନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ସୁଚେତା ରାଉତ, ମଧୁଲିତା ରାୟ, ନିହାରିକା ପଟ୍ଟନାୟକ, ଲିନା ମିଶ୍ର ଯୋଗଦେଇ ବ୍ୟବହାରିକ ଶବ୍ଦକୁ ନେଇ କିପରି ସାହିତ୍ୟ ସୃଷ୍ଟି କରାଯାଇପାରିବ ସେ ବିଷୟରେ ମତ ରଖିଥିଲେ। ଏଭଳି କବି ସମ୍ମିଳନୀ ଦ୍ୱାରା ଏକ ଶୃଙ୍ଖଳା ଓ ଦାୟିତ୍ୱବୋଧ ସମାଜ ଗଠନ ହୋଇପାରିବ ବୋଲି ଅନୁଷ୍ଠାନର ସଭାପତି ଡ. ଅଞ୍ଜଳୀ ତ୍ରିପାଠୀ ଓ ସମ୍ପାଦିକା ନିବେଦିତା ଭଞ୍ଜ କହିଥିଲେ। ରେଣୁବାଳା ଦଳାଇ ମଞ୍ଚ ପରିଚାଳନା କରିଥିବାବେଳେ କଣ୍ଠଶିଳ୍ପୀ ଦୀପ୍ତି ମିଶ୍ର, ଚମକଚାନ୍ଦିନୀ ଦାସ, ମୋନିକା ମହାପାତ୍ର, ଡ. ସୁକାନ୍ତି ତ୍ରିପାଠୀ, ସ୍ୱର୍ଣ୍ଣ ପଣ୍ଡା, ଦୀପ୍ତି ପଟ୍ଟନାୟକ ପ୍ରମୁଖ ସଙ୍ଗୀତ ପରିବେଶଣ କରିଥିଲେ।

# ଶିଶୁ ଦିବସ ଅବସରରେ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୧୩।୧୧(ବ୍ୟୁରୋ):

ସହରର ବିଭିନ୍ନ ବସ୍ତିରେ ବସବାସ କରୁଥିବା ଅନେକ ଶିଶୁ ମୌଳିକ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହୋଇଥାନ୍ତି। କୋମଳମତି ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ରଘୁନାଥପୁର ଅଞ୍ଚଳରେ ଥିବା ରୟାଲ ଲାଗୁନ ଲେଡିଜ୍ କ୍ଲବ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ଉତ୍କଳ ହସ୍ପିଟାଲର ୫ଟି ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ୧୦୦ଜଣ ପିଲାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନ୍ଧାରକଣା, ଚର୍ମରୋଗ, ପୋଷଣ ଅଭାବଜନିତ ରୋଗ ଚିହ୍ନଟ କରାଯାଇଥିଲା। ବିଶେଷଜ୍ଞମାନେ ଶିଶୁମାନଙ୍କୁ ଉପଯୁକ୍ତ ଚିକିତ୍ସା ଓ ଔଷଧ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ପିଲାମାନଙ୍କୁ ଉତ୍ତମ ଖାଦ୍ୟ ଏବଂ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦିଆଯିବା ସହିତ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କ୍ଲବର ସଭାପତି ଶାନ୍ତି ରାୟ କହିଥିଲେ। ସେହିପରି ଅବହେଳିତ ଶିଶୁଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅନ୍ୟମାନେ ସହଯୋଗ କରିବା ପାଇଁ କ୍ଲବର ସମ୍ପାଦିକା ଗୀତାଞ୍ଜଳି ଅଗ୍ନିହୋତ୍ରୀ ଅନୁରୋଧ କରିଥିଲେ। ଶିବିରକୁ ଲେଡ଼ିଜ କ୍ଲବର ସଦସ୍ୟ ଅତସୀ ତ୍ରିପାଠୀ, ଇପ୍ସିତା ପ୍ରିୟଦର୍ଶିନୀ,ସଂଯୁକ୍ତା ଶତପଥୀ, ସନ୍ଧ୍ୟା ମହାନ୍ତି ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।



ରୟାଲ ଲାଗୁନ ଲେଡିଜ୍ କ୍ଲବ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଅତିଥିଙ୍କ ସହ ଶିଶୁମାନେ।

# ପିଛା ଛାଡୁନି ପରିମଳ ବିବାଦ

ଭୁବନେଶ୍ୱର, ୧୩।୧୧ (ବ୍ୟୁରୋ)



**ଅଳିଆ ଉଠାଇବାକୁ ଅଣ୍ଟା ଭିଡୁଛନ୍ତି କର୍ପୋରେଟର**

ପରିମଳ ବିବାଦ ବିଏମ୍‌ସିର ପିଛା ଛାଡୁନାହିଁ। ଭିତ୍ତିଭୂମିକୁ ସୁଦୃଢ଼ ନ କରି ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ କେବଳ ବୃଥା ଚେଷ୍ଟା କରାଯାଉଛି। ଫଳରେ ସହରରେ ପରିମଳ ବ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଅଳିଆ ଗଦା ହୋଇ ରହିଥିବାବେଳେ ବୁଲା ଗାଈ, କୁକୁର ଖାଦ୍ୟ ଅନ୍ୱେଷଣରେ ଏଗୁଡିକୁ ଖ୍ୱାନ୍‌ଭିନ୍ କରି ରାସ୍ତାରେ ପକାଉଛନ୍ତି। ନୂତନ ଟେଣ୍ଡର ପ୍ରକ୍ରିୟା ଅନୁଯାୟୀ ଏଜେନ୍ସିମାନେ ଅଳିଆ ଉଠାଉ ନାହାନ୍ତି। ସ୍ଥିତି ଏବେ ଏଭଳି ହୋଇଛି ଯେ କର୍ପୋରେଟରମାନେ ବାଧ୍ୟ ହୋଇ ଆଗକୁ ବାହାରିଛନ୍ତି। ୱାର୍ଡ ନଂ. ୩୦ର ବିଭିନ୍ନ ଅଞ୍ଚଳରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ସମ୍ପୃକ୍ତ ୱାର୍ଡର କର୍ପୋରେଟର ରାଜକିଶୋର ଦାସଙ୍କ ନେତୃତ୍ୱରେ ସାନିଟାରି ଇନ୍ସପେକ୍ଟର, ୨ଜଣ ସୁପରଭାଇଜରଙ୍କ ସହାୟତାରେ ପ୍ରତିଦିନ ଅଳିଆ ଉଠାଯାଉଛି। ଏଥିପାଇଁ ବିଏମ୍‌ସି ୩ଟି ଟ୍ରାକ୍ଟର, ଗୋଟିଏ ଜେସିବି ଏବଂ ଗୋଟିଏ ହାଇୱା ପ୍ରଦାନ କରିଛି। ପ୍ରତିଦିନ ୱାର୍ଡରୁ ପ୍ରାୟ ୨୦ରୁ ୨୪ ଟ୍ରାକ୍ଟର ଅଳିଆ ଉଠାଯାଉଥିବା କର୍ପୋରେଟର ସୂଚନା ଦେଇଛନ୍ତି। ସେହିପରି ଘରକୁ ଘର ବୁଲି ଓଦା ଶୁଖିଲା ଅଳିଆ ସଂଗ୍ରହ କରିବା ପାଇଁ ବିଏମ୍‌ସିର ୩ଟି ସଫେଇ ଗାଡ଼ି ଆସୁଛି, ଯାହାକି ଏତେ ବଡ଼ ୱାର୍ଡ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ନଭେମ୍ବର ୩ରେ ହୋଇଥିବା କର୍ପୋରେଶନ ବୈଠକରେ ଏ ନେଇ କର୍ପୋରେଟର ଅଭିଯୋଗ କରିଥିଲେ। ୱାର୍ଡକୁ ଆଉ ୫ଟି ଅଳିଆ ଗାଡ଼ି ଦେବା ପାଇଁ ଦାବି କରିଥିବାବେଳେ ୪ଟି ଗାଡ଼ି ଦିଆଯିବ ବୋଲି ମେୟର କହିଥିଲେ। ମାତ୍ର ଇତି ମଧ୍ୟରେ ୧୦ ଦିନ ବିତିଯାଇଥିଲେ ସୁଦ୍ଧା ଗାଡ଼ି ପ୍ରଦାନ କରାଯାଇ ନାହିଁ। ଅପରପକ୍ଷେ ସଚେତନତା ଅଭାବରୁ ଲୋକମାନେ ବାହାରେ ଆଣି ଅଳିଆ ପକାଉଛନ୍ତି। ତେବେ ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବିଏମ୍‌ସି ଆପ୍ରାଣ ଉଦ୍ୟମ କରୁଥିବା କହୁଥିବାବେଳେ ଭିତ୍ତିଭୂମିକୁ ସଜାଡି ପାରୁନାହିଁ। ସହରକୁ ଡଷ୍ଟବିନ୍‌ମୁକ୍ତ କରିବା ପାଇଁ ଯେଉଁ ଘୋଷଣା କରାଯାଇଥିଲା ତାହା ଏବେ ବୁମେରାଂ ପାଲଟିଛି। ଗୋଟିଏପଟେ ପ୍ରତି ୱାର୍ଡକୁ ଆବଶ୍ୟକ ସଂଖ୍ୟକ ଅଳିଆ ଗାଡ଼ି ଦେଇ ପାରୁ ନ ଥିବାବେଳେ ରାସ୍ତାକଡ଼ରେ ଥିବା ବଡ଼ ବଡ଼ ଡଷ୍ଟବିନ୍‌କୁ କାଢି ଦିଆଯାଇଛି। ଫଳରେ ଲୋକମାନେ ବାଧ୍ୟ ହୋଇ ରାସ୍ତାରେ ଅଳିଆ ପକାଉଛନ୍ତି। ବିଶେଷକରି ପରିମଳ ବ୍ୟବସ୍ଥାରେ ତ୍ରୁଟିପୂର୍ଣ୍ଣ ଟେଣ୍ଡର ପ୍ରକ୍ରିୟା ଏବେ ବିଏମ୍‌ସିର ମୁଣ୍ଡବିନ୍ଧା ପାଲଟିଛି, ଯାହାକୁ ନେଇ ଜନସାଧାରଣଙ୍କ ସହିତ କର୍ପୋରେଟରମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାତ୍ର ବିଏମ୍‌ସିର ଏଜେନ୍ସି ମୋହ ତୁଟିପାରୁ ନାହିଁ। ନୂତନ ବ୍ୟବସ୍ଥା ଅନୁଯାୟୀ ସଫେଇ ଏଜେନ୍ସିମାନେ କେବଳ ସଫେଇ କରିବେ। ମାତ୍ର ବାହାରିଥିବା ଅଳିଆ ଆବର୍ଜନାକୁ ସେଠାରୁ ଉଠାଇବେ ନାହିଁ। ବିଏମ୍‌ସି ନିଜର ଗାଡ଼ି ଲଗାଇ ସେଗୁଡିକୁ ଉଠାଇବ। ଏହି ବ୍ୟବସ୍ଥା ଦ୍ୱାରା ଏଜେନ୍ସିମାନେ ମନଇଚ୍ଛା କାମ କରୁଛନ୍ତି। ସେମାନଙ୍କର ଆବଶ୍ୟକ ଗାଡ଼ି ନ ଥିବାରୁ ଏବଂ ଟେଣ୍ଡର ଅନୁଯାୟୀ ସେମାନେ ଅଳିଆ ଉଠାଇବାକୁ ବାଧ୍ୟ ନୁହଁନ୍ତି ବୋଲି କହୁଛନ୍ତି। ତେଣୁ ଅନେକ ସ୍ଥାନରେ ଅଳିଆ ଗଦା ହୋଇ ରହୁଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଜେଇଏମ୍ ସ୍କୁଲ ପକ୍ଷରୁ ଶିଶୁ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ, ସ୍କୁଲ ପରିସର, ସକାଳ ୭ଟା।
- ଓଡ଼ିଶା ରିସର୍ଚ୍ଚ କନ୍‌କ୍ଲେଭ୍‌ର ଉଦ୍‌ଘାଟନୀ ଉତ୍ସବ, ରେଭେନ୍ସା ମହାବିଦ୍ୟାଳୟ, ସକାଳ ୮ଟା।
- ୬୯ତମ ସହଯୋଗ ସପ୍ତାହ ଅବସରରେ ପତାକା ଉତ୍ତୋଳନ ଉତ୍ସବ, ଓଡ଼ିଶା ରାଜ୍ୟ କୋଅପରେଟିଭ୍ ୟୁନିୟନ, ସମବାୟ ଭବନ, ୟୁନିଟ୍-୯, ସକାଳ ୮ଟା।
- ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ ପକ୍ଷରୁ ବିଜ୍ଞାନମେଳା, ବିଦ୍ୟାଳୟ ପରିସର, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୯ଟା।
- ଶ୍ରୀ ରାମେଶ୍ୱର ବରିଷ୍ଠ ନାଗରିକ ସଂଘର ୬ଷ୍ଠ ପ୍ରତିଷ୍ଠା ଦିବସ, ଡେ' କେୟାର ସେଣ୍ଟର, ଜୟଦେବ ବିହାର, ପୂର୍ବାହ୍ନ ୧୦ଟା।
- ଶିଶୁ ଦିବସ ଉପଲକ୍ଷେ 'ଉତ୍କଳ ରକ୍ଷକ ପରିବାର' ଦ୍ୱାରା ଆୟୋଜିତ 'ବଣମଲ୍ଲି ପ୍ରତିଭା ସମ୍ମାନ-୨୦୨୨', ଝରଣାସାହି, ମଞ୍ଚେଶ୍ୱର, ପୂର୍ବାହ୍ନ ୧୧ଟା।
- ସିସିଡବ୍ଲ୍ୟୁଡି ପକ୍ଷରୁ ଶିଶୁ ଦିବସ, ରୋଟାରି କ୍ଲବ, ପୂର୍ବାହ୍ନ ୧୧ଟା।
- କସ୍ତୁରବା ନାରୀମହଲ ଆନୁକୂଲ୍ୟରେ ଶିଶୁ ଦିବସ, ନାରୀମହଲ ପରିସର, ଅପରାହ୍ନ ୩ଟା।
- ଉତ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶିଶୁ ଦିବସ ଉପଲକ୍ଷେ 'ତାରେ ଜମିନ୍ ପର୍', ଉତ୍କଳ କନିକା ଗ୍ୟାଲେରିଆ, କଳ୍ପନା ଛକ, ଅପରାହ୍ନ ୪ଟା।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ୩ ଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ୟୁନିଟ୍-୯, ଅପରାହ୍ନ ୫ଟା।
- ନୃତ୍ୟ ଶକ୍ତି ପକ୍ଷରୁ ନାଚ ପ୍ରତିଯୋଗିତା 'ଘୁଙ୍ଗରୋ-୨୨', ବିକାଶ ରେସିଡେନ୍ସିଆଲ୍ ସ୍କୁଲ, ଅପରାହ୍ନ ୫ଟା।
- ଆଲିଶା ଫାଉଣ୍ଡେଶନ ପକ୍ଷରୁ ଶିଶୁ ଦିବସ, କେଳୁଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୫ଟା।
- ଭୁବନେଶ୍ୱର ବାଲିଯାତ୍ରା ମହୋତ୍ସବ ଅବସରରେ ସଭାକାର୍ଯ୍ୟ, ଅପରାହ୍ନ ୫ଟା।
- ନେହେରୁ ଯୁବ ପ୍ରତିଷ୍ଠାନ ପକ୍ଷରୁ ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ରାଜାରାଣୀ ସଙ୍ଗୀତ ଉତ୍ସବ, ରାଜାରାଣୀ ମନ୍ଦିର, ସନ୍ଧ୍ୟା ୬ଟା ୩୦।
- ନାଟ୍ୟ ଅନୁଷ୍ଠାନ 'ମିରର୍ ଗ୍ରୁପ୍'ର ନୂତନ ନାଟକ 'ଶୁଭ ବିବାହ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ (ଓପିଜିସି)ର ୩୯ତମ ପ୍ରତିଷ୍ଠା ଦିବସ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ଜୟଦେବ ବିହାର, ସନ୍ଧ୍ୟା ୭ଟା।

ନିମାପଡ଼ା

- ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲ୍‌ଫେୟାର ଅର୍ଗାନାଇଜେଶନ ପକ୍ଷରୁ ୬ଷ୍ଠ ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ବିତରଣ ସମାରୋହ, ଟାଉନ୍ ହଲ୍, ଅପରାହ୍ନ ୩ଟା।
- ଜାଭିୟର୍ ହାଇସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ, ସ୍କୁଲ ପରିସର, ଅପରାହ୍ନ ୫ଟା।

ବାଲିଅନ୍ତା

- ଶିଶୁ ଦିବସ 'ଶେଫାଳି' ପାଳନ, ମ୍ୟାଜିକ୍ ଶୋ', ନହରକଣ୍ଟା, ସରସ୍ୱତୀ ଶିକ୍ଷାମନ୍ଦିର, ପୂର୍ବାହ୍ନ ୧୦ଟା।
- ଶିଶୁ ଦିବସ ପାଳନ, ମା' ଜାଗୁଳାଇ ସରସ୍ୱତୀ ଶିଶୁମନ୍ଦିର, ଅଲାରପୁର(ରଙ୍ଗ ବଜାର), ପୂର୍ବାହ୍ନ ୧୦ଟା।

# ବ୍ରୋଞ୍ଜ ସ୍ତମ୍ଭ, ଲେଜର ଟେକ୍ନୋଲୋଜିରେ ନେତାଜୀ

**ଭୁବନେଶ୍ୱର,୧୩।୧୧(ବ୍ୟୁରୋ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀକୁ ନେଇ ରାଜ୍ୟ ସଂଗ୍ରହାଳୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସ୍ଥାୟୀ ପ୍ରଦର୍ଶନୀ। ୨୬ଟି ବ୍ରୋଞ୍ଜ ସ୍ତମ୍ଭରେ ଲେଜର ଟେକ୍ନୋଲୋଜି ଆଧାରରେ ନେତାଜୀଙ୍କ ବିଭିନ୍ନ ପ୍ରକାର ଫଟୋଚିତ୍ରକୁ ସମନ୍ୱିତ କରାଯାଇ ଉପସ୍ଥାପିତ ହୋଇଛି। ଦୂରରୁ ଦେଖିଲେ ଠିକ୍ ଭାବେ ବୁଝା ପଡୁ ନ ଥିବା ଏହି ଫଟୋଚିତ୍ରଗୁଡିକ ପାଖରୁ ଦେଖିଲେ ଅଲଗା, ସୁନ୍ଦର ଓ ଆକର୍ଷଣୀୟ ଜଣାପଡୁଛି। ନେଜାଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ବର୍ଷ ତଥା ଆଜାଦୀକା ଅମୃତ ମହୋତ୍ସବ ପାଳନ ଅବସରରେ ରବିବାର ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଂଗ୍ରହାଳୟର ଆଭ୍ୟନ୍ତରୀଣ ଉଦ୍ୟାନରେ ଏହି ପ୍ରଦର୍ଶନୀ ସ୍ଥାନ ପାଇଛି।

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏହାକୁ ଉଦ୍‌ଘାଟନ କରି କହିଲେ, ଭାରତର ସ୍ୱାଧୀନତା ସଂଗ୍ରାମରେ ନେଜାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅବଦାନ ଅତୁଳନୀୟ। ତାଙ୍କ ସ୍ମୃତିଚାରଣ କରୁଥିବା କଟକର ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, ରେଭେନ୍‌ଶା କଲିଜିଏଟ୍ ସ୍କୁଲ ଏବଂ ରେଭେନ୍‌ଶା କଲିଜିଏଟ୍ ସ୍କୁଲ ଛାତ୍ରାବାସ ଭଳି ଦେଶର ପ୍ରତ୍ୟେକ ସ୍ଥାନର ସ୍ୱତନ୍ତ୍ରତା ରହିଛି। ରାଜ୍ୟ ସଂଗ୍ରହାଳୟ ଆସୁଥିବା ପର୍ଯ୍ୟଟକ, ଦର୍ଶକ, ଯୁବପିଢି ଓ ଛାତ୍ରୀଛାତ୍ର ଏହି ପ୍ରଦର୍ଶନୀ ଦେଖି ନେତାଜୀଙ୍କ ସମ୍ପର୍କରେ ଅଧିକ ଜାଣିବାର ସୁଯୋଗ ପାଇବେ। ଆଗାମୀ ଦିନରେ ଜିଲା କଳା ସଂସ୍କୃତି ସଂଘ ସହାୟତାରେ ଗାଁ ଗହଳିର ପିଲାଙ୍କୁ ରାଜ୍ୟ ସଂଗ୍ରହାଳୟରେ ଥିବା ଓଡିଶାର ସମାଜତତ୍ତ୍ୱ , ଦେଶାତ୍ମବୋଧ , ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଆଦି ଉପରେ ସ୍ଥାନିତ ପ୍ରଦର୍ଶନୀ ଦେଖାଇବାର ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଭାବେ ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ମୁଖ୍ୟବକ୍ତା ଭାବେ ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ଐତିହାସିକ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ ନେତାଜୀଙ୍କ ଜୀବନକୁ ଭାରତ ଇତିହାସର ଗରିମାମୟ ଅଧ୍ୟାୟ ଭାବେ ଅଭିହିତ କରିଥିଲେ। ଅତିଥି ଭାବେ ଇଣ୍ଡିଆନ୍ ନ୍ୟାଶନ୍ୟାଲ ଆର୍ମି ପକ୍ଷରୁ ସୂଚୀ ଚକ୍ରବର୍ତ୍ତୀ ଯୋଗଦେଇ ଲେଜର ଟେକ୍ନୋଲୋଜି, ଏଲ୍‌ଇଡି ସ୍କ୍ରିନ୍ ଓ ମୋବାଇଲ ଆପ୍ ଯୋଗେ ଉପଲବ୍ଧ ତଥ୍ୟ ସବୁ ବର୍ଗର ଜନସାଧାରଣଙ୍କୁ ନେତାଜୀଙ୍କ ସମ୍ପର୍କରେ ଅବଗତ କରାଇବ ବୋଲି କହିଥିଲେ। ଯୁଗ୍ମ ନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ଓଡିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବୋଧ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶାଶ୍ୱତୀ ଅନୁଷ୍ଠାନ ତରଫରୁ ନେଜାଜୀଙ୍କ ଉପରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିବାବେଳେ ଉତ୍କଳ ସାହିତ୍ୟ ଓ କଳା ସଂସଦର କଳାକାରମାନେ ସମବେତ ବାଦ୍ୟଯନ୍ତ୍ରରେ ବିଭିନ୍ନ ଦେଶାତ୍ମବୋଧ ସଂଗୀତ ପରିବେଷଣ କରିଥିଲେ। ରାଜ୍ୟ ସଂଗ୍ରହାଳୟ ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଅତିଥି ପରିଚୟ ଓ ସଂଗ୍ରହ ଅଧକ୍ଷ ଡ. ଭାରତୀ ପାଲ୍ ଧନ୍ୟବାଦ ଦେଇଥିଲେ।



ସଂଗ୍ରହାଳୟର ଆଭ୍ୟନ୍ତରୀଣ ଉଦ୍ୟାନରେ ପ୍ରଦର୍ଶନୀ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

### ରାଜ୍ୟ ସଂଗ୍ରହାଳୟରେ ସ୍ଥାୟୀ ପ୍ରଦର୍ଶନୀ ଉଦ୍‌ଘାଟିତ





ରାଜାରାଣୀ ସଙ୍ଗୀତ ମହୋତ୍ସବରେ ଉସ୍ତାଦ ସବୀର ଖାନ୍ ସାରଙ୍ଗୀ ବାଦନ ଓ ଗୁରୁ ବିଜୟ କୁମାର ଜେନା ଓଡ଼ିଶୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ସାରଙ୍ଗୀ ଧ୍ୱନି, ଓଡ଼ିଶୀ ସଙ୍ଗୀତରେ ମୁଖରିତ ରାଜାରାଣୀ ଉତ୍ସବ

**ଭୁବନେଶ୍ୱର,୧୩।୧୧(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଚାଲିଥିବା ରାଜାରାଣୀ ସଙ୍ଗୀତ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଓ ସାରଙ୍ଗୀ ଧ୍ୱନିରେ ରାଜାରାଣୀ ମନ୍ଦିର ପ୍ରାଙ୍ଗଣ ମୁଖରିତ ହୋଇଉଠିଥିଲା। ଉସ୍ତାଦ ସବୀର ଖାନ୍‌ଙ୍କ ସାରଙ୍ଗୀ ବାଦନରୁ ଆରମ୍ଭ ହୋଇଥିଲା ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ। ରାଗ କୋଷିକଣା, ତିନ୍ ତାଲ, ରୂପକ୍ ତାଲ ସହିତ ବିଭିନ୍ନ ତାଳ ଓ ରାଗ ସମନ୍ୱୟରେ ସାରଙ୍ଗୀ ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ତାଙ୍କୁ ତବଲାରେ ଏମ୍. ଆର. ନଜର ସହଯୋଗ କରିଥିଲେ। ଦ୍ୱିତୀୟ କାର୍ଯ୍ୟକ୍ରମରେ ଓଡ଼ିଶୀ କଣ୍ଠଶିଳ୍ପୀ ଗୁରୁ ବିଜୟ କୁମାର ଜେନା ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ଶ୍ଳୋକ 'ନୀଳାଦ୍ରୌ ଶଙ୍ଖମଧ୍ୟେ...'ପରେ ରାଗାଙ୍ଗ ପର୍ଯ୍ୟାୟରେ କବି ରାମକୃଷ୍ଣଙ୍କ ରଚନାରୁ ଉଦ୍ଧୃତ ପ୍ରବନ୍ଧ 'ଆଜି ମୁଁ ଦେଖିଲି ଘନ ଶ୍ୟାମକୁ ଗୋ...' ଶ୍ରୋତାଙ୍କୁ ବାନ୍ଧି ରଖିଥିଲା। ଦ୍ୱିତୀୟ ପ୍ରସ୍ତୁତିରେ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦରୁ ଉଦ୍ଧୃତ 'ସଖିହେ କେଶୀ ମଥନ ମୁଦାରମ...', ତୃତୀୟ ପ୍ରସ୍ତୁତିରେ 'ବରଜ ବିଧୂରେ ଅନା, ଅନା ଫେରି ସହିରେ...', ଚତୁର୍ଥ ପ୍ରସ୍ତୁତିରେ 'ଆହା ଧନୁର୍ଦ୍ଧରବୀର ବର ଧନୁଶର ନ ଥିଲା କି କର...' ଓ ଶେଷ ପ୍ରସ୍ତୁତିରେ ସେ କବି ଗୋପାଳ କୃଷ୍ଣଙ୍କ ରଚନାରେ ନାଟ୍ୟାଙ୍ଗ 'ଧୀର ସମୀରେ ଡ଼ାକୁଛି ତୋ ନାଁରେ' ଆଦି ପରିବେଷଣ କରିଥିଲେ। ମର୍ଦ୍ଦଳରେ ଗୁରୁ ସଚ୍ଚିଦା ନନ୍ଦ ଦାସ, ବଂଶୀରେ ଗୁରୁ ଶ୍ରୀନିବାସ ଶତପଥୀ, ହାରମୋନିୟମରେ ବାଳକୃଷ୍ଣ ଜେନା ଏବଂ ତାନପୁରାରେ ବୈଷ୍ଣବୀ ଘୋଷ ସହଯୋଗ କରିଥିଲେ। ଅତିଥି ଭାବେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଆର. ବାଳକ୍ରୀଷ୍ଣନ୍, ସୂଚନା କମିଶନର ଦିଲୀପ କୁମାର ବିଶୋଇ, ବାଲୁକା ଶିଳ୍ପୀ ତଥା ଓଡ଼ିଶା ଲଳିତ କଳା ଏକାଡ଼େମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଚିବ ପ୍ରବୋଧ କୁମାର ରଥ ଯୋଗ ଦେଇଥିଲେ। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ତଥା ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବୋଧ ଆଚାର୍ଯ୍ୟ ଉପସ୍ଥିତ ଥିବାବେଳେ ଡ. ସଙ୍ଗୀତା ଗୋସାଇଁ ଓ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ହାଇକୋର୍ଟ ବିଚାରପତି

**ପୁରୀ ଅଫିସ, ୧୩।୧୧**

ଓଡ଼ିଶା ହାଇକୋର୍ଟର ବିଚାରପତି ଯଶବନ୍ତ ସିଂ ରବିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସିଂ ପରିବାର ବର୍ଗଙ୍କ ସହ ଆସି ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ସେ ଭିତର ବେଢାରେ ଥିବା ମା' ବିମଳା, ମା' ମହାଲକ୍ଷ୍ମୀ ଏବଂ ଅନ୍ୟ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇ ଫେରିଥିଲେ।

## ବଞ୍ଜାରା ଲୁଟିନେଲେ ସୁନାହାର, ୧୦ ମୋବାଇଲ

**କଟକ ଅଫିସ,୧୩।୧୧**

ବାଲିଯାତ୍ରାରେ ରବିବାର ପ୍ରବଳ ଭିଡ଼ର ସୁଯୋଗ ନେଇ ବଞ୍ଜାରାମାନେ ଯୋଜନାବଦ୍ଧ ଭାବେ ଚୋରି ଓ ଲୁଟ୍ କରିଛନ୍ତି। ଜଣେ ମହିଳାଙ୍କ ବେକରୁ ଅଢ଼େଇ ଭରି ଓଜନର ସୁନା ହାର ଚୋରି ହୋଇଥିବା ନେଇ କଣ୍ଟେନମେଣ୍ଟ ଥାନାରେ ଅଭିଯୋଗ ହୋଇଛି। ସେହିପରି ବିଭିନ୍ନ ଲୋକଙ୍କଠାରୁ ପ୍ରାୟ ୧୦ଟି ମୋବାଇଲ୍ ଫୋନ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ପଡ଼ିଆରେ ଚଢ଼ାଉ କରି ୧୪ ବଞ୍ଜାରାଙ୍କୁ ଧରିଥିବା ଜଣାଯାଇଛି।

# 'ଓଡ଼ିଆ ସାହିତ୍ୟର ଧ୍ରୁବତାରା ଥିଲେ ମାୟାଧର ମାନସିଂ'

**କୃଷ୍ଣପ୍ରସାଦ,୧୩।୧୧ (ଡି.ଏନ୍.ଏ.)**

କବି ଡ. ମାୟାଧର ମାନସିଂଙ୍କ ଜୟନ୍ତୀ ସମାରୋହ ଜନ୍ମସ୍ଥାନ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନନ୍ଦଳାଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମାନସିଂହ ପାଠାଗାର ଆନୁକୂଲ୍ୟରେ ମାନସିଂ ମେମୋରିଆଲ ହାଇସ୍କୁଲରେ ଅନୁଷ୍ଠିତ ସମାରୋହରେ ବିଷ୍ଣୁପ୍ରସାଦ ଦଳେଇ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସାହିତ୍ୟ ଗବେଷକ ଲକ୍ଷ୍ମୀନାରାୟଣ ଦାଶ, ମୁଖ୍ୟ ବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳିପଦ ପଣ୍ଡା, ଅତିଥି ଭାବେ ଯୁଗ୍ମ ଶାସନ ସଚିବ ସଂସଦୀୟ ବ୍ୟାପାର ବିଭାଗ ଓଡ଼ିଶା ଚିନ୍ମୟ ଆଚାର୍ଯ୍ୟ, ସମ୍ମାନୀୟ ବକ୍ତା ସାହିତ୍ୟିକ କେଦାରନାଥ ଦାସ, ସମ୍ମାନିତ ଅତିଥି କୃଷ୍ଣପ୍ରସାଦ ବିଡିଓ ମନୋଜ କୁମାର ନାୟକ, କିଶୋର ଚନ୍ଦ୍ର ବିଶୋଇ, ସରପଞ୍ଚ ସବିତା ବିଶ୍ୱାଳ, କବି ବନବିହାରୀ ପଟ୍ଟନାୟକ, ସଞ୍ଚାଳକ ଭାବେ ମାନସିଂ ସାହିତ୍ୟ ସଂସଦର ସମ୍ପାଦକ କବି ଲଳିତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ମାନସିଂହଙ୍କ ସ୍ମୃତିଚାରଣ କରିଥିଲେ। ଅତିଥିମାନେ ମାନସିଂଙ୍କ ସମାଧି ପୀଠ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମାୟାଧର ଓଡ଼ିଆ ସାହିତ୍ୟର ଧ୍ରୁବତାରା ଥିଲେ ବୋଲି ମୁଖ୍ୟ ବକ୍ତା ପଣ୍ଡା କହିଥିଲେ। ଏହି ଅବସରରେ କବି, ଅବସରପ୍ରାପ୍ତ ଶିକ୍ଷକ ତଥା ପାଇକବୀର କେଦାରନାଥ ଦାସଙ୍କୁ ମାନସିଂ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ କବିତା ପାଠୋତ୍ସବ କରାଯାଇଥିଲା।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବୀରେନ୍ଦ୍ର



@ ବିଶ୍ୱଜିତ



@ ଲିଙ୍ଗରାଜ



@ ଲୋପାମୁଦ୍ରା



@ ବିଶ୍ୱରଞ୍ଜନ



@ ସରିତସଙ୍ଗମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଧାମନଗରର ନବନିର୍ବାଚିତ ଭାଜପା ବିଧାୟକ ସୂର୍ଯ୍ୟବଂଶୀ ସୁରଜ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।




ଦେବଦାସୀ ନୃତ୍ୟ ମନ୍ଦିର ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଅଙ୍ଗୀକାରମ୍ ମଙ୍ଗଳମ୍ ନାଟ୍ୟାର୍ପଣ କାର୍ଯ୍ୟକ୍ରମରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ଇଟିକିଲି ମିଟିକିଲି ପକ୍ଷରୁ ଭୁବନେଶ୍ୱରସ୍ଥିତ ପଠାଣିସାମନ୍ତ ପ୍ଲାନେଟାରିୟମଠାରେ ରବିବାର ଅନୁଷ୍ଠିତ ଆଜାଦୀକା ଅମୃତ ମହୋତ୍ସବ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାମାନେ।



କଟକ ଦରଘାବଜାର ପୁରୁଣା ଜେଲରୋଡ୍‌ରୁ ରବିବାର ବାରବାଟୀ-କଟକ ବିଜେଡି ପକ୍ଷରୁ ବାହାରିଥିବା ଜନସମ୍ପର୍କ ପଦଯାତ୍ରା।

# ନବୀନଙ୍କୁ ଭେଟିଲା ବିଞ୍ଝାଲ ସମାଜ

## ବରିହାଙ୍କ ପରିବାରରୁ ପ୍ରାର୍ଥୀ ଦେବାକୁ ନିବେଦନ କଲେ ଶତାଧିକ କର୍ମୀ

ଭୁବନେଶ୍ୱର, ୧୩।୧୧ (ବ୍ୟୁରୋ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରବିବାର ପଦ୍ମପୁର ବିଞ୍ଝାଲ ସମାଜର ସଦସ୍ୟମାନେ ଭେଟିଛନ୍ତି। ସେମାନେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପଦ୍ମପୁର ଉପନିର୍ବାଚନ ସମ୍ପର୍କରେ ଆଲୋଚନା କରିଛନ୍ତି। ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ସ୍ତ୍ରୀ ତିଳୋତ୍ତମାଙ୍କୁ ବିଜେଡି ପ୍ରାର୍ଥୀ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ବରିହାଙ୍କ ସ୍ତ୍ରୀ ତିଳୋତ୍ତମା କିମ୍ବା ତାଙ୍କ ଝିଅ ବର୍ଷାରାଣୀଙ୍କ ମଧ୍ୟରୁ କାହାକୁ ଟିକେଟ୍ ଦେଲେ ମଧ୍ୟ ଚଳିବ ବୋଲି ସେମାନେ ଦାବି କରିଛନ୍ତି।

ବସ୍ ଭଡା କରି ଆସିଥିବା ପଦ୍ମପୁର ବିଜେଡି କର୍ମୀମାନେ ନବୀନ ନିବାସରେ ଆଲୋଚନା ସାରି ଫେରିବା ପରେ ସେମାନଙ୍କ ଦାବି ସମ୍ପର୍କରେ ଜଣାଇଛନ୍ତି। ବସ୍‌ରେ ଆସିଥିବା ହୃଷୀକେଶ ବରିହା କହିଛନ୍ତି, ବିଜେଡି ପ୍ରାର୍ଥୀ ଭାବେ ବିଜୟ ବରିହାଙ୍କ ପରିବାର ମଧ୍ୟରୁ କାହାରି ଜଣଙ୍କୁ ଟିକେଟ ଦିଆଯାଉ। ନ ହେଲେ ସେଠାରେ ଉପନିର୍ବାଚନରେ ବିଜେଡି ଭଲ ଫଳାଫଳ କରିବ ନାହିଁ। ତେବେ ବରିହାଙ୍କ ପରିବାରରୁ ପ୍ରାର୍ଥୀ କରିବା ଲାଗି ଦାବି କରିବାକୁ ପଦ୍ମପୁରରୁ ଶତାଧିକ କର୍ମୀ ଆସିବା ପରେ ଭିନ୍ନ ଏକ ଚର୍ଚ୍ଚା ରାଜଧାନୀରେ ଆରମ୍ଭ ହୋଇଯାଇଛି। ଧାମନଗର ଭଳି ପଦ୍ମପୁରରେ ମଧ୍ୟ ବିଜେଡି ପ୍ରାର୍ଥୀତ୍ୱକୁ ନେଇ ଅଙ୍କ ଛିଡୁ ନ ଥିବା ଚର୍ଚ୍ଚା ହେଉଛି।

### ୧୬ରେ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ

ଭଟଲି ବିଧାୟକ ସୁଶାନ୍ତ ସିଂ କହିଛନ୍ତି, ଦିନେ ଦୁଇ ଦିନ ମଧ୍ୟରେ ବିଜେଡି ତା'ର ପ୍ରାର୍ଥୀ ଘୋଷଣା କରିବ। ବିଜେଡି ପ୍ରାର୍ଥୀ ଆସନ୍ତା ୧୬ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବେ। ସୂଚନାଯୋଗ୍ୟ, ଦିବଂଗତ ବିଧାୟକ ବିଜୟ ରଞ୍ଜନ ସିଂହ ବରିହାଙ୍କ ସ୍ତ୍ରୀ ତିଳୋତ୍ତମାଙ୍କୁ ପ୍ରାର୍ଥୀ କରିବାକୁ ସୁଶାନ୍ତ ସିଂ ଚାହୁଁଥିବା ଜଣାପଡ଼ିଛି। ତେବେ ଏନେଇ ଦଳରେ ଦ୍ୱିମତ ରହିଛି। ଅନ୍ୟପକ୍ଷରେ ଏହି ଉପନିର୍ବାଚନ ସମୟରେ ପଦ୍ମପୁରକୁ ଜିଲା ମାନ୍ୟତା ଦେବା ପାଇଁ ଆନ୍ଦୋଳନ ଆହୁରି ଜୋର ଧରିଛି। ରବିବାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଆନ୍ଦୋଳନକାରୀଙ୍କୁ ଭେଟିଛନ୍ତି। ତାଙ୍କ ପରାମର୍ଶକ୍ରମେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ରାଜି ହୋଇଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚିଠି ଆସିଲେ ପ୍ରତିନିଧି ଦଳ ପଠାଇବାକୁ ନିଷ୍ପତ୍ତି ହୋଇଥିବା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ପଦ୍ମପୁର ଉପନିର୍ବାଚନ ପାଇଁ ଭାଜପା ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଛନ୍ତି। ଭାଜପା ପୁନର୍ବାର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କୁ ଟିକେଟ ମିଳିଛି। ବିଜେଡି ଟିକେଟ ଲାଗି ବରିହାଙ୍କ ପରିବାରରୁ ପ୍ରାୟ ୪ ଜଣ ଆଗ୍ରହୀ ଥିବାବେଳେ ବାହାରୁ ଦୁଇ ଜଣଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି।

# ଭାରତ ଯୋଡ଼ୋ ଯାତ୍ରା ଜନତାଙ୍କ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ କରାଇବ

ନୂଆଦିଲ୍ଲୀ, ୧୩।୧୧ (ପି.ଟି.)



କହ୍ନେୟା କୁମାର

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଲୋକଙ୍କ ପ୍ରସଙ୍ଗ ଉଠାଇବାରେ ସଫଳ ହୋଇଥିବାବେଳେ ଆଗାମୀ ଦିନରେ ଉକ୍ତ ପ୍ରସଙ୍ଗରେ ସରକାରଙ୍କୁ ଉତ୍ତରଦାୟୀ ସୁନିଶ୍ଚିତ କରାଇବାକୁ ଯାଉଛି। ଯାତ୍ରା ଦ୍ୱାରା କଂଗ୍ରେସ ନେତା ରାହୁଲ ଗାନ୍ଧୀ ବଦନାମ ହେବେ ବୋଲି ଯେଉଁ ମିଛ ପ୍ରଚାର ଚାଲିଥିଲା ତାହା ଭୁଲ୍ ପ୍ରମାଣିତ ହୋଇଛି। ଦେଶ ଆଗରେ ତାଙ୍କ ବାସ୍ତବତା ପଦାକୁ ଆସିଥିବା କଂଗ୍ରେସ କହିଛି। ଭାରତ ଯୋଡ଼ୋ ଯାତ୍ରାକୁ ଆଶାତୀତ ସଫଳତା ମିଳିଥିବା ଏଆଇସିସି ମୁଖ୍ୟାଳୟରେ ଏକ ଖବରଦାତା ସମ୍ମିଳନୀକୁ କଂଗ୍ରେସ ନେତା କହ୍ନେୟା କୁମାର କହିଛନ୍ତି।

ରାହୁଲଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଯେତେବେଳେ ଆରମ୍ଭ ହେଲା ଏହାର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଯାତ୍ରାରେ ଲୋକେ ସାମିଲ ହେବେ କି ନାହିଁ, ଏବଂ ଏହା ଦିନକୁ ୨୫ କିଲୋମିଟର ଅତିକ୍ରମ କରିପାରିବ କି ନାହିଁ ତାହାକୁ ନେଇ ଅନେକ ସନ୍ଦିହାନ ଥିଲେ। ଏବେ ଭାରତ ଯୋଡ଼ୋ ଯାତ୍ରା ୬୦ରୁ ଅଧିକ ଦିନ ଅତିକ୍ରମ କରିଥିବା ବେଳେ ପ୍ରତିଦିନ ଏଥିରେ ହଜାର ହଜାର ଲୋକ ସାମିଲ ହେଉଛନ୍ତି।

ମୂଲ୍ୟବୃଦ୍ଧି ଏବଂ ବେରୋଜଗାରି ଜନସାଧାରଣଙ୍କର ଦୁଇଟି ମୁଖ୍ୟ ପ୍ରସଙ୍ଗ ଯାହା ଯାତ୍ରା ସମୟରେ ଲୋକଙ୍କଠାରୁ ଜାଣିବାକୁ ମିଳିଛି। ସଂଘବାଦ ସୁରକ୍ଷା ପ୍ରସଙ୍ଗ ଦକ୍ଷିଣୀ ରାଜ୍ୟଗୁଡ଼ିକରେ ମୁଣ୍ଡ ଟେକିଛି। କେନ୍ଦ୍ର ସରକାର ନ୍ୟାୟ ଦେବାରେ ବିଫଳ ହୋଇଥିବା କୁମାର କହିଛନ୍ତି। ମହାରାଷ୍ଟ୍ରରେ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରା ରବିବାର ପାଇଁ ବନ୍ଦ ଥିଲାବେଳେ ସୋମବାର ଏହା ହିଙ୍ଗୋଲି ଜିଲାରୁ ୱାଶିମ ଅଭିମୁଖେ ବାହାରିବ। ଭାରତ ବିଭାଜିତ ହେବ ନାହିଁ କିମ୍ବା ଘୃଣାକୁ ପ୍ରଶ୍ରୟ ଦିଆଯାଇ ପାରିବ ନାହିଁ, ପଦଯାତ୍ରାରୁ ଏହି ବାର୍ତ୍ତା ମିଳିଥିବା କୁମାର କହିଛନ୍ତି।

# ଦିଲ୍ଲୀ ଏମ୍‌ସିଡି ଅକ୍ତିଆର ଲକ୍ଷ୍ୟରେ ଏଏପି

ନୂଆଦିଲ୍ଲୀ, ୧୩।୧୧ (ଆଇଏଏନ୍‌ଏସ୍)

ଜାତୀୟ ରାଜଧାନୀ ଦିଲ୍ଲୀରେ ୭ ବର୍ଷ ହେଲା କ୍ଷମତାରେ ଥିବା ଆମ୍ ଆଦ୍‌ମୀ ପାର୍ଟି ଦିଲ୍ଲୀ ପୌର ନିଗମ (ଏମ୍‌ସିଡି) ନିର୍ବାଚନ ଜିତିବା ନେଇ ଜୋର୍‌ଦାର ଉଦ୍ୟମ ଚଳାଇଛି। ୧୫ ବର୍ଷ ଧରି ଏମ୍‌ସିଡି ଭାଜପା ଅକ୍ତିଆରରେ ଥିବାବେଳେ ଏହି ଦଳକୁ ହଟାଇବା ଏଏପିର ମୁଖ୍ୟ ଲକ୍ଷ୍ୟ। ଏଏପି ଗଠନ ହେବା ପରଠାରୁ ଦ୍ୱିତୀୟ ଥର ପାଇଁ ପୂରାଦମ୍‌ରେ ଏମ୍‌ସିଡି ନିର୍ବାଚନ ଲଢୁଛି। ୨୦୧୭ ଏମ୍‌ସିଡି ନିର୍ବାଚନରେ ଏହି ଦଳକୁ ୪୯ଟି ୱାର୍ଡ ମିଳିଥିଲା। ଭାଜପା ଠାରୁ ହାରିଲେ ମଧ୍ୟ ଏହି ଦଳ କଂଗ୍ରେସକୁ ପଛରେ ପକାଇବାରେ ସଫଳ ହୋଇଥିଲା। ଗତ ନିର୍ବାଚନରେ କଂଗ୍ରେସ ମାତ୍ର ୩୧ ୱାର୍ଡରେ ଜିତିଥିଲା। ଏଥର ନିର୍ବାଚନ ଏଏପି ଏବଂ ଭାଜପାରେ କଡ଼ା ଟକ୍କର ହେବାକୁ ଯାଉଛି।

# ଟିକେଟ ନ ପାଇବାରୁ ବିଦ୍ୟୁତ୍ ଟାୱାରରେ ଚଢ଼ିଲେ ପୂର୍ବତନ ଏଏପି କାଉନ୍‌ସିଲର

**ଦିଲ୍ଲୀ ପୌର ନିର୍ବାଚନ**

ନୂଆଦିଲ୍ଲୀ, ୧୩।୧୧

ଦିଲ୍ଲୀ ପୌରନିଗମ (ଏମ୍‌ସିଡି) ନିର୍ବାଚନ ଲଢ଼ିବା ଲାଗି ଟିକେଟ ନ ପାଇବାରୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ପୂର୍ବତନ କାଉନସିଲର ହସିବ୍-ଉଲ୍-ହାସନ ରବିବାର ଏକ ବିଦ୍ୟୁତ୍ ଟାୱାରରେ ଚଢ଼ିଯାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ବିଦ୍ୟୁତ୍ ଟାୱାରରେ ଚଢ଼ିଥିବା ସମୟର ଭିଡିଓ ଭାଇରାଲ ହୋଇଛି। ତାଙ୍କୁ ତଳକୁ ଓହ୍ଲାଇ ଆସିବାକୁ ଜଣେ କହୁଥିବା ଦେଖାଯାଇଛି। ଶାନ୍ତି ପାର୍କ ମେଟ୍ରୋ ଷ୍ଟେସନ ଅଞ୍ଚଳରେ ଏହି ଘଟଣାରେ ଉକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାସ୍ଥଳରେ ସ୍ଥାନୀୟ ଜନସାଧାରଣଙ୍କ ସମେତ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚିଥିଲେ। ଡିସେମ୍ବର ୪ରେ ଏମ୍‌ସିଡି ନିର୍ବାଚନ ଥିବାବେଳେ ଏଏପି ସମସ୍ତ ୨୫୦ ଆସନରେ ପ୍ରାର୍ଥୀ ଘୋଷଣା କରିସାରିଲାଣି।

# ଜାମ୍‌ଖମ୍ବଲିଆରୁ ଲଢ଼ିବେ ଏଏପି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

**ଗୁଜରାଟ ନିର୍ବାଚନ**

ଅହମଦାବାଦ, ୧୩।୧୧



ଇସୁଦାନ ଗଢ଼ବୀ

ଗୁଜରାଟ ବିଧାନସଭା ନିର୍ବାଚନ ଲାଗି ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଇସୁଦାନ ଗଢ଼ବୀ ଦ୍ୱାରକାର ଜାମ୍‌ଖମ୍ବଲିଆ ଆସନରୁ ନିର୍ବାଚନ ଲଢ଼ିବେ। ଦଳର ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଟ୍ୱିଟର ଯୋଗେ ରବିବାର ଏହା ଘୋଷଣା କରିଛନ୍ତି। ଡିସେମ୍ବର ୧ ଓ ୫ରେ ଗୁଜରାଟ ମତଦାନ ହେବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ରହିଛି। ଦୀର୍ଘବର୍ଷ ଧରି କୃଷକ, ବେରୋଜଗାର ଯୁବତୀଯୁବକ, ମହିଳା ଏବଂ ବ୍ୟବସାୟୀଙ୍କ ପାଇଁ ସ୍ୱର ଉଠାଇ ଆସିଥିବା ଇସୁଦାନ ଭଗବାନ କୃଷ୍ଣଙ୍କ ପବିତ୍ର ଭୂମିରୁ ନିର୍ବାଚନ ଲଢ଼ିବେ। ଏଏପିର ଯୁଗ୍ମ ସାଧାରଣ ସମ୍ପାଦକ ଥିବା ୪୦ ବର୍ଷୀୟ ଇସୁଦାନଙ୍କୁ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଥିଲା।

# ପ୍ରାର୍ଥୀପତ୍ର ଦାଖଲ ନ କରିବାକୁ ମୁଣ୍ଡିଆ ମାରି ଅନୁରୋଧ

## ୧୩ ଦିନରେ ଚାଷୀଙ୍କ ଧାରଣା



ଚାଷୀମାନେ ମୁଣ୍ଡିଆ ମାରି ଅନୁରୋଧ ଜଣାଉଛନ୍ତି।

ପଦ୍ମପୁର, ୧୩।୧୧ (ଡି.ଏନ.ଏ.)

ବୀମା ଇନ୍‌ପୁଟ ସମେତ ବିଭିନ୍ନ ଦାବି ନେଇ ବରଗଡ଼ ଜିଲା ରାଜବୋଡାସମ୍ବର କୃଷକ ସଙ୍ଗଠନ ତରଫରୁ ପଦ୍ମପୁର ଉପଜିଲାପାଳଙ୍କ ଅଫିସ ପରିସରରେ ଚାଲିଥିବା ଆନ୍ଦୋଳନ ରବିବାର ୧୩ ଦିନରେ ପହଞ୍ଚିଛି। ସକାଳେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଝାରୀ ଓ ବିଧାୟକ ସୁଶାନ୍ତ ସିଂ ଆନ୍ଦୋଳନରତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନ ୩ଟାରେ କୃଷକ ସଙ୍ଗଠନ ପକ୍ଷରୁ ସମସ୍ତ ରାଜନୈତିକ ଦଳର ନେତାମାନଙ୍କୁ ଆନ୍ଦୋଳନସ୍ଥଳକୁ ନିମନ୍ତ୍ରଣ କରି ଦାବି ପୂରଣ ପାଇଁ ଆଲୋଚନା କରାଯାଇଥିଲା ଏବଂ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କେହି ପ୍ରାର୍ଥୀପତ୍ର ଦାଖଲ ନ କରିବା ପାଇଁ ମୁଣ୍ଡିଆ ମାରି ଅନୁରୋଧ କରାଯାଇଥିଲା। ଆଜି ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇ ଶହ ଶହ ଚାଷୀ ସାମିଲ ହୋଇଥିଲେ। ଆଲୋଚନାରେ ବିଜେଡିରୁ ମନ୍ତ୍ରୀ ନିରଞ୍ଜନ ପୂଝାରୀ, ଭାଜପାରୁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, କଂଗ୍ରେସରୁ ସତ୍ୟ ଭୂଷଣ ସାହୁ, ବିଏସ୍‌ପିରୁ ଟଙ୍କଧର କଣ୍ଟା, ସ୍ୱାଧୀନ ପ୍ରାର୍ଥୀ ଶେଷଦେବ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ଆନ୍ଦୋଳନକୁ ଆହୁରି ତିବ୍ର କରାଯିବ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ପ୍ରତିଶ୍ରୁତି ନୁହେଁ, ଘୋଷଣା କର

**ପଦ୍ମପୁର ଜିଲା ଗଠନ ଦାବି**

## କ୍ରିୟାନୁଷ୍ଠାନ କମିଟି ସହ ଆଲୋଚନା କଲେ ଅର୍ଥ ମନ୍ତ୍ରୀ

ପଦ୍ମପୁର, ୧୩।୧୧ (ଡି.ଏନ.ଏ.)



ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଧାୟକ ସୁଶାନ୍ତ ସିଂ କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସହିତ ଆଲୋଚନା କରୁଛନ୍ତି।

ପଦ୍ମପୁରକୁ ଜିଲା ଘୋଷଣା ଦାବିରେ ବରଗଡ଼ ଜିଲା ପଦ୍ମପୁର ଓକିଲ ସଂଘ ନେତୃତ୍ୱରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଧାରଣା ଜାରି ରହିଛି। ରବିବାର ରାଜ୍ୟ ସରକାରଙ୍କ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ଭଟଲି ବିଧାୟକ ସୁଶାନ୍ତ ସିଂ ଧାରଣାସ୍ଥଳକୁ ପହଞ୍ଚି କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଏକ କମିଟି ମୁଖ୍ୟମନ୍ତ୍ରୀଙ୍କ ସହିତ ଜିଲା ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ମନ୍ତ୍ରୀ ପୂଝାରୀ ପ୍ରସ୍ତାବ ରଖିଥିଲେ। ମାତ୍ର ସେଥିରେ କ୍ରିୟାନୁଷ୍ଠାନ କମିଟି ସହମତ ହୋଇ ନ ଥିଲା। ପଦ୍ମପୁର ଜିଲା ଗଠନ ପାଇଁ ପ୍ରତିଶ୍ରୁତି ନୁହେଁ, କେବଳ ଘୋଷଣା ଦରକାର ବୋଲି କ୍ରିୟାନୁଷ୍ଠାନ କମିଟି ତରଫରୁ କୁହାଯାଇଥିଲା। ଆଗାମୀ ଦିନରେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଆଡ୍‌ଭୋକେଟ ଅଜିତ ଶତପଥୀ, ଚିନ୍ମୟ ପଣ୍ଡା, ଶାନ୍ତନୁ ତ୍ରିପାଠୀ କହିଛନ୍ତି। ସେହିପରି ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଜିଲା କ୍ରିୟାନୁଷ୍ଠାନ କମିଟି ତରଫରୁ କୁହାଯାଇଛି। ଅପରପକ୍ଷେ ଜିଲା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଜିଲା କ୍ରିୟାନୁଷ୍ଠାନ କମିଟିର ଆଲୋଚନା ସକରାତ୍ମକ ବୋଲି ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଦେଇଥିବା ବିଜ୍ଞପ୍ତି ସମ୍ପର୍କରେ ଆମେ ଜାଣିନାହୁଁ ବୋଲି ବିଧାୟକ ସିଂ କହିଛନ୍ତି।

# 'ଚାଷୀଙ୍କୁ ତୁରନ୍ତ କେନ୍ଦ୍ର ସରକାର ଟଙ୍କା ପ୍ରଦାନ କରନ୍ତୁ'

## ପିଏମ୍‌ଏଫ୍‌ବିୱାଇକୁ ନେଇ ଭାଜପାକୁ ବିଜେଡିର ଟାର୍ଗେଟ୍

ଭୁବନେଶ୍ୱର, ୧୩।୧୧ (ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ)କୁ ନେଇ ଭାଜପାକୁ ଟାର୍ଗେଟ କରିଛି ବିଜେଡି। ଚାଷୀଙ୍କୁ ଫସଲବୀମା ତୁରନ୍ତ କେନ୍ଦ୍ର ସରକାର ପ୍ରଦାନ କରନ୍ତୁ ବୋଲି ଶାସକ ଦଳ ପକ୍ଷରୁ ଦାବି କରାଯାଇଛି। ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ଏହି ଯୋଜନାଟି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭାବେ ନାମିତ ହୋଇଛି। ତେଣୁ ଫସଲ ବୀମା ଅର୍ଥ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବାକୁ ପଡ଼ିବ। ଯେହେତୁ କେନ୍ଦ୍ର ସରକାର ଓଡ଼ିଶାକୁ ଫସଲ ବୀମା ଦେୟ ପ୍ରଦାନ କରିବାର ଅଛି, ତେଣୁ ପଶ୍ଚିମ ଓଡ଼ିଶାର ଲକ୍ଷ ଲକ୍ଷ ଚାଷୀଙ୍କୁ ସେମାନଙ୍କ ଫସଲ ବୀମା ଅର୍ଥ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶାର ସମବାୟ ମନ୍ତ୍ରୀ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ସହ ନିୟମିତ ଉଦ୍ୟମ ଏବଂ ସମନ୍ୱୟ ରକ୍ଷା କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶା ଚାଷୀଙ୍କର ପଡି ରହିଥିବା ଫସଲ ବୀମା ଦେୟ ପ୍ରଦାନ ଲାଗି କହିଛନ୍ତି। ଓଡ଼ିଶାର ସମବାୟ ମନ୍ତ୍ରୀ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଭେଟି ଫସଲ ବୀମା ଅର୍ଥ ମଞ୍ଜୁର କରିବାକୁ ଅନୁରୋଧ କରିଛନ୍ତି, ଯାହାଦ୍ୱାରା ଓଡ଼ିଶାର କୃଷକମାନେ ସେମାନଙ୍କ ଫସଲ ବୀମା ଦେୟ ପାଇପାରିବେ। ତେବେ ଆଶ୍ଚର୍ଯ୍ୟଜନକ ଏବଂ ଦୁର୍ଭାଗ୍ୟଜନକର କଥା ହେଉଛି ଭାଜପା ଓଡ଼ିଶାର ଚାଷୀଙ୍କୁ ବିଭ୍ରାନ୍ତ କରୁଛି। ଫସଲ ବୀମା ଦେୟ ପ୍ରଦାନ ନ କରିବାର ଦୋଷକୁ ରାଜ୍ୟ ମୁଣ୍ଡରେ ଲଦୁଛି। କୃଷକଙ୍କୁ ବିଭ୍ରାନ୍ତ କରିବା ଏବଂ ମିଥ୍ୟା ବିବୃତି ଦେବା ପରିବର୍ତ୍ତେ ଫସଲ ବୀମା ଦେବାର ବିଫଳତାକୁ ଭାଜପା ଗ୍ରହଣ କରିବା ଉଚିତ। ଓଡ଼ିଶା ଚାଷୀଙ୍କ ପଡ଼ି ରହିଥିବା ବୀମା ଅର୍ଥ ମଞ୍ଜୁର କରିବାକୁ ଦିଲ୍ଲୀ ସରକାରଙ୍କୁ କହିବା ଉଚିତ୍। ଯଦି ଭାଜପା ପଶ୍ଚିମ ଓଡ଼ିଶାର କୃଷକଙ୍କୁ ସେମାନଙ୍କ ପଡ଼ି ରହିଥିବା ଫସଲ ବୀମା ଅର୍ଥ ଶୀଘ୍ର ଦେବାରେ ବିଫଳ ହୁଏ ତେବେ ଏହି ମିଥ୍ୟା ତଥା ଶୋଷଣ ପାଇଁ ଲକ୍ଷ ଲକ୍ଷ ଚାଷୀ ଭାଜପାକୁ କଦାପି କ୍ଷମା କରିବେ ନାହିଁ ବୋଲି ଦେବେଶ କହିଛନ୍ତି।

# ବିଜେଡିର ପ୍ରାର୍ଥିତ୍ୱକୁ ନେଇ ଅଙ୍କକଷା

**ପଦ୍ମପୁର ଉପନିର୍ବାଚନ**

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍, ୧୩।୧୧



ତିଳୋତ୍ତମା ସିଂ ବରିହା



ମହେନ୍ଦ୍ର ବଢ଼େଇ



ବର୍ଷାରାଣୀ ସିଂ ବରିହା

ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନ ନିର୍ବାଚନ ଯେତିକି ପାଖେଇ ଆସୁଛି, ଏହାକୁ ନେଇ ଦଳୀୟ ନେତା, କର୍ମୀଙ୍କଠାରୁ ମତଦାତାଙ୍କ ମଧ୍ୟରେ ସେଭଳି ଉତ୍କଣ୍ଠା ବଢ଼ିବାରେ ଲାଗିଛି। ଭାଜପା, କଂଗ୍ରେସ ଇତିମଧ୍ୟରେ ଦଳୀୟ ପ୍ରାର୍ଥୀ ଘୋଷଣା କରିସାରିଥିବାବେଳେ ବିଜେଡ଼ି ପ୍ରାର୍ଥିତ୍ୱ ରୋଚକ ସ୍ଥିତିରେ ପହଞ୍ଚିଛି। ଗତ ସାଧାରଣ ନିର୍ବାଚନରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିବା ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁଙ୍କୁ ଦଳ ଏଥର ଉପନିର୍ବାଚନରେ ପୁଣି ସୁଯୋଗ ଦେଇଛି। ସୋମବାର ଭାଜପା ପ୍ରାର୍ଥୀପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରଖିଛି । କିନ୍ତୁ ଗତ ସାଧାରଣ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀ ନିଜ ଅକ୍ତିଆରରେ କରିଥିବା ବିଜେଡି ଏବେ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ଦେହାନ୍ତ ପରେ କାହାକୁ ନିର୍ବାଚନୀ ମଇଦାନକୁ ଛାଡ଼ିବ, ତାକୁ ନେଇ ଦ୍ୱନ୍ଦ୍ୱରେ ରହିଛି। ଫଳରେ ବିଜେଡ଼ିର ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବା ଆଲୋଚନା ହେଉଛି। ଅନ୍ୟପଟେ ନିକଟ ଅତୀତରେ ସରିଥିବା ଧାମନଗର ଉପନିର୍ବାଚନରେ ଦଳର ବିଫଳତା ଯୋଗୁ ପଦ୍ମପୁରରେ ଯେଭଳି ତାର ପୁନରାବୃତ୍ତି ନ ହେବ, ସେଥିପ୍ରତି ଦୃଷ୍ଟି ଦେବା ସହିତ ସବୁ ଦିଗକୁ ମାପଚୁପ୍ କରି ବିଜେଡ଼ି ପ୍ରାର୍ଥୀ ଚୟନକୁ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି ।

ବିଜୟ ରଞ୍ଜନ ସିଂ ବରିହା ଜୀବିତ ଥିବାବେଳେ ଦଳ ମଧ୍ୟରେ ଅନେକ ଆଶାୟୀ ଥିବା ସତ୍ତ୍ୱେ ଦଳ ତାଙ୍କ ଉପରେ ହିଁ ଭରସା କରିଥିଲା। ୧୯୯୦ ଓ ୧୯୯୫ ନିର୍ବାଚନରେ ଜନତା ଦଳ ପ୍ରାର୍ଥୀ ହୋଇ ସେ ବିଜୟୀ ହୋଇଥିଲେ। ବିଜୁ ବାବୁଙ୍କ ଦେହାନ୍ତ ପରେ ବିଜେଡ଼ି ଗଠନ ହୋଇଥିଲା ଏବଂ ଦଳ ତାଙ୍କୁ ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ କରିଆସୁଥିଲା। ଏହି କ୍ରମରେ ସେ ୨୦୦୦, ୨୦୦୯ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ବିଜୟ ଲାଭ କରିଥିଲେ। ବରିହାଙ୍କ ଦେହାନ୍ତ ପରେ ଉପନିର୍ବାଚନରେ ପ୍ରାର୍ଥୀ ଖୋଜା ବିଜେଡ଼ିର ଚିନ୍ତା ବଢ଼ାଇ ଦେଇଛି ।

### ଆଜି ଭାଜପାର ପ୍ରାର୍ଥୀପତ୍ର ଦାଖଲ

ଉପନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ହେବା ପାଇଁ ଅନେକ ଆଶାୟୀ ରହିଛନ୍ତି। ଏହି ଦୌଡ଼ରେ ସ୍ୱର୍ଗତ ବରିହାଙ୍କ ପରିବାର ଆଗରେ ରହିଛନ୍ତି। ପୂର୍ବରୁ ସ୍ୱର୍ଗତ ବରିହାଙ୍କ ପୁଅ ଭୋଜରାଜଙ୍କ ନାମ ଚର୍ଚ୍ଚାକୁ ଆସିଥିଲା। ମାତ୍ର ଏଥିରେ ବୟସ ବାଧକ ସାଜିଥିଲା। ଏହାପରେ ସ୍ୱର୍ଗତ ବରିହାଙ୍କ ସ୍ତ୍ରୀ ତିଳୋତ୍ତମା ଏବଂ ଝିଅ ବର୍ଷାରାଣୀଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସୁଯୋଗ ମିଳିଲେ ସ୍ୱାମୀଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବେ ବୋଲି ସ୍ୱର୍ଗତ ବରିହାଙ୍କ ସ୍ତ୍ରୀ ତିଳୋତ୍ତମା କହିଛନ୍ତି। ଫଳରେ ସ୍ୱର୍ଗତ ବରିହାଙ୍କ ପରିବାର ଦଳୀୟ ଟିକେଟ୍ ଦୌଡ଼ରେ ରହିଥିବା ସ୍ପଷ୍ଟ ହୋଇଛି। ତେବେ ସ୍ୱର୍ଗତ ବରିହାଙ୍କ ସ୍ତ୍ରୀ ତିଳୋତ୍ତମା ନା ଝିଅ ବର୍ଷାଙ୍କୁ ପ୍ରାର୍ଥୀ କରାଗଲେ ଦଳକୁ ଅଧିକ ଫାଇଦା ମିଳିବ, ତାକୁ ନେଇ ବିଜେଡ଼ି ନେତୃବୃନ୍ଦ ଅଙ୍କ କଷୁଥିବା ସୂଚନା ମିଳିଛି। ଅପରପକ୍ଷେ ଏହି ଦୌଡ଼ରେ ମହେନ୍ଦ୍ର ବଢ଼େଇ ମଧ୍ୟ ପଛରେ ପଡ଼ିନାହାନ୍ତି। ବଢ଼େଇ ଗତ କିଛିବର୍ଷ ହେଲା ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ନିଜର ଜନସମ୍ପର୍କ ବୃଦ୍ଧି କରିଛନ୍ତି। ଏବେ ସେ ବିଜେଡ଼ି ପ୍ରାର୍ଥୀ ଦୌଡ଼ରେ ଥିବା ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମରୁ ସ୍ପଷ୍ଟ ହୋଇଛି। ଏ ସମ୍ପର୍କରେ ବିଜେଡ଼ିର ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଥିଲେ, ଆସନ୍ତା ୧୭ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ। ପ୍ରାର୍ଥୀ ଘୋଷଣା ବିଳମ୍ବ ହୋଇନାହିଁ ଏବଂ ଦଳ ଅତିଶୀଘ୍ର ପ୍ରାର୍ଥୀ ଘୋଷଣା କରିବ।

**ଲିଭରପୁଲ ଏଫ୍‌ସିକୁ କିଣିପାରେ ରିଲାଏନ୍ସ**

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ରିଲାଏନ୍ସ ଗ୍ରୁପର ଅଧକ୍ଷ ମୁକେଶ ଅମ୍ବାନୀ ବିଦେଶୀ ଫୁଟବଲ ଟିମ୍ ଲିଭରପୁଲ ଏଫ୍‌ସିକୁ କିଣିବା ନେଇ ଯୋଜନା କରୁଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ବର୍ତ୍ତମାନ ଉକ୍ତ ଟିମ୍ ଫେନୱେ ସ୍ପୋର୍ଟ ଗ୍ରୁପ ଅଧୀନରେ ରହିଛି। ଯାହାକୁ ବିକ୍ରି ପାଇଁ ବିଜ୍ଞପ୍ତି ବାହାରିବା ପରେ ଏହାକୁ କିଣିବାକୁ ଅମ୍ବାନୀ ଇଚ୍ଛା ପ୍ରକାଶ କରିଛନ୍ତି। ଏପରିକି 'ଦି ମିରର'ର ରିପୋର୍ଟ ଅନୁଯାୟୀ ଫେନୱେ ସ୍ପୋର୍ଟ ଗ୍ରୁପ ଉକ୍ତ ଫୁଟବଲ କ୍ଲବକୁ ବିକ୍ରି କରିବାକୁ ୪ ଆରବ ବ୍ରିଟିଶ୍ ପାଉଣ୍ଡ ଧାର୍ଯ୍ୟ କରିଛି।

# ୨୪%ବୃଦ୍ଧି ପାଇଛି ନିଗମର ପ୍ରିମିୟମ ଆୟ

## ଏଲଆଇସିର ଅର୍ଦ୍ଧବାର୍ଷିକ ଫଳାଫଳ

**ନୂଆଦିଲ୍ଲୀ,୧୩।୧୧**

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ଅର୍ଦ୍ଧବାର୍ଷିକ ଫଳାଫଳ (୨୦୨୨-୨୩ ଆର୍ଥିକ ବର୍ଷର ୧ ଏପ୍ରିଲରୁ ୩୦ ସେପ୍ଟେମ୍ବର) ନିକଟରେ ଘୋଷଣା କରାଯାଇଛି। ବିଶେଷକରି ନିଗମର ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ ଡାଇରେକ୍ଟର୍ସ)ର ନିଷ୍ପତ୍ତିକ୍ରମେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସର ଫଳାଫଳ ସମ୍ପର୍କରେ ଏଲ୍‌ଆଇସି ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ନିଗମର ମୋଟ ପ୍ରିମିୟମ ଆୟ ପ୍ରାୟ ୨୪% (୨୩.୮୭%) ବୃଦ୍ଧି ଘଟି ୨,୩୦,୪୫୬ କୋଟି ଟଙ୍କାରେ ପହଞ୍ଚିଛି। ଗତବର୍ଷ ଏହି ସମାନ ଅବଧି ମଧ୍ୟରେ ଏହା ୧,୮୬,୦୫୩ କୋଟି ଟଙ୍କା ଥିଲା। ସେହିଭଳି ନିଗମର ଟିକସ ପରବର୍ତ୍ତୀ ଲାଭ ୧୬,୬୩୫ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଗତ ବର୍ଷ ଏହି ସମାନ ଅବଧି ମଧ୍ୟରେ ଏହାର ପରିମାଣ ୧,୪୩୭ କୋଟି ଟଙ୍କା ଥିଲା। ଉଲ୍ଲେଖଯୋଗ୍ୟ ଯେ ପ୍ରଥମ ବର୍ଷ ପ୍ରିମିୟମ ଆୟ କ୍ଷେତ୍ରରେ ନିଗମ ବଜାରରେ ବୀମା କ୍ଷେତ୍ରରେ ମୁଖ୍ୟ ସ୍ଥାନ ବଜାୟ ରଖିଛି। ସେହିପରି ଆଇଆର୍‌ଡିଏ ରିପୋର୍ଟ ଅନୁଯାୟୀ ନିଗମ ଏ କ୍ଷେତ୍ରରେ ମଧ୍ୟ ଗତ ୬ ମାସରେ ୬୮.୨୫% ଅଂଶ ହାସଲ କରିଛି। ଗତ ୬ ମାସରେ ନିଗମ ବ୍ୟକ୍ତିଗତ ବର୍ଗରେ ୮୩,୫୯,୦୨୯ ପଲିସି ବିକ୍ରି କରିଛି। ଏ କ୍ଷେତ୍ରରେ ମଧ୍ୟ ନିଗମର ଅଭିବୃଦ୍ଧି ୧୩.୫୫% ଘଟିଛି। କମ୍ପାନୀର ପରିଚାଳନାଗତ ସମ୍ପତ୍ତି ୪୨,୯୩,୭୭୮ କୋଟିରେ ପହଞ୍ଚିଛି। ପରିଚାଳନାଗତ ଖର୍ଚ୍ଚ ଅନୁପାତ କଥା ବିଚାରକୁ ନେଲେ ଏହା ୧୬.୬୯%ସ୍ତରରେ ରହିଛି। ଏ ସମ୍ପର୍କରେ ଏଲ୍‌ଆଇସିର ଅଧ୍ୟକ୍ଷ ଏମ୍.ଆର୍ କୁମାର କହିଛନ୍ତି, ନିଗମର ସମସ୍ତ ଅଂଶୀଦାରଙ୍କୁ ସାଙ୍ଗରେ ନେଇ କାରବାର ବଢ଼ାଇବା ଦିଗରେ ଏଲଆଇସି ଉଦ୍ୟମ ଜାରି ରଖିଛି। ସେହିଭଳି ନିଗମ ଆଗାମୀ ଦିନରେ ମଧ୍ୟ ଭଲ ପ୍ରଦର୍ଶନ ସାଙ୍ଗକୁ ନୂଆ ନୂଆ ସେବା ସୁବିଧା ବୀମାଧାରୀଙ୍କ ପାଇଁ ଉପଲବ୍ଧ କରାଇବ ବୋଲି ସେ ମତ ପ୍ରକାଶ କରିଛନ୍ତି।

## ଏଗନ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୧୩।୧୧**

ଦେଶର ପ୍ରମୁଖ ବୀମା କମ୍ପାନୀ ଏଗନ୍ ଲାଇଫ୍ ଇନ୍ସ୍ୟୁରାନ୍ସର ନୂତନ ଉତ୍ପାଦ 'ଆଇ ଗ୍ୟାରେଣ୍ଟି ମାକ୍ସ ସେଭିଙ୍ଗ୍ସ ପ୍ଲାନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ହାଇ ରିଟର୍ନ ସହ ଲାଇଫ୍ କଭରର ୨ଗୁଣା ଲାଭ ପ୍ରଦାନ କରିଥାଏ। ଏହା ଦ୍ୱାରା ବୀମାଧାରୀ ତାଙ୍କର ପିଲାଙ୍କ ଶିକ୍ଷା ହେଉ ବା ବାହାଘର ବା ନିଜର ଅବସର ସମୟକୁ ମଧ୍ୟ ସୁରକ୍ଷିତ କରିବା ପାଇଁ ଅନେକ ସୁବିଧା ମିଳିଥାଏ। ଏ ସମ୍ପର୍କରେ ଏଗନ୍ ଲାଇଫ୍‌ର ଏମ୍‌ଡି ତଥା ସିଇଓ ସତୀଶ୍ୱର ବି କହିଛନ୍ତି,କମ୍ପାନୀର ଏହି ଉତ୍ପାଦ ବୀମାଧାରୀଙ୍କୁ ଅନେକ ସୁବିଧା ସାଙ୍ଗକୁ ଏକ ଭରସା ମଧ୍ୟ ପ୍ରଦାନ କରିଥାଏ। ଏପରିକି ଏକ ଉତ୍କୃଷ୍ଟ ପ୍ରତିଯୋଗିତାମୂଳକ ଓ ସୁଲଭ ମୂଲ୍ୟଯୁକ୍ତ ଉତ୍ପାଦ ଏବଂ ଏହାର ପ୍ରିମିୟମ ମାସିକ ୫୦୦ ଟଙ୍କାରୁ ଆରମ୍ଭ ହେଉଛି।

## ୨୦ରେ ଜୀ ସାର୍ଥକର 'ଦିଲ୍ ମୋର ମାନେନା'

**ଭୁବନେଶ୍ୱର,୧୩।୧୧**




ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଘରୋଇ ଟିଭି ଚ୍ୟାନେଲ ଜି ସାର୍ଥକର ବହୁ ପ୍ରତୀକ୍ଷିତ ସୁପରହିଟ ଓଡ଼ିଆ ଚଳଚ୍ଚିତ୍ର 'ଦିଲ୍ ମୋର ମାନେନା' ଆସନ୍ତା ରବିବାର (ନଭେମ୍ବର-୨୦) ସନ୍ଧ୍ୟା ୬ଟା ୩୦ରେ ୱାର୍ଲଡ ଟେଲିଭିଜନ ପ୍ରିମିୟର ହେବାକୁ ଯାଉଛି। ବିଶେଷକରି ଓଲିଉଡ୍‌ର ସୁପରିଚିତ ନିର୍ଦ୍ଦେଶକ ହିମାଂଶୁ ପରିଜା(ଚଣ୍ଡୀ)ଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଯୁବ କଳାକାର ଶିବାନୀ ଏବଂ ସ୍ୱରାଜଙ୍କ ଅଭିନୀତ ଉକ୍ତ ଚଳଚ୍ଚିତ୍ରଟି ଓଡ଼ିଆ ଦର୍ଶକଙ୍କୁ ବେଶ୍ ବାନ୍ଧି ରଖିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା କରାଯାଉଛି। ସେହିଭଳି ବସନ୍ତରାଜ ସାମଲ ଉକ୍ତ ଚଳଚ୍ଚିତ୍ର ପାଇଁ ଗୀତ ରଚନା କରିଥିବା ବେଳେ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଗୀତଗୁଡିକ ବେଶ୍ ଲୋକପ୍ରିୟ ହୋଇପାରିଛି ଏବଂ ମାଷ୍ଟର ମୁରଲୀ ଉକ୍ତ ସିନେମାର ନୃତ୍ୟ ସଂଯୋଜନା କରିଛନ୍ତି। ସେହିପରି ଏକ ବଳିଷ୍ଠ ପ୍ରେମ କାହାଣୀ ଉପରେ ଆଧାରିତ ଉକ୍ତ ସିନେମାର କାହାଣୀ ବେଶ୍ ରୋମାଞ୍ଚକ ରହିଛି, ଅନେକ ବାଧା ବିଘ୍ନ ସତ୍ତ୍ୱେ ପ୍ରେମ କିପରି ଭାବେ ସମସ୍ତଙ୍କର ହୃଦୟ ଜିତିଛି ତାହା ହିଁ ଉକ୍ତ ଚଳଚ୍ଚିତ୍ରର କାହାଣୀର ମୁଖ୍ୟ ପୃଷ୍ଠଭୂମି ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ଉକ୍ତ ଚଳଚ୍ଚିତ୍ରଟି ଦର୍ଶକଙ୍କୁ ଭାବପ୍ରବଣତାରେ ବାନ୍ଧି ରଖିବା ସହ ଭରପୂର ମନୋରଞ୍ଜନ ଯୋଗାଇବ ବୋଲି ସିନେମାର ନିର୍ଦ୍ଦେଶକ ପରିଜା ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ଉକ୍ତ ସିନେମାଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରି ବିପୁଳ ପରିମାଣର ବ୍ୟବସାୟୀକ ସଫଳତା ପାଇସାରିଛି। ଏପରିକି ଉକ୍ତ ସିନେମାର ୱାର୍ଲଡ ଟେଲିଭିଜନ ପ୍ରିମିୟର ମଧ୍ୟ ଅନୁରୂପ ସଫଳତା ପ୍ରଦର୍ଶନ କରିବ ବୋଲି ଜୀ ସାର୍ଥକର ବ୍ୟବସାୟିକ ମୁଖ୍ୟ ପ୍ରତୀକ ସିଲ୍ ମତପ୍ରକାଶ କରିଛନ୍ତି।

## ପତଞ୍ଜଳିର ୫ମେଡିସିନ କଟକଣା ମୁକ୍ତ

**ନୂଆଦିଲ୍ଲୀ,୧୩।୧୧**

ଦେଶର ପ୍ରମୁଖ ଆୟୁର୍ବେଦିକ ସଂସ୍ଥା ପତଞ୍ଜଳି ପକ୍ଷରୁ ପ୍ରସ୍ତୁତ ୫ ମେଡିସିନର ବିକ୍ରି ଉପରେ ଉତ୍ତରାଖଣ୍ଡ ସରକାର କଟକଣା (ବ୍ୟାନ୍) ଲଗାଇଥିଲେ। ଏପରିକି ରାଜ୍ୟ ସରକାରଙ୍କ ପକ୍ଷରୁ ଗଠିତ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟିର ପରାମର୍ଶ ପରେ ସରକାର ପତଞ୍ଜଳିର ଉକ୍ତ ଔଷଧଗୁଡ଼ିକ ଉପରେ ଲାଗିଥିବା କଟକଣାକୁ ହଟାଇ ଦେଇଛନ୍ତି। ବିଶେଷକରି ଦିବ୍ୟ ମଧୁଗ୍ରିଡ ଟାବଲେଟ, ଆଇଗ୍ରିଡ ଗୋଲଡ, ଥାଇରୋଗ୍ରିଟ ଟାବଲେଟ, ଦିବ୍ୟ ବିପିଗ୍ରିଟ ଏବଂ ଦିବ୍ୟ ଲିପିଡମ ଟାବଲେଟ ଉପରେ ଉତ୍ତରାଖଣ୍ଡ ସରକାର କଟକଣା ଜାରି କରିଥିଲେ। ସେହିଭଳି ନିକଟରେ ରାଜ୍ୟ ସରକାର ଉକ୍ତ ଔଷଧଗୁଡିକୁ କଟକଣା ମୁକ୍ତ କରିବା ସହ କ୍ଷମା ପ୍ରାର୍ଥନା କରିଥିବା ପତଞ୍ଜଳି ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଏ ସମ୍ପର୍କରେ ପତଞ୍ଜଳିର ବରିଷ୍ଠ ଅଧିକାରୀ କହିଛନ୍ତି, କୌଣସି ମେଡିସିନ ପ୍ରସ୍ତୁତ ପୂର୍ବରୁ ବିସ୍ତୃତ ଗବେଷଣା ଓ ବିକାଶ କାର୍ଯ୍ୟ ହୋଇଥାଏ। ବିଶେଷକରି ଆୟୁର୍ବେଦ ଏବଂ ଋଷି ପରମ୍ପରାକୁ କଳଙ୍କିତ କରିବା ପାଇଁ ଉତ୍ତରାଖଣ୍ଡର ଆୟୁର୍ବେଦିକ ଲାଇସେନ୍ସ ଅଧିକାରୀଙ୍କ ଅବିବେକିପୂର୍ଣ୍ଣ କାର୍ଯ୍ୟ ଯୋଗୁ ସରକାର ଉକ୍ତ ମେଡିସିନ ଉପରେ କଟକଣା ଲଗାଇଥିଲେ। ଏପରିକି ପତଞ୍ଜଳିକୁ ବଦନାମ କରିବା ଦିଗରେ ଏଭଳି ଏକ ହୀନ ପ୍ରୟାସ ବେଶ୍ ନିନ୍ଦନୀୟ ବୋଲି ପତଞ୍ଜଳି ପକ୍ଷରୁ କୁହାଯାଇଛି। ଉକ୍ତ ଷଡ଼ଯନ୍ତ୍ରକୁ ସଂସ୍ଥା ପକ୍ଷରୁ ଦୃଢ଼ ବିରୋଧ ମଧ୍ୟ କରାଯାଇଛି। ପତଞ୍ଜଳି ବିଶ୍ୱର ପ୍ରଥମ ସଂସ୍ଥା, ଯାହାର ସର୍ବାଧିକ ରିସର୍ଚ୍ଚ ପେପର ପ୍ରକାଶିତ ହୋଇଛି। ସେହିପରି ଏନ୍‌ଏବିଏଚ୍ ସହବନ୍ଧିତ ହସ୍ପିଟାଲ ଏବଂ ଅନ୍ତର୍ଜାତୀୟ ମାନକ ଯୁକ୍ତ ଏନଏବିଏଲ ଅନୁବନ୍ଧିତ ରିସର୍ଚ୍ଚ ଲାବ୍ ସହ ଏହା କାମ ମଧ୍ୟ କରୁଛି। ପତଞ୍ଜଳିରେ ୫୦୦ରୁ ଉର୍ଦ୍ଧ୍ୱ ବିଶ୍ୱସ୍ତରୀୟ ବୈଜ୍ଞାନିକ ମଧ୍ୟ କାର୍ଯ୍ୟ କରୁଛନ୍ତି।

## ୨୦ଜଣଙ୍କୁ ଓଡ଼ିଶା କର୍ପୋରେଟ୍ ଏକ୍ସିଲେନ୍ସ ଆୱାର୍ଡ

**ଭୁବନେଶ୍ୱର,୧୩।୧୧**



ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ହିନ୍ଦୁସ୍ତାନ କରିଡର୍ ପକ୍ଷରୁ ଓଡ଼ିଶା କର୍ପୋରେଟ୍ ଏକ୍ସିଲେନ୍ସ ଆୱାର୍ଡ-୨୦୨୨ ପ୍ରଦାନ କରାଯାଇଛି। ବିଶେଷ କରି ଷ୍ଟାର୍ଟଅପ୍ କମ୍ପାନୀମାନଙ୍କୁ ଉତ୍ସାହିତ କରିବା ଏବଂ କର୍ପୋରେଟ୍ ସଂସ୍ଥା ଏବଂ ଶିଳ୍ପ ଅନୁଷ୍ଠାନଗୁଡ଼ିକର ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏଭଳି ଏକ ଆୱାର୍ଡ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଏପରିକି ନିକଟରେ ଭୁବନେଶ୍ୱରର ଏକ ତାରକା ହୋଟେଲ ପରିସରରେ 'ଓଡ଼ିଶା କର୍ପୋରେଟ୍ ଏକ୍ସିଲେନ୍ସ ଆୱାର୍ଡ-୨୦୨୨'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ୍, ବରିଷ୍ଠ ପ୍ରଶାସକ ଡ. ଉମେଶ ଚନ୍ଦ୍ର ଜେନାଙ୍କ ସମେତ ପ୍ରିୟଦର୍ଶୀ ମିଶ୍ର ଏବଂ ଟିଟନ୍ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ହିନ୍ଦୁସ୍ତାନ କରିଡର୍‌ର ପ୍ରତିଷ୍ଠାତା ଜଗନ୍ନାଥ ପ୍ରସାଦ ସାହୁ ସ୍ୱାଗତ ଅଭିଭାଷଣ ସହ ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମଧ୍ୟ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ସେହିଭଳି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ମଧ୍ୟ ହିନ୍ଦୁସ୍ତାନ କରିଡର୍‌ର ଏଭଳି ଏକ ବୃହତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ପରିଶେଷରେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ ସାଙ୍ଗକୁ ଦୀର୍ଘ ଦିନର ଅବଦାନ ପାଇଁ ୨୦ ଜଣ ବ୍ୟକ୍ତି ବିଶେଷଙ୍କୁ ଓଡ଼ିଶା କର୍ପୋରେଟ୍ ଏକ୍ସିଲେନ୍ସ ଆୱାର୍ଡ-୨୦୨୨ ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟରେ କାର୍ଯ୍ୟ କରୁଥିବା କିଛି ସଫଳ ଅନୁଷ୍ଠାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ଯଥା ଲୋରିଅଲ୍ ଇଷ୍ଟେଟ୍ ଭେଞ୍ଚର,ଏକରାଇଜ୍,ଏମ୍‌ଜିଏମ୍ ଗ୍ରୁପ, ଇଫ୍‌କୋ, ଫାଲକନ୍ ରିଏଲ୍ ଇଷ୍ଟେଟ୍, ଓଏଚ୍‌ପିସି, ଓପିଟିସିଏଲ୍, ଏସ୍‌ଏନ୍‌ଏମ୍ ଗ୍ରୁପ, ଓଡିସି କନଷ୍ଟ୍ରକଶନ ପ୍ରା.ଲିଃ, ମେଗା ବିଲଡର୍ସ, ଜିନ୍ଦଲ ଷ୍ଟିଲ ଏବଂ ପାୱାର, ଆପୋଲୋ ହସ୍ପିଟାଲ୍ ଭୁବନେଶ୍ୱର, କିଟ୍ ବିଶ୍ୱବିଦ୍ୟାଳୟ, ଏଲ୍‌ଆଇସି ଏବଂ ହୋମଫିଲ୍ସ ଭଳି ଅନୁଷ୍ଠାନ ଅନ୍ତର୍ଭୁକ୍ତ ରହିଛି। ଅପରପକ୍ଷରେ ଜଣାଶୁଣା ନୃତ୍ୟଶିଳ୍ପୀ ଅଭିଶ୍ରୀଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ନୃତ୍ୟ ପ୍ରଦର୍ଶନ ସାଙ୍ଗକୁ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରିୟଙ୍କା ସାହାଣୀଙ୍କ ଦ୍ୱାରା ସୁନ୍ଦର କଳା ପ୍ରଦର୍ଶନୀର ଆୟୋଜନ ମଧ୍ୟ କରାଯାଇଥିଲା।

## ବଢୁଛି ଶୀର୍ଷ ବ୍ରାଣ୍ଡ୍ ପ୍ରତିଯୋଗିତା

**ନୂଆଦିଲ୍ଲୀ,୧୩।୧୧**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦେଶର ପ୍ରମୁଖ କମ୍ପାନୀଗୁଡିକର ବ୍ରାଣ୍ଡ୍ ଭାଲ୍ୟୁ ସୂଚୀ ପ୍ରକାଶ ପାଇଛି। ଏପରିକି ବର୍ଷକୁ ବର୍ଷ ଉଭୟ ଘରୋଇ ଏବଂ ସରକାରୀ ସଂସ୍ଥାଗୁଡିକ ମଧ୍ୟରେ ଶୀର୍ଷସ୍ଥାନ ପାଇଁ ପ୍ରତିଯୋଗିତା ଜାରି ରହିଛି ବୋଲି ଟ୍ରଷ୍ଟ ରିସର୍ଚ୍ଚ ଆଡଭାଇଜରି (ଟ୍ରା) ପକ୍ଷରୁ କୁହାଯାଇଛି। ବିଶେଷକରି ଟେଲିକମ୍ କ୍ଷେତ୍ରରେ ଜିଓ ଭାରତର ସବୁଠାରୁ ଶକ୍ତିଶାଳୀ ଟେଲିକମ୍ ବ୍ରାଣ୍ଡର ମାନ୍ୟତା ପାଇଥିବା ବେଳେ ଭାରତୀ ଏୟାରଟେଲ୍, ଭୋଡାଫୋନ୍ ଆଇଡିଆ ଏବଂ ବିଏସଏନଏଲ ପଛକୁ ପଛ ରହିଛନ୍ତି। ସେହିପରି ଅଟୋମୋବାଇଲ ଶିଳ୍ପରେ ବିଏମ୍‌ଡବ୍ଲ୍ୟୁ ଶୀର୍ଷରେ ରହିଥିବା ବେଳେ ଟୟୋଟା, ହୁଣ୍ଡାଇ ଏବଂ ହୋଣ୍ଡା ତଳକୁ ତଳ ରହିଛନ୍ତି। ଅପରପକ୍ଷରେ ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ସେବା କ୍ଷେତ୍ରରେ ଏଲ୍‌ଆଇସି ୧ନମ୍ବର ସ୍ଥାନରେ ରହିଥିବା ବେଳେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ଆଇସିଆଇସିଆଇ ବ୍ୟାଙ୍କ କ୍ରମାଗତ ୨ୟ ଏବଂ ୩ୟ ସ୍ଥାନରେ ରହିଛି। ସେହିଭଳି ଗ୍ରାହକମାନଙ୍କର ଉପକରଣ ମାନ୍ୟତାରେ କେଣ୍ଟ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଲିଭପୁର ଏବଂ ଓକାୟା ପଛକୁ ପଛ ରହିଛନ୍ତି। ଇଲେକ୍ଟ୍ରୋନିକ୍ସ ବର୍ଗରେ ଏଲ୍‌ଜି, ସୋନି ଓ ସାମ୍‌ସଙ୍ଗ ଶ୍ରେଷ୍ଠ ୩ଟି ବ୍ରାଣ୍ଡ୍ ଭାବେ ରହିଥିବା ବେଳେ ଆଇଟିସି କନଗ୍ଲୋରେଟ୍ ତାଲିକାର ଶୀର୍ଷରେ ରହିଥିବା ବେଳେ ଟାଟା ଏବଂ ରିଲାଏନ୍ସ ପଛକୁ ପଛ ରହିଛନ୍ତି। ସେହିଭଳି ଶକ୍ତି ତାଲିକାରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେଶନ୍ ଲିମିଟେଡ୍ ଶୀର୍ଷରେ ରହିଥିବା ବେଳେ ଏହା ତଳକୁ ଭାରତୀୟ ତୈଳ ନିଗମ (ଆଇଓସି) ଏବଂ ଆଦାନୀ ରହିଛନ୍ତି।

**ଫୁର୍‌ସତ୍**

# ଉଭେଇଯିବ ସର୍ବବୃହତ୍ ହିମବାହ

**ସାରା ବିଶ୍ୱରେ ତାପମାତ୍ରା ବୃଦ୍ଧି ଚିନ୍ତାର କାରଣ ପାଲଟିଛି। କ୍ରମବର୍ଦ୍ଧିଷ୍ଣୁ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନଜନିତ ପ୍ରଭାବ କେବଳ ମଣିଷ, ଜୀବଜନ୍ତୁ ଓ ବୃକ୍ଷଲତାଙ୍କୁ ପ୍ରଭାବିତ କରିନାହିଁ ବରଂ ହିମାଳୟ ଓ ବିଶ୍ୱର ବୃହତ୍ ହିମବାହ ମଧ୍ୟ ଏହି ସଙ୍କଟ ଯୋଗୁ କ୍ଷୟ ହେବାରେ ଲାଗିଛି। ପୃଥିବୀର ସବୁଠାରୁ ବଡ଼ ଗ୍ଲେସିୟର୍ କୁହାଯାଉଥିବା 'ଆଣ୍ଟାର୍କଟିକ୍ ଏ-୭୬ଏ' ଆଗାମୀ ଦିନରେ ସମ୍ପୂର୍ଣ୍ଣ ଭାବେ ତରଳିଯିବ ବୋଲି ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ଆଶଙ୍କା ବ୍ୟକ୍ତ କରିଛି।**

**ନାସା ଜାରିକଲା 'ଆଣ୍ଟାର୍କଟିକ୍ ଏ-୭୬ଏ'ର ସାଟେଲାଇଟ୍ ଚିତ୍ର**






**ୱାଶିଂଟନ୍:** ବିଶ୍ୱ ତାପମାତ୍ରା ବୃଦ୍ଧି ସକାଶେ ହିମବାହ ତରଳିବାରେ ଲାଗିଛି, ଯାହାକୁ ନେଇ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସେହିପରି ପୃଥିବୀର ସର୍ବବୃହତ୍ ହିମବାହ କୁହାଯାଉଥିବା 'ଆଣ୍ଟାର୍କଟିକ୍ ଆଇସ୍‌ବର୍ଗ ଏ-୭୬ଏ'ରେ ମଧ୍ୟ ତାପମାତ୍ରା ବୃଦ୍ଧିର ପ୍ରଭାବ ପଡ଼ିଛି। ଦିନକୁ ଦିନ ଏହି ସର୍ବବୃହତ୍ ହିମବାହର ଆୟତନ କମିବାରେ ଲାଗିଛି। ଆଗକୁ ଆଣ୍ଟାର୍କଟିକ୍ ଏ-୭୬ଏ ସମ୍ପୂର୍ଣ୍ଣ ଭାବେ କ୍ଷୟ ହୋଇଯିବା ନେଇ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ନାସା ଜାରି କରିଥିବା ସାଟେଲାଇଟ୍ ଚିତ୍ରରୁ ଏହା ସ୍ପଷ୍ଟ ଭାବେ ଦୃଷ୍ଟିଗୋଚର ହେଉଛି।

ଆଣ୍ଟାର୍କଟିକ୍ ଏ-୭୬ଏ ହିମବାହର ଲମ୍ବ ୧୩୫ କିଲୋମିଟର ହୋଇଥିବାବେଳେ ଏହାର ପ୍ରସ୍ଥ ୨୬ କିଲୋମିଟର। ଶେଷଥର ପାଇଁ ୨୦୨୧ରେ ଏହାର ମାପ କରାଯାଇଥିଲା। ଏହାର ଆୟତନ ଲଣ୍ଡନର ଆୟତନଠାରୁ ଦୁଇଗୁଣା ବୋଲି ଆମେରିକା ନ୍ୟାଶନାଲ ଆଇସ୍ ସେଣ୍ଟର କହିଛି। ୨୦୨୧ ମେ ରେ ଆଣ୍ଟାର୍କଟିକା ମହାଦେଶର ପଶ୍ଚିମଭାଗରେ ଥିବା ରୋନେ ଆଇସ୍ ସେଲ୍ଫ ୩ ବିରାଟ ଖଣ୍ଡ ୭୬ଏ, ୭୬ବି ଏବଂ ୭୬ସିରେ ଭାଗ ହୋଇଥିଲା। ଏଗୁଡ଼ିକ ମଧ୍ୟରୁ ୭୬ଏ ଥିଲା ସବୁଠାରୁ ବଡ଼ ହିମବାହ। ହିମବାହ ସମୁଦ୍ରର ବରଫ ନୁହେଁ। ଭାସମାନ ଅବସ୍ଥାରେ ଥିବା ବରଫର ବିରାଟ ଖଣ୍ଡକୁ ହିମବାହ ବା ଆଇସ୍‌ବର୍ଗ କୁହାଯାଏ।

ଗତ ଅକ୍ଟୋବର ୩୧ରେ ନାସାର ଟେରା ସାଟେଲାଇଟ୍ 'ଆଣ୍ଟାର୍କଟିକ୍ ଏ-୭୬ଏ' ହିମବାହର ଫଟୋ ଉତ୍ତୋଳନ କରିଛି। ଆଣ୍ଟାର୍କଟିକାର ଏଲିଫ୍ୟାଣ୍ଟ ଦ୍ୱୀପ ଏବଂ ସାଉଥ୍ ଓର୍କେନି ଦ୍ୱୀପ ମଧ୍ୟରେ ବିଶ୍ୱର ଏହି ସର୍ବବୃହତ୍ ହିମବାହ ଅବସ୍ଥିତ। ତାପମାତ୍ରା ଯୋଗୁ ହିମବାହ ଆୟତନ କମୁଥିବାବେଳେ ଆଗାମୀ ଦିନରେ ଏହା ନିଜ ଅବସ୍ଥିତିଠାରୁ ଉତ୍ତର ଦିଗ ଆଡ଼କୁ ଗତି କରିବ ବୋଲି ସାଟେଲାଇଟ୍ ଚିତ୍ର ଦେଖି ବିଶେଷଜ୍ଞମାନେ ଅନୁମାନ କରିଛନ୍ତି।

## ବିଦେଶୀ ନିର୍ଦ୍ଦେଶକଙ୍କ ସହ କାମ କରିବେ ରିଚା

**ମୁମ୍ବାଇ**

ନିଜ ଅଭିନୟକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି ବଲିଉଡ୍ ଅଭିନେତ୍ରୀ ରିଚା ଚଡ୍ଢା। ଫିଲ୍ମ କ୍ୟାରିୟର୍‌କୁ ନେଇ ରିଚା ଏବେ ଆଉ ଗୋଟିଏ ପାଦ ଆଗକୁ ବଢୁଥିବାର ଦେଖିବାକୁ ମିଳିଛି। ପ୍ରକାଶିତ ଗଣମାଧ୍ୟମ ରିପୋର୍ଟ ଅନୁସାରେ ବ୍ରିଟିଶ୍ ଫିଲ୍ମ ନିର୍ଦ୍ଦେଶକଙ୍କ ସହ କାମ କରିବାକୁ ଯାଉଛନ୍ତି ସେ। ନିର୍ମାଣ ହେବାକୁ ଥିବା ଇଣ୍ଡୋ-ବ୍ରିଟିଶ ଫିଲ୍ମ ' ଗାର୍ଲ୍‌ସ୍ ୱିଲ୍ ବି ଗାର୍ଲସ୍'ରେ ରିଚା ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଫିଲ୍ମର ଶୁଟିଂ ଜାନୁୟାରୀରେ ଲଣ୍ଡନରେ ଆରମ୍ଭ ହେବ। ତେବେ ବ୍ରିଟିଶ୍ କଳାକାର ଓ ନିର୍ଦ୍ଦେଶକଙ୍କ ସହ କାମ କରିବା ନେଇ ସେ ଖୁବ୍ ଉତ୍ସାହିତ ଥିବା କହିଛନ୍ତି। ବିଦେଶ ଫିଲ୍ମ ମେକର୍ସ ଓ ଭାରତ ବାହାର ଚଳଚ୍ଚିତ୍ର ଜଗତରେ ରିଚାଙ୍କର କାମ କରିବାକୁ ଇଚ୍ଛା ଥିଲେ ହେଁ ତାଙ୍କୁ ସୁଯୋଗ ମିଳୁ ନ ଥିବା ସେ ପ୍ରକାଶ କରିଛନ୍ତି। ନିକଟରେ ଏହି ନାୟିକା ସଞ୍ଜୟଲୀଲା ଭଂସାଲିଙ୍କ ଦ୍ୱାରା ନିର୍ଦ୍ଦେଶିତ ୱେବ୍ ସିରିଜ୍ 'ହୀରା ମଣ୍ଡି'ର ଶୁଟିଂ ସାରିଛନ୍ତି। ପ୍ରଥମ ଥର ପଇଁ ବ୍ରିଟିଶ୍ ଫିଲ୍ମ ନିର୍ଦ୍ଦେଶକ ବଲିଉଡ୍ ସହିତ ମିଶି କାମ କରିବାକୁ ଯାଉଛନ୍ତି। ଏହାପୂର୍ବରୁ ଇଣ୍ଡୋ-ଆମେରିକୀୟ ପ୍ରଡକ୍ସନ 'ଲଭ୍ ସୋନିଆ'ରେ ରିଚା ନଜରକୁ ଆସିଥିଲେ।



## ଗାଁର ଦାମ୍ ୨ କୋଟି



**ମାଡ୍ରିଡ୍:** ସ୍ପେନ୍‌ରେ ଥିବା ଏକ ଗାଁର ଦାମ୍ ୨ କୋଟି ଟଙ୍କା। ସାଲ୍‌ଟୋ ଡେ କାଷ୍ଟ୍ରୋ ଗ୍ରାମ ସ୍ପେନ୍ ଓ ପର୍ତ୍ତୁଗାଲ ସୀମାରେ ଅବସ୍ଥିତ। ସାଲ୍‌ଟୋ ଡେ କାଷ୍ଟ୍ରୋରେ ମୋଟ ୪୪ଟି ଘର ସାଙ୍ଗକୁ ଗୋଟିଏ ଚର୍ଚ୍ଚ, ହୋଟେଲ ଓ ସ୍କୁଲ ରହିଛି। ସ୍ପେନ୍ ରାଜଧାନୀ ମାଡ୍ରିଡ୍‌ରୁ ଏହି ଗ୍ରାମକୁ ଯିବା ପାଇଁ ୩ ଘଣ୍ଟା ସମୟ ଲାଗିଥାଏ। ୨୦୦୦ ମସିହାରେ ରୋନି ରୋଡ୍ରିଗୁଜ୍ ଏହି ଗ୍ରାମକୁ କିଣିଥିଲେ। ସାଲ୍‌ଟୋ ଡେ କାଷ୍ଟ୍ରୋକୁ ଏକ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବା ପାଇଁ ସେ ଚାହୁଁଥିବାବେଳେ ଅର୍ଥାଭାବ ଓ ଉପଯୁକ୍ତ ଯୋଜନାର ଅଭାବ ପାଇଁ ରୋନି ନିଜ ଯୋଜନାର ଠିକ୍ ରୂପାୟନ କରିପାରି ନ ଥିବା ସେ କହିଛନ୍ତି। ରୋନି ଏବେ ୮୦ ବର୍ଷ ବୟସରେ ପଦାର୍ପଣ କରିଥିବାବେଳେ ସେ ଏବେ ଏହି ସମ୍ପତ୍ତିକୁ ବିକ୍ରି କରିବାକୁ ବାହାରିଛନ୍ତି।

## ଆସୁଛି 'ଦ ମିର୍ଜା ମଲ୍ଲିକ ଟକ୍ ଶୋ'

**ଇସ୍‌ଲାମାବାଦ୍**

ଛାଡପତ୍ରକୁ ନେଇ ଗୁଜବ ପ୍ରସାରଣ ହେବା ପରେ ଟେନିସ ତାରକା ସାନିଆ ମିର୍ଜା ଏବଂ ପାକିସ୍ତାନୀ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଶୋଏବ ମଲ୍ଲିକ ଗତ କିଛି ଦିନ ହେବ ଚର୍ଚ୍ଚାରେ ରହିଛନ୍ତି। ସାନିଆଙ୍କ ସୋସିଆଲ ମିଡିଆ ପୋଷ୍ଟରୁ ଦୁହେଁ ଖୁବ୍‌ଶୀଘ୍ର ଅଲଗା ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ଦୁହିଁଙ୍କ ବିବାହ ବିଚ୍ଛେଦ ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏପର୍ଯ୍ୟନ୍ତ ଉଭୟେ ଏ ବିଷୟରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଛାଡପତ୍ର ଖବର ମଧ୍ୟରେ ସାନିଆ ଏବଂ ଶୋଏବ ନିଜର ଆଗାମୀ ରିଆଲିଟି ସୋ' ଘୋଷଣା କରିଛନ୍ତି, ଯାହାର ନାଁ ରହିଛି 'ଦ ମିର୍ଜା ମଲ୍ଲିକ ଟକ୍ ଶୋ'। ପ୍ରଶଂସକମାନେ ଏହା ଦେଖି ଏବେ ଦ୍ୱନ୍ଦ୍ୱରେ।



ପ୍ରକୃତରେ ଦୁହେଁ ଅଲଗା ହେଉଛନ୍ତି ନାଁ ଏହା ଏକ ପବ୍ଲିସିଟି ଷ୍ଟଣ୍ଟ ଥିଲା ବୋଲି ଏବେ ପ୍ରଶ୍ନ ଉଠିଛି। ସୂଚନା ମୁତାବକ, ଶନିବାର ରାତିରେ ଓଟିଟି ପ୍ଲାଟଫର୍ମ ଉର୍ଦ୍ଦୁଫ୍ଲିକ୍ସ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ସେୟାର କରି ନୂତନ ସୋ' ବିଷୟରେ ସୂଚନା ଦେଇଛି। ଶୋ'ର ଏକ ପୋଷ୍ଟର ମଧ୍ୟ ରିଲିଜ ହୋଇଛି ଯେଉଁଥିରେ ସାନିଆ ଏବଂ ଶୋଏବଙ୍କ ଫଟୋ ରହିଛି। ପୋଷ୍ଟରର କଭର ପେଜରେ ବୁର୍ଜ ଖଲିଫା ଦୃଶ୍ୟମାନ ହେଉଛି। ଏଭଳି ଫଟୋ ସହିତ କ୍ୟାପସନରେ ଲେଖାଯାଇଛି, 'ମିର୍ଜା ମଲ୍ଲିକ ଶୋ' ଖୁବଶୀଘ୍ର ଆସୁଛି, କେବଳ ଉର୍ଦ୍ଦୁଫ୍ଲିକ୍ସରେ।'

# ଲୋପପାଉଛି ପାରଳାର ବିଶ୍ୱପ୍ରସିଦ୍ଧ ଶିଙ୍ଗ କାମ

ଗିରିଧାରୀ ପରିଚ୍ଛା
ପାରଳାଖେମୁଣ୍ଡି, ୧୩।୧୧(ଡି.ଏନ୍.ଏ.)

ବିଶ୍ୱପ୍ରସିଦ୍ଧ ଶିଙ୍ଗ କାମ କହିଲେ ମନକୁ ଆସିଯାଉଥିଲା ଗଜପତି ଜିଲା ପାରଳାଖେମୁଣ୍ଡି ସହର। ସହରର ରାଜଦାଣ୍ଡ ସାହିରେ ମାଳ ମାଳ ଶିଙ୍ଗ ଦୋକାନ ସବୁ ଥିଲାବେଳେ ଏବେ ଏହି କାମରୁ ମୁହଁ ଫେରାଇ ନେଲେଣି କାରିଗର। ନା ଅଛି ସରକାରୀ ସହାୟତା ନା ମିଳୁଛି କଞ୍ଚାମାଲ। ବର୍ତ୍ତମାନ ଅସହାୟ ହୋଇ ନିଜ କୌଳିକ ବୃତ୍ତି ଛାଡ଼ି ଅନ୍ୟ ରୋଜଗାରର ପନ୍ଥା ଆପଣାଇବାକୁ ବାଧ୍ୟ ହେଲେଣି କାରିଗର।

ଗଜପତି ରାଜପ୍ରାସାଦର ବିଭିନ୍ନ କାରୁକାର୍ଯ୍ୟ ନିର୍ମାଣ ସମୟରେ ମହାରଣାମାନଙ୍କ ୧୬ ପରିବାର କଲିକତାରୁ ଆସିଥିଲେ। ପରବର୍ତ୍ତୀ ସମୟରେ ରାଜ ପରିବାରର ଆତିଥ୍ୟକୁ ଛାଡି ନ ପାରି ଏଠାରେ ହିଁ ରହିଗଲେ। ସେହି ସମୟରେ ପାରଳାଖେମୁଣ୍ଡିରେ ପ୍ରଚୁର ପରିମାଣରେ ମଇଁଷି, ଗାଇ, ଜିଆଦ ଶିଙ୍ଗ ମିଳୁଥିଲା। ଏହାକୁ ନେଇ କାରିଗରମାନେ ଶିଙ୍ଗରେ ବିଭିନ୍ନ ଆକୃତିର କଣ୍ଢେଇ, ପାନିଆ, ହାତୀ, ଚଢ଼େଇ ତିଆରି କଲେ। ଯାହା ଦେଖି ରାଜପରିବାର ମହାରଣାମାନଙ୍କୁ ଏଠାରେ ରହିବା ପାଇଁ ବଡ଼ଦାଣ୍ଡ ସାହିରେ ଘର ଦେଇଥିଲେ। ପରବର୍ତ୍ତୀ ସମୟରେ ଏମାନଙ୍କ ବଂଶ ବୃଦ୍ଧି ହୋଇ ୪୦ରୁ ଊର୍ଦ୍ଧ୍ୱ ପରିବାର ଶିଙ୍ଗ କାମ କରି ନିଜର ଜୀବିକା ନିର୍ବାହ କରିଥିଲେ। କାଳକ୍ରମେ ଶିଙ୍ଗ ତିଆରି ଜିନିଷର ପ୍ରଚାର ପ୍ରସାର ଯୋଗୁ ରାଜ୍ୟ ତଥା ରାଜ୍ୟ ବାହାରେ ବି ଚାହିଦା ବଢ଼ିବାକୁ ଲାଗିଲା। ଦିଲ୍ଲୀରୁ ପଲ୍ଲୀ ଯାଏ ବିଭିନ୍ନ ଯାତ୍ରା ପ୍ରଦର୍ଶନୀରେ କାରିଗରମାନେ ନିଜ ହାତ ତିଆରି ଜିନିଷ ବିକ୍ରି କରି ଭଲ ରୋଜଗାର ମଧ୍ୟ କରୁଥିଲେ। ହେଲେ ଏବେ କାରିଗରମାନେ ନିଜ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡ଼ିଛି। ସରକାରୀ ସ୍ତରରେ ନା କୌଣସି ପ୍ରୋତ୍ସାହନ ମିଳୁଛି ନା କଞ୍ଚାମାଲ ମିଳୁଛି। ଏବେ କେବଳ ୭ରୁ ୮ ପରିବାର ଏହି ଶିଙ୍ଗ କାମ କରୁଛନ୍ତି।

ମହାରାଜା କୃଷ୍ଣଚନ୍ଦ୍ର ଗଜପତିନାରାୟଣ ଦେବ ମହାରଣାମାନଙ୍କୁ ଶିଙ୍ଗରେ ବିଭିନ୍ନ ଜିନିଷ ତିଆରି କରିବା ଦେଖି ସେମାନଙ୍କୁ ପ୍ରୋତ୍ସାହନ ଦେବା ସହ ବିଭିନ୍ନ ଆନୁଷଙ୍ଗିକ ସୁବିଧା ଯୋଗାଇ ଦେଇଥିଲେ। ଏଥିଯୋଗୁ ପ୍ରାୟ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି ପାରଳାଖେମୁଣ୍ଡିରେ ଶିଙ୍ଗ ଜିନିଷ ସବୁ ପ୍ରସ୍ତୁତ ହେଉଥିବାବେଳେ ଚାରିଆଡେ ଏହା ପ୍ରସିଦ୍ଧ ହୋଇଛି। ଏହି କାମର ଚାହିଦାକୁ ଦେଖି ଏକ ସମବାୟ ସଂସ୍ଥା ମଧ୍ୟ ଗଢ଼ାଯାଇଥିଲା, ଯାହାକି ୧୯୪୮ ମସିହାରୁ ରାଜ୍ୟ ସରକାରଙ୍କ ହସ୍ତ ଶିଳ୍ପ ବିଭାଗ ଅଧୀନରେ ପଞ୍ଜୀକୃତ ହୋଇ କାର୍ଯ୍ୟ କରୁଛି। କିନ୍ତୁ ବର୍ତ୍ତମାନ ଶିଙ୍ଗ ନ ମିଳିବା ସହିତ ହସ୍ତ ଶିଳ୍ପ ବିଭାଗର ବେପରୁଆ ମନୋଭାବ ଯୋଗୁ ଏହି ଶିଳ୍ପ ବିଲୁପ୍ତ ହେବାକୁ ବସିଛି। ବିଶ୍ୱକର୍ମା ଶିଙ୍ଗ ସମବାୟ ସଂସ୍ଥାରେ ୫୦ କାରିଗର କାମ କରୁଥିଲେ, କିନ୍ତୁ ଏବେ ମାତ୍ର ୫, ୬ ଜଣ କାରିଗର କାମ କରୁଛନ୍ତି।

ତେବେ କଳାକାର ପେନ୍‌ସନ ପରି ଏହି କାରିଗରମାନଙ୍କୁ କାରିଗରି ପେନ୍‌ସନ ଦେବା ସହ ଏହି ଶିଳ୍ପର ଉନ୍ନତି ପାଇଁ ବିଶେଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ସରକାର ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପିଢ଼ିଙ୍କୁ ରୋଜଗାର ପନ୍ଥା ଯୋଗାଇବା ପାଇଁ ପ୍ରୋତ୍ସାହନ କରୁଛନ୍ତି। ସେହିଭଳି ଶିଙ୍ଗ କାମକୁ ମଧ୍ୟ ପ୍ରୋତ୍ସାହନ ଦେଲେ ବିଲୁପ୍ତ ହେବାକୁ ଯାଉଥିବା କଳାକୁ ପୁଣି ଉଜ୍ଜୀବିତ କରାଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ଜଣେ କାରିଗର ଶିଙ୍ଗରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।


ଶିଙ୍ଗ ତିଆରି ସାମଗ୍ରୀ

## ସଂକ୍ଷେପରେ

### ୨୭ ଗ୍ରାମ୍ ବାଉନସୁଗାର ଜବତ, ୨ ଗିରଫ



**ବାଲେଶ୍ୱର ଅଫିସ, ୧୩।୧୧:** ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାର ଅଞ୍ଚଳରେ ପୋଲିସ ଚଢ଼ାଉ କରି ଦୁଇ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୭ ଗ୍ରାମ୍ ବାଉନସୁଗାର ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୩୬୬/୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଅରଡ଼ବଜାରର ମସଜିଦ୍ ଗଳିରୁ ବସ୍ତା ଅଞ୍ଚଳକୁ ବିପୁଳ ପରିମାଣର ବ୍ରାଉନସୁଗାର ଚାଲାଣ ହେଉଥିବା ଖବର ପାଇ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୨୭ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗୋଟିଏ ବୁଲେଟ୍ ମୋଟର ସାଇକେଲ, ଦୁଇଟି ମୋବାଇଲ୍ ଫୋନ୍, ୨୦ ହଜାର ଟଙ୍କା ପୋଲିସ ଜବତ କରିଛି।

### ବାପାଙ୍କ ଶ୍ରାଦ୍ଧବାର୍ଷିକୀରେ ଝିଅଙ୍କର ମୃତ୍ୟୁ

#### ଶାଶୁଘରକୁ ଫେରିବା ବେଳେ ଦୁର୍ଘଟଣା

**ପାଣିକୋଇଲି, ୧୩।୧୧(ଡି.ଏନ୍.ଏ.):** ବାପାଙ୍କ ଶ୍ରାଦ୍ଧବାର୍ଷିକୀରେ ଯୋଗଦେବାକୁ ଆସିଥିବା ଝିଅଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୋଲେଇପୁର ଛକ ମହିନ୍ଦ୍ରା ଶୋ'ରୁମ୍ ନିକଟରେ ରବିବାର ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ମଞ୍ଜୁରୀରୋଡ୍‌ର ଭୋଳାନାଥ ସେନାପତିଙ୍କ ସ୍ତ୍ରୀ ରେଣୁବାଳା(୩୬)। ସେ ତାଙ୍କ ବାପା ଅସିତ ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ ପାଇଁ ୨ ଝିଅଙ୍କୁ ଧରି ଯାଜପୁର ଜିଲାର ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ଗ୍ରାମକୁ ଆସିଥିଲେ। କାମ ସାରି ଭାଇଙ୍କ ସହ ବାଇକ୍ ଯୋଗେ ଶାଶୁଘରକୁ ଫେରୁଥିଲେ। ଏହି ସମୟରେ ଗୋଲେଇପୁର ଛକ ମହିନ୍ଦ୍ରା ଶୋ'ରୁମ୍‌ର ବିପରୀତ ରାସ୍ତାରେ ଏକ ସାଇକେଲ୍ ଆରୋହୀ ସେମାନଙ୍କ ବାଇକ୍ ସାମ୍ନାକୁ ଆସିଯାଇଥିଲେ। ଫଳରେ ବାଇକ୍ ଚାଳକ ହଠାତ୍ ବ୍ରେକ ମାରିବାରୁ ରେଣୁବାଳା ବାଇକ୍‌ରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଆମେ ହେଲପିଂ ଗ୍ରୁପର ସଦସ୍ୟମାନେ ତାଙ୍କୁ ଅଟୋ ଯୋଗେ ପାଣିକୋଇଲିର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ପୋଲିସ ପାଟ୍ରୋଲିଂ ଭ୍ୟାନ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଣିକୋଇଲି ପୋଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମାଳିପଦର ଏନକାଉଣ୍ଟର ପ୍ରତିବାଦରେ ରାସ୍ତା ଅବରୋଧ

ମାଲକାନଗିର, ୧୩।୧୧(ଡି.ଏନ୍.ଏ.)

କୋରାପୁଟ ଜଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ମାଳିପଦର ଏନକାଉଣ୍ଟର ଘଟଣାର ପ୍ରତିବାଦ କରି ରବିବାର ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ କତାମେଟାଠାରେ ସର୍ଗିଗୁଡା ଗ୍ରାମର ଶତାଧିକ ଲୋକେ ରାସ୍ତା ଅବରୋଧ କରିଛନ୍ତି। ଗତ ୧୧ ତାରିଖ ରାତିରେ ମାଓବାଦୀ ଓ ସୁରକ୍ଷାବାହିନୀଙ୍କ ମଧ୍ୟରେ ମାଳିପଦର ନିକଟସ୍ଥ ଜଙ୍ଗଲରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା କୋରାପୁଟ ଦକ୍ଷିଣାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ଦୁଇଜଣଙ୍କ ମଧ୍ୟରୁ ଜଣେ ମାଥିଲି ବ୍ଲକ ବେଜାଗୁଡା ପଞ୍ଚାୟତ ସର୍ଗିଗୁଡା ଗ୍ରାମର ଧନ କୁମାର ବୋଲି ଜଣାପଡିଥିଲା। ଧନ କୁମାର କୌଣସି ମାଓବାଦୀ ନୁହନ୍ତି। ପୋଲିସ ତାଙ୍କୁ ଏନକାଉଣ୍ଟର କରି ମାଓବାଦୀ ବୋଲି ଆଖ୍ୟା ଦେଇଛି। ତେଣୁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି।

# ଟ୍ରାଇଥ୍‌ଲନରେ ଅଲିମ୍ପିକ ଜିତିବା ଓସିନ୍‌ଙ୍କ ଲକ୍ଷ୍ୟ

**ଆଜି ଶିଶୁ ଦିବସ**

## ରାମାୟଣ ଲେଖି ସାଉଁଟୁଛନ୍ତି ପ୍ରଶଂସା

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ସୋମବାର ଶିଶୁ ଦିବସ। ଶିଶୁଙ୍କୁ ଉତ୍ସାହିତ କରିବା ପାଇଁ ଏହି ଦିବସଟି ପାଳନ କରାଯାଉଥିବାବେଳେ କୁନି ଝିଅ ଓସିନ୍ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ପାଠପଢ଼ା, ଖେଳକୁଦ ସବୁଥିରେ ସେ ଆଗୁଆ। ଭୁବନେଶ୍ୱର ନନ୍ଦନବିହାରର ୮ ବର୍ଷର ଝିଅ ଓସିନ୍ ଏକ ଘରୋଇ ବିଦ୍ୟାଳୟରେ ତୃତୀୟ ଶ୍ରେଣୀର ଛାତ୍ରୀ। ତେବେ ଏତେ କମ୍ ବୟସରୁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ହାସଲ କରିପାରିଛନ୍ତି। ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପରିସରରୁ ବାହାରି ସାଇକେଲରେ ପ୍ରାୟ ୫ଘଣ୍ଟାରେ ସେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପହଞ୍ଚିପାରି ଏହି ରେକର୍ଡ ସୃଷ୍ଟି କରିଛନ୍ତି। ମାତ୍ର ୩ବର୍ଷ ବୟସରୁ ସେ ବାପା ଗୋପାଳକୃଷ୍ଣ ସାହୁଙ୍କ ସହ ମିଶି ସାଇକେଲ ଚଳାଇବା ଆରମ୍ଭ କରିଥିଲେ। ତେବେ ଏହା ପରଠାରୁ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିଚାଲିଛନ୍ତି ଓସିନ୍। ସେହିପରି ୪ବର୍ଷ ବୟସରେ ଟାଟା ମାରାଥନରେ ଅଂଶଗ୍ରହଣ କରି ପ୍ରାୟ ୧୦ କି.ମି. ଦୌଡ଼ି ଅତିକ୍ରମ କରିପାରିଥିଲେ। କେବଳ ସେତିକି ନୁହେଁ, ମାତ୍ର ୫ ବର୍ଷ ବୟସରେ ସେ କପିଳାସ ପର୍ବତରେ ୧୦ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ମାତ୍ର ୨୬ ମିନିଟରେ ଟ୍ରେକିଂ କରିପାରିଥିଲେ। ସେହିପରି କେଷ୍ଟ୍ରୋଲ ଟ୍ରେକିଂରେ ଅଂଶଗ୍ରହଣ କରି ସେ ୩୨ କିଲୋମିଟର ଅତିକ୍ରମ କରିପାରିଛନ୍ତି। ଟ୍ରାଇଥ୍‌ଲନରେ ଅଲିମ୍ପିକ୍ ପଦକ ଜିତିବା ପାଇଁ ଆଶା ରଖିଥିବା ଓସିନ୍ ଏବେ ଠାରୁ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ସୁଇମିଂ, ସାଇକେଲିଂ ଏବଂ ରନିଂ ଅଭ୍ୟାସରେ ଲାଗିପଡ଼ିଛନ୍ତି ଓସିନ୍।

ତେବେ ଓସିନ କେବଳ ଯେ ଖେଳକୁଦରେ ଆଗ୍ରହୀ ତାହା ନୁହେଁ, ବିଭିନ୍ନ ଧାର୍ମିକ ପୁସ୍ତକ ଅଧ୍ୟୟନ କରିବାରେ ମଧ୍ୟ ରୁଚି ରଖିଛନ୍ତି। ସେ ମାତ୍ର ୮ ବର୍ଷ ବୟସରେ ସମ୍ପୂର୍ଣ୍ଣ ରାମାୟଣ କଥାବସ୍ତୁକୁ ଇଂରାଜୀ ଭାଷାରେ ନିଜ ଶୈଳୀରେ ଲେଖିପାରିଛନ୍ତି। ଏତେ କମ୍ ବୟସରେ ରାମାୟଣ ପୁସ୍ତକ ରଚନା କରିପାରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ତାଙ୍କର ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ଏତେ ଯେ, ମହାପ୍ରଭୁ ଜଗନ୍ନାଥଙ୍କ ପ୍ରଚାର ପ୍ରସାର ପଦଯାତ୍ରାରେ ସାମିଲ ହୋଇ ଦୀର୍ଘ ବାଟ ଯାଇଥିଲେ। ଏହାବ୍ୟତୀତ ଚିତ୍ର ଆଙ୍କିବା, ୱେବ ଡିଜାଇନିଂ କରିବାଠାରୁ ଆରମ୍ଭକରି ବିଭିନ୍ନ ବିଷୟବସ୍ତୁ ଉପରେ ତଥ୍ୟ ସଂଗ୍ରହ କରିବା ତାଙ୍କର ରୁଚି ରହିଛି। ପିତାଙ୍କଠାରୁ କ୍ରୀଡ଼ା କ୍ଷେତ୍ର ପ୍ରତି ଅନୁପ୍ରାଣିତ ହୋଇଥିବାବେଳେ ମା' ଶର୍ମିଷ୍ଠା ପଟ୍ଟନାୟକଙ୍କଠାରୁ ବିଭିନ୍ନ ନୈତିକ ଶିକ୍ଷା ଲାଭ କରିଥିବା ଓସିନ୍ କହନ୍ତି।

ତେବେ ଅନେକ ସମୟରେ ବିଭିନ୍ନ ସାମାଜିକ ବାର୍ତ୍ତା ନେଇ ସେ ସାଇକେଲ ଯାତ୍ରା କରିଥାନ୍ତି। ବହୁ ଚର୍ଚ୍ଚିତ କୁନିଝିଅ 'ପରୀ' ଅପହରଣ ଓ ହତ୍ୟା ଘଟଣାରେ ନ୍ୟାୟ ପାଇଁ ସାଇକେଲରେ ଯାତ୍ରା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦେଇଥିଲେ। ସେତେବେଳେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଝିଅମାନଙ୍କ ସୁରକ୍ଷା ପାଇଁ ସେ ସମାଜକୁ ବାର୍ତ୍ତା ଦେଇଥା'ନ୍ତି। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ଲୋକଙ୍କୁ ସହାୟତା କରି ସେ ତାଙ୍କର ଉଦାର ମନୋଭାବର ପରିଚୟ ଦେଇଥାନ୍ତି।


ଓସିନ୍

# ଅଲିଭ୍ ରିଡ୍‌ଲେଙ୍କ ଅନ୍ତୁଡ଼ିଶାଳ ସଫେଇ, ପୂଜାର୍ଚ୍ଚନା



କୋଣାର୍କ, ୧୩।୧୧(ଡି.ଏନ୍.ଏ.)

ସେଭ କୋଷ୍ଟାଲ ଲାଇଫ ପ୍ରୟାସରେ ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ଅନ୍ତୁଡିଶାଳ ସଫା କରାଯିବା ଓ ସେମାନଙ୍କ ଆଗମନକୁ ସ୍ୱାଗତ ଜଣାଇ ପୂଜାର୍ଚ୍ଚନା କରାଯାଇଛି। ଏହି ପରିପ୍ରେକ୍ଷୀରେ ସେମାନଙ୍କ ସୁରକ୍ଷା ପାଇଁ ଏକ ବୃହତ ବେଳାଭୂମି ସଫେଇ ଓ ସଚେତନ କାର୍ଯ୍ୟକ୍ରମ ସେଭ କୋଷ୍ଟାଲ ଲାଇଫର ପରିଚାଳକ ପରିବେଶବିତ୍ ସରୋଜ କୁମାର ଜେନା ଓ ସହଯୋଗୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଏଥିରେ ଅଲିଭ ରିଡଲେଙ୍କ ୧୧ଟି ବେଳାଭୂମି ସାନପାଟଣା କୃଷ୍ଣପ୍ରସାଦ, ବାଲିହରଚଣ୍ଡୀ ବ୍ରହ୍ମଗିରି, ସିପସରୁବାଲି ପୁରୀ, ପୁରୀ ବେଳାଭୂମି ପୁରୀ, ନୂଆନଇ ବେଳାଭୂମି ପୁରୀ, ବେଲେଶର ବେଳାଭୂମି ପୁରୀ, ସାହୁଖଣ୍ଡି ବେଳାଭୂମି କୋଣାର୍କ, ଚନ୍ଦ୍ରଭାଗା ବେଳାଭୂମି କୋଣାର୍କ, କଅଁରପୁର ବେଳାଭୂମି, ଉଦୟକଣି ବେଳାଭୂମି ଅସ୍ତରଙ୍ଗ ଓ ତଣ୍ଡାହାର ବେଳାଭୂମି ଅସ୍ତରଙ୍ଗ ସଫା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପକୂଳବର୍ତ୍ତୀ ଗ୍ରାମ୍ୟ କମିଟି, ପ୍ରକୃତି ବନ୍ଧୁ, ସବୁଜ ସାଥି, ସ୍ୱୟଂ ସହାୟିକା ଗୋଷ୍ଠୀ, ଛାତ୍ରୀଛାତ୍ର ଯୋଗଦେଇ ଅଲିଭ ରିଡଲେ କଇଁଛଙ୍କ ସୁରକ୍ଷା ସହ ପରିବେଶ ଉଦ୍ଦେଶ୍ୟରେ ସଂକଳ୍ପ କରିଥିଲେ। ପୁରୀ ଜିଲା ଜିମ୍ନାଷ୍ଟିକ ରାଣୀ ସୁନୀତା ମାଝୀ ଓ କୋଚ ସଞ୍ଜୟ କୁମାର ମିଶ୍ର ଯୋଗଦେଇ ସଫା କରିବା ସହ ନିୟମିତ ସଫା କରିବା ପାଇଁ ଶପଥ କରିଥଲେ। ମହିଳାମାନେ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପାଇଁ ଆଗମନକୁ ସ୍ୱାଗତ ଜଣାଇ ପୂଜାର୍ଚ୍ଚନା କରିବା ସହ ହୁଳହୁଳି ପକାଇ ଉପକୂଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ।

## ନଖକଟାରେ ନାଗସାପ ଦାନ୍ତ ଭଙ୍ଗା ଘଟଣା

# ଅଭିଯୁକ୍ତଙ୍କୁ ଗିରଫ କଲା ବନବିଭାଗ

ବଲାଙ୍ଗୀର ଅଫିସ, ୧୩।୧୧

ବଲାଙ୍ଗୀର ଜିଲା ପୁଇଁତଳା ଥାନା ଅନ୍ତର୍ଗତ ବିଲେଇସର୍ଡା ଗ୍ରାମର ଜଣେ ଯୁବକ ନାଗସାପ ଧରିବା ପରେ ନଖକଟାରେ ଦାନ୍ତ ଭାଙ୍ଗିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାକୁ ସ୍ନେକ୍ ହେଲ୍‌ପଲାଇନ୍ ଟିମ୍ ସାପ ପ୍ରତି ଏହା ନିର୍ଯାତନା ବୋଲି ବନବିଭାଗରେ ଅଭିଯୋଗ କରିଥିଲେ। ବଲାଙ୍ଗୀର ରେଞ୍ଜ ଅଫିସର କେଶବ କିଶୋର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଶନିବାର ବିଳମ୍ବିତ ରାତିରେ ବିଲେଇସର୍ଡାରେ ଚଢ଼ାଉ କରି ଅଭିଯୁକ୍ତ ବୀର ବିଶ୍ୱାଳ (୩୫)ଙ୍କୁ ଗିରଫ କରିଛି। ରବିବାର ଏ ନେଇ ଅଭିଯୁକ୍ତଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରାଯାଇଥିଲା। ସୋମବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ରେଞ୍ଜ ଅଫିସର ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ବିଶ୍ୱାଳ ବିଭିନ୍ନ ସ୍ଥାନରୁ ବିଷଧର ସାପ, ବିଶେଷ କରି ନାଗସାପ ଧରିବା ପରେ ଏକ ନଖକଟା ଯନ୍ତ୍ରରେ ବିଷଦାନ୍ତ ଭାଙ୍ଗି ଦେଉଥିଲେ। ଏ ସମ୍ପର୍କିତ ଏକ ଭିଡିଓ ଭାଇରାଲ ହେବା ଘଟଣା ସାମନାକୁ ଆସିବା ପରେ ଅଭିଯୁକ୍ତ ବିଶ୍ୱାଳ କୁଆଡେ ଫେରାର ହୋଇଯାଇଥିଲେ।


ଗିରଫ ଅଭିଯୁକ୍ତ ବୀର ବିଶ୍ୱାଳ

# ଖବରଦାତାଙ୍କୁ ପୂର୍ବତନ ବିଧାୟକଙ୍କ ହତ୍ୟା ଧମକ


ଖବରଦାତାମାନେ ଲକ୍ଷ୍ମୀପୁର ଏସ୍‌ଡିପିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଲକ୍ଷ୍ମୀପୁର, ୧୩।୧୧(ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ କୈଳାସ କୁଲେସିକା ଶନିବାର ଲକ୍ଷ୍ମୀପୁର ଅଞ୍ଚଳର ୨ ଖବରଦାତାଙ୍କୁ ମାଡ଼ ମାରିବା ସହ ସେମାନଙ୍କୁ ଏବଂ ସେମାନଙ୍କ ପରିବାର ଲୋକଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିବା ଅଭିଯୋଗ ହୋଇଛି। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ୪ ବ୍ଲକ ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ ଏବଂ ଦଶମନ୍ତପୁର ଖବରଦାତା ସଂଘର ସଦସ୍ୟମାନେ ଏହାର ପ୍ରତିବାଦ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ୨ ଖବରଦାତା ପରମେଶ୍ୱର ସାହୁ ଓ ଯୁଧିଷ୍ଠିର ବାଘ ଲକ୍ଷ୍ମୀପୁର ଥାନାରେ ଏତଲା ଦେଇଛନ୍ତି। ୧୩୬/୨୨ରେ ଏକ ମାମଲା ରୁଜୁ ହୋଇଛି। ଘଟଣା ଘଟିବାର ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୂର୍ବତନ ବିଧାୟକ କୁଲେସିକାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଖବରଦାତାଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତାଙ୍କୁ ଗିରଫ କରିବା ସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନି ନାୟକଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ କୁଲେସିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଖବରଦାତାମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଖବରଦାତା ପରମେଶ୍ୱର ସାହୁ, ଶରତ ନାୟକ, ନରସିଂହନାଥ ପଟ୍ଟନାୟକ, ପି.ଗୋବିନ୍ଦ ରାଜୁ ସୁବୁଦ୍ଧି, ବଂଶୀଧର ହାଲବା, ପ୍ରଫୁଲ୍ଲ ଖୋସଲା, ଆର. ମିଶ୍ର, ତପନ ହାଲବା, ଅନନ୍ତ ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମିଳିତ ସହଯୋଗ ଐତିହ୍ୟ ବିକାଶର ଚାବିକାଠି

ଐତିହ୍ୟର ଓଡ଼ିଶା
ପଚାଶତମ ଆଲେଖ୍ୟ

ଡ. ସୁରେନ୍ଦ୍ର କୁମାର ମିଶ୍ର

- ଶିଳ୍ପଶାସ୍ତ୍ରର ରହସ୍ୟ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା ଥିଲା।
- ଶିଳ୍ପୀମାନଙ୍କୁ ଶିଳ୍ପକଳା ଶିକ୍ଷା ଲାଗି ଶିବିର ଆୟୋଜନ ହେଉଥିଲା।
- ଶିଳ୍ପକଳା ଶିବିର ଗଡ଼-ରୂପାସରେ ଚାଲିଥିଲା।

'ଐତିହ୍ୟର ଓଡ଼ିଶା' ସ୍ତମ୍ଭର ପଚାଶତମ ଆଲେଖ୍ୟରେ ଆଜି ପ୍ରବେଶ କଲାବେଳେ ଅନୁଭବର ଅନେକ ଦିଗ ଆମକୁ ଆମୋଦିତ କରୁଛି। 'ବ୍ରହ୍ମବନର କୋଣାଦିତ୍ୟ' ଶୀର୍ଷକରୁ ଆଲୋଚନା ଆରମ୍ଭ ହୋଇଥିଲା। ସେଥିରେ ଆମେ ସୂଚନା ଦେଇଥିଲୁ ଗୌରବମୟ ଐତିହ୍ୟର ଆଲୋଚନା ଦ୍ୱାରା ଗୋଟାଏ ଜାତିର ଜାତୀୟତାଭାବକୁ ପାଠକଟିଏ ନୂଆ ରୂପରେ ତଉଲାଇବାର ଅବକାଶ ପାଏ। ତା' ଅତୀତକୁ ସେ ନୂଆ କରି ପୁଣି ଦେଖେ।

ଅତୀତକୁ ନୂଆ କରି ଦେଖାଇବାକୁ ଆମେ ଯେତେ ସହଜ ବୋଲି ହେଜିଥିଲୁ, ବାସ୍ତବରେ ତାହା ନୁହେଁ। ପୁଣି କୋଣାର୍କ ପ୍ରସଙ୍ଗ! ଦେଖିଲୁ କୋଣାର୍କ ଉପରେ ଯେତେ ଆଲୋଚନା ପ୍ରାୟ ସବୁ ଅଧାପନ୍ତରିଆ। ସନାତନ ଶାସ୍ତ୍ରର ମୂଳ ରହସ୍ୟକୁ ଯେମିତି ଆଡ଼େଇ ଦିଆଯାଇଛି, ବାସ୍ତବ ଇତିହାସକୁ ସେମିତି ବୁଲେଇ ବଙ୍କେଇ ଆଂଶିକ ସତ୍ୟର ରୂପ ଦିଆଯାଇଛି। ଜ୍ୟୋତିର୍ବିଜ୍ଞାନର ଏକ 'ମାନ-ମନ୍ଦିର'କୁ ବିଜ୍ଞାନ ଦୃଷ୍ଟିକୋଣରେ ନ ଦେଖି 'ପିରାମିଡ୍' ବୋଲି ଉପ-ସଂହାର କରାଯାଇଛି। ତୀର୍ଥର ସାମାଜିକ ପରିଭାଷାରେ ଯେଉଁମାନେ ପ୍ରବେଶ କରିନାହାନ୍ତି, ସେମାନେ ଓଡ଼ିଆ ଶିଳ୍ପୀଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠେଇବାକୁ ପଛେଇ ନାହାନ୍ତି। କୋଣାର୍କର ବାରଟି ନାମର ରହସ୍ୟ ନ ଜାଣି ଓଡ଼ିଆ ଜାତିର ଗୌରବମୟ ଐତିହ୍ୟକୁ ଛଡ଼ାଇ ନେବାର ଉପକ୍ରମ ମଧ୍ୟ କେତେକ ଲେଖକ କରିଯାଇଛନ୍ତି। ଏକପାଖିଆ ବିଚାରବୋଧ ମନକୁ ଚହଲେଇ ଦେଇଛି। ଜାତିର ଅକଳ୍ପନୀୟ ଇଚ୍ଛାଶକ୍ତିକୁ ତୁଚ୍ଛ ତାଚ୍ଛଲ୍ୟ କରିବାରେ କେତେଜଣ ଲେଖକ ଜୀବନର ବହୁ ବର୍ଷ ବିତେଇଥିବେ ଭାବି ଆମେ ଦୁଃଖିତ ହୋଇଛୁ। ଶେଷକୁ ମୂଳସ୍ତରରୁ ଆଲୋଚନା ଆରମ୍ଭ କରିବାକୁ ନିଷ୍ପତ୍ତି ନେଲୁ।

ଭୁକ୍ତି ଓ ମୁକ୍ତିର ତୀର୍ଥ କୋଣାଦିତ୍ୟର ପରିଭାଷା ତଥାକଥିତ ଲେଖକଙ୍କ ଲେଖାରୁ ଆମେ ଖୋଜି ନିରାଶ ହୋଇଛୁ। ଆମେ ଯେଉଁ ମନ୍ଦିର କଥା ଆଲୋଚନା କରୁଛେ, ତାହା ସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ପୂର୍ବରୁ ଦୁଇଟି ମନ୍ଦିର ମହାକାଳରେ ଧ୍ୱଂସ ପାଇଯାଇଛି। ତୃତୀୟ ମନ୍ଦିରର ଗୌରବମୟ ସ୍ମାରକୀକୁ ଯିଏ ଅନ୍ୟର ଖତିଆନାରେ ଦରଜ କରିବାକୁ ତତ୍ପର ଥିଲେ, ସେମାନେ ପୂର୍ବ ଦୁଇଟି ମନ୍ଦିରର ଇତିହାସକୁ କାହିଁକି ଆଲୋଚନା ସ୍ତରକୁ ଆଣିଥାନ୍ତେ? ଅନେକ ଜାଣିଥିଲେ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ଶ୍ରୀବସ୍ତ୍ର ଖଣ୍ଡଶାଳ ମନ୍ଦିର ଓଡ଼ିଆ ଶିଳ୍ପୀ ନିର୍ମାଣ କରିବା ପରେ କୋଣାର୍କରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ହୋଇଥିଲା, ତଥାପି କେଜାଣି କାହିଁକି ଓଡ଼ିଶାର ପ୍ରତ୍ୟେକ କ୍ଷେତ୍ରର ପରାକାଷ୍ଠାକୁ ଗୁରୁତ୍ୱ ଦେଲା ପରି ଲାଗିଲାନି।

କୋଣାର୍କ ମନ୍ଦିର ଥିଲା 'ସୂର୍ଯ୍ୟବଲ୍ଲଭ ପ୍ରାସାଦ'। ଏହି ପ୍ରାସାଦରେ ପ୍ରତ୍ୟେକ ପଥରରେ ଓଡ଼ିଆ ଶିଳ୍ପୀ କବିତାକୁ ହିଁ ଆଙ୍କି ଦେଇଥିଲା। ଆମେ ତା'ର ଚିତ୍ର ବି ଆଲୋଚନା କରିଛେ। ଗୋଟେ ଜାତିର ଅକଳ୍ପନୀୟ ଇଚ୍ଛାଶକ୍ତି ହିଁ ସୃଷ୍ଟି କରିଥିଲା 'କଳିଙ୍ଗ ମନ୍ଦିର ସ୍ଥାପତ୍ୟ'। ଏହାକୁ ପ୍ରମାଣିତ କରିବା ପାଇଁ ଏକାମ୍ର କ୍ଷେତ୍ର କିପରି ପରୀକ୍ଷାଗାର ଥିଲା, ତାହା ବି ଉପସ୍ଥାପନ କରିଥିଲୁ। ସୂର୍ଯ୍ୟ ଉପାସନାର ସାମାଜିକ ବାର୍ତ୍ତା, ଓଡ଼ିଶାରୁ ହିଁ ପ୍ରାଚୀନ କାଳରୁ ଜାତୀୟ ସ୍ତରରେ ଉପସ୍ଥାପିତ ହୋଇଥିଲା। ସେଥିପାଇଁ ଅଖଣ୍ଡ ଓଡ଼ିଶାରେ 'ଶାମ୍ବ ଦଶମୀ' ଏକ ଗଣଉପାସନାରେ ପରିଣତ ହୋଇଥିଲା, ଆଜି ବି ଅଛି। ଆମେ ବିଗତ ଆଲେଖ୍ୟଗୁଡ଼ିକରେ ପ୍ରମାଣିତ କରିବାକୁ ଚେଷ୍ଟା କରିଛୁ- ମନ୍ଦିର ନିର୍ମାଣ ପାଇଁ ଓଡ଼ିଆମାନେ ଆତ୍ମନିର୍ଭରଶୀଳ ଥିଲେ। ଏବେ ବି ଅଛନ୍ତି। ଭାରତ ହେଉ କି ଭାରତ ବାହାରେ, ଆଜି ବି ବଡ଼ ବଡ଼ ମନ୍ଦିର ନିର୍ମାଣରେ ଓଡ଼ିଆଶିଳ୍ପୀଙ୍କ ଅବଦାନକୁ ସଭିଏଁ ସ୍ୱୀକାର କରୁଛନ୍ତି।

'ଐତିହ୍ୟର ଓଡ଼ିଶା' ସ୍ତମ୍ଭରେ ଆମେ ଆଗକୁ ମନ୍ଦିର ନିର୍ମାଣର ପ୍ରାମାଣିକ ଉପାଦାନ ଆଧାରରେ ବହୁ ଅନାଲୋଚିତ ପ୍ରସଙ୍ଗ ଆଲୋଚନା କରିବା। ତାହା ସହିତ ବିଚାର କରିବା ଗୋଟିଏ ମନ୍ଦିର ନିର୍ମାଣ ସମୟରେ ଅନ୍ୟ ମନ୍ଦିରର ସହଯୋଗ ବି ସମଭାବରେ ରହୁଥିଲା। ଇତିହାସ ପୃଷ୍ଠାରେ ସହଭାଗିତା ଓ ସାହଚର୍ଯ୍ୟ ମାନସିକତାକୁ ଯଥାଯୋଗ୍ୟ ବିଚାର କରାଗଲା ପରି ଜଣାପଡ଼େ ନାହିଁ।

ବାୟାଚକଡ଼ା ପୋଥିରେ ଗୋଟିଏ ଶବ୍ଦ ବ୍ୟବହାର ହୋଇଛି 'ପଦ୍ମକେଶର ମହାରଥ ମନ୍ଦିର'। ମହାରଥ ଶବ୍ଦର ଐତିହ୍ୟକୁ ବୁଝିବାକୁ ଚେଷ୍ଟା କରିଛୁ। ସୂର୍ଯ୍ୟଙ୍କର ରଥାକୃତି ମନ୍ଦିର ନିଶ୍ଚୟ। ଏହି ଶବ୍ଦ ପଛରେ 'ଶ୍ରେଷ୍ଠ' ଭାବ ରହିଛି। ଗଜପତିଙ୍କର ୫ ଅଙ୍କରେ ମହାରଥ ମନ୍ଦିର ପାଇଁ ପ୍ରଥମେ ମାପଚୁପ ଆରମ୍ଭ ହୋଇଥିଲା ତିନିଜଣଙ୍କ ନେତୃତ୍ୱରେ। ସୂତ୍ରଧର ସଦାଶିବ ସାମନ୍ତରା, ଗଙ୍ଗା ମହାପାତ୍ର ଓ ଗଦେଇ ମହାପାତ୍ର। ତିନିଜଣଯାକ ପଥର ଶିଳ୍ପୀ। ତାଙ୍କ ଭିତରେ ଗଭୀର ବିଚାରବିମର୍ଶ ହୋଇଛି ରୂପାସ-ଗଡ଼ ଶିବିରରେ। ଶିଳ୍ପୀଙ୍କ ପାଇଁ 'ଶିବିର' ଆରମ୍ଭ ହୋଇ ସାରିଥିଲା ମାପଚୁପ ବେଳକୁ।

ଏହି ତିନିଜଣ ପାଲିଙ୍କିରେ ଯିବାଆସିବା କରୁଥିଲେ। ମର୍ଯ୍ୟାଦା ଦିଆଯାଉଥିଲା ମୁଖ୍ୟ ଶିଳ୍ପୀମାନଙ୍କୁ। ମୁଖ୍ୟ ଶିଳ୍ପୀମାନେ ଶିଳ୍ପଶାସ୍ତ୍ରର ଗଭୀରତାକୁ ପ୍ରବେଶ କରିବା ପାଇଁ ବ୍ୟବସ୍ଥା ହୋଇଥିଲା। ପଣ୍ଡିତ ବନ୍ଧୁ ରଥ ସଂସ୍କୃତ ଭାଷାର ଶାସ୍ତ୍ର ରହସ୍ୟ ଶିଳ୍ପୀଙ୍କୁ ଶିକ୍ଷା ଦେଉଥିଲେ।


ପଥରରେ ଜୀବନର ଗାଥା। ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: .............................


ଅନୁଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଜ୍ୟସ୍ତରୀୟ ଖୋ ଖୋ ଉଦ୍‌ଘାଟିତ

**ଭାଗନେଲେ ବିଭିନ୍ନ ଜିଲାର ମହିଳା ଓ ପୁରୁଷ ଦଳ**


ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିବାପରେ ଜିଲାପାଳ ସମର୍ଥ ବର୍ମା ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

**ପୁରୀ ଅଫିସ, ୧୩।୧୧**

ପୁରୀ ଜିଲା ହାଇସ୍କୁଲ ପରିସରରେ ରବିବାରଠାରୁ ୫୫ତମ ରାଜ୍ୟସ୍ତରୀୟ ସିନିୟର ବର୍ଗ ଖୋ ଖୋ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ଜିଲାପାଳ ସମର୍ଥ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଦେଖାଇ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲାପାଳ ଅଭିଭାଷଣ ଦେଇ କହିଥିଲେ, କ୍ରୀଡ଼ା ପ୍ରତିଭାର ବିକାଶ ଦିଗରେ ଖୋ ଖୋ ସହାୟକ ହୋଇପାରିବ। ଖୋ ଖୋ ଓଡ଼ିଶାର ଏକ ପ୍ରମୁଖ ଖେଳ। ଏହାର ପ୍ରଚାର ପ୍ରସାର ଦିଗରେ ସରକାର ଅନେକ ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ପୁରୀ ଜିଲା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ଜିଲା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଖୋ ଖୋ ଚାମ୍ପିୟନଶିପ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଆୟୋଜନରେ ସହଯୋଗ କରିଥିବାରୁ ଜିଲା ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ। ପୁରୀ ଖୋ ଖୋ ଦଳର ଭରତ ପ୍ରଧାନ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶପଥ ପାଠ କରାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସଭା ପରିଚାଳନା କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିନରେ ବିଭିନ୍ନ ଦଳ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ଜିଲାର ଟିମ୍ ସମେତ କିଟ୍ ବିଶ୍ୱବିଦ୍ୟାଳୟ ଓ ପୁରୀ ଖୋ ଖୋ ସ୍ପୋର୍ଟ୍ସ ହଷ୍ଟେଲର ଉଭୟ ପୁରୁଷ ଓ ମହିଳା ଦଳ ଭାଗ ନେଇଛନ୍ତି। ଉଭୟ ମହିଳା ଓ ପୁରୁଷ ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୭ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ୩ୟ ଓ ୪ର୍ଥ ଦଳକୁ ୫ ହଜାର ଟଙ୍କା ଲେଖାଏ ଏବଂ ୩ ଶ୍ରେଷ୍ଠ ଖେଳାଳିଙ୍କୁ ୨ହଜାର ଟଙ୍କା ଲେଖାଏ ପୁରସ୍କାର ଓ ଟ୍ରଫି ଦିଆଯିବ। ଉକ୍ତ ପ୍ରତିଯୋଗିତାରେ ଚୟନ ଶ୍ରେଷ୍ଠ ଖେଳାଳି ଓ ଦଳ ଚଳିତ ମାସ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରରେ ଅନୁଷ୍ଠିତ ହେବାକୁ ଥିବା ୫୫ତମ ଜାତୀୟ ଖୋ ଖୋ ଚାମ୍ପିୟନଶିପ୍‌ରେ ଭାଗନେବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ରାଜ୍ୟ ସବ୍‌ଜୁନିୟର କରାଟେ ଉଦ୍‌ଯାପିତ

**ଭୁବନେଶ୍ୱର, ୧୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ୩୪ତମ ରାଜ୍ୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ କରାଟେ ସଂଘ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ୨୪ ଜିଲାରୁ ୪୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା, ସମ୍ମାନିତ ଅତିଥିଭାବେ ଦୂରଦର୍ଶନର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ ଓ ସିପକଟାକ୍ର ଓଡ଼ିଶା ସମ୍ପାଦକ ପୃଥ୍ୱୀରାଜ ସାହୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ରାଜ୍ୟ କରାଟେ ସଂଘ ସମ୍ପାଦକ ଡ. ଗୌରୀ ମହାନ୍ତି, ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ, ଅଫିସିଆଲ ରାଜୀବ କୁମାର ସିଂ, ଖାରବେଳ ମଲ୍ଲିକ୍, ଜୟଦେବ ପଟ୍ଟନାୟକ, ମହେଶ ଚନ୍ଦ୍ର ବରାଳ, ସୁରେଶ ଚନ୍ଦ୍ର ବାଲ୍, ଅରବିନ୍ଦ ପଟ୍ଟନାୟକ, ସୌମ୍ୟ ଦାସ, ଆଦିତ୍ୟ ମିଶ୍ର, ଦୀପକ ସାମନ୍ତରାୟ, ସନକ ଦେଓ, ଦୁର୍ଗା ପ୍ରସାଦ ରଥ, ଗୋପାଳ ଚନ୍ଦ୍ର ଦାସ, ଏନ୍. ବି ପଟ୍ଟନାୟକ, ଉମାକାନ୍ତ ବେହେରା, କେଜିକେ ପ୍ରତିହାରୀ, ରାଜେନ୍ଦ୍ର ସାମଲ, ସମୀର ତାଲୁକ୍ଦି, ଦେବେନ୍ଦ୍ର ରଣା, ଗୋପାଳ କହଁର, ଜାହିର ପରଭେଜ୍, ଶୁଭାଶିଷ ମହାପାତ୍ର, କ୍ରିଷ୍ଣା ଶିକାରୀ, କୃଷ୍ଣ ମହାପାତ୍ର, ସନ୍ଦୀପ ମହାନ୍ତି, କୃଷ୍ଣ ମହାରଣା, ଶୁସ୍ମିନୀ ପାଲଟାସିଂହ, ଗୋପାଳକୃଷ୍ଣ ନାୟକ, ସନ୍ଦୀପ ଦାସ, ଦିଲ୍ଲୀପ ଜେନା, ଅହମଦ, ମଣ୍ଟୁ ଯୋଶୀ ଓ ଭବାନୀ ଶଙ୍କର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୨୧ କି.ମି. ସନ୍ତରଣ କରି ଜିୟାଙ୍କ ରେକର୍ଡ


ସନ୍ତରଣ ଅବସରରେ ଜିୟା ରାୟ

**ବାଲୁଗାଁ, ୧୩।୧୧ (ଡି.ଏନ୍.ଏ.)**

ଏସିଆ ମହାଦେଶର ସର୍ବବୃହତ୍ ଲବଣାକ୍ତ ହ୍ରଦ ଚିଲିକାରେ ରବିବାର ୧୩ ବର୍ଷୀୟା ଦିବ୍ୟାଙ୍ଗ ସନ୍ତରଣକାରୀ ଜିୟା ରାୟ ୨୧ କିଲୋମିଟର ସନ୍ତରଣ କରି ରେକର୍ଡ ସୃଷ୍ଟି କରିଛନ୍ତି। ପୁରୀ ଜିଲା କୃଷ୍ଣପ୍ରସାଦ ଗଡ଼ର କାଳିଜାଇ ମନ୍ଦିର ନିକଟରୁ ଏହି ଯାତ୍ରା ଆରମ୍ଭ କରି ୩ ଘଣ୍ଟା ୫୭ ମିନିଟ୍‌ରେ ସେ ବାଲୁଗାଁରେ ପହଞ୍ଚିଥିଲେ। ସେନାର ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଗଠିତ ଭେଟେରାନ୍ସ କ୍ଲବ୍, ଓଡ଼ିଶା ଆନୁକୂଲ୍ୟରେ ଏହି ସନ୍ତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୋର୍ ୫ଟା ୩୦ରେ ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ରର କମାଣ୍ଡିଂ ଅଫିସର କମୋଡର ଏନ୍. ପ୍ରଦୀପ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିୟାଙ୍କ ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱରେ ଦୁଇଟି ବୋଟ୍‌ରେ ନୌସେନା କର୍ମଚାରୀ ଉପସ୍ଥିତ ଥିଲେ। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କମୋଡର ଏନ୍. ପ୍ରଦୀପ ଯୋଗଦେଇ ଜିୟାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଭେଟେରାନ୍ସ କ୍ଲବ ସଭାପତି ବିଦ୍ୟାଧର ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ ନେତୃବୃନ୍ଦ ଓ ଜିୟାଙ୍କୁ ଉତ୍ସାହିତ କରିବା ନିମନ୍ତେ ବିଭିନ୍ନ ମହାବିଦ୍ୟାଳୟରୁ ୮ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ନୌସେନା କର୍ମଚାରୀ ଏବଂ ଭେଟେରାନ୍ସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ଭାରତୀୟ ନୌସେନାରେ କାର୍ଯ୍ୟରତ ମଦନ ରାୟଙ୍କ ଝିଅ ଜିୟା ୨ ବର୍ଷ ବୟସରେ ବାକ୍‌ଶକ୍ତି ହରାଇଥିଲେ। ପିଲାଦିନରୁ ସନ୍ତରଣ ପ୍ରଶିକ୍ଷଣ ନେବା ସହିତ ସର୍ବକନିଷ୍ଠ ସନ୍ତରଣକାରୀ ଭାବେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ହାସଲ କରିଥିଲେ। ବିଗତ ୩ ବର୍ଷ ମଧ୍ୟରେ ଜିୟା ଦେଶ ଓ ରାଜ୍ୟସ୍ତରୀୟ ଓପନ୍ ୱାଟର ସୁଇମିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୨୬ ସ୍ୱର୍ଣ୍ଣ ସହିତ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରି ଇଣ୍ଡିଆ, ଏସିଆ ଏବଂ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ନିଜ ନାମ ସ୍ଥାନିତ କରିଛନ୍ତି। ୨୦୨୧ରେ ଜିୟା ଶ୍ରୀଲଙ୍କାର ତାଲାଇମୋନାରୁ ଭାରତର ଧନୁଶକୋଡ଼ି ପର୍ଯ୍ୟନ୍ତ ଦୀର୍ଘ ୨୯ କିଲୋମିଟର ଜଳପଥକୁ ୧୩ ଘଣ୍ଟା ୧୦ ମିନିଟ୍‌ରେ ଅତିକ୍ରମ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ। ଆରବ ସାଗରରେ ମୁମ୍ବାଇ ନିକଟ ବାନ୍ଦ୍ରା ୱର୍ଲିଠାରୁ ଗେଟ୍‌ୱେ ଅଫ୍ ଇଣ୍ଡିଆ ପର୍ଯ୍ୟନ୍ତ ୩୬ କିଲୋମିଟରକୁ ୮ଘଣ୍ଟା ୪୦ ମିନିଟ୍‌ରେ ଅତିକ୍ରମ କରି ଆଉ ଏକ ରେକର୍ଡର ଅଧିକାରୀ ହୋଇପାରିଥିଲେ। ୧୩ ବର୍ଷ ବୟସର ଜଣେ ଦିବ୍ୟାଙ୍ଗ ବାଳିକାଙ୍କ ଏପରି ସଫଳତା ଅନ୍ୟମାନଙ୍କ ଲାଗି ପ୍ରେରଣାର ଉତ୍ସ ପାଲଟିଛି।

# ଚମତ୍କାରିତା ଦେଖାଇବେ ବେଲିଂହାମ୍

**ଫିଫା ବିଶ୍ୱକପ୍**

**ଲଣ୍ଡନ, ୧୩।୧୧**




ଇଂଲଣ୍ଡ ୧୯୬୬ ପରଠାରୁ ଥରେ ହେଲେ ବିଶ୍ୱକପ୍ ଜିତିପାରିନାହିଁ। ୨୦୧୮ ସଂସ୍କରଣରେ ଦଳର ଅଭିଯାନ ସେମିଫାଇନାଲରେ ଶେଷ ହୋଇଥିଲା। ନିକଟରେ ଦଳ ୨୦୨୧ରେ ୟୁରୋପିଆନ ଚାମ୍ପିୟନଶିପ୍‌ର ଫାଇନାଲକୁ ଉନ୍ନୀତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କାତାର ବିଶ୍ୱକପ୍‌କୁ ଇଂଲଣ୍ଡ ଫୁଟ୍‌ବଲର ସର୍ବଶ୍ରେଷ୍ଠ ସମୟରେ ପରିଣତ କରିବା ଲାଗି ତାଙ୍କ ଖେଳାଳିମାନଙ୍କୁ ଆହ୍ୱାନ ଦେଇଛନ୍ତି କୋଚ୍ ଗାରେଥ ସାଉଥ୍‌ଗେଟ୍। ୨୬ ଜଣିଆ ଇଂଲଣ୍ଡ ଦଳ ମଙ୍ଗଳବାର କାତାର ଅଭିମୁଖେ ଯାତ୍ରା କରିବ। ଦଳରେ ସ୍ଥାନ ପାଇଥିବା ୧୯ ବର୍ଷୀୟ ମିଡ୍ ଫିଲ୍ଡର ଜୁଡ୍ ବେଲିଂହାମ୍‌ଙ୍କଠାରୁ ଚମତ୍କାରିତା ଆଶା କରାଯାଉଛି। ଏହି ସିଜନରେ ବୋରିସିଆ ଡର୍ଟମୁଣ୍ଡ କ୍ଲବ ତରଫରୁ ସେ ୨୨ ମ୍ୟାଚ୍ ଖେଳି ୯ଟି ଗୋଲ୍ ସ୍କୋର କରିଛନ୍ତି। ଅକ୍ଟୋବରରେ ସେ ପ୍ରଥମଥର ଏହି କ୍ଲବର ଅଧିନାୟକ ହୋଇଛନ୍ତି। ତାଙ୍କ ବୟସ ଅନୁପାତରେ ସେ ବହୁ ପରିପକ୍ୱ ବୋଲି ସାଉଥଗେଟ୍ କହିଛନ୍ତି। ବିଶ୍ୱକପ୍‌ରେ ବେଲିଂହାମ୍ ପ୍ରଥମ ଅନ୍ତର୍ଜାତୀୟ ପଦାର୍ପଣ କରିବେ। ଗ୍ରୁପ୍ ପର୍ଯ୍ୟାୟରେ ଇଂଲଣ୍ଡ ପ୍ରଥମେ ଇରାନ ଏବଂ ପରେ ୱେଲ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକାକୁ ଭେଟିବ। କାତାରରେ ନଭେମ୍ବର ୧ରୁ କରୋନା ଭାଇରସ୍ କଟକଣା କୋହଳ ହୋଇଛି। ଫଳତଃ ଭ୍ରମଣକାରୀଙ୍କୁ ଆର୍‌ଟି-ପିସିଆର୍ ନେଗେଟିଭ୍ କିମ୍ବା ଆଣ୍ଟିଜେନ୍ ଟେଷ୍ଟର ପ୍ରମାଣପତ୍ର ଦେବାକୁ ପଡ଼ିବ ନାହିଁ। ତେଣୁ ଟୁର୍ନାମେଣ୍ଟ ସମୟରେ ଇଂଲଣ୍ଡ ଦଳର କୌଣସି ଖେଳାଳି ଟୁର୍ନାମେଣ୍ଟ ଦେଖିବାକୁ ଆସିଥିବା ସେମାନଙ୍କ ପାର୍ଟନର ଅବା ପରିବାର ସହ ମିଳାମିଶା କରିବାର ସୁଯୋଗ ପାଇବେ ବୋଲି ସାଉଥ୍‌ଗେଟ୍ ଆଶା ପ୍ରକାଶ କରିଛନ୍ତି।


ଜୁଡ୍ ବେଲିଂହାମ

# ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ବୈଠକ

**ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ରଗ୍‌ବୀ କ୍ରୀଡ଼ାକୁ ଆନୁଷ୍ଠାନିକଭାବେ ସ୍ୱୀକୃତି ଦେବାପରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓଆର୍‌ଏଫ୍‌ଏ)ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁବନ୍ଧିତ ବିଭିନ୍ନ ଜିଲା ଆସୋସିଏଶନଗୁଡ଼ିକର ପ୍ରତିନିଧି ଯୋଗଦେଇ ତୃଣମୂଳ ସ୍ତରରୁ କିପରି ରଗ୍‌ବୀର ଉନ୍ନତି ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ୧୮ ଜିଲାରୁ ୨୬ ଜଣ ସଦସ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, କୋଷାଧ୍ୟକ୍ଷ ଶକ୍ତି ରଞ୍ଜନ ମହାନ୍ତି, ଉପସଭାପତି ରାଜୀବ ସାହୁ ଓ ଓଡ଼ିଶା ରଗ୍‌ବୀ ଉନ୍ନୟନ ଅଧିକାରୀ ଧୀରେନ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ତୃତୀୟ ଦିବସରେ ଓଡ଼ିଶାକୁ ୨ ରୌପ୍ୟ, ୧ ବ୍ରୋଞ୍ଜ

**ଜାତୀୟ ଜୁନିୟର ଆଥଲେଟିକ୍ସ**

**ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀଠାରେ ଚାଲିଥିବା ୩୭ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ଓଡ଼ିଶା ୨ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ୧୬ ବର୍ଷରୁ କମ୍ ବାଳକ ହାମର ଥ୍ରୋରେ ଓଁକାର ପ୍ରସାଦ ନନ୍ଦ ରୌପ୍ୟ ପଦକ ପାଇଛନ୍ତି। ସେ ୬୨.୫୮ ମିଟର ଦୂରକୁ ହାମର ପକାଇ ଏହି ସଫଳତା ପାଇଛନ୍ତି। ଉତ୍ତର ପ୍ରଦେଶର ଅବ୍‌ଦୁଲ ରହମାନ (୬୪.୬୧ ମିଟର) ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଏବଂ ହରିୟାଣାର ରାହୁଲ (୫୬.୪୮) ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୮ ବର୍ଷରୁ କମ୍ ବାଳିକା ୧୦୦ ମିଟର ହର୍ଡଲ୍ସରେ ସବିତା ଟପ୍ପୋ ୧୪.୧୬ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଛନ୍ତି। କର୍ନାଟକର ଉନ୍ନଥ ବୋଲାଣ୍ଡ (୧୩.୯୪) ସ୍ୱର୍ଣ୍ଣ ଏବଂ ତାମିଲନାଡୁର ଶିନି ଗ୍ଲାଡସିଆ (୧୪.୬୪) ବ୍ରୋଞ୍ଜ ପଦକ ପାଇଛନ୍ତି। ମହେନ୍ଦ୍ର ସାନ୍ତା, ପଙ୍କଜ ମଣ୍ଡଳ, ଡି. ଜୟରାମ ଓ ବାପି ହାଁସ୍‌ଦାଙ୍କୁ ନେଇ ୧୮ ବର୍ଷରୁ କମ୍ ବାଳକ ରିଲେ ଦଳ ମିଡ୍‌ଲେ ରିଲେରେ ୧:୫୭.୩୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛି। ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଦଳ ଯଥାକ୍ରମେ ୧:୫୫.୯୪ ଏବଂ ୧:୫୭.୩୯ ସେକେଣ୍ଡ ସମୟ ନେଇ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ତୃତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ମୋଟ ୪ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ପାଇଛି। ପଦକ ବିଜେତାଙ୍କୁ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଅଭିନନ୍ଦନ ଜଣାଇଛନ୍ତି।


ସବିତା ଟପ୍ପୋ


ଓଁକାର ପ୍ରସାଦ ନନ୍ଦ

# ରାଜ୍ୟ ସବ୍‌ଜୁନିୟର ଚେସ୍ ଉଦ୍‌ଘାଟିତ


ରାଜ୍ୟ ଚେସ୍‌ରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

**ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି):** ପଟିଆସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜ ପରିସରରେ ରାଜ୍ୟ ୧୩ ବର୍ଷରୁ କମ୍ (ବାଳିକା ଓ ଓପନ୍) ଚେସ୍ ଚାମ୍ପିୟନଶିପ୍ ରବିବାର ଆରମ୍ଭ ହୋଇଛି। ରାଜ୍ୟର ୧୬ ଜିଲାରୁ ମୋଟ ୧୨୩ (୩୫ ବାଳିକା ଓ ୮୮ ବାଳକ) ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ଓପନ୍ ବର୍ଗରେ ଶ୍ରୀହନ ସବତ (୧୫୦୯ ରେଟିଂ) ଏବଂ ବାଳିକାରେ ଅଂଶିକା ପାଣ୍ଡେ (୧୩୨୬) ଟପ୍‌ସିଡ୍‌ର ମାନ୍ୟତା ପାଇଛନ୍ତି। ଉଭୟ ବିଭାଗରେ ମୋଟ ୬ ରାଉଣ୍ଡ ଲେଖାଏ ଖେଳ ଅନୁଷ୍ଠିତ ହେବ। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର କାର୍ଯ୍ୟକାରିଣୀ ସଦସ୍ୟ ସୂର୍ଯ୍ୟକାନ୍ତ ବିଷୋୟୀ ମୁଖ୍ୟ ଅତିଥି, କୋଷାଧ୍ୟକ୍ଷ ଭବେଶ ମହାନ୍ତି, ମାଷ୍ଟର ଚେସ୍ ଫାଉଣ୍ଡେଶନ ପ୍ରତିଷ୍ଠାତା ବିକ୍ରମ କେଶରୀ ବିଶ୍ୱାଳ ଏବଂ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସ ଶେଷରେ ବାଳିକା ବିଭାଗରେ ୩ ଓ ବାଳକରେ ୧୦ ପ୍ରତିଯୋଗୀ ୩ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀ ହାସଲ କରିଛନ୍ତି।


## classified Everyday 0674-2580101, 2549302


REAL ESTATE

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି । 7848882166. D-74142

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73659

କଟକ-ଭୁବନେଶ୍ୱର Twincityର Middle pointରେ ନିର୍ମିତ Grandbazar NH-16ରୁ ଅଳ୍ପଦୂରତାରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 8249422604. D-74150

ଭୁବନେଶ୍ୱର ଗଙ୍ଗପଡ଼ା ପିତାପଲ୍ଲୀ ପାଖରେ ୩୦ ଫୁଟ୍ ରୋଡ୍ ଘରବାଡ଼ି ପ୍ଲଟ୍ sqft.-850/- (20 plot available). 9938016295. D-74149

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General- 350/-. 9439660381. D-74146

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127




Newly open Spa positively health benefit with expert. Contact: 7749976301. D-73894

Full body massage by smart/expert therapist @999 only. 9078484455. D-73660

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73995

Newly open full body massage ladies and gents. 8327740003, 8093860513. D-73999


BUSINESS

Get professional Hair, Nail, Beauty Training Classes at affordable fees. Contact- 9692671608. D-1957

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**



**ଅନୁଭା ସାହୁ**
ସାହାପୁର, ଗେଡ଼ମା, କେନ୍ଦୁଝର
ଆଜି ତୋର ନବମ ଜନ୍ମଦିନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ। ସେ ତୁମକୁ ସୁସ୍ଥ ଓ ଯଶସ୍ୱୀ ଓ ଦୀର୍ଘାୟୁ କରିବା ସହିତ ତୁମର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ: ବାପା, ମା, ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଇଁ, ଉଜ୍ଜ୍ୱଳ, ହର୍ଷିତା, ଅଭିଜିତ୍, ହାପି, ବାପି, ଦେବସ୍ମିତା, ରୁଦ୍ର, ଅନନ୍ୟା ଓ ସମସ୍ତ ପରିବାରବର୍ଗ ।
ଧ-୧୯୫୬

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଇଂ. ଶଚ୍ଚିନନ୍ଦନ ଦାସ**
(ଜନ୍ମସ୍ଥାନ- ଦଇତାପଡ଼ା ସାହି, ପୁରୀ)
(ବାସସ୍ଥାନ- ଗୋଲାପଲ୍ଲୀ ସାହି, ବ୍ରହ୍ମପୁର)
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ: ୨୧।୧୧।୨୦୦୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ ଓ ଜ୍ୱାଇଁ, ନାତୁଣୀ ଓ ନାତି ।
ଧ-୧୯୬୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଇଂ ସଚ୍ଚିଦାନନ୍ଦ ମିଶ୍ର**
ଅବସରପ୍ରାପ୍ତ- ଅଧୀକ୍ଷଣଯନ୍ତ୍ରୀ, ପୂର୍ତ୍ତବିଭାଗ, ଭୁବନେଶ୍ୱର
ଆବିର୍ଭାବ : ୨୦.୦୪.୧୯୩୯
ତିରୋଧାନ : ୦୪.୧୧.୨୦୨୨
ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାର, ସଚ୍ଚୋଟତା, ନୀତି ଆଦର୍ଶଗୁଣ ଗୁଡିକ ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ପତ୍ନୀ-କନକ ପ୍ରଭା ନନ୍ଦ, ଝିଅ - ତିତିଲି, ବୁଇନା, ମାନା, ଜ୍ୱାଇଁ - ଅରୁ, ନୀରଜ, ପାପୁନୀ, ନାତି, ନାତୁଣୀ-ଗୁଡୁ, ଅମ୍ଳାନ, ଅତୁଲ, ସିପୁନ, ସିପୁ, ପୁପୁ ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ
ଧ-୧୯୮୪

CLASSIFIED DISPLAY ALL EDITION - BW (Everyday)
MORE SPACE • SAME PRICE

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମେଦବହୁଳତା ବଢ଼ାଏ ଟାଇପ୍-୨ ଡାଇବେଟିସ୍ ଆଶଙ୍କା



ବର୍ତ୍ତମାନ ଅନେକେ ମେଦବହୁଳତା ବା ଓବେସିଟି ସହ ଜଡିତ। ଖାଦ୍ୟପେୟ, ଅସନ୍ତୁଳିତ ଜୀବନଶୈଳୀ ପରି କାରଣ ଏଥିପାଇଁ ଦାୟୀ। ତେବେ ଆମେ ନିଜ ଓଜନ କିପରି ସନ୍ତୁଳିତ ରହିବ ସେ ନେଇ ସତର୍କ ରହିବା ନିହାତି ଜରୁରୀ। ଯଦି ଜଣେ ବ୍ୟକ୍ତି ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଏ ତେବେ ସେ 'ଟାଇପ-୨ ଡାଇବେଟିସ' ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ ଏକ ସର୍ଭେରୁ ଏ କଥା ଜାଣିପାରିଛନ୍ତି। ଦୀର୍ଘ ବର୍ଷ ଧରି ମେଦବହୁଳତା ସହ ଜଡିତ କିଛି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏ ବିଷୟରେ ଜାଣିପାରିଥିଲେ। ବିଶେଷଭାବରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଡାଇବେଟିସ୍ ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଓଜନ ସନ୍ତୁଳିତ ରଖିବା ଲାଗି ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ସହ ନିୟମିତ ବ୍ୟାୟାମ କରିବା ଉଚିତ।

# ଏ ବର୍ଷର ସ୍ଲୋଗାନ୍




ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ 'ବିଶ୍ୱ ଡାଇବେଟିସ୍ ଦିବସ' ଭାବରେ ପାଳନ କରାଯାଇଆସୁଅଛି। ଏହି ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏକ ସ୍ଲୋଗାନ ଘୋଷଣା କରାଯାଇଛି। ତାହା ହେଲା 'ଡାଇବେଟିସ୍ : ଭବିଷ୍ୟତ ସୁରକ୍ଷା ପାଇଁ ଶିକ୍ଷା' (ଡାଇବେଟିସ୍ : ଏଜୁକେଶନ ଟୁ ପ୍ରୋଟେକ୍ଟ ଟୁମୋରୋ)। ଅର୍ଥାତ୍ ଭବିଷ୍ୟତରେ ଆମେ ଡାଇବେଟିସଠାରୁ ନିଜକୁ ଦୂରେଇ ରଖିବା ଲାଗି ଏବେଠାରୁ ସତର୍କ ହେବା ନିହାତି ଜରୁରୀ। ତାହା ଏହି ବାର୍ତ୍ତାର ଉପାଦେୟତାକୁ ଯଦି ଆମେ ସମସ୍ତେ ଠିକ୍ ଭାବରେ ବୁଝିବା ସହ ଉପଯୋଗ କରିପାରିବା ତେବେ ତାହାର ସୁଫଳ ମିଳିବ ବୋଲି ଉକ୍ତ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଡାଇବେଟିସ୍‌ର ଲକ୍ଷଣ ବିଷୟରେ ଠିକ୍ ଭାବରେ ଅବଗତ ନ ଥାନ୍ତି। ଫଳରେ ସେମାନଙ୍କଠାରେ ଯେତେବେଳେ ଏଭଳି ଲକ୍ଷଣ ପ୍ରକାଶ ପାଏ ସେତେବେଳେ ସେମାନେ ତାହାକୁ ଗୁରୁତ୍ୱ ଦେଇ ନ ଥାନ୍ତି। ଏହାଦ୍ୱାରା ଭବିଷ୍ୟତରେ ସେମାନେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଆନ୍ତି। ତେଣୁ ଏହି ରୋଗ ବିଷୟରେ ଆମେ ସଚେତନ ରହିବା ନିହାତି ଦରକାର।

**ଆଜି 'ବିଶ୍ୱ ଡାଇବେଟିସ୍ ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

# ଡାଇବେଟିସ୍ ଲାଗି ଖାଦ୍ୟ



ଡା. ନିତ୍ୟାନନ୍ଦ ସ୍ୱାଇଁ

ଡାଇବେଟିସ୍ ଏକ ଅତି ଜଣାଶୁଣା ରୋଗ। ପୃଥିବୀର ମାନଚିତ୍ରରେ ଆମ ଦେଶ ଏବେ ଅନ୍ୟତମ ଡାଇମେଟିକ୍ ଦେଶ ଭାବରେ ଚିହ୍ନିତ। ଏହା ଗୋଟିଏ ନିଉଛଣା ରୋଗ। କାରଣ ଡାଇବେଟିସ୍ ହେଲେ ତା' ପଛେ ପଛେ ଧାଡ଼ି ଲଗାଇଥାଆନ୍ତି ଆହୁରି ଅନେକ ରୋଗ। ଆମ ସମସ୍ତଙ୍କ ରକ୍ତରେ ରହିଛି ଗ୍ଲୁକୋଜ୍। ଫାଷ୍ଟିଂ ରକ୍ତ ଗ୍ଲୁକୋଜ୍ ୧୦୦ ପର୍ଯ୍ୟନ୍ତ ରହିଲେ ତାହା ନର୍ମାଲ, ୧୨୫ରୁ ବେଶି ରହିଲେ ଡାଇବେଟିସ୍। ସେହିପରି ଖାଇ ସାରିବା ପରେ ବା ପୋଷ୍ଟ ପ୍ରାଣ୍ଡିଆଲ ରକ୍ତ ଗ୍ଲୁକୋଜ୍ ୧୪୦ ଭିତରେ ରହିଥିଲେ ନର୍ମାଲ, ୨୦୦ ପାଖାପାଖି ହୋଇଗଲେ ଡାଇବେଟିସ୍। ରକ୍ତରେ ଗ୍ଲୁକୋଜର ମାତ୍ରାକୁ ନିୟନ୍ତ୍ରଣ କରିଥାଏ ଇନସୁଲିନ୍ ନାମକ ଏକ ହରମୋନ। ଏହା କ୍ଷରିତ ହୋଇଥାଏ ପାନ୍‌କ୍ରିଆଜ୍ ବା ଅଗ୍ନ୍ୟାଶୟରୁ। ଏହାର କ୍ଷରଣ କମିଗଲେ କିମ୍ବା ସୁଚାରୁ ରୂପେ କାମ କରି ନ ପାରିଲେ ରକ୍ତରେ ଗ୍ଲୁକୋଜ୍‌ର ମାତ୍ରା ବଢ଼ିଯାଇ ଡାଇବେଟିସ୍ ଜାତ କରେ। ତେଣୁ ଚିକିତ୍ସା ଦ୍ୱାରା ରକ୍ତ ଗ୍ଲୁକୋଜକୁ ଅନୁମୋଦିତ ସ୍ତରରେ ରଖିବା ହିଁ ଡାଇବେଟିସ୍ ଚିକିତ୍ସାର ମୂଳମନ୍ତ୍ର। ଏ ସମ୍ପର୍କରେ ଜନସଚେତନା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ 'ବିଶ୍ୱ ଡାଇବେଟିସ୍ ଦିବସ' ଭାବରେ ପାଳନ କରାଯାଇଥାଏ।

ଦୀର୍ଘଦିନ ଧରି ଡାଇବେଟିସ୍ ଅନିୟନ୍ତ୍ରିତ ହୋଇ ରହିଲେ ତାହା ହୋଇପଡ଼େ ଏକାଧିକ ରୋଗର ସୂତ୍ରଧର। ଅକାମୀ ହୋଇଯାଏ କିଡ୍‌ନୀ। ଜାତ ହୋଇପାରେ ଦୃଷ୍ଟିହୀନତା। ଆକ୍ରାନ୍ତ ହୋଇପାରେ ପାଦ। ସମସ୍ୟା ଦେଖାଦିଏ ହାର୍ଟ ବା ହୃତ୍‌ପିଣ୍ଡରେ। ମସ୍ତିଷ୍କର ସ୍ନାୟୁ କ୍ଷତିଗ୍ରସ୍ତ ହୋଇ ପ୍ରକାଶ ପାଏ ସ୍ମୃତିହାନି। ପେରିଫେରାଲ ସ୍ନାୟୁ କ୍ଷତିଗ୍ରସ୍ତ ହେଲେ ବ୍ୟଥା ଉପୁଜିବା ସଙ୍ଗେ ସଙ୍ଗେ ଚର୍ମ ବଧିରା ଲାଗେ। ମୋଟର ନର୍ଭଜନିତ ହେଲେ ମାଂସପେଶୀ ଦୁର୍ବଳତା ପରିଲକ୍ଷିତ ହୁଏ। ଡାଇବେଟିସ୍ ଯୋଗୁ ଜାତ ବିଭିନ୍ନ ଜଟିଳତାକୁ ଡାକ୍ତରମାନେ ନେଫ୍ରୋପାଥି, ରେଟିନୋପାଥି, ନ୍ୟୁରୋପାଥି ଆଦି କହିଥାଆନ୍ତି। ଡାଇବେଟିସ୍ ମଧ କରାଏ ହାର୍ଟ ଆଟାକ ଓ ବ୍ରେନ୍ ଆଟାକ ବା ଷ୍ଟ୍ରୋକ୍। ପାଦ ଆକ୍ରାନ୍ତ ହୋଇ ଗ୍ୟାଙ୍ଗ୍ରିନ ଜାତ ହେଲେ ଗୋଡ଼କୁ କାଟିବାକୁ ପଡ଼ିପାରେ। ଆଖିରେ ଗ୍ଲୁକୋମା ଏବଂ ଚର୍ମରେ ସୋରିଆସିସ ହେବାର ମଧ ଆଶଙ୍କା ଅଧିକ ରହିଛି। କ୍ଷତିଗ୍ରସ୍ତ ହୋଇପାରେ ଯକୃତ୍ ବା ଲିଭର। ବୃଦ୍ଧି ହୋଇଯାଏ ଜୀବାଣୁ-ଭୂତାଣୁ-କବକ ସଂକ୍ରମଣର ପ୍ରବଣତା।

ଖାଦ୍ୟ ନିୟନ୍ତ୍ରଣ, ଶରୀରର ଓଜନ ନିୟନ୍ତ୍ରଣ, ରକ୍ତ ଗ୍ଲୁକୋଜ କମେଇ ପାରୁଥିବା ବଟିକା କି ଇନସୁଲିନ୍ ଇଞ୍ଜେକଶନ ଦ୍ୱାରା ରୋଗୀ ଚିକିତ୍ସା କରିଥାଆନ୍ତି ଡାକ୍ତରମାନେ।

> "ଦୀର୍ଘଦିନ ଧରି ଡାଇବେଟିସ୍ ଅନିୟନ୍ତ୍ରିତ ହୋଇ ରହିଲେ ତାହା ହୋଇପଡ଼େ ଏକାଧିକ ରୋଗର ସୂତ୍ରଧର। ଅକାମୀ ହୋଇଯାଏ କିଡ୍‌ନୀ। ଜାତ ହୋଇପାରେ ଦୃଷ୍ଟିହୀନତା। ଆକ୍ରାନ୍ତ ହୋଇପାରେ ପାଦ। ସମସ୍ୟା ଦେଖାଦିଏ ହାର୍ଟ ବା ହୃତ୍‌ପିଣ୍ଡରେ। ମସ୍ତିଷ୍କର ସ୍ନାୟୁ କ୍ଷତିଗ୍ରସ୍ତ ହୋଇ ପ୍ରକାଶ ପାଏ ସ୍ମୃତିହାନି। ପେରିଫେରାଲ ସ୍ନାୟୁ କ୍ଷତିଗ୍ରସ୍ତ ହେଲେ ବ୍ୟଥା ଉପୁଜିବା ସଙ୍ଗେ ସଙ୍ଗେ ଚର୍ମ ବଧିରା ଲାଗେ। ମୋଟର ନର୍ଭଜନିତ ହେଲେ ମାଂସପେଶୀ ଦୁର୍ବଳତା ପରିଲକ୍ଷିତ ହୁଏ।"



ଜୀବନଶୈଳୀରେ ପରିବର୍ତ୍ତନ ଆଣିଲେ ତା'ର ଅନୁକୂଳ ପ୍ରଭାବ ଯଥେଷ୍ଟ ବେଶି।

ରୋଗୀମାନେ ଜାଣିରଖିବା ଉଚିତ ଯେ ସେମାନଙ୍କର ରକ୍ତରେ ଗ୍ଲୁକୋଜର ମାତ୍ରା ଅନୁମୋଦିତ ସ୍ତରଠାରୁ ଅତି କମିଯିବା କି ଅତି ବଢ଼ିଯିବା ଉଭୟେ ମାରାତ୍ମକ। ତେଣୁ ସେମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଚିକିତ୍ସା ବିଧି ଏପଟସେପଟ କରିବା ଆଦୌ ନିରାପଦ ନୁହେଁ। ରକ୍ତ ପରୀକ୍ଷାର ରିପୋର୍ଟକୁ ବିଚାର କରି ହିଁ ଚିକିତ୍ସା କରୁଥିବା ଡାକ୍ତର ଔଷଧର ମାତ୍ରାକୁ ପରିବର୍ତ୍ତନ କରିଥାଆନ୍ତି। କିନ୍ତୁ ଖାଦ୍ୟ ନିୟନ୍ତ୍ରଣରେ ରହିବା, ନିୟମିତ ବ୍ୟାୟାମ କରିବା ଓ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ବ୍ୟବହାର କରିବା ସମ୍ପୂର୍ଣ୍ଣ ଭାବରେ ରୋଗୀ ଉପରେ ନିର୍ଭର କରିଥାଏ। ରୋଗୀର ସମ୍ପୂର୍ଣ୍ଣ ସହଯୋଗ ବିନା ଡାଇବେଟିସ୍ ନିୟନ୍ତ୍ରଣ ଅସମ୍ଭବ।

**ଖାଦ୍ୟ ନିୟନ୍ତ୍ରଣ କରିବାରେ ଫାଇଦା:** ଡାଇବେଟିସ୍ ଚିକିତ୍ସାରେ ଖାଦ୍ୟ ନିୟନ୍ତ୍ରଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏପରି କି କେତେକ ରୋଗୀ କୌଣସି ଔଷଧ ନ ଖାଇ ବି କେବଳ ଖାଦ୍ୟ ଦ୍ୱାରା ଡାଇବେଟିସରୁ ଉପଶମ ପାଇଥାଆନ୍ତି। ପୁଣି ଯେଉଁମାନେ ବାରମ୍ବାର ଡାକ୍ତରଙ୍କ ପାଖକୁ ଯାଇପାରନ୍ତିନି, ସେମାନେ ଖାଇବା-ପିଇବାରେ ନିୟମମାନ ପାଳିବା ଅତି ଦରକାର। ଖାଦ୍ୟପେୟକୁ ଜଗିଲେ ନିମ୍ନଲିଖିତ ଉପକାରମାନ ମିଳିଥାଏ।

-ରକ୍ତରେ ଗ୍ଲୁକୋଜର ମାତ୍ରା ବେଶି ବଢ଼ିଯାଏନି କି ବେଶି କମିଯାଏନି। ଫଳରେ ହୃତ୍‌ପିଣ୍ଡ, କିଡ୍‌ନୀ, ଆଖି, ପାଦ, ସ୍ନାୟୁ ଇତ୍ୟାଦି ଉପରେ ପଡୁଥିବା କ୍ଷତିକାରୀ ପ୍ରଭାବ ଊଣା ହୋଇଥାଏ।

-ରକ୍ତରେ ଉପକାରୀ କୋଲେଷ୍ଟରଲ ମାତ୍ରା ବଢ଼ିଯାଏ। କମିଯାଏ ଅପକାରୀ କୋଲେଷ୍ଟରଲ ଓ ଟ୍ରାଇଗ୍ଲିସୋରାଇଡ୍‌ର ମାତ୍ରା।

-ରକ୍ତ ଗ୍ଲୁକୋଜର ମାତ୍ରାକୁ ଅନୁମୋଦିତ ସ୍ତରରେ ରଖିବା ପାଇଁ କମ୍ ମାତ୍ରାର ଔଷଧ ଦରକାର ପଡ଼େ।

-ଶରୀରର ଓଜନ କମିଯିବାରୁ ଏହା ଭଲ କାମ କରେ।

-ରକ୍ତ ଚାପ ବଢ଼ିଥିଲେ ଖାଦ୍ୟ ନିୟନ୍ତ୍ରଣ ଦ୍ୱାରା ଡାଇବେଟିସ୍ ରୋଗୀଙ୍କର ଉପକାର ହୁଏ।

ଡାଇବେଟିସ୍ ରୋଗୀଙ୍କ ପାଇଁ ମୁଖ୍ୟତଃ ଦରକାର କମ୍ କ୍ୟାଲୋରୀ। ତେଣୁ ଦରକାର କ୍ୟାଲୋରୀ ଦେଉଥିବା କମ୍ କାର୍ବୋହାଇଡ୍ରେଟ୍ ଓ କମ୍ ଫ୍ୟାଟ୍। ରୋଗୀ ପାଇଁ ଦୈନିକ ଯେତିକି କ୍ୟାଲୋରୀ ବିଶିଷ୍ଟ ଖାଦ୍ୟ ଲୋଡା ତା'ର ୬୦-୭୦ ପ୍ରତିଶତ କାର୍ବୋହାଇଡ୍ରେଟ୍ (ଭାତ, ରୁଟି, ଆଳୁ, ଫଳ, ଚିନି)ରୁ, ୧୫-୨୫ପ୍ରତିଶତ ପ୍ରୋଟିନ୍ (ଭାତ, ରୁଟି, ଡାଲି, କ୍ଷୀର, ମାଛ, ମାଂସ, ଅଣ୍ଡା)ରୁ ଏବଂ ୧୫-୨୦ ପ୍ରତିଶତ ଫ୍ୟାଟ୍ (କ୍ଷୀର, ଲହୁଣି, ଘିଅ, ରୋଷେଇ ତେଲ)ରୁ ଆସିବା ସ୍ୱାସ୍ଥ୍ୟ ପାଇଁ ଅନୁକୂଳ। ଏହା ସହ ପ୍ରତିଦିନ ୪୦ ଗ୍ରାମ୍ ପରିମାଣର ଖାଦ୍ୟତନ୍ତୁ ବା ଡାଏଟାରୀ ଫାଇବର ଖାଇବା ଉଚିତ୍। କ୍ଷୀର, ଦହି, ଛେନା, ମାଛ, ମାଂସ ଓ ଅଣ୍ଡାରେ ଖାଦ୍ୟତନ୍ତୁ ନ ଥାଏ। କେବଳ ଥାଏ ଭାତ, ରୁଟି, ଶାଗ, ପନିପରିବା ଓ ଫଳ ଇତ୍ୟାଦିରେ।

**ଖାଦ୍ୟ ସଂକ୍ରାନ୍ତ ନିର୍ଦ୍ଦିଷ୍ଟ ପରାମର୍ଶ**

**ଯେତେ ଖାଇଲେ ଚଳିବ:** ଶାଗ, କଲରା, ବନ୍ଧାକୋବି, ଫୁଲକୋବି, ଓଲକୋବି, କ୍ୟାପସିକମ୍, କୁନ୍ଦୁରୀ, ଗୁଆଁର, ବାଇଗଣ, ଭେଣ୍ଡି, ପୋଟଳ, ମୂଳା, ଜହ୍ନି, ଲାଉ, କଖାରୁ, କାକୁଡ଼ି, ଟମାଟୋ, ଛତୁ, ପିଆଜ, ସାଲାଡ୍, ଧନିଆ ପତ୍ର, ପତଳା ଡାଲି, ମିଠା ପଡି ନ ଥିବା ପାନୀୟ।

**କମ୍ ପରିମାଣରେ ଖାଇବେ:** ଚୋକଡ ମିଶା ଅଟାର ରୁଟି, ବୋଳ ଚାଉଳର ଭାତ, ଟଟକା ଫଳ (ଛୋଟ ଆପଲ, ଛୋଟ କଦଳୀ, ଛୋଟ ନାସପାତି, ଛୋଟ କମଳା), ସାଦା ବିସ୍କୁଟ, ଚୁଡା. ମୁଢ଼ି, ଖଇ, ସରକଢ଼ା କ୍ଷୀର ଏବଂ ସେହି କ୍ଷୀରରୁ ପ୍ରସ୍ତୁତ ଦହି ଏବଂ ଛେନା, ଅଣ୍ଡା, କୁକୁଡା ମାଂସ ଓ ମାଛ ଇତ୍ୟାଦି।

**ଆଦୌ ନ ଖାଇବା ଭଲ** ଚିନି, ଗୁଡ, ମହୁ, ଗ୍ଲୁକୋଜ୍, କେକ୍, ପିଠା, ମିଠା ବିସ୍କୁଟ, ଚିନି କି ଗୁଡ ପଡିଥିବା ପିଠା ଓ ମିଠା, ଜାମ୍, ଜେଲି, ବହଳିଆ କ୍ଷୀର, କଣ୍ଡେନ୍ସଡ ମିଲ୍କ, କ୍ଷୀର ସର, ଲହୁଣି, ଘିଅ, କ୍ରିମ୍, ବନସ୍ପତି, ତେଲ କି ଘିଅରେ ଛଣା ହୋଇଥିବା ଖାଦ୍ୟ, ଚକୋଲେଟ୍, କିସମିସ, ଖଜୁରି, କାଜୁ, ଫଳରସ, ସ୍କ୍ୱାସ, କୋଲ୍ଡ ଡ୍ରିଙ୍କସ, ଲସି, ଆଳୁ, କନ୍ଦମୂଳ,



ଦେଶୀ ଆଳୁ, ପାଚିଲା ଆମ୍ବ, ଅଙ୍ଗୁର, ବଡ କଦଳୀ, ଲିଚୁ, ଚର୍ବି ଲାଗିଥିବା ମାଂସ, କଲିଜା, ଚିଙ୍ଗୁଡି, କଙ୍କଡା ଇତ୍ୟାଦି।

**ଅବଶ୍ୟ ପାଳନୀୟ:** ଦିନକୁ ଦୁଇ ଥର ସରକଢ଼ା କ୍ଷୀର ଓ ଏଥିରୁ ପ୍ରସ୍ତୁତ ଦହି ଓ ଛେନା। ରାତିରେ ଶୋଇବାକୁ ଯିବା ପୂର୍ବରୁ ୧୫୦ ମିଲିଲିଟର ସରକଢ଼ା କ୍ଷୀର। ପ୍ରତ୍ୟେହ କିମ୍ବା ଦିନେ ଛଡା ଦିନେ ୬୦-୭୫ ଗ୍ରାମ ମାଛ। ଚମ କଢ଼ା ଯାଇଥିବା କୁକୁଡା ମାଂସ। କେଶର ନ ଥିବା ଅଣ୍ଡା। ଚର୍ବି କଢ଼ା ଯାଇଥିବା ମାଂସର ଛୋଟ ଖଣ୍ଡ। ତରକାରୀରେ ଭାସୁଥିବା ତେଲ ନିଗାଡି ଦେଇସାରି ତରକାରିକୁ ଖାଇବେ। ଅଳ୍ପ ତେଲ ପକାଇ ନନଷ୍ଟିକ୍ କଡେଇ କି ତାୱାରେ ରାନ୍ଧିଲେ ଭଲ। ରୋଷେଇ ପାଇଁ ସୋରିଷ ଓ ସୋୟାବିନ୍ ତେଲ। ମିଠାଜାତୀୟ ଖାଦ୍ୟ ନ ଖାଇବା ସବୁଠାରୁ ଭଲ। କମ୍ ପରିମାଣର ଲୁଣ ଖାଇବେ। ଫାଷ୍ଟଫୁଡ୍ ତଥା ମୃଦୁପାନୀୟ ଏବଂ ମଦ, ନିଶାଦ୍ରବ୍ୟ ସେବନ ଇତ୍ୟାଦି ସମ୍ପୂର୍ଣ୍ଣ ମନା। ନିୟମିତ ବ୍ୟାୟାମ, ଯୋଗ, ପ୍ରାଣାୟମ କରନ୍ତୁ। ନିୟମିତ ବ୍ୟବଧାନରେ ଡାକ୍ତରୀ ପରାମର୍ଶ ଅପରିହାର୍ଯ୍ୟ।

-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭

14 NOVEMBER WORLD DIABETES DAY

# ମଧୁମେହ: କିଛି କଥା



ଡା. ରାମଚନ୍ଦ୍ର ରାଉତ

ଡାଇବେଟିସ୍ ଅର୍ଥାତ୍ ମଧୁମେହ ରୋଗ ପ୍ରାୟତଃ ଖ୍ରୀଷ୍ଟପୂର୍ବ ୧୫୫୦ରୁ ଜଣାପଡିଥିବା ଅନୁମେୟ। ଯେଉଁଥିରେ କି ପରିସ୍ରାରେ ମିଠାଜାତୀୟ ପଦାର୍ଥ ଥିବାର ଦେଖାଯାଇଛି। ୧୬୭୦ରେ ପରିସ୍ରାରେ ଶର୍କରା ଅଂଶ ଥିବା ଏହି ରୋଗଗ୍ରସ୍ତ ବ୍ୟକ୍ତିମାନଙ୍କଠାରେ ଜଣାପଡିଥିଲା। ୧୮୫୦ରେ ଏହା ଦୁଇ ପ୍ରକାର ଅର୍ଥାତ୍ ଯୁବାବସ୍ଥା ଏବଂ ବୟସ୍କଙ୍କଠାରେ ହେଉଥିବା ଜଣାପଡିଲା। ୧୯୮୧ ନଭେମ୍ବର ୧୪ ତାରିଖରେ ଇନ୍‌ସୁଲିନ୍ ଆବିଷ୍କାର କରିଥିବା ଫ୍ରେଡରିକ୍ ବେଟିଙ୍ଗଙ୍କର ଜନ୍ମ ହୋଇଥିଲା। ସେ ତାଙ୍କର ସହକର୍ମୀ ଚାର୍ଲସ ବେଷ୍ଟଙ୍କ ସହିତ କୁକୁରଠାରୁ ଇନ୍‌ସୁଲିନ୍ ସଂଗ୍ରହ କରି ତାହାର ପରୀକ୍ଷା କରିଥିଲେ। ପରେ ଅନ୍ୟ ପ୍ରାଣୀମାନଙ୍କଠାରୁ ଏହା ସଂଗ୍ରହ ହୋଇଥିଲା ଓ ପରବର୍ତ୍ତୀ ସମୟରେ ଏହାର ସିନ୍ଥେସିସ୍ ହୋଇପାରିଥିଲା। ତାଙ୍କର ଜନ୍ମ ଦିବସକୁ ଗତ ୧୯୯୧ରୁ ବିଶ୍ୱ ଡାଇବେଟିସ୍ ଦିବସ ଭାବରେ ପାଳନ କରାଯାଇଆସୁଅଛି। ଏହାକୁ ନୀଳ ବୃତ୍ତ (ବ୍ଲୁ ସର୍କଲ) ଦ୍ୱାରା ପ୍ରସାର କରାଯାଉଛି। ଏଥିପାଇଁ ତିନୋଟି ମହତ୍ତ୍ୱପୂର୍ଣ୍ଣ କାମ କରାଯିବା ଉଚିତ। ୧. ବ୍ଲୁ ସର୍କଲର ପ୍ରତୀକ ପିନ୍ଧନ୍ତୁ। ୨. ଡାଇବେଟିସ୍ ସଚେତନା କରନ୍ତୁ ଏବଂ ଅନ୍ୟମାନଙ୍କୁ ଜଣାନ୍ତୁ। ୩.ନିଜେ ରକ୍ତ ପରୀକ୍ଷା କରନ୍ତୁ ଏବଂ ଅନ୍ୟମାନଙ୍କୁ ରକ୍ତ ପରୀକ୍ଷା କରିବାକୁ କୁହନ୍ତୁ।



ଗତବର୍ଷ ହୋଇଥିବା ଏକ ଆକଳନରୁ ଜଣାପଡିଛି ଯେ ବିଶ୍ୱରେ ୫୩୭ ମିଲିୟନ ଅର୍ଥାତ୍ ୫୪ କୋଟି (ପ୍ରତି ଦଶ ଜଣରେ ଜଣେ) ଡାଇବେଟିସ୍‌ରେ ପୀଡିତ। ଏହି ସଂଖ୍ୟା ୨୦୩୦ ବେଳକୁ ୬୫ କୋଟି ଏବଂ ୨୦୪୫ ବେଳକୁ ୭୮ କୋଟିରେ ପହଞ୍ଚିଯିବ। ପ୍ରତି ଦୁଇ ଜଣରେ ଜଣେ ବ୍ୟକ୍ତି (୪୪ ପ୍ରତିଶତ) ସେମାନଙ୍କର ଡାଇବେଟିସ୍ ନିର୍ଣ୍ଣୟ କରାଇ ନ ଥାନ୍ତି ଅର୍ଥାତ୍ ସେମାନଙ୍କର ଡାଇବେଟିସ୍ ଥାଇ ମଧ ଜାଣି ନ ଥାନ୍ତି। ଏପରି ବ୍ୟକ୍ତିଙ୍କ ସଂଖ୍ୟା ୨୪ କୋଟି ଅଟେ। ପ୍ରତି ଚାରି ଜଣରୁ ତିନି ଜଣ ଡାଇବେଟିସ୍ ବ୍ୟକ୍ତି ନିମ୍ନ ବା ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ହୋଇଥାଆନ୍ତି। ପ୍ରାୟ ୧୨ ଲକ୍ଷ ଶିଶୁ ଓ କିଶୋର ମଧ ଡାଇବେଟିସ୍‌ରେ ପୀଡିତ। ଗତ ବର୍ଷ ପ୍ରାୟ ୬୭ ଲକ୍ଷ ଲୋକ ଡାଇବେଟିସ୍ କାରଣରୁ ମୃତ୍ୟୁ ମୁଖରେ ପଡିଥିଲେ। ସମୁଦାୟ ସ୍ୱାସ୍ଥ୍ୟ ବଜେଟର ୯ ପ୍ରତିଶତ ଅର୍ଥାତ୍ ୯୬୬ ବିଲିୟନ ଡଲାର ଏହି ରୋଗ ପାଇଁ ବ୍ୟୟ କରାଯାଇଛି। ଗର୍ଭାବସ୍ଥା ସମୟରେ ଛଅଟି ଶିଶୁ ମଧ୍ୟରୁ ଗୋଟିଏ ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ଡାଇବେଟିସ୍ ସାଧାରଣତଃ ଇନସୁଲିନ୍ ନାମକ ଏକ ଅନ୍ତସ୍ରାବୀ ହରମୋନ୍ ଅଭାବରୁ ହୋଇଥାଏ। ଏହାର ସମ୍ପୂର୍ଣ୍ଣ ଅଭାବ ହେଲେ ପ୍ରକାର-୧ ଏବଂ ଆଂଶିକ ଅଭାବ ହେଲେ ପ୍ରକାର-୨ ଡାଇବେଟିସ୍ ହୋଇଥାଏ। ଇନ୍‌ସୁଲିନ୍ ପ୍ରତିରୋଧ ମାତ୍ରା ଏବଂ ଏହା କାର୍ଯ୍ୟ କରୁଥିବା ଲକ୍ଷ୍ୟସ୍ଥଳ ଅଙ୍ଗଗୁଡିକର ଶିଥିଳତା ମଧ ଏହି ରୋଗ ପାଇଁ ଦାୟୀ।

ଶରୀରର ପ୍ରତ୍ୟେକ କୋଷରେ ଇନ୍‌ସୁଲିନ ଗ୍ରହଣ ସ୍ଥାନ ଥାଏ। ଇନ୍‌ସୁଲିନର କାର୍ଯ୍ୟକାରିତା ପାଇଁ ଏହା ନିହାତି ଆବଶ୍ୟକ ହୋଇଥାଏ। ଇନ୍‌ସୁଲିନ ସାଧାରଣତଃ ଶର୍କରାଜାତୀୟ ଖାଦ୍ୟର ବିପାଚନ ଓ ଉପଯୋଗ କରିଥାଏ ଏବଂ ଏହାଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ଏହା ମଧ କୋଷମାନଙ୍କର ଶର୍କରା ଗ୍ରହଣ ବଢ଼ାଇଥାଏ। ମାଂସପେଶୀ ଓ ଅନ୍ୟ ତନ୍ତୁମାନଙ୍କୁ ଶର୍କରା ମଧ ଯୋଗାଇଥାଏ। ଲିଭର ବା ଯକୃତରେ ଗ୍ଲୁକୋଜ ହେବା କମାଇଥାଏ। ଗ୍ଲାଇକୋଜେନ ବିଘଟନ କମାଏ ଏବଂ ମାଂସପେଶୀମାନଙ୍କରେ ଗ୍ଲାଇକୋଜେନ୍ ବଢ଼ାଇଥାଏ। ଏହାଫଳରେ ଶର୍କରା ଉପଯୋଗ ହୋଇଥାଏ ଓ ଇନ୍‌ସୁଲିନର ଅଭାବ ଶର୍କରା କୋଷ ମଧ୍ୟରେ ପ୍ରବେଶ କରି ନ ପାରି ରକ୍ତରେ ଏହାର ମାତ୍ରା ବୃଦ୍ଧି ପାଇଥାଏ।



ଡାଇବେଟିସ୍ ମଧ ବଂଶାନୁକ୍ରମିକ ଭାବେ ହୋଇଥାଏ। ସାଧାରଣତଃ ସମସ୍ତ ଡାଇବେଟିସ୍ ସଂଖ୍ୟାର ୯୦ ପ୍ରତିଶତ ପ୍ରକାର-୨ ହୋଇଥିବା ବେଳେ ୧୦ ପ୍ରତିଶତ ପ୍ରକାର-୧ ହୋଇଥାଏ। ପ୍ରକାର-୨ ପାଇଁ ଔଷଧ ଏବଂ କେତେକ କ୍ଷେତ୍ରରେ ଇନ୍‌ସୁଲିନର ଆବଶ୍ୟକ ହେଉଥିବା ବେଳେ ପ୍ରକାର-୧ ପାଇଁ ଇନ୍‌ସୁଲିନ ହିଁ ଆବଶ୍ୟକ ପଡିଥାଏ। ପ୍ରକାର-୧ ଡାଇବେଟିସ୍‌ରେ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୁଏ ଏବଂ ଇନ୍‌ସୁଲିନ ନେଲେ ବିଳମ୍ବ ହୁଏ। ଏହାଦ୍ୱାରା ଆକ୍ରାନ୍ତ ଶିଶୁ-କିଶୋରମାନଙ୍କୁ କେବେଳ ଇନ୍‌ସୁଲିନରେ ହିଁ ଚିକିତ୍ସା କରାଯାଏ। ଅନ୍ୟପକ୍ଷରେ ପ୍ରକାର-୨ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ମଧ୍ୟବୟସ୍କ, ବୟସ୍କମାନଙ୍କୁ ଔଷଧ ଏବଂ କେତେକ ଜଟିଳ କ୍ଷେତ୍ରରେ ଇନ୍‌ସୁଲିନର ଚିକିତ୍ସା କରାଯାଇଥାଏ। ଏମାନେ ଖାଦ୍ୟ, ଔଷଧ, କାର୍ଯ୍ୟ ଏବଂ ବ୍ୟାୟାମ ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର। ବର୍ତ୍ତମାନ ବଜାରରେ ଅନେକ ପ୍ରକାର ଇନ୍‌ସୁଲିନ ଯଥା-ରେଗୁଲାର, ୩୦/୭୦, ୫୦/୫୦, ୭୫/୭୫, ଡେଟେମିର୍, ଗ୍ଲାରଜାଇନ୍ ଆଦି ଉପଲବ୍ଧ। ମାତ୍ର ଏଗୁଡିକ ନେବା ପୂର୍ବରୁ ଇନ୍‌ସୁଲିନ ମାତ୍ରା ସମୟ ଏବଂ ଅନ୍ୟାନ୍ୟ ବିଷୟରେ ବିଶଦ ଭାବରେ ଅନ୍ତସ୍ରାବୀ ବିଶେଷଜ୍ଞ କିମ୍ବା ଭେଷଜ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଦରକାର।

ଇନ୍‌ସୁଲିନ ନେଉଥିବା କିମ୍ବା ଡାଇବେଟିସ୍ ମେଡିସିନ ଖାଉଥିବା ଲୋକମାନେ ରକ୍ତରେ ଶର୍କରା ନ୍ୟୂନତା ସମ୍ପର୍କରେ ସତର୍କ ରହିବା ନିହାତି ଦରକାର। ତା' ସହ ଇନ୍‌ସୁଲିନ ନେବା ଏବଂ ଔଷଧ ଖାଇବାର ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଖାଦ୍ୟ ଖାଇବା ନିହାତି ଆବଶ୍ୟକ।

- ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୯୪୩୭୭୪୨୪୯୯

# ଦୈନନ୍ଦିନ ଜୀବନଶୈଳୀ ଓ ଡାଇବେଟିସ୍

ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ବିଶେଷଭାବରେ ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ ଅନୁସରଣ କରିବା ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ନିହାତି ଦରକାର। ନିଜକୁ ଡାଇବେଟିସ୍ ଠାରୁ ଦୂରେଇ ରଖିବା ଲାଗି ପ୍ରତିଦିନ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। ଏହାଦ୍ୱାରା ଆମ ଶରୀରରେ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ଆଉ ଏକ କଥା ହେଲା, ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେବା ପରେ ଡାକ୍ତର ଆମକୁ ଖାଦ୍ୟପେୟ ବିଷୟରେ ବିଶଦ ଭାବରେ ବୁଝାଇ ଥାଆନ୍ତି। ଏପରି କୌଣସି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାଦ୍ୱାରା ଔଷଧ ଖାଉଥିଲେ ମଧ ତାହାର କୌଣସି ସୁପ୍ରଭାବ ଶରୀର ଉପରେ ପଡ଼ିବ ନାହିଁ। ତେଣୁ ଜଣେ ଡାଇବେଟିସ୍ ରୋଗୀ ପ୍ରତିଦିନ କ'ଣ ଖାଇବେ ଏବଂ କ'ଣ ଖାଇବେ ନାହିଁ ସେ ବିଷୟରେ ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝିନେବା ସହ ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ। ଯଦି ଜଣେ ବ୍ୟକ୍ତି ଏକ ସନ୍ତୁଳିତ ଜୀବନଶୈଳୀରେ ଆଗକୁ ବଢ଼ନ୍ତି ତେବେ ସେ ନିଜକୁ ଅନେକାଂଶରେ ଡାଇବେଟିସ୍‌ଠାରୁ ଦୂରେଇ ରଖିବାରେ ସକ୍ଷମ ହୋଇଥାଆନ୍ତି।



# ସଚେତନତା ମୂଳ କଥା

ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଡାଇବେଟିସ୍‌ର ଲକ୍ଷଣ ପ୍ରକାଶ ପାଉଥିଲେ ମଧ ପ୍ରାୟ ଏକ ତୃତୀୟାଂଶ ଲୋକ ଏହି ରୋଗ ଦ୍ୱାରା ଆକ୍ରାନ୍ତ ବୋଲି ଜାଣିପାରନ୍ତି ନାହିଁ। ୟୁନିଭର୍ସିଟି ଅଫ ୱାଶିଂଟନ୍ ପକ୍ଷରୁ ଏ ବିଷୟରେ ସର୍ଭେ କରାଯାଇଥିଲା। ଜଣେ ବୟସ୍କ ବ୍ୟକ୍ତି ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେବା ପରେ ତାଙ୍କର ଦୃଷ୍ଟି ଶକ୍ତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରିହଛି। ତେଣୁ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନେବା ଦରକାର। ଜଣେ ସାଧାରଣ ବ୍ୟକ୍ତିଙ୍କଠାରୁ ଜଣେ ଡାଇବେଟିସ୍ ଆକ୍ରାନ୍ତ ବ୍ୟକ୍ତି ହୃଦ୍‌ରୋଗ ଦ୍ୱାରା ଶିକାର ହେବାର ଦୁଇ ଗୁଣା ଆଶଙ୍କା ରହିଛି। ଏକ ସର୍ଭେରୁ ଜଣାପଡିଛି ଯେ ଡାଇବେଟିସ୍ ଆକ୍ରାନ୍ତ ରୋଗୀମାନଙ୍କ ମଧ୍ୟରୁ ପ୍ରାୟ ୪୪ ପ୍ରତିଶତଙ୍କଠାରେ କିଡ୍‌ନୀଜନିତ ସମସ୍ୟା ଦେଖାଦେଇଥାଏ। ଡାଇବେଟିସ୍ ରୋଗୀମାନଙ୍କ ମଧ୍ୟରୁ ପ୍ରାୟ ୯୦ ପ୍ରତିଶତ ବ୍ୟକ୍ତି ମେଦବହୁଳତାର ଶିକାର ହୋଇଥାଆନ୍ତି। ଡେନମାର୍କର ବିଶେଷଜ୍ଞମାନେ ନିକଟରେ ପ୍ରକାଶ କରିଛନ୍ତି ଯେ ଯଦି ଜଣେ ଡାଇବେଟିସ୍ ରୋଗୀ ନିଜର ଉପଯୁକ୍ତ ଚିକିତ୍ସା ନ କରାନ୍ତି, ତେବେ ତାଙ୍କର ବୟସ ପ୍ରାୟ ୫-୧୦ ବର୍ଷ କମି ଯାଇଥାଏ। ପାଖାପାଖି ୬୦-୭୦ପ୍ରତିଶତ ଡାଇବେଟିସ୍ ରୋଗୀଙ୍କଠାରେ ସ୍ନାୟୁଜନିତ ସମସ୍ୟା ଥାଏ।



# ଇଂଲଣ୍ଡକୁ ଦ୍ୱିତୀୟ ଟାଇଟଲ

**ମେଲ୍‌ବୋର୍ନ, ୧୩।୧୧**

ଦୀର୍ଘ ୧୨ ବର୍ଷ ବ୍ୟବଧାନରେ ଇଂଲଣ୍ଡ ଟି୨୦ କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ସାମ୍ କୁରାନଙ୍କ ଆକର୍ଷଣୀୟ ବୋଲିଂ ଏବଂ ବେନ୍ ଷ୍ଟୋକ୍ସଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ

**ଟି୨୦ ବିଶ୍ୱକପ୍ : ସାମ୍ କୁରାନ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ଟୁର୍ନାମେଣ୍ଟ**

ଇଂଲଣ୍ଡକୁ ଦ୍ୱିତୀୟଥର ପାଇଁ ଟାଇଟଲ ବିଜୟୀ କରାଇଛି। ଇଂଲଣ୍ଡ ବୋଲରମାନେ ପ୍ରଭାବୀ ପ୍ରଦର୍ଶନ କରି ପାକିସ୍ତାନ ଇନିଂସ୍‌କୁ ୨୦ ଓଭରରେ ୧୩୭/୮ରେ ସୀମିତ ରଖିଥିଲେ। ରନ୍ ଚେଜ୍ ସମୟରେ ଇଂଲଣ୍ଡ ଏକଦା ମୋମେଣ୍ଟମ ହରାଇଥିଲେ ହେଁ ଷ୍ଟୋକ୍ସଙ୍କ ଉପଯୋଗୀ ଇନିଂସ୍ ବଳରେ ୧୯ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଫଳରେ କୁରାନ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପୂର୍ବରୁ ୧୯୯୨ରେ ଇମ୍ରାନ୍ ଖାଁଙ୍କ ନେତୃତ୍ୱାଧୀନ ପାକିସ୍ତାନ ଦଳ ଏହି ମେଲବୋର୍ନ ଗ୍ରାଉଣ୍ଡରେ ଇଂଲଣ୍ଡକୁ ହରାଇ ଦିନିକିଆ ବିଶ୍ୱକପ୍ ଜିତିଥିଲା। ଅନ୍ୟପକ୍ଷେ ୩୦ ବର୍ଷ ବ୍ୟବଧାନରେ ଟି୨୦ ବିଶ୍ୱକପ୍ ଫାଇନାଲରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ହରାଇ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଛି ଇଂଲଣ୍ଡ। ଟୁର୍ନାମେଣ୍ଟ ଇତିହାସରେ ପୂର୍ବରୁ କେବଳ ୱେଷ୍ଟଇଣ୍ଡିଜ ୨ ଥର ୨୦୧୨ ଓ ୨୦୧୬ରେ ଚାମ୍ପିୟନ ହୋଇଥିଲା। ଏବେ ଇଂଲଣ୍ଡ ଏହାର ସମକକ୍ଷ ହୋଇଛି। ୨୦୧୦ରେ ଏହି ଦଳ ପ୍ରଥମଥର ପାଇଁ ଟାଇଟଲ ବିଜୟର ସ୍ୱାଦ ଚାଖିଥିଲା।


ଟି୨୦ କ୍ରିକେଟ ବିଶ୍ୱକପ ବିଜୟୀ ଇଂଲଣ୍ଡ ଦଳ।

### କୁରାନ୍‌ଙ୍କଠୁ ଆରମ୍ଭ

ଟସ୍ ଜିତି ଫିଲ୍ଡିଂ ନେଇଥିଲା ଇଂଲଣ୍ଡ। ଇଂଲଣ୍ଡ ବୋଲରମାନେ ଅଧିନାୟକ ଜୋସ୍ ବଟ୍‌ଲରଙ୍କ ନିଷ୍ପତ୍ତିକୁ ଉଚିତ୍ ସାବ୍ୟସ୍ତ କରିଥିଲେ। ୫ମ ଓଭରରେ ମହମ୍ମଦ ରିଜ୍‌ୱାନଙ୍କ ଉଇକେଟ ନେଇ ପାକିସ୍ତାନକୁ କ୍ଷତି ପହଞ୍ଚାଇବାର ପ୍ରକ୍ରିୟା ଆରମ୍ଭ କରିଥିଲେ ସାମ୍ କୁରାନ। ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ ସ୍ପିନର ଆଡିଲ ରଶିଦ୍। ୮ମ ଓଭରରେ ସେ ମହମ୍ମଦ ହାରିସ (୮)ଙ୍କୁ ଆଉଟ୍ କରି ପାକିସ୍ତାନକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଅଧିନାୟକ ବାବର ଆଜମ ଓ ଶାନ୍ ମାସୁଦ ଲଢ଼ିଥିଲେ ହେଁ ଇଂଲଣ୍ଡ ବୋଲରମାନେ ତାଙ୍କୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ମାସୁଦ ୨୮ ବଲ୍‌ରୁ ସର୍ବାଧିକ ୩୮ ଏବଂ ବାବର ୨୮ ବଲ୍‌ରୁ ୩୨ ରନ୍ କରି ପାଭିଲିୟନ ଫେରିଥିଲେ। ଶେଷ ପର୍ଯ୍ୟାୟରେ ବିସ୍ଫୋରକ ବ୍ୟାଟିଂ କରି ପାକିସ୍ତାନକୁ ଫାଇଦାରେ ରଖି ଆସୁଥିବା ଶଦାବ ଖାଁଙ୍କ ସ୍କୋର ମଧ୍ୟ ଏଠାରେ ୨୦ରେ ସୀମିତ ରହିଥିଲା। ଫାଇନାଲ ପରି ଏକ ବଡ଼ ମୁକାବିଲାରେ କୁରାନଙ୍କ ସ୍ପେଲ୍ ଅତି ଚମତ୍କାର ରହିଥିଲା। ସେ ୪ ଓଭରରେ ମାତ୍ର ୧୨ ରନ୍ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ, ଯାହାକି ପାକିସ୍ତାନକୁ ବଡ଼ କ୍ଷତି ପହଞ୍ଚାଇଥିଲା। ଆଡିଲ ରଶିଦ ଓ କ୍ରିସ୍ ଜୋର୍ଡାନ ୨ଟି ଲେଖାଏ ଏବଂ ବେନ୍ ଷ୍ଟୋକ୍ସ ଗୋଟିଏ ଉଇକେଟ ନେଇଥିଲେ।

### ଷ୍ଟୋକ୍ସଙ୍କ ସ୍ମରଣୀୟ ଇନିଂସ

ସ୍କୋର ବଡ଼ ନ ଥିଲେ ହେଁ ମେଲ୍‌ବୋର୍ନର ପେସ୍ ଓ ବାଉନ୍ସି ଟ୍ରାକ୍‌ରେ ପାକିସ୍ତାନ ବୋଲରମାନେ ଲଢ଼ୁଆ ପ୍ରଦର୍ଶନ କରି ମ୍ୟାଚ୍‌କୁ ରୋମାଞ୍ଚକ କରିଦେଇଥିଲେ। ଭାରତ ବିପକ୍ଷ ସେମିଫାଇନାଲରେ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ଇଂଲଣ୍ଡ ଓପନର ଆଲେକ୍ସ ହେଲ୍ସ ଏଠାରେ ମାତ୍ର ୧ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଫିଲିପ୍ ସଲ୍ଟ ୧୦, ବଟ୍‌ଲର ୨୬ ଓ ହ୍ୟାରି ବ୍ରୁକ୍ ୨୦ ରନ୍ କରି ଆଉଟ ହେବାରୁ ମୋମେଣ୍ଟମ୍ ପାକିସ୍ତାନ ସପକ୍ଷରେ ରହିଥିଲା। ମାତ୍ର ନିଜ ଇନିଂସ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ଧିମା ଖେଳି ଅନେକବାର ବିଟ୍ ହୋଇଥିବା ଷ୍ଟୋକ୍ସ ଶେଷରେ ମ୍ୟାଚ୍ ବିଜେତା ସାବ୍ୟସ୍ତ ହେଲେ। ସେ ଚାପର ବଶବର୍ତ୍ତୀ ନ ହୋଇ ଖେଳିଥିବା ଇନିଂସ୍ ଶେଷରେ ସ୍ମରଣୀୟ ହୋଇଯାଇଥିଲା। ୪୯ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୫୨ ରନ୍‌ରେ ଅପରାଜିତ ରହିଥିବା ଷ୍ଟୋକ୍ସଙ୍କ ବ୍ୟାଟ୍‌ରୁ ୧୯ତମ ଓଭରର ଶେଷ ବଲ୍‌ରେ ବିଜୟସୂଚକ ରନ୍ ଆସିବା ପରେ ୮୦,୪୬୨ ଦର୍ଶକଙ୍କ ଉପସ୍ଥିତିରେ ଇଂଲଣ୍ଡ ଦଳର ଉତ୍ସବ ଆରମ୍ଭ ହୋଇଯାଇଥିଲା। ଚାପ ସ୍ଥିତିରେ ମୋଇନ ଅଲୀ ୧୩ ବଲ୍‌ରୁ ୧୯ ରନ୍ କରି ଇଂଲଣ୍ଡ ବିଜୟରେ ଅନ୍ୟତମ ଅଂଶୀଦାର ଥିଲେ। ପ୍ରକାଶ ଯେ, ଇଂଲଣ୍ଡର ୨୦୧୯ ବିଶ୍ୱକପ୍ ବିଜୟରେ ମଧ୍ୟ ଷ୍ଟୋକ୍ସ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

### ଆଫ୍ରିଦୀ ଆହତରୁ ପାକିସ୍ତାନକୁ ଝଟ୍‌କା

କ୍ୟାରିୟରରେ ଅନେକ ସମୟରେ ଆହତ ସମସ୍ୟାରେ ରହୁଥିବା ପାକିସ୍ତାନ ଫାଷ୍ଟ ବୋଲର ଶାହିନ ଶାହା ଆଫ୍ରିଦୀ ଫାଇନାଲ ପରି ବଡ଼ ମ୍ୟାଚ୍‌ରେ ମଧ୍ୟ ନିଜ ସ୍ପେଲ୍ ସମ୍ପୂର୍ଣ୍ଣ କରିପାରି ନ ଥିଲେ। ପ୍ରଥମ ଓଭରରେ ସେ ୭ ରନ୍ ବିନିମୟରେ ଗୋଟିଏ ଉଇକେଟ ନେଇ ଇଂଲଣ୍ଡକୁ ଝଟ୍‌କା ଦେଇଥିଲେ। ନିଜ ଦ୍ୱିତୀୟ ଓଭରରେ ମଧ୍ୟ ୬ ରନ୍ ବ୍ୟୟ କରିଥିଲେ। ମାତ୍ର ପରେ ଫିଲ୍ଡିଂ କରୁଥିବାବେଳେ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରିକୁ ଆସିଯାଇଥିଲେ। ଫଳରେ ଡେଥ୍ ଓଭରରେ ସେ ଆଉ ବୋଲିଂ କରିପାରି ନ ଥିଲେ। ୧୬ତମ ଓଭରରେ ଅଧିନାୟକ ବାବର ଯେତେବେଳେ ତାଙ୍କ ଆବଶ୍ୟକତା ଅନୁଭବ କଲେ ସେ ମାତ୍ର ଗୋଟିଏ ଡଟ୍ ବଲ୍ ପକାଇ ପଡ଼ିଆ ଛାଡ଼ିଥିଲେ, ଯାହା ପାକିସ୍ତାନ ପାଇଁ ମହଙ୍ଗା ପଡ଼ିଥିଲା। ଏହି ଓଭର ସମ୍ପୂର୍ଣ୍ଣ କରିଥିବା ଇଫ୍‌ତିକାର ଅହମଦ ୧୩ ରନ୍ ବ୍ୟୟ କରିଥିଲେ। ଏହିଠାରୁ ମ୍ୟାଚ୍‌ର ମୋଡ଼ ବୁଲିଥିଲା। ପରବର୍ତ୍ତୀ ଓଭରରେ ମହମ୍ମଦ ୱାସିମ୍ ମଧ୍ୟ ମହଙ୍ଗା ରହିଥିଲେ। ଦଳ ପକ୍ଷରୁ ହାରିସ ରୌଫ୍ ୨ଟି ଏବଂ ଆଫ୍ରିଦୀ, ଶଦାବ ଖାଁ ଓ ମହମ୍ମଦ ୱାସିମ ଜୁନିୟର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଶୀର୍ଷରେ କୋହଲି, ହସରଙ୍ଗା


ବିରାଟ କୋହଲି

**ମେଲବୋର୍ନ, ୧୩।୧୧**

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ରବିବାର ଶେଷ ହୋଇଥିବା ଟି୨୦ କ୍ରିକେଟ ବିଶ୍ୱକପରେ ସର୍ବାଧିକ ରନ ସଂଗ୍ରହକାରୀ ଓ ଉଇକେଟ ହାସଲକାରୀ ତାଲିକାରେ ଯଥାକ୍ରମେ ଭାରତର ବିରାଟ କୋହଲି ଓ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ଶୀର୍ଷସ୍ଥାନ ଅଧିକାର କରିଛନ୍ତି। କୋହଲି ୬ ମ୍ୟାଚରେ ୯୮.୬୬ ଆଭରେଜରେ ଏବଂ ୧୩୬.୪୦ ଷ୍ଟ୍ରାଇକ୍‌ହାରରେ ୨୯୬ ରନ ସଂଗ୍ରହ କରିଥିଲେ। ଏହି ତାଲିକାରେ ନେଦରଲାଣ୍ଡସ୍‌ର ମ୍ୟାକ୍ସ ଓ'ଡ଼ୁଡ୍ ୮ ମ୍ୟାଚରୁ ୨୪୨, ଭାରତର ସୂର୍ଯ୍ୟକୁମାର ଯାଦବ ୬ ମ୍ୟାଚରୁ ୨୩୯, ଇଂଲଣ୍ଡର ଜୋସ ବଟଲର ୬ ମ୍ୟାଚରୁ ୨୨୫ ଓ ଶ୍ରୀଲଙ୍କାର କୁସାଲ ମେଣ୍ଡିସ ୮ ମ୍ୟାଚରୁ ୨୨୩ ରନକରି ପରବର୍ତ୍ତୀ ୪ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୮ ମ୍ୟାଚରୁ ୧୫ ଉଇକେଟ ନେଇ ଉଇକେଟ ହାସଲକାରୀ ତାଲିକାର ଶୀର୍ଷରେ ଅଛନ୍ତି ହସରଙ୍ଗା। ତାଙ୍କ ଇକୋନୋମି ହାର ମଧ୍ୟ ଅନ୍ୟ ସମସ୍ତଙ୍କଠାରୁ କମ୍ ୬.୪୧ ରହିଛି। ଇଂଲଣ୍ଡର ସାମ୍ କୁରାନ ୬ ମ୍ୟାଚରୁ ୧୩, ନେଦରଲାଣ୍ଡସ୍‌ର ବାସ ଡି ଲିଡେ ୮ ମ୍ୟାଚରୁ ୧୩, ଜିମ୍ବାୱେର ବ୍ଲେସିଂ ମୁଜାରବାନି ୮ ମ୍ୟାଚରୁ ୧୨ ଏବଂ ଦକ୍ଷିଣ ଆଫ୍ରିକାର ଏନରିଚ ନର୍ଜେ ୫ ମ୍ୟାଚରୁ ୧୧ ଉଇକେଟ ନେଇ ୨ୟରୁ ୫ମ ସ୍ଥାନରେ ରହିଛନ୍ତି।

## ପାକିସ୍ତାନ-ଇଂଲଣ୍ଡ ଫାଇନାଲ ସ୍କୋର ବୋର୍ଡ

**ପାକିସ୍ତାନ ଇନିଂସ**

ରିଜ୍‌ୱାନ-ବୋ-ସାମ୍ କୁରାନ-୧୫
ବାବର ଆଜମ-କ ଓ ବୋ-ଆଦିଲ ରଶିଦ-୩୨
ମହମ୍ମଦ ହାରିସ-କ-ଷ୍ଟୋକ୍ସ-ବୋ-ଆଦିଲ ରଶିଦ୍-୮
ମାସୁଦ୍-କ-ଲିଭିଂଷ୍ଟୋନ୍-ବୋ-ସାମ୍ କୁରାନ-୩୮
ଇଫ୍‌ତିଖର ଅହମଦ-କ-ଜୋସ୍ ବଟଲର-ବୋ-ଷ୍ଟୋକ୍ସ-୦
ଶଦାବ ଖାନ୍-କ-କ୍ରିସ୍ ଓକ୍ସ-ବୋ-କ୍ରିସ୍ ଜୋର୍ଡାନ-୨୦
ନୱାଜ-କ-ଲିଭିଂଷ୍ଟୋନ୍-ବୋ-ସାମ୍ କୁରାନ-୫
ମହମ୍ମଦ ୱାସିମ ଜୁନିୟର-କ-ଲିଭିଂଷ୍ଟୋନ୍-ବୋ-କ୍ରିସ୍ ଜୋର୍ଡାନ-୪
ଶାହିନ ଆଫ୍ରିଦୀ-ନଟଆଉଟ-୫
ହାରିସ ରୌଫ୍-ନଟଆଉଟ-୧
ଅତିରିକ୍ତ-୯
**ମୋଟ** (୨୦ ଓଭର, ୮ଉଇକେଟ) ୧୩୭।
ଉଇକେଟ ପତନ: ୧/୨୯, ୨/୪୫, ୩/୮୪, ୪/୮୫, ୫/୧୨୧, ୬/୧୨୩, ୭/୧୨୯, ୮/ ୧୩୧।

**ବୋଲିଂ (ଇଂଲଣ୍ଡ)**
ଷ୍ଟୋକ୍ସ ୪-୦-୩୨-୧
କ୍ରିସ୍ ଓକ୍ସ ୩-୦-୨୬-୦
ସାମ୍ କୁରାନ ୪-୦-୧୨-୩
ଆଦିଲ ରଶିଦ୍ ୪-୧-୨୨-୨
କ୍ରିସ୍ ଜୋର୍ଡାନ ୪-୦-୨୭-୨
ଲିଭିଂଷ୍ଟୋନ୍ ୧-୦-୧୬-୦।

**ଇଂଲଣ୍ଡ ଇନିଂସ**

ଜୋସ୍ ବଟଲର-କ-ରିଜ୍‌ୱାନ-ବୋ-ହାରିସ ରୌଫ୍-୨୬
ଆଲେକ୍ସ ହେଲ୍ସ-ବୋ-ଶାହିନ ଆଫ୍ରିଦୀ-୧
ଫିଲିପ୍ ସଲ୍ଟ-କ-ଇଫ୍‌ତିକର-ବୋ-ହାରିସ ରୌଫ୍-୧୦
ବେନ୍ ଷ୍ଟୋକ୍ସ-ନଟ ଆଉଟ-୫୨
ହ୍ୟାରି ବ୍ରୁକ୍-କ-ଶାହିନ ଆଫ୍ରିଦୀ-ବୋ-ଶଦାବ ଖାନ୍-୨୦
ମୋଇନ ଅଲି-ବୋ-ମହମ୍ମଦ ୱାସିମ୍ ଜୁନିୟର-୧୯
ଲିଆମ ଲିଭିଂଷ୍ଟୋନ୍-ନଟଆଉଟ-୧
ଅତିରିକ୍ତ-୯
**ମୋଟ** (୧୯ ଓଭର, ୫ ଉଇକେଟ) ୧୩୮।
ଉଇକେଟ ପତନ: ୧/୭, ୨/୩୨, ୩/୪୫, ୪/୮୪, ୫/୧୩୨।

**ବୋଲିଂ (ପାକିସ୍ତାନ)**
ଶାହିନ ଆଫ୍ରିଦୀ ୨.୧-୦-୧୩-୧
ନସିମ ଶାହା ୪-୦-୩୦-୦
ହାରିସ ରୌଫ୍-୪-୦-୨୩-୨
ଶଦାବ ଖାଁ ୪-୦-୨୦-୧
ମହମ୍ମଦ ୱାସିମ୍ ୪-୦-୩୮-୧
ଇଫ୍‌ତିକର ଅହମଦ ୦.୫-୦-୧୩-୦।

# ରାଜ୍ୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ


ରବିବାର ସମ୍ବଲପୁରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

**ସମ୍ବଲପୁର, ୧୩।୧୧ (ବ୍ୟୁରୋ)**

ଖଟେଶ୍ୱର ପାଣ୍ଡେ ସ୍ମାରକୀ ଦଶମ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ସମ୍ବଲପୁରସ୍ଥିତ ଡା. ଝସକେତନ ସାହୁ ସନ୍ତରଣାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସମେତ ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କଟକ, ଭୁବନେଶ୍ୱର ଓ ବୌଦ୍ଧ ଜିଲ୍ଲାରୁ ୧୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୯ରୁ ୮୫ ବର୍ଷ ବୟସ ବର୍ଗରେ ୧୮ଟି ବିଭାଗରେ ୫୦ ମିଟର ବଟରଫ୍ଲାଏ, ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ୫୦ ମିଟର ଫ୍ରିଷ୍ଟାଇଲ ଓ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍ ପ୍ରତିଯୋଗିତା ହୋଇଥିଲା। ଆୟୋଜକ ସମ୍ବଲପୁର ମାଷ୍ଟର୍ସ ସୁଇମର୍ସ କ୍ଲବ ସଭାପତି ପ୍ରେମ୍‌ରଞ୍ଜନ ପ୍ରଧାନଙ୍କ ପରିଚାଳନା ଓ ଡ. ବିଜୟ କୁମାର ପ୍ରଧାନଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ସିଆର୍‌ପିଏଫ୍ କମାଣ୍ଡାଣ୍ଟ ମହମ୍ମଦ ସାଜିଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରେଫରି ଆଶୁତୋଷ ନାଏକଙ୍କ ତତ୍ତ୍ୱାବଧାନରେ ଇଭେଣ୍ଟଗୁଡ଼ିକ ହୋଇଥିଲା। ଚିନ୍ତନ ନାଏକ, ଈଶ୍ୱର ପ୍ରସାଦ ବାରିକ, ରାଜେଶ କଲାରି, ଅନନ୍ତ ବେରିହା, ସୁବ୍ରତ ଭୋଇ, ସୁଜିତ କୁମାର ସାହୁ, ଭୋଳାନାଥ ବିଶୋଇ ପ୍ରମୁଖ ତାଙ୍କୁ ସହଯୋଗ କରିଥିଲେ। ବଦ୍ରିନାରାୟଣ ପୁରୋହିତ ମୁଖ୍ୟ ନିରୀକ୍ଷକ ଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗରେ ମଧୁସୂଦନ ଜେନା, ପରମେଶ୍ୱର ବାଘ, ଜୟନ୍ତ ପାଣ୍ଡେ, ସୁରେନ୍ଦ୍ର ନାଏକ, ସୁନ୍ଦରମଣି ବାରିକ, ରାଧେଶ୍ୟାମ ପାଣିଗ୍ରାହୀ ଓ ଆର୍ତ୍ତତ୍ରାଣ ମାଝୀ ସ୍ୱର୍ଣ୍ଣପଦକ ହାସଲ କରି ଯୁବବର୍ଗମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲେ। ସକାଳ ୭ଟାରେ ସମ୍ବଲପୁର ଉପଜିଲାପାଳ ପ୍ରଭାସ ଡନ୍‌ସନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ତିନିମାସ ହେବ ଡା. ଝସକେତନ ସାହୁ ସନ୍ତରଣାଗାର ବନ୍ଦ ରହିଛି। ବିଭିନ୍ନ ବୈଷୟିକ ତ୍ରୁଟି ରହିଥିବାରୁ ସେଠାରେ କୌଣସି ପ୍ରତିଯୋଗିତା ହୋଇପାରୁନାହିଁ। ଯଦ୍ୱାରା ରବିବାର ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା କିଡ୍ସ ପୁଲ୍‌ରେ ହୋଇଥିଲା।

**ଭାଗନେଲେ ୯ ଜିଲାର ୧୫୦ ପ୍ରତିଯୋଗୀ**

## କେକେଆର୍‌କୁ ଗଲେ ଫର୍ଗୁସନ, ଗୁର୍‌ବାଜ

**ନୂଆଦିଲ୍ଲୀ, ୧୩।୧୧ (ପି.ଟି.):** ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଲାଗି କୋଲକାତା ନାଇଟ ରାଇଡର୍ସ (କେକେଆର୍) ଗତଥରର ଚାମ୍ପିୟନ ଗୁଜରାଟ ଟାଇଟାନ୍ସଠାରୁ ନ୍ୟୁଜିଲାଣ୍ଡ ପେସ୍ ବୋଲର ଲୋକି ଫର୍ଗୁସନ ଓ ଆଫଗାନ ଉଇକେଟକିପର-ବ୍ୟାଟର ରହମନତୁଲ୍ଲା ଗୁର୍‌ବାଜଙ୍କୁ ଆଣିଛି। ଚଳିତବର୍ଷ ପ୍ରାରମ୍ଭରେ ଅନୁଷ୍ଠିତ ଆଇପିଏଲ୍ ମେଗା ଇଭେଣ୍ଟରେ ଟାଇଟନ୍ସ ଦଳ ୧୦ କୋଟି ଟଙ୍କାରେ ଫର୍ଗୁସନଙ୍କୁ କ୍ରୟ କରିଥିଲା। ନ୍ୟୁଜିଲାଣ୍ଡର ଏହି ଖେଳାଳି ୧୩ ମ୍ୟାଚ ଖେଳି ୧୨ ଉଇକେଟ ଅକ୍ତିଆର କରିଥିଲେ। ଏହି ପେସ୍ ବୋଲର ପୂର୍ବରୁ ଦୁଇଥର ଚାମ୍ପିୟନ କେକେଆର୍ ତରଫରୁ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ଖେଳିଥିଲେ। ଅନ୍ୟପକ୍ଷରେ ଗୁରବାଜ ଗତ ସଂସ୍କରଣରେ ଗୁଜରାଟ ଟାଇଟନ୍ସ ଦଳରେ ସାମିଲ ହୋଇଥିଲେ। ଇଂଲଣ୍ଡ ବ୍ୟାଟର ଜାସନ ରୟଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ଦଳରେ ନିଆଯାଇଥିଲା।




**ବିଜୟ ହଜାରେ ଟ୍ରଫି**

## ଓଡ଼ିଶାର ବୃହତ୍ ବିଜୟ

**ଭୁବନେଶ୍ୱର, ୧୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଦଳ ରବିବାର ବୃହତ୍ ବିଜୟ ହାସଲ କରିଛି । ଓଡ଼ିଶା ୧୩୫ ରନରେ ନାଗାଲାଣ୍ଡକୁ ହରାଇ ୪ ପଏଣ୍ଟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ରାଜେଶ ଧୂପରଙ୍କ ୭୯ ଓ ଅଭିଷେକ ରାଉତଙ୍କ ୬୪ ରନ୍ ବଳରେ ୨୨୪ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ପରେ ତରଣୀ ସା'ଙ୍କ ୫ ଉଇକେଟ ସଫଳତା ଯୋଗୁ ନାଗାଲାଣ୍ଡ ମାତ୍ର ୮୯ ରନ୍‌ରେ ଅଲ୍‌ଆଉଟ ହୋଇଥିଲା।

ଟସ୍ ହାରି ବ୍ୟାଟିଂ କରିଥିବା ଓଡ଼ିଶା ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହିତ ୪୮.୩ ଓଭରରେ ୨୨୪ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଦଳ ମାତ୍ର ୩୬ ରନ୍‌ରେ ୪ ଉଇକେଟ ହରାଇଥିବା ସମୟରେ ଉଇକେଟ୍ କିପର ରାଜେଶ ଧୂପର ୭୯ ଓ ଅଧିନାୟକ ଅଭିଷେକ ରାଉତ ୬୪ ରନ୍ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଉଭୟ ୫ମ ଉଇକେଟରେ ୧୨୦ ରନ୍ ଯୋଗ କରିଥିଲେ। ଧୂପର ୧୧୪ ବଲ୍ ଖେଳି ୫ ଚୌକା ମାରିଥିଲେ। ଅପରପକ୍ଷରେ ଅଭିଷେକ ୬୭ ବଲ୍ ଖେଳି ୫ ଚୌକା ଓ ଦୁଇ ଛକା ମାରିଥିଲେ। ନାଗାଲାଣ୍ଡ ପକ୍ଷରୁ ଆକାଶ ସିଂ ୨୯ ରନ୍‌ରେ ୫ ଉଇକେଟ ନେଇଥିଲେ। ୨୨୫ ରନ୍‌ର ପିଛା କରୁଥିବା ନାଗାଲାଣ୍ଡ ମାତ୍ର ୮୯ ରନ୍‌ରେ ଅଲଆଉଟ ହୋଇଥିଲା। ୭ ଜଣ ବ୍ୟାଟର ଦୁଇଅଙ୍କ ଛୁଇଁ ନ ଥିବା ବେଳେ ଓପନର ଜୋଶୁଆ ଓଜୁକୁମ ୩୦ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ତରଣୀ ସା' ୫ ଉଇକେଟ ନେଇଥିବା ବେଳେ ଦେବବ୍ରତ ପ୍ରଧାନ, ସୌରଭ କନୋଜିଆ ଓ ରାଜେଶ ମହାନ୍ତି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମଙ୍ଗଳବାର ଓଡ଼ିଶା ଏହାର ତୃତୀୟ ଲିଗ୍ ମ୍ୟାଚ୍‌ରେ ମଧ୍ୟପ୍ରଦେଶକୁ ଭେଟିବ।

## ପାରା ସନ୍ତରଣରେ ଓଡ଼ିଶାକୁ ୩ ପଦକ

**ଭୁବନେଶ୍ୱର, ୧୩।୧୧ (କ୍ରୀଡ଼ା ପ୍ରତିନିଧି)**

ଆସାମର ଗୁଆହାଟୀରେ ରବିବାର ଉଦ୍‌ଯାପିତ ୨୨ତମ ଜାତୀୟ ପାରା ସୁଇମିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାକୁ ମୋଟ ୩ଟି ପଦକ ମିଳିଛି। ଓଡ଼ିଶାର ନିଖିଲ ଚରଣ ଗୋଛାୟତ ସିନିୟର ଏସ୍-୧୧ ବର୍ଗର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ୧:୧୪.୭୨ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ଜୁନିୟର ଏସ୍-୧୦ ବର୍ଗର ୫୦ ମି. ଓ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସୁମିତ କୁମାର ପଣ୍ଡା ୨ଟି ରୌପ୍ୟ ପଦକ ଜିତିଛନ୍ତି। ସେ ୫୦ ମିଟର ପାଇଁ ୪୫.୪୪ ସେକେଣ୍ଡ ଏବଂ ୧୦୦ ମିଟରରେ ୧:୩୮.୭୪ ସେକେଣ୍ଡ ସମୟ ନେଇଥିଲେ। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୧୦ ପାରା ସୁଇମର ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ପାରା ସୁଇମିଂ ଓଡ଼ିଶାର ଅଧ୍ୟକ୍ଷ ସୁଶାନ୍ତ କୁମାର ମଲ୍ଲିକ ଏବଂ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନର ସୁନୀଲ ପ୍ରଧାନ ଭାରତୀୟ ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆର ବୈଷୟିକ ପ୍ରତିନିଧିଭାବେ କାର୍ଯ୍ୟ କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଭାଜପାର ଯୁବ ସଙ୍ଗଠନ ଜିଲା କମିଟି ସମ୍ପ୍ରସାରିତ
#### ୧୯ ଜଣଙ୍କୁ ମିଳିଲା ଦାୟିତ୍ୱ

ପୁରୀ ଅଫିସ,୧୩।୧୧: ଭାଜପାର ପୁରୀ ଜିଲା ଯୁବ ସଙ୍ଗଠନ ସମ୍ପ୍ରସାରଣ କରାଯାଇଛି। ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଯୁବମୋର୍ଚ୍ଚାର ଜିଲା ସଭାପତି ଜୟନ୍ତ କୁମାର ଦାଶ ଜିଲା କମିଟିକୁ ସମ୍ପ୍ରସାରଣ କରିଛନ୍ତି। କମିଟିରେ ଉପସଭାପତି ପଦରେ ୩ଜଣଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ମନୋଜ କୁମାର ବିଶୋଇ, ବାହୁଡ଼ା ପ୍ରଧାନ ଏବଂ ଦେବାଶିଷ ଆଚାର୍ଯ୍ୟ। ସେହିପରି ସମ୍ପାଦକ ଭାବେ ୫ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ପିଙ୍କି ପ୍ରଧାନ, ପ୍ରଦୀପ ପରିଡ଼ା, ସଂଗ୍ରାମ ପରିଡ଼ା, ଦୀପ୍ତି ରଞ୍ଜନ ସ୍ୱାଇଁ ଏବଂ ସୁରେନ୍ଦ୍ର କୁମାର ବିଶ୍ୱାଳ। କୋଷାଧକ୍ଷ ଭାବେ ପ୍ରଦୀପ ନାୟକ, ବିଧାନସଭା ସଂଯୋଜକ ଭାବେ ଶକ୍ତି ମିଶ୍ରଙ୍କୁ ପୁରୀ ଓ ଚନ୍ଦ୍ରକାନ୍ତ ପରିଡ଼ାଙ୍କୁ ନିମାପଡ଼ା ଦାୟିତ୍ୱ ପ୍ରଦାନ କରାଯାଇଛି। ପୁରୀ ବିଧାନସଭା କ୍ଷେତ୍ର ସହସଂଯୋଜକ ଭାବେ ସ୍ୱାଧୀନ ପଟ୍ଟନାୟକ, ଜିଲା ସଂଯୋଜକ ଭାବେ କାହ୍ନୁଚରଣ ଦାସଙ୍କୁ ଆତ୍ମନିର୍ଭର ଭାରତ, ଦୀପକ କୁମାର ଜେନାଙ୍କୁ ଆଇଟିଆଇ, ତପନ ବାରିକଙ୍କୁ ମେକ୍ ଇନ୍ ଇଣ୍ଡିଆ, ବିଶ୍ୱଜିତ୍ ରାଉଲଙ୍କୁ ମିଲେନିୟମ ଭୋଟର, ରଞ୍ଜନ ପଲାଇଙ୍କୁ ସ୍କିଲ୍ ଇଣ୍ଡିଆ, ଅନିକେତ କରଙ୍କୁ ୟୁନିଭର୍ସିଟି କ୍ୟାମ୍ପସ ଏବଂ ବିଶ୍ୱଜିତ ଲେଙ୍କାଙ୍କୁ ଇନଫର୍ମେଶନ ଟେକ୍ନୋଲୋଜିର ଦାୟିତ୍ୱ ମିଳିଛି। ପୁରୀ କମିଟିରେ ୧୯ ଜଣଙ୍କୁ ନୂତନ ଦାୟିତ୍ୱ ଦିଆଯାଇଥିବା ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି।

### ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀଙ୍କ ପରଲୋକ

ଟାଙ୍ଗୀ(ଖୋର୍ଦ୍ଧା),୧୩।୧୧ (ଡି.ଏନ୍.ଏ.): ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ସୁକାନ୍ତ କୁମାର ଜେନା(୬୪)ଙ୍କ ରବିବାର ପରଲୋକ ହୋଇଯାଇଛି। ସେ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ସହକାରୀ ଶିକ୍ଷକ ଓ ପରେ ପଦୋନ୍ନତି ପାଇ ଫୁଲବାଣୀ ଜିଲା ଦାରିଙ୍ଗବାଡି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। କେନ୍ଦ୍ରାପଡ଼ା ଟାଉନ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରି ୨୦୧୯ ମେ'ରେ ଅବସର ନେଇଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ, ପରିକ୍ଷୀତ ମହାରଣା, ଗଙ୍ଗାଧର ସୁନ୍ଦରାୟ, ସରପଞ୍ଚ କିଶୋର କୁମାର ବେହେରାଙ୍କ ସମେତ ବହୁ ପୁରାତନ ଛାତ୍ର ତାଙ୍କର ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଥିବା ବେଳେ ବଡ଼ ପୁଅ ସମରଜିତ ମୁଖାଗ୍ନି ଦେଇଥିଲେ।

### ଭଗବତୀଙ୍କ ପୀଠରେ ଚଣ୍ଡୀପାଠ ମହାଯଜ୍ଞ

ବାଣପୁର/ଗମ୍ଭାରୀମୁଣ୍ଡା,୧୩।୧୧(ଡି.ଏନ.ଏ.): ବାଣପୁରସ୍ଥିତ ମା' ଭଗବତୀଙ୍କ ପୀଠରେ ରବିବାର ଅନନ୍ତ ବଳିଆ ବାବା ଆଶ୍ରମ ପକ୍ଷରୁ ୧୦୮ ବ୍ରାହ୍ମଣଙ୍କୁ ନେଇ ୧୦୮ ଚଣ୍ଡୀପାଠ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୮ ଜଣ ଦମ୍ପତି କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଭଗବତୀ ମନ୍ଦିର କମିଟି, ଆଞ୍ଚଳିକ ସଜ୍ଜନବୃନ୍ଦ ସମେତ ଅନନ୍ତ ବଳିଆ ସେବାସଂଘ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମହାଯଜ୍ଞରେ ବଳିଆ ଆଶ୍ରମର ପଣ୍ଡିତ ନିରଞ୍ଜନ ବ୍ରହ୍ମା କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ନରେନ୍ଦ୍ର ତ୍ରିପାଠୀ, ଅକ୍ଷୟ ଆଚାର୍ଯ୍ୟ, ପଣ୍ଡିତ ନୃସିଂହ ମିଶ୍ର, ନିରଞ୍ଜନ ମହାପାତ୍ର, ନିରଞ୍ଜନ ଆଚାର୍ଯ୍ୟ, ବାପି ଶତପଥୀ ପ୍ରମୁଖ ଯଜ୍ଞ ପରିଚାଳନା କରିଥିଲେ। ପ୍ରାରମ୍ଭରୁ କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଅଗ୍ନି ସଂଯୋଗ ଆଦି ପଣ୍ଡିତଙ୍କ ଦ୍ୱାରା କରାଯାଇଥିଲା। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ, ନବକିଶୋର ପ୍ରଧାନ, ପଦ୍ମଚରଣ ସାହୁ, ଜୟକୃଷ୍ଣ ଦାସ, ପ୍ରଭାତ କୁମାର ବେହେରା, ନଳିନୀକାନ୍ତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ବାବା ବଳିଆଙ୍କ ଦ୍ୱାରା ଚଣ୍ଡୀରେ ଜୀବନ ଦର୍ଶନ ଆଲୋଚନା କରାଯାଇଥିଲା।

### ମଦ ଜବତ, ଜଣେ ଗିରଫ

ଗମ୍ଭାରୀମୁଣ୍ଡା,୧୩।୧୧(ଡି.ଏନ୍.ଏ.): ବାଣପୁର ଥାନା ଅଞ୍ଚଳରେ ବାଲୁଗାଁ ଅବକାରୀ ବିଭାଗ ଚଢ଼ାଉ କରି ୭୦ ଲିଟର ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କୁରୁଞ୍ଜିପୁର ଗ୍ରାମର ମୋଚିରାମ ମୁଦୁଲି(୪୬)। ସୂଚନା ମୁତାବକ, ବାଣପୁର ଅଞ୍ଚଳରେ ଚୋରା ଦେଶୀ ମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ବାଲୁଗାଁ ଅବକାରୀ ଅଧିକାରୀ ରୋହିତ କୁମାର ଦଣ୍ଡସେନା କୌଣସି ସୂତ୍ରରୁ ଖବର ପାଇ ବାଣପୁର କେନାଲ ରୋଡ୍‌ରେ ଚଢ଼ାଉ କରି ମୋଚିରାମଙ୍କୁ ଧରିବା ସହ ମଦ ଓ ବାଇକ୍ ଜବତ କରିଥିଲେ।

# ଶ୍ରୀକ୍ଷେତ୍ର ପରିକ୍ରମା, ସିଦ୍ଧମହାବୀରଙ୍କ ନାଗାବେଶ ଦର୍ଶନ

**ପୁରୀ ଅଫିସ, ୧୩।୧୧**



ସିଦ୍ଧ ମହାବୀରଙ୍କ ନାଗାବେଶ।



ସାଧୁସନ୍ଥମାନେ ମହାବୀରଙ୍କ ଦର୍ଶନ ପାଇଁ ଯାଉଛନ୍ତି।

- ହରିନାମ ସଂକୀର୍ତ୍ତନ କଲେ ଶ୍ରଦ୍ଧାଳୁ
- ବିଭିନ୍ନ ମହାବୀର ମନ୍ଦିରରେ ଭିଡ଼

ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ରବିବାର ଶ୍ରୀକ୍ଷେତ୍ର ପରିକ୍ରମା ଅନୁଷ୍ଠିତ ହୋଇଛି। ଶ୍ରୀଚୈତନ୍ୟଙ୍କ ସମୟରୁ ଶ୍ରୀକ୍ଷେତ୍ର ପରିକ୍ରମା ତଥା ପଞ୍ଚତୀର୍ଥ ପରିକ୍ରମା ଆରମ୍ଭ ହୋଇଥିବା କୁହାଯାଏ। ପବିତ୍ର କାର୍ତ୍ତିକ ମାସ ପରେ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ଏହି ପରିକ୍ରମା ଆରମ୍ଭ କରିବାର ପରମ୍ପରା ରହିଛି। ରବିବାର ହରିନାମ ସଂକୀର୍ତ୍ତନ ସହ ସାଧୁସନ୍ଥ, ବୈଷ୍ଣବ ଓ ଶ୍ରଦ୍ଧାଳୁମାନେ ପଦଯାତ୍ରାରେ ସାମିଲ ହୋଇ ଶ୍ରୀକ୍ଷେତ୍ର ପରିକ୍ରମା କରିଥିଲେ। ସେମାନେ ଦିରିଆମହାବୀର, ସିଦ୍ଧମହାବୀର, ଆଲାମଚଣ୍ଡୀ, ଶ୍ରୀଲୋକନାଥ ପୀଠ, ସ୍ୱର୍ଗଦ୍ୱାର, ଚକ୍ରତୀର୍ଥ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲେ। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହରିନାମ ସଂକୀର୍ତ୍ତନରେ ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପଦଯାତ୍ରା ବେଳେ ପଦଯାତ୍ରୀମାନେ ବାଟରେ ପଡୁଥିବା ବିଭିନ୍ନ ତୀର୍ଥସ୍ଥଳ ବୁଲିଥିଲେ। ବଡ଼ଛତା ମଠ, ନେବଳଦାସ ମଠ, ବଡ଼ଓଡ଼ିଆ ମଠ, ହରିଦାସ ମଠ, ରାଧାକାନ୍ତ ମଠ, ସିଦ୍ଧବକୁଳ ମଠ ସମେତ ସମସ୍ତ ରାମାନନ୍ଦୀ ଓ ଗୌଡୀୟ ମଠରୁ ଏହି ପରିକ୍ରମା ବାହାରିଥିଲା। ସେହିପରି ଜିଲା ଓ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଆସି ଶ୍ରୀକ୍ଷେତ୍ର ପରିକ୍ରମାରେ ସାମିଲ ହୋଇଥିଲେ। ପରମ୍ପରା ଅନୁଯାୟୀ, ଏହି ତିଥିରେ ମହାବୀରଙ୍କୁ ନାଗାବେଶରେ ସଜ୍ଜିତ କରାଯାଏ।

ରବିବାର ଭୋରରୁ ସିଦ୍ଧ ମହାବୀରଙ୍କ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳଆଳତି ପରେ ସ୍ନାନ, ଭୋଗ କରାଯାଇ ସିଦ୍ଧ ମହାବୀରଙ୍କୁ ନାଗାବେଶ କରାଯାଇଥିଲା। ସର୍ବସାଧାରଣ ଦର୍ଶନ ଆରମ୍ଭ ହେବା ସହ ରସଗୋଲା ଭୋଗ ଲାଗି ହୋଇଥିଲା। ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ର ପରିକ୍ରମା କରିବା ସହ ମହାବୀରଙ୍କୁ ନାଗା ବେଶରେ ଦର୍ଶନ ଓ ରସଗୋଲା ଭୋଗ କରିଥିଲେ। ମୁଖ୍ୟତଃ ସିଦ୍ଧ ମହାବୀରଙ୍କ ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଥିଲା। ସିଦ୍ଧ ମହାବୀରଙ୍କ ସହ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମହାବୀର ମନ୍ଦିରରେ ଏଭଳି ରୀତିନୀତି ପାଳିତ ହୋଇଥିଲା।

## ପତିତପାବନ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଗମ୍ଭାରୀମୁଣ୍ଡା,୧୩।୧୧(ଡି.ଏନ୍.ଏ.)**

ଗମ୍ଭାରୀମୁଣ୍ଡାର ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଡା.ସୁରେନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ବହୁ ପୁରାତନ ଛାତ୍ର, ବୁଦ୍ଧିଜୀବୀ, ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା, ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଡିସେମ୍ବର ୨୨ରେ ଜୟନ୍ତୀ ଉତ୍ସବ ପାଳନ ନେଇ ଆଲୋଚନା ହୋଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ସୁବଳ ଚରଣ ଭୋଳ, ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଉପସଭାପତି ପ୍ରଦୀପ କୁମାର ସ୍ୱାଇଁ, ପୂର୍ବତନ ଶିକ୍ଷକ ଦୁର୍ଗାପ୍ରସାଦ ମହାରଣା, ଦୁଷ୍ମନ୍ତ ହରିଚନ୍ଦନ, ଦାଶରଥି ସେଠି, ରମେଶ ସାମନ୍ତସିଂହାର, ବୈଠକରେ ଉପସ୍ଥିତ ଥିଲେ। ଜୟନ୍ତୀ ସମାରୋହକୁ ଦୁଇଦିନ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ।



ସାଇଶ୍ରଦ୍ଧା ପ୍ରଡକ୍ସନ ଟ୍ରଷ୍ଟ ପକ୍ଷରୁ ପ୍ରଦର୍ଶିତ ହୋଇଯାଇଥିବା ନାଟକ 'ନବକଳେବର' କଳାକାରମାନେ ରବିବାର ପୁରୀ ଶ୍ରୀମନ୍ଦିର ଦର୍ଶନ ସାରି ବଡଦାଣ୍ଡରେ ଏକାଠି ହୋଇଛନ୍ତି।

## ଏମ୍‌ପିଙ୍କ ଦଳ ବିରୋଧୀ କାର୍ଯ୍ୟକୁ ନେଇ ଅସନ୍ତୋଷ
### ଭାଜପାର ନୂତନ ସମିତି ଗଠିତ

**ବେଗୁନିଆ,୧୩।୧୧(ଡି.ଏନ୍.ଏ.)**

ବେଗୁନିଆ ସଦର ମହକୁମାରେ ଥିବା ଭାଜପା କାର୍ଯ୍ୟାଳୟ ପରିସରରେ ରବିବାର ଦଳ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଇଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବେଗୁନିଆ ନିର୍ବାଚନମଣ୍ଡଳୀର ବେଗୁନିଆ ଓ ବୋଲଗଡ଼ ବ୍ଲକର ୬ଟି ଜିଲା ପରିଷଦ ଜୋନର କର୍ମକର୍ତ୍ତା ଯୋଗଦେଇଥିଲେ। ଦଳକୁ କିଭଳି ଅଧିକ ମଜଭୁତ କରାଯାଇପାରିବ ଏବଂ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦଳ ବିରୋଧୀ କାର୍ଯ୍ୟ ଧାରା ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଜନହିତକର ଯୋଜନାକୁ ଜନସାଧାରଣଙ୍କ ସେବାରେ ନ ଲଗାଇ ନିର୍ଦ୍ଦିଷ୍ଟ କେତେକ କର୍ମୀଙ୍କ ମହଲରେ ସୀମିତ ରଖୁଛନ୍ତି। ସେହିପରି ଗରିବ ଲୋକଙ୍କ ସେବାରେ ଷଡ଼ଙ୍ଗୀ ନିଜକୁ ନିୟୋଜିତ କରୁନାହାନ୍ତି ବୋଲି ଦଳୀୟ କର୍ମୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଏମ୍‌ପିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୂର୍ବରୁ ଦାବିପତ୍ର ଦଳୀୟ ହାଇକମାଣ୍ଡଙ୍କୁ ପ୍ରଦାନ କରାଯାଇଥିଲା। ଏହାର କୌଣସି ସୁଫଳ ମିଳିନାହିଁ। ଅନ୍ୟପକ୍ଷରେ ୨୦୨୪ ନିର୍ବାଚନ ଜିତିବା ପାଇଁ ନୂତନ କୌଶଳ ଆରମ୍ଭ ହୋଇଛି। ଏଥିପାଇଁ ପ୍ରତି ବୁଥରେ ୧୦ ଜଣିଆ କମିଟି ଗଠନ କରାଯିବା ସହ ନୂତନ ସମିତି ଗଠନ କରାଯାଇଛି ବୋଲି ଅନୁଷ୍ଠିତ ବୈଠକରେ ସଭାପତି ପଣ୍ଡା କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ମିଶ୍ର, ସଞ୍ଜୟ ବେହେରା, ସଞ୍ଜୟ ପ୍ରସାଦ ଛୁଆଳସିଂହ, ଶାନ୍ତି ଶେଖର ମହାପାତ୍ର, ଧ୍ରୁବ ଚରଣ ବାହିନୀପତି, ଦୀନବନ୍ଧୁ ବିଶ୍ୱାଳ, ବିପିନ ମହାପାତ୍ର, ସୁବାଷ ମହାଭୋଇ, ବ୍ରଜବନ୍ଧୁ ସାହୁ, ଶରତ ଚନ୍ଦ୍ର ସାମନ୍ତରାୟ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୨୩ ବର୍ଷ ପରେ ଏକାଠି ହେଲେ ସହପାଠୀ

**ଖୋର୍ଦ୍ଧା ଅଫିସ,୧୩।୧୧**

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ହାଇସ୍କୁଲର ୧୯୯୯ ମସିହା ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀ ଦୀର୍ଘ ୨୩ ବର୍ଷ ପରେ ଏକାଠି ହୋଇଛନ୍ତି। ଏହି ଅବସରରେ ଏକ ବନ୍ଧୁମିଳନ ଉତ୍ସବ ଉଇଲକିଶନ ନଗର ମା ଅଁଳାଇ ଦେବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ସ୍ମୃତି ମନେପକାଇବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଏହି ବନ୍ଧୁମିଳନ ସ୍ମୃତି ଉଦ୍ଦେଶ୍ୟରେ ପୀଠ ପରିସରରେ ଚାରାରୋପଣ କରି ପରିବେଶ ସୁରକ୍ଷା ଲାଗି ସଙ୍କଳ୍ପ ନେଇଥିଲେ। କେତେଜଣ ବନ୍ଧୁ ୨୩ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥିବାରୁ ସେମାନଙ୍କ ପାଇଁ ଦୁଇ ମିନିଟ ନୀରବ ପାର୍ଥନା କରିଥିଲେ। ଏହି ବନ୍ଧୁ ମିଳନରେ ୪୦ଜଣ ଯୋଗଦେଇଥିଲେ। ମଧୁସୂଦନ ମହାପାତ୍ର, ଗିରିଧାରୀ ମାଝୀ, ଆକାଶ ବିଶ୍ୱାଳ, ବ୍ରହ୍ମାନନ୍ଦ ବେହେରା, ସରିତା ପଣ୍ଡା, ଦୀପକ ସେଠୀ, ନୀଳାମ୍ବର ରଣା, ଗୋପାଳକୃଷ୍ଣ ପ୍ରଧାନ, ଭାଗୀରଥି ସାହୁ, ମୌସୁମୀ ନାୟକ, ରଜନୀକାନ୍ତ ପ୍ରଧାନ, ଅମ୍ବିକା ନାୟକ, ସାବିତ୍ରୀ ବଳବନ୍ତରାୟ, ସସ୍ମିତା ବିଶ୍ୱାଳ, ପ୍ରଭାତ ପ୍ରଧାନ, ଅମର ସାହୁ, ନିର୍ମଳକାନ୍ତ ବିଶ୍ୱାଳ,ରଶ୍ମିରଞ୍ଜନ ରଣା, ମନୋଜ ସାହୁ,ସୱପ୍ନା ରାଣୀ ମହାପାତ୍ର, ଦିଲ୍ଲୀପ ପ୍ରଧାନ, ପାର୍ବତୀ ସାହୁ, ଜଟାଧାରୀ ରଣା, ସନ୍ତୋଷ ସାହୁ, ରବୀନ୍ଦ୍ର ସାହୁ, କହ୍ନାଇ ରଣା, ସଂଗ୍ରାମ ସାହୁ, ରଶ୍ମି ରଞ୍ଜନ ପ୍ରଧାନ, ପ୍ରଦୀପ ଜେନା, ମନୋଜ ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ନଗର ଭାଜପା ପକ୍ଷରୁ ପ୍ରତିବାଦ




**ଜଟଣୀ,୧୩।୧୧(ଡି.ଏନ୍.ଏ.)**

ଭାରତର ରାଷ୍ଟ୍ରପତିଙ୍କ ପ୍ରତି ଅଶାଳୀନ ଟିପ୍ପଣୀ ଦେଇଥିବା ପଶ୍ଚିମବଙ୍ଗ ସରକାରର ମନ୍ତ୍ରୀ ଅଖିଳ ଗିରିଙ୍କୁ ସବୁଠି ବିରୋଧ କରାଯିବା ସହ ଗିରଫ ପାଇଁ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ରବିବାର ଜଟଣୀ ନଗର ଭାଜପା ପକ୍ଷରୁ ସୀତାରାମ ଛକଠାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ମନ୍ତ୍ରୀ ଗିରିଙ୍କୁ ଗିରଫ ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା। ଜଟଣୀ ନଗର ମଣ୍ଡଳ ସଭାପତି ତିରୁପତି ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱଚ୍ଛ ଭାରତ ମିଶନର ସହ ସଂଯୋଜକ ମହେଶ ମିଶ୍ର, ଭାଜପା ନେତା ପ୍ରଶାନ୍ତ ପ୍ରଧାନ, ସୁରେଶ ପ୍ରଧାନ, କବି ପାଇକରାୟ, ପ୍ରଶାନ୍ତ ବରାଳ, ଜିଲା ଗଣମାଧ୍ୟମ ସଂଯୋଜକ ପ୍ରଦୀପ ଜେନାଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୧୦୦ କୋଟି ବ୍ୟୟବରାଦ

**ପୁରୀ ଅଫିସ, ୧୩।୧୧**

### ପୁରୀ ସଦର ବ୍ଲକରେ ଜନସମ୍ପର୍କ ପଦଯାତ୍ରା

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ପୁରୀ ସଦର ବ୍ଲକର ୧୧ ପଞ୍ଚାୟତ ତରଫରୁ 'ଜନ ସମ୍ପର୍କପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ପଞ୍ଚାୟତରୁ ପଦଯାତ୍ରା ଆରମ୍ଭ ହୋଇ ପ୍ରାୟ ୫ କିଲୋମିଟର ଅତିକ୍ରମ କରି ପ୍ରତାପ ରାମଚନ୍ଦ୍ର ପୁରର ମାଳସାହି ମେଳଣ ପଡ଼ିଆରେ ପହଞ୍ଚିବା ପରେ ସାଧାରଣ ସଭା ହୋଇଥିଲା। ଏହି ସଭାରେ ୭ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସମାଗମ ହୋଇଥିଲା।

ପୁରୀ ସଦର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଦିବାକର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୋଗଦେଇ ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା କହିଥିଲେ, ପୁରୀ ସଦର ୧୧ ପଞ୍ଚାୟତରେ ହୋଇଥିବା ଭାଇଲପୁର ଶିଳ୍ପତାଲିମ କେନ୍ଦ୍ର, ଶିରୁଳି ଦକ୍ଷତା ତାଲିମ କେନ୍ଦ୍ର, ମାଳସାହି ବିଜୁ ସେତୁ, ଭାର୍ଗବୀ ନଦୀ ଉପରେ ଜଳସମ୍ପଦ ବିଭାଗ ଦ୍ୱାରା ମାଳିସାହି ସେତୁ, ଶିରୁଳିରେ ବିଜୁ ସେତୁ, ଶିରୁଳି ଠାରେ ଅଞ୍ଜନା ପୁଷ୍କରିଣୀର ପୁର୍ଣ୍ଣର ଉଦ୍ଧାର, ବାସୁଦେବ ପୁର ଠାରେ ୩୩ କେଭି ଇଲୋକ୍ଟ୍ରି ଗ୍ରୀଡ୍ ସବ୍‌ଷ୍ଟେସନ, ଭାର୍ଗବୀ ନଦୀ ଉପରେ ଗୋକୁଳପୁର ସେତୁ, ନରସିଂହପୁର ଠାରୁ ଶିରୁଳି ଏବଂ ଦୋବନ୍ଧା ଠାରୁ କଳ୍ପନା ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ଓ ପୁର୍ଣ୍ଣର ଉଦ୍ଧାର, ରତ୍ନଚିରା ନଦୀର ଖନନ ଓ ଗୌଡଡିକେରା ପଞ୍ଚାୟତ ଖଣ୍ଡିହର ଠାରେ ୬କୋଟି ଟଙ୍କା ବ୍ୟୟ ବରାଦରେ ନୂତନ ବ୍ରିଜ ନିର୍ମାଣ ପାଇଁ ଅନୁମୋଦିତ ହେଇଛି। ବସୁଧା ଯୋଜନାରେ ୧୧ଟି ପଞ୍ଚାୟତରେ ବୃହତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ,ଏମ୍‌ପିଙ୍କ ପ୍ରତିନିଧି ଯୁଧିଷ୍ଠିର ନାୟକ, ଜିଲା ବିଜୁ ଜନତା ଦଳର ସଧାରଣ ସମ୍ପାଦକ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ଉପାଧ୍ୟକ୍ଷ ରୀତାଞ୍ଜଳି ରାଉତରାୟ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନମାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଲାଇ, ଆଇନଜୀବୀ ଲାଲା ଷଡ଼ଙ୍ଗୀ, ଜିଲା ପରିଷଦ ସଦସ୍ୟା ମୋନାଲି ମିଶ୍ର, ଜମ୍ମେଶ୍ୱର ସାହୁ, ସନ୍ଦିପ କୁମାର ଜେନା, ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, ଗୌଡ଼କେରା ସରପଞ୍ଚ ରମେଶ ପ୍ରଧାନ, ହନ୍ତୁକ ସରପଞ୍ଚ କନକଲତା ପତି, ପ୍ରତାପ ରାମଚନ୍ଦ୍ରପୁର ସରପଞ୍ଚ ଦେବପ୍ରିୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## 'ଛାତ୍ରୀଛାତ୍ର ଚେଷ୍ଟା କଲେ ଓଡ଼ିଶା ନିଶାମୁକ୍ତ ହେବ'

**ପୁରୀ ଅଫିସ, ୧୩।୧୧**

ସରକାର କି ଆଇନ୍ ନୁହେଁ, ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚେଷ୍ଟା କଲେ ଦିନେ ଓଡ଼ିଶା ନିଶାମୁକ୍ତ ହେବ ବୋଲି ଏକ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ସାମାଜିକ କର୍ମୀ ବଦ୍ରି ମିଶ୍ର କହିଛନ୍ତି। ତପୋବନ ଟ୍ରଷ୍ଟ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ନିଶାମୁକ୍ତ ବିଦ୍ୟାର୍ଥୀ ଶୀର୍ଷକ ଆଲୋଚନାଚକ୍ର ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବଦ୍ରି ମିଶ୍ର, ଶିକ୍ଷାବିତ୍ ଚଣ୍ଡେଶ୍ୱର ମହାପାତ୍ର, କାମଦେବ ପ୍ରଧାନ, ମିନତୀ ବେହେରା ଓ ସଙ୍ଗଠକ ବଳରାମ ପଣ୍ଡା ପ୍ରମୁଖ ଯୋଗଦେଇ କହିଥିଲେ କୋମଳମତି ପିଲାଏ ଚାହିଁଲେ ବିଦ୍ୟାଳୟ ଓ ପରିବାର ନିଶାମୁକ୍ତ ହୋଇପାରିବ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ର ରେ ସମ୍ପାଦିକା ଚିତ୍ରରୂପା ଷଡ଼ଙ୍ଗୀ, ମନୋରଞ୍ଜନ ମିଶ୍ର, ନବଘନ ଶତପଥୀ, ଦେବାଶିଷ ମିଶ୍ର, ରଞ୍ଜିତା ପଟ୍ଟନାୟକ ଓ ସୁନାକର ପତି ପ୍ରମୁଖ ଯୋଗଦେଇ ଗୁଟ୍‌ଖା, ସିଗାରେଟ, ମଦ ଭଳି ନିଶାସେବନର ଭୟାବହତା ଉପରେ ମନ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ପଟ୍ଟନାୟକ ଓ ମିନାକ୍ଷୀ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଞ୍ଜିତା ଜେନା, ନିରଞ୍ଜନ ରିପୁ ଓ ଅନ୍ନଦା ମହାନ୍ତି ସହଯୋଗ କରିଥିଲେ। ବିଦ୍ୟାଳୟର ଶହେ ଜଣ ଛାତ୍ରୀଛାତ୍ର ନିଶାମୁକ୍ତ ବିଦ୍ୟାର୍ଥୀ ଓ ନିଶାମୁକ୍ତ ଓଡ଼ିଶା ପାଇଁ ଶପଥ ପାଠ କରିଥିଲେ।

## 'ବନ୍ୟା ନିୟନ୍ତ୍ରଣ ପାଇଁ ସରକାର ସ୍ଥାୟୀ ପଦକ୍ଷେପ ନିଅନ୍ତୁ'

**ଗୋପ,୧୩।୧୧(ଡି.ଏନ୍.ଏ.)**




କୃଷକ ସମାବେଶରେ ଯୋଗଦେଇଥିବା ଅତିଥିମାନେ।

ଦୀର୍ଘ ୩୭ ବର୍ଷ ଧରି ଧନୁଆ ନଦୀର ବନ୍ୟାଜଳ ନିଷ୍କାସିତ ହୋଇପାରୁନି। ଫଳରେ ୫ ଗୋଟି ବ୍ଲକର ୪୨ ଗାଁର ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି। ଏଥିରେ ହଜାର ହଜାର ହେକ୍ଟର ଚାଷଜମିର ଫସଲ ନଷ୍ଟ ହେଉଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକତା ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ଧନୁଆ ନଦୀର ବନ୍ୟାଜଳ ନିଷ୍କାସନ ନିମନ୍ତେ ସରକାର ଦୃଷ୍ଟି ଦେବା ସହ ଏହି ବନ୍ୟାଜଳକୁ ସମୁଦ୍ର ସହ ସଂଯୋଗୀକରଣ କରାଗଲେ ଏହାର ସ୍ଥାୟୀ ପ୍ରତିକାର ହୋଇପାରିବ ବୋଲି ନୀଳାଚଳ କୃଷକ ମହାସଂଘ କମିଟି ସଭାପତି ଗୋପୀନାଥ ମିଶ୍ର କହିଥିଲେ। ଗୋପ ବ୍ଲକ ଅନ୍ତର୍ଗତ ଶୋଳପୁରସ୍ଥିତ ମା'ଅଡଙ୍ଗେଇ ପୀଠ ପରିସରରେ କମିଟି ପକ୍ଷରୁ ରବିବାର କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗୋପ କୃଷକ ମହାସଂଘ ସଭାପତି ବିପ୍ରବର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ କୃଷକ ଏହି ସମାବେଶରେ ଯୋଗଦେଇ ଧନୁଆ ନଦୀ ବନ୍ୟାଜଳ ନିଷ୍କାସନର ସ୍ଥାୟୀ ସମାଧାନ ସମ୍ପର୍କରେ କହିଥିଲେ। ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଧନୁଆ ନଦୀ ବନ୍ୟା ନିୟନ୍ତ୍ରଣ କମିଟି ସମ୍ପାଦକ ନରେନ୍ଦ୍ର ଦାଶ, ସତ୍ୟପୀର ନାୟକ, ଆଇନଜୀବୀ ସୁଧୀର ମହାନ୍ତି, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଧନୁଆ ନଦୀରେ ବନ୍ୟା ଫଳରେ ଗୋପ, ନିମାପଡ଼ା, ପୁରୀ ସଦର, ବାଲିପାଟଣା, ବାଲିଅନ୍ତା, ସତ୍ୟବାଦୀ ବ୍ଲକର ୪୨ ଗୋଟି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମି ନଷ୍ଟ ହେବା ସହ ଲୋକେ ଜଳବନ୍ଦୀରେ ରହିଥାନ୍ତି। କୁଶଭଦ୍ରା ନଦୀର ବନ୍ୟାଜଳ ହ୍ରାସ ପରେ ଧନୁଆ ନଦୀର ବନ୍ୟା ଜଳ କୁଶଭଦ୍ରା ନଦୀ ଦ୍ୱାରା ନିଷ୍କାସନ ହୋଇଥାଏ। ତେବେ ୧୯୮୫ ମସିହାରେ ପ୍ରଥମ କରି ଧନୁଆ ବନ୍ୟା ନିୟନ୍ତ୍ରଣ କମିଟି ଗଠନ ହୋଇଥିଲା। ଏନେଇ ଦୀର୍ଘ ୩୭ ବର୍ଷ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନାହିଁ। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ଓ ନବୀନ ପଟ୍ଟନାୟକ ସରକାରଙ୍କୁ ଏହି କମିଟି ୭୭ ଗୋଟି ଅଭିଯୋଗ ଦେଇଥିବା ଜଣାପଡିଛି। ତେବେ ଅଭିଯୋଗରେ ବାରମ୍ବାର ଅଚ୍ୟୁତପୁର କାଜ ବନ୍ଦ ଲାଗି ଦାବି ମଧ୍ୟ କରାଯାଇଛି। କିନ୍ତୁ ଏପରି ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ସରକାର ଦୃଷ୍ଟି ଦେଉ ନ ଥିବା ଜଣାପଡିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୧୧।୨୦୨୨

| | |
|---|---|
| ୭,୫୧,୯୯୪ ଟଙ୍କା | |
| ସୁନା | ୨.୧୦୦ ଗ୍ରାମ |
| ରୁପା | ୧୦୯.୫୦୦ ଗ୍ରାମ |

# ଶ୍ରୀକ୍ଷେତ୍ର ପରିକ୍ରମା, ସିଦ୍ଧମହାବୀରଙ୍କ ନାଗାବେଶ ଦର୍ଶନ

- ହରିନାମ ସଂକୀର୍ତ୍ତନ କଲେ ଶ୍ରଦ୍ଧାଳୁ
- ବିଭିନ୍ନ ମହାବୀର ମନ୍ଦିରରେ ଭିଡ଼

ପୁରୀ ଅଫିସ, ୧୩।୧୧

ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ରବିବାର ଶ୍ରୀକ୍ଷେତ୍ର ପରିକ୍ରମା ଅନୁଷ୍ଠିତ ହୋଇଛି। ଶ୍ରୀଚୈତନ୍ୟଙ୍କ ସମୟରୁ ଶ୍ରୀକ୍ଷେତ୍ର ପରିକ୍ରମା ତଥା ପଞ୍ଚତୀର୍ଥ ପରିକ୍ରମା ଆରମ୍ଭ ହୋଇଥିବା କୁହାଯାଏ। ପବିତ୍ର କାର୍ତ୍ତିକ ମାସ ପରେ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରର ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ଏହି ପରିକ୍ରମା ଆରମ୍ଭ କରିବାର ପରମ୍ପରା ରହିଛି। ରବିବାର ହରିନାମ ସଂକୀର୍ତ୍ତନ ସହ ସାଧୁସନ୍ଥ, ବୈଷ୍ଣବ ଓ ଶ୍ରଦ୍ଧାଳୁମାନେ ପଦଯାତ୍ରାରେ ସାମିଲ ହୋଇ ଶ୍ରୀକ୍ଷେତ୍ର ପରିକ୍ରମା କରିଥିଲେ। ସେମାନେ ଦିରିଆମହାବୀର, ସିଦ୍ଧମହାବୀର, ଆଲାମଚଣ୍ଡୀ, ଶ୍ରୀଲୋକନାଥ ପୀଠ, ସ୍ୱର୍ଗଦ୍ୱାର, ଚକ୍ରତୀର୍ଥ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲେ। ଏହି ସମୟରେ ଶ୍ରଦ୍ଧାଳୁଙ୍କ ହରିନାମ ସଂକୀର୍ତ୍ତନରେ ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପଦଯାତ୍ରା ବେଳେ ପଦଯାତ୍ରୀମାନେ ବାଟରେ ପଡୁଥିବା ବିଭିନ୍ନ ତୀର୍ଥସ୍ଥଳ ବୁଲିଥିଲେ। ବଡ଼ଛତା ମଠ, ନେବଳଦାସ ମଠ, ବଡ଼ଓଡ଼ିଆ ମଠ, ହରିଦାସ ମଠ, ରାଧାକାନ୍ତ ମଠ, ସିଦ୍ଧବକୁଳ ମଠ ସମେତ ସମସ୍ତ ରାମାନନ୍ଦୀ ଓ ଗୌଡୀୟ ମଠରୁ ଏହି ପରିକ୍ରମା ବାହାରିଥିଲା। ସେହିପରି ଜିଲା ଓ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ଆସି ଶ୍ରୀକ୍ଷେତ୍ର ପରିକ୍ରମାରେ ସାମିଲ ହୋଇଥିଲେ। ପରମ୍ପରା ଅନୁଯାୟୀ, ଏହି ତିଥିରେ ମହାବୀରଙ୍କୁ ନାଗାବେଶରେ ସଜ୍ଜିତ କରାଯାଏ।

ରବିବାର ଭୋରରୁ ସିଦ୍ଧ ମହାବୀରଙ୍କ ମନ୍ଦିର ଦ୍ୱାର ଖୋଲାଯାଇ ମଙ୍ଗଳଆଳତି ପରେ ସ୍ନାନ, ଭୋଗ କରାଯାଇ ସିଦ୍ଧ ମହାବୀରଙ୍କୁ ନାଗାବେଶ କରାଯାଇଥିଲା। ସର୍ବସାଧାରଣ ଦର୍ଶନ ଆରମ୍ଭ ହେବା ସହ ରସଗୋଲା ଭୋଗ ଲାଗି ହୋଇଥିଲା। ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ର ପରିକ୍ରମା କରିବା ସହ ମହାବୀରଙ୍କୁ ନାଗା ବେଶରେ ଦର୍ଶନ ଓ ରସଗୋଲା ଭୋଗ କରିଥିଲେ। ମୁଖ୍ୟତଃ ସିଦ୍ଧ ମହାବୀରଙ୍କ ମନ୍ଦିରରେ ଭିଡ଼ ଦେଖିବାକୁ ମିଳିଥିଲା। ସିଦ୍ଧ ମହାବୀରଙ୍କ ସହ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମହାବୀର ମନ୍ଦିରରେ ଏଭଳି ରୀତିନୀତି ପାଳିତ ହୋଇଥିଲା।



ସିଦ୍ଧ ମହାବୀରଙ୍କ ନାଗ ବେଶ।



ସାଧୁସନ୍ଥମାନେ ମହାବୀରଙ୍କ ଦର୍ଶନ ପାଇଁ ଯାଉଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବୋଲଗଡ଼, ୧୩।୧୧ (ଡି.ଏନ୍.ଏ.)

ବୋଲଗଡ଼ ଥାନା ଅଧୀନ କଳାଙ୍ଗ ଗ୍ରାମ ବଡ଼ସାହିର ଏକ ବନ୍ଦ ଘରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଏହି ଗ୍ରାମର ବିଜୟ କୁମାର ସାହୁ। ସୂଚନା ମୁତାବକ, ତିନିଦିନ ପୂର୍ବେ ବିଜୟ ମଧ୍ୟାହ୍ନରେ ନିଜ ଜଳଖିଆ ଦୋକାନରୁ ଘରକୁ ଖାଇବା ପାଇଁ ଆସିଥିବା ବେଳେ କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ସହ ବଚସା ହୋଇଥିଲା। ପରେ ବିଜୟ ସ୍ତ୍ରୀଙ୍କୁ ଆକ୍ରମଣ କରିବାରୁ ସେ ପିଲାମାନଙ୍କୁ ନେଇ ବାପଘରକୁ ପଳାଇଥିଲେ। ପରବର୍ତ୍ତୀ ସମୟରେ ବିଜୟ ତାଙ୍କ ମା'ଙ୍କୁ ମଧ୍ୟ ଘରୁ ବାହାର କରି ଭିତରପଟୁ କବାଟ ବନ୍ଦ କରିଦେଇଥିଲେ। ଫଳରେ ତାଙ୍କ ମା' ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେବାକୁ ପଳାଇ ଯାଇଥିଲେ। ଗ୍ରାମବାସୀ କୌଣସି କାମରେ ଶୁକ୍ରବାର ବିଜୟଙ୍କ ଘର କବାଟ ବାଡ଼େଇଥିଲେ ମଧ୍ୟ ସେ ଖୋଲି ନ ଥିଲେ। ଶନିବାର ପଡ଼ିଶା ଘରେ ବିଜୟଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ତାଙ୍କ ମା' ଓ ସ୍ତ୍ରୀଙ୍କୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ କବାଟ ଭଙ୍ଗାଯାଇ ବିଜୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପୋଲିସ ମୃତଦେହ ଜବତ କରିଛି।

## ସଂକ୍ଷେପରେ

### ଭାଜପାର ଯୁବ ସଙ୍ଗଠନ ଜିଲା କମିଟି ସମ୍ପ୍ରସାରିତ
### ୧୯ ଜଣଙ୍କୁ ମିଳିଲା ଦାୟିତ୍ୱ

ପୁରୀ ଅଫିସ, ୧୩।୧୧: ଭାଜପାର ପୁରୀ ଜିଲା ଯୁବ ସଙ୍ଗଠନ ସମ୍ପ୍ରସାରଣ କରାଯାଇଛି। ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଯୁବମୋର୍ଚ୍ଚାର ଜିଲା ସଭାପତି ଜୟନ୍ତ କୁମାର ଦାଶ ଜିଲା କମିଟିକୁ ସମ୍ପ୍ରସାରଣ କରିଛନ୍ତି। କମିଟିରେ ଉପସଭାପତି ପଦରେ ୩ଜଣଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ମନୋଜ କୁମାର ବିଶୋଇ, ବାହୁଡ଼ା ପ୍ରଧାନ ଏବଂ ଦେବାଶିଷ ଆଚାର୍ଯ୍ୟ। ସେହିପରି ସମ୍ପାଦକ ଭାବେ ୫ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ପିଙ୍କି ପ୍ରଧାନ, ପ୍ରଦୀପ ପରିଡ଼ା, ସଂଗ୍ରାମ ପରିଡ଼ା, ଦୀପ୍ତି ରଞ୍ଜନ ସ୍ୱାଇଁ ଏବଂ ସୁରେନ୍ଦ୍ର କୁମାର ବିଶ୍ୱାଳ। କୋଷାଧ୍ୟକ୍ଷ ଭାବେ ପ୍ରଦୀପ ନାୟକ, ବିଧାନସଭା ସଂଯୋଜକ ଭାବେ ଶକ୍ତି ମିଶ୍ରଙ୍କୁ ପୁରୀ ଓ ଚନ୍ଦ୍ରକାନ୍ତ ପରିଡ଼ାଙ୍କୁ ନିମାପଡ଼ା ଦାୟିତ୍ୱ ପ୍ରଦାନ କରାଯାଇଛି। ପୁରୀ ବିଧାନସଭା କ୍ଷେତ୍ର ସହସଂଯୋଜକ ଭାବେ ସ୍ୱାଧୀନ ପଟ୍ଟନାୟକ, ଜିଲା ସଂଯୋଜକ ଭାବେ କାହ୍ନୁଚରଣ ଦାସଙ୍କୁ ଆତ୍ମନିର୍ଭର ଭାରତ, ଦୀପକ କୁମାର ଜେନାଙ୍କୁ ଆଇଟିଆଇ, ତପନ ବାରିକଙ୍କୁ ମେକ୍ ଇନ୍ ଇଣ୍ଡିଆ, ବିଶ୍ୱଜିତ୍ ରାଉଳଙ୍କୁ ମିଲେନିୟମ ଭୋଟର, ରଞ୍ଜନ ପଲାଇଙ୍କୁ ସ୍କିଲ୍ ଇଣ୍ଡିଆ, ଅନିକେତ କରଙ୍କୁ ୟୁନିଭର୍ସିଟି କ୍ୟାମ୍ପସ ଏବଂ ବିଶ୍ୱଜିତ ଲେଙ୍କାଙ୍କୁ ଇନଫର୍ମେଶନ ଟେକ୍ନୋଲୋଜିର ଦାୟିତ୍ୱ ମିଳିଛି। ପୁରୀ କମିଟିରେ ୧୯ ଜଣଙ୍କୁ ନୂତନ ଦାୟିତ୍ୱ ଦିଆଯାଇଥିବା ଜିଲା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି।

### ମଦ ଜବତ, ବେପାରୀ ଗିରଫ

ସାକ୍ଷୀଗୋପାଳ, ୧୩।୧୧ (ଡି.ଏନ୍.ଏ./ସ୍ୱ.ପ୍ର.): ସତ୍ୟବାଦୀ ଜୟପୁର ପଞ୍ଚାୟତ ନିଗିଧି ଗ୍ରାମରେ ଚୋରା ମଦ କାରବାର ହେଉଥିବା ନେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଆସୁଥିଲେ। ଆଇଆଇସି ବିଜୟ କେତନ ବେହେରା ଏବଂ ଏସ୍ଆଇ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କୁ ଗିରଫ କରିଥିଲା। ଏଥିସହ ତାଙ୍କ ନିକଟରୁ ୩ପେଟି ଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୨୩/୨୨) ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ବେହେରା କହିଛନ୍ତି।



ଜିଲା ସଂସ୍କୃତି ଭବନରେ ରବିବାର କବି ଆର୍ତ୍ତତ୍ରାଣ ସାହୁଙ୍କ ପୁସ୍ତକ ସଂକଳନ ସଂକଟମୋଚନ ଓ ଶିବସ୍ୱରୂପକୁ ଅତିଥି ଉନ୍ମୋଚନ କରୁଛନ୍ତି।

## ୩ ଦୋକାନ ଜଳିଗଲା

ପୁରୀ ଅଫିସ, ୧୩।୧୧

ମୋଚି ସାହିଛକସ୍ଥିତ ୩ଟି ଦୋକାନ ପୋଡ଼ିଯାଇଛି। ଅଗ୍ନିକାଣ୍ଡରୁ ଏହି ଘଟଣା ଘଟିଥିବା ବେଳେ ଶର୍ଟସର୍କିଟରୁ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ଅନୁମାନ କରୁଛି। ସୂଚନା ଅନୁଯାୟୀ, ରବିବାର ରବିବାର ସକାଳ ପ୍ରାୟ ୧୦ଟା ୧୫ରେ ମୋଚିସାହି ଛକସ୍ଥିତ ୩ଟି ଦୋକାନରେ ନିଆଁ ଲାଗିଯାଇଥିଲା। ଦୋକାନଗୁଡ଼ିକ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଆସି ଦୋକାନରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ଏହି ଦୋକାନଗୁଡ଼ିକ ମଧ୍ୟରେ ଟ୍ରାଭେଲ ଏଜେଣ୍ଟ ଓ ସାଇକେଲ ମରାମତି ଦୋକାନ ଥିବାବେଳେ ଏକ ରେଷ୍ଟୁରାଣ୍ଟ ରହିଛି।

## ପୁସ୍ତକ ଉନ୍ମୋଚିତ, ଆଲୋଚନାଚକ୍ର

ପୁରୀ ଅଫିସ, ୧୩।୧୧

କବି ଆର୍ତ୍ତତ୍ରାଣ ସାହୁଙ୍କ ସଂକଳନ ସଂକଟମୋଚନ ଓ ଶିବସ୍ୱରୂପ ନାମକ ଦୁଇଟି ପୁସ୍ତକର ଉନ୍ମୋଚନ ଓ ସାହିତ୍ୟ ସଭା ରବିବାର ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଦୁଇଟି ଅଧିବେଶନରେ କବିତା ପାଠ, ସାହିତ୍ୟ ଆଲୋଚନା, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ରମେଶ ଚନ୍ଦ୍ର ସାଥୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଜୟ ଛୋଟରାୟ, ଦିଗମ୍ବର ବେହେରା, କାଶୀନାଥ ପାଣିଗ୍ରାହୀ, ବିପିନ ବିହାରୀ ଦଳାଇ, କୃଷ୍ଣମୋହନ ମହାନ୍ତି, ସରୋଜ ବରାଳ ପ୍ରମୁଖ ଆଧ୍ୟାତ୍ମିକ ସାହିତ୍ୟ ରଚନାରେ ଆର୍ତ୍ତତ୍ରାଣଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବଂଶୀଧର ଜଗଦେବ ଅଧ୍ୟକ୍ଷତା କରିଥିଲେ। ରଘୁନାଥ ମହାପାତ୍ର, ଶକ୍ତି ଶଙ୍କର ମିଶ୍ର, ମୁରଲୀଧର ଶତପଥୀ, ପ୍ରଫୁଲ୍ଲ ବଡଜେନା, ମୃତ୍ୟୁଞ୍ଜୟ ରଥ, ଦିବ୍ୟସିଂହ ତ୍ରିପାଠୀ ଅଧୁନା ଆଧ୍ୟାତ୍ମିକ ସାହିତ୍ୟର ଉପାଦେୟତା ପ୍ରସଙ୍ଗରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମକୁ ସୁଚିତ୍ରା ରଥ, ଦିଲୀପ ଶ୍ରୀଚନ୍ଦନ ସଂଯୋଜନା କରିଥିଲେ।

# ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୧୦୦ କୋଟି ବ୍ୟୟବରାଦ

## ପୁରୀ ସଦର ବ୍ଲକରେ ଜନ ସମ୍ପର୍କ ପଦଯାତ୍ରା

ପୁରୀ ଅଫିସ, ୧୩।୧୧

ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ପୁରୀ ସଦର ବ୍ଲକର ୧୧ ପଞ୍ଚାୟତ ତରଫରୁ 'ଜନ ସମ୍ପର୍କ ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ପଞ୍ଚାୟତରୁ ପଦଯାତ୍ରା ଆରମ୍ଭ ହୋଇ ପ୍ରାୟ ୫ କିଲୋମିଟର ଅତିକ୍ରମ କରି ପ୍ରତାପ ରାମଚନ୍ଦ୍ର ପୁରର ମାଳସାହି ମେଳଣ ପଡ଼ିଆରେ ପହଞ୍ଚିବା ପରେ ସଭା ହୋଇଥିଲା। ପୁରୀ ସଦର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଦିବାକର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଯୋଗଦେଇ ବିଜେଡି ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା କହିଥିଲେ, ଭାଇଲପୁର ଶିଳ୍ପତାଲିମ କେନ୍ଦ୍ର, ଶିରୁଳି ଦକ୍ଷତା ତାଲିମ କେନ୍ଦ୍ର, ମାଳସାହି ବିଜୁ ସେତୁ, ଭାର୍ଗବୀ ନଦୀ ଉପରେ ଜଳସମ୍ପଦ ବିଭାଗ ଦ୍ୱାରା ମାଳିସାହି ସେତୁ, ଶିରୁଳିରେ ବିଜୁ ସେତୁ, ଶିରୁଳିରେ ଅଞ୍ଜନା ପୁଷ୍କରିଣୀର ପୁର୍ଣ୍ଣୋଦ୍ଧାର, ବାସୁଦେବ ପୁର ଠାରେ ୩୩ କେଭି ଇଲେକ୍ଟ୍ରିକ ଗ୍ରୀଡ୍ ସବ୍‌ଷ୍ଟେସନ, ଭାର୍ଗବୀ ନଦୀ ଉପରେ ଗୋକୁଳପୁର ସେତୁ, ନରସିଂହପୁର ଠାରୁ ଶିରୁଳି ଏବଂ ଦୋବନ୍ଧା ଠାରୁ କଳ୍ପନା ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ ଓ ପୁର୍ଣ୍ଣୋଦ୍ଧାର, ରତ୍ନଚିରା ନଦୀର ଖନନ ଓ ଗୌଡଡିକେରା ପଞ୍ଚାୟତ ଖଣ୍ଡିହର ଠାରେ ୬କୋଟି ଟଙ୍କା ବ୍ୟୟ ବରାଦରେ ନୂତନ ବ୍ରିଜ ନିର୍ମାଣ ପାଇଁ ଅନୁମୋଦିତ ହେଇଛି। ବସୁଧା ଯୋଜନାରେ ୧୧ଟି ପଞ୍ଚାୟତରେ ବୃହତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ଯୁଧିଷ୍ଠିର ନାୟକ, ଜିଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ଉପାଧ୍ୟକ୍ଷ ରୀତାଞ୍ଜଳି ରାଉତରାୟ, ବ୍ଲକ ଅଧ୍ୟକ୍ଷା ରତ୍ନମାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଆଇନଜୀବୀ ଲାଲା ଷଡ଼ଙ୍ଗୀ, ଜିଲା ପରିଷଦ ସଦସ୍ୟା ମୋନାଲି ମିଶ୍ର, ଜମ୍ନେଶ୍ୱର ସାହୁ, ସନ୍ଦିପ କୁମାର ଜେନା, ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, ଗୌଡ଼କେରା ସରପଞ୍ଚ ରମେଶ ପ୍ରଧାନ, ହନ୍ତୁକ ସରପଞ୍ଚ କନକଲତା ପତି, ପ୍ରତାପ ରାମଚନ୍ଦ୍ରପୁର ସରପଞ୍ଚ ଦେବପ୍ରିୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଭିଏଲ୍ଇ ବନ୍ଧୁମିଳନ

କାକଟପୁର, ୧୩।୧୧ (ଡି.ଏନ.ଏ.)

କାକଟପୁର ବ୍ଲକସ୍ତରୀୟ ସିଏସ୍‌ସି, ଭିଏଲ୍ଇ ବନ୍ଧୁମିଳନ ପର୍ବ ରବିବାର ଅସ୍ତରଙ୍ଗ କେଲୁଣି ମୁହାଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଡିଜିଟାଲ ଇଣ୍ଡିଆ ମାଧ୍ୟମରେ ଗ୍ରାମାଞ୍ଚଳରେ ଘରେ ଘରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର ଜନସେବାକୁ ଲୋକଙ୍କ ପାଖରେ ସହଜ, ସୁବିଧା ଓ ସ୍ୱଳ୍ପ ମୂଲ୍ୟରେ ଯୋଗାଇ ଦେଇ ଆସୁଥିବା କମନ ସର୍ଭିସ୍‌ସେଣ୍ଟର୍ ବା (ସିଏସ୍‌ସି)ର ଗ୍ରାମାଞ୍ଚଳସ୍ତରୀୟ ଉଦ୍ୟୋଗୀ (ଭିଏଲ୍ଇ)ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉପସ୍ଥିତ ଅଧିକାରୀ ମତବ୍ୟକ୍ତ କରିଥିଲେ। ଏହି ବ୍ଲକସ୍ତରୀୟ ଭିଏଲ୍ଇ ବନ୍ଧୁମିଳନ ଉତ୍ସବରେ ଅତିଥି ଭାବେ କମନ ସର୍ଭିସ୍‌ସେଣ୍ଟର୍ ରାଜ୍ୟ ବ୍ୟାଙ୍କିଙ୍ଗ୍ ମୁଖ୍ୟ ରମାକାନ୍ତ ସ୍ୱାଇଁ, ପୁରୀ ଜିଲା ମ୍ୟାନେଜର ସୁନିଲ ସାହୁ, ପରିଚାଳନା ଅଧିକାରୀ ବିଶ୍ୱ ଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କାକଟପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତର ୮୦ ଜଣ ସିଏସ୍‌ସି, ଭିଏଲ୍ଇ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜ୍ୟୋତି ପ୍ରସାଦ କର, ବାଣୀ ପ୍ରସାଦ ବେହେରା, ଅଶୋକ ବରାଳ, ଚନ୍ଦ୍ରଶେଖର ସାହୁ, ପଦ୍ମଚରଣ ସାହୁ, ଯଜ୍ଞଦତ୍ତ କର ପ୍ରମୁଖ ପରିଚାଳନା କରିଥିଲେ। ଏଥିସହ ସମସ୍ତ ଭିଏଲ୍ଇ ଏଥିରେ ସହଯୋଗ କରିଥିଲେ।

## ବିଦ୍ୟାଳୟର ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ସାକ୍ଷୀଗୋପାଳ, ୧୩।୧୧ (ଡି.ଏନ୍.ଏ./ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ରାୟଚକ୍ରଧରପୁର ଉଚ୍ଚ ବିଦ୍ୟାଳୟର ଆଲୁମ୍ନି ବୈଠକ ବିଦ୍ୟାଳୟ ପ୍ରାଙ୍ଗଣରେ ପୂର୍ବତନ ଛାତ୍ର ସତ୍ୟବାଦୀ ଦାଶଙ୍କ ଆହ୍ୱାନକ୍ରମେ ଏବଂ ଅବସରପ୍ରାପ୍ତ ଶିକ୍ଷକ ପଦ୍ମନାଭ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସର୍ବସମ୍ମତିକ୍ରମେ ଚିତ୍ତରଞ୍ଜନ ମିଶ୍ରଙ୍କୁ ଉପଦେଷ୍ଟା, ଚକ୍ରଧର ମହାପାତ୍ରଙ୍କୁ ବିଦ୍ୟାଳୟ ଆଲୁମ୍ନି ପ୍ରତିନିଧି, ହୀରକ ଜୟନ୍ତୀ ପାଇଁ ସଭାପତିଭାବେ ନିରୋଦ କୁମାର ମିଶ୍ର, ଉପସଭାପତି ପ୍ରମୋଦ କୁମାର ମିଶ୍ର, ସମ୍ପାଦକ ସତ୍ୟବାଦୀ ଦାଶ, ସହ ସମ୍ପାଦକ ସାଗର ସାହୁ, କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ମିଶ୍ର, ଯୁବ ପ୍ରତିନିଧି ପ୍ରତାପ କୁମାର ରଥଙ୍କୁ ମନୋନୀତ କରାଯାଇଥିଲା। ପ୍ରଧାନଶିକ୍ଷକ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅନୁଷ୍ଠାନର ସମସ୍ତ କର୍ମଚାରୀ ଏଥିପାଇଁ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କମଳାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ର ଚେଷ୍ଟା କଲେ ଓଡ଼ିଶା ନିଶାମୁକ୍ତ ହେବ

ପୁରୀ ଅଫିସ, ୧୩।୧୧

ସରକାର କି ଆଇନ୍ ନୁହେଁ, ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚେଷ୍ଟା କଲେ ଦିନେ ଓଡ଼ିଶା ନିଶାମୁକ୍ତ ହେବ ବୋଲି ଏକ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ସାମାଜିକ କର୍ମୀ ବଦ୍ରି ମିଶ୍ର କହିଛନ୍ତି। ତପୋବନ ଟ୍ରଷ୍ଟ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ନିଶାମୁକ୍ତ ବିଦ୍ୟାର୍ଥୀ ଶୀର୍ଷକ ଆଲୋଚନାଚକ୍ର ବଳଗଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବଦ୍ରି ମିଶ୍ର, ଶିକ୍ଷାବିତ୍ ଚଣ୍ଡେଶ୍ୱର ମହାପାତ୍ର, କାମଦେବ ପ୍ରଧାନ, ମିନତୀ ବେହେରା ଓ ସଙ୍ଗଠକ ବଳରାମ ପଣ୍ଡା ପ୍ରମୁଖ ଯୋଗଦେଇ କହିଥିଲେ କୋମଳମତି ପିଲାଏ ଚାହିଁଲେ ବିଦ୍ୟାଳୟ ଓ ପରିବାର ନିଶାମୁକ୍ତ ହୋଇପାରିବ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ଶିକ୍ଷାବିତ୍ ରମେଶ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ର ରେ ସମ୍ପାଦିକା ଚିତ୍ରରୂପା ଷଡ଼ଙ୍ଗୀ, ମନୋରଞ୍ଜନ ମିଶ୍ର, ନବଘନ ଶତପଥୀ, ଦେବାଶିଷ ମିଶ୍ର, ରଞ୍ଜିତା ପଟ୍ଟନାୟକ ଓ ସୁନାକର ପତି ପ୍ରମୁଖ ଯୋଗଦେଇ ଗୁଟ୍‌ଖା, ସିଗାରେଟ୍, ମଦ ଭଳି ନିଶାସେବନର ଭୟାବହତା ଉପରେ ମନ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ପଟ୍ଟନାୟକ ଓ ମିନାକ୍ଷୀ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଞ୍ଜିତା ଜେନା, ନିରଞ୍ଜନ ରିପୁ ଓ ଅନନ୍ଦା ମହାନ୍ତି ସହଯୋଗ କରିଥିଲେ। ବିଦ୍ୟାଳୟର ଶହେ ଜଣ ଛାତ୍ରୀଛାତ୍ର ନିଶାମୁକ୍ତ ବିଦ୍ୟାର୍ଥୀ ଓ ନିଶାମୁକ୍ତ ଓଡ଼ିଶା ପାଇଁ ଶପଥ ପାଠ କରିଥିଲେ।



ସାଇଶ୍ରଦ୍ଧା ପ୍ରଡକ୍ସନ ଟ୍ରଷ୍ଟ ପକ୍ଷରୁ ପ୍ରଦର୍ଶିତ ହୋଇଯାଇଥିବା ନାଟକ 'ନବକଳେବର' କଳାକାରମାନେ ରବିବାର ପୁରୀ ଶ୍ରୀମନ୍ଦିର ଦର୍ଶନ ସାରି ବଡଦାଣ୍ଡରେ ଏକାଠି ହୋଇଛନ୍ତି।

# ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ




ନିମାପଡ଼ା ମହିଳା ଭାଜପା ମୋର୍ଚ୍ଚା ପକ୍ଷରୁ ପଶ୍ଚିମବଙ୍ଗ ମନ୍ତ୍ରୀ ଅଖିଳ ଗିରିଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ନିମାପଡ଼ା, ୧୩।୧୧ (ଡି.ଏନ୍.ଏ.)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ଆପତ୍ତିଜନକ, ଅଶାଳୀନ, ଅପମାନଜନକ ମନ୍ତବ୍ୟ ଦେଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ଅଖିଳ ଗିରିଙ୍କ ପ୍ରତି ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ପ୍ରଦାନ ଯୋଗୁ ରାଷ୍ଟ୍ରର ମର୍ଯ୍ୟାଦା କ୍ଷୁଣ୍ଣ ହୋଇଛି। ମନ୍ତ୍ରୀଙ୍କୁ ପଶ୍ଚିମବଙ୍ଗ ସରକାର ତୁରନ୍ତ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିବା ସହ ତାଙ୍କୁ ଗିରଫ କରାଯାଉ। ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବିରେ ଭାଜପା ନିମାପଡ଼ା ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ନିମାପଡ଼ା ବ୍ଲକ ଛକଠାରେ ବିକ୍ଷୋଭ ପ୍ରଦର୍ଶନ ସହ ମନ୍ତ୍ରୀ ଗିରିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏନେଇ ମନ୍ତ୍ରୀଙ୍କ ଗିରଫ ଦାବିରେ ନିମାପଡ଼ା ଥାନାରେ ଏତଲା ହୋଇଛି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀର ଅସମ୍ମାନ ଦେଶଦ୍ରୋହଠାରୁ କୌଣସି ମାତ୍ରାରେ କମ୍ ନୁହେଁ ବୋଲି ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା କହିଛନ୍ତି। ତାଙ୍କସହ ଭାଜପା ମହିଳା ମୋର୍ଚ୍ଚାର ପୁରୀ ଜିଲା ସମ୍ପାଦକ ମୀନଲତା ମହାନ୍ତି, ସନ୍ଧ୍ୟାରାଣୀ ରଥ, ତିଳୋତ୍ତମା ବାରିକ, ସ୍ୱର୍ଣ୍ଣଲତା ମାଝି, ପ୍ରଣୟିନୀ ମିଶ୍ର, ସସ୍ମିତା ସାମନ୍ତରାୟ, ନମିତା ସାହୁ, କଳ୍ପନା ଜେନା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# 'ବନ୍ୟା ନିୟନ୍ତ୍ରଣ ପାଇଁ ସରକାର ସ୍ଥାୟୀ ପଦକ୍ଷେପ ନିଅନ୍ତୁ'

## ମା'ଅଡଙ୍ଗେଇ ପୀଠରେ କୃଷକ ସମାବେଶ

ଗୋପ, ୧୩।୧୧ (ଡି.ଏନ୍.ଏ.)

ଦୀର୍ଘ ୩୭ ବର୍ଷ ଧରି ଧନୁଆ ନଦୀର ବନ୍ୟାଜଳ ନିଷ୍କାସିତ ହୋଇପାରୁନି। ଫଳରେ ୫ ଗୋଟି ବ୍ଲକର ୪୨ ଗାଁର ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି। ଏଥିରେ ହଜାର ହଜାର ହେକ୍ଟର ଚାଷଜମିର ଫସଲ ନଷ୍ଟ ହେଉଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକତା ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ଧନୁଆ ନଦୀର ବନ୍ୟାଜଳ ନିଷ୍କାସନ ନିମନ୍ତେ ସରକାର ଦୃଷ୍ଟି ଦେବା ସହ ଏହି ବନ୍ୟାଜଳକୁ ସମୁଦ୍ର ସହ ସଂଯୋଗୀକରଣ କରାଗଲେ ଏହାର ସ୍ଥାୟୀ ପ୍ରତିକାର ହୋଇପାରିବ ବୋଲି ନୀଳାଚଳ କୃଷକ ମହାସଂଘ କମିଟି ସଭାପତି ଗୋପୀନାଥ ମିଶ୍ର କହିଥିଲେ। ଗୋପ ବ୍ଲକ ଅନ୍ତର୍ଗତ ଶୋଳପୁରସ୍ଥିତ ମା'ଅଡଙ୍ଗେଇ ପୀଠ ପରିସରରେ କମିଟି ପକ୍ଷରୁ ରବିବାର କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗୋପ କୃଷକ ମହାସଂଘ ସଭାପତି ବିପ୍ରବର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ କୃଷକ ଏହି ସମାବେଶରେ ଯୋଗଦେଇ ଧନୁଆ ନଦୀ ବନ୍ୟାଜଳ ନିଷ୍କାସନର ସ୍ଥାୟୀ ସମାଧାନ ସମ୍ପର୍କରେ କହିଥିଲେ। ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଧନୁଆ ନଦୀ ବନ୍ୟା ନିୟନ୍ତ୍ରଣ କମିଟି ସମ୍ପାଦକ ନରେନ୍ଦ୍ର ଦାଶ, ସତ୍ୟପୀର ନାୟକ, ଆଇନଜୀବୀ ସୁଧୀର ମହାନ୍ତି, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଧନୁଆ ନଦୀରେ ବନ୍ୟା ଫଳରେ ଗୋପ, ନିମାପଡ଼ା, ପୁରୀ ସଦର, ବାଲିପାଟଣା, ବାଲିଅନ୍ତା, ସତ୍ୟବାଦୀ ବ୍ଲକର ୪୨ ଗୋଟି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମି ନଷ୍ଟ ହେବା ସହ ଲୋକେ ଜଳବନ୍ଦୀରେ ରହିଥାନ୍ତି। କୁଶଭଦ୍ରା ନଦୀର ବନ୍ୟାଜଳ ହ୍ରାସ ପରେ ଧନୁଆ ନଦୀର ବନ୍ୟା ଜଳ କୁଶଭଦ୍ରା ନଦୀ ଦ୍ୱାରା ନିଷ୍କାସନ ହୋଇଥାଏ। ତେବେ ୧୯୮୫ ମସିହାରେ ପ୍ରଥମ କରି ଧନୁଆ ବନ୍ୟା ନିୟନ୍ତ୍ରଣ କମିଟି ଗଠନ ହୋଇଥିଲା। ଏନେଇ ଦୀର୍ଘ ୩୭ ବର୍ଷ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନାହିଁ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସରକାର ଓ ନବୀନ ପଟ୍ଟନାୟକ ସରକାରଙ୍କୁ ଏହି କମିଟି ୭୭ ଗୋଟି ଅଭିଯୋଗ ଦେଇଥିବା ଜଣାପଡ଼ିଛି। ତେବେ ଅଭିଯୋଗରେ ବାରମ୍ବାର ଅଚ୍ୟୁତପୁର କାଜ ବନ୍ଦ ଲାଗି ଦାବି ମଧ୍ୟ କରାଯାଇଛି। କିନ୍ତୁ ଏପରି ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ସରକାର ଦୃଷ୍ଟି ଦେଉ ନ ଥିବା ଜଣାପଡ଼ିଛି।



ସମାବେଶରେ ଯୋଗ ଦେଇଥିବା ଚାଷୀନେତା ଏବଂ ଅତିଥିମାନେ।

## ଅଗ୍ନିକାଣ୍ଡରେ ରୋଷେଇ ଘର ଜଳିଗଲା

ସାଲେପୁର,(ଡି.ଏନ୍.ଏ.): ନିଆଁ ଲାଗି ସାଲେପୁର ବ୍ଲକ ଅନ୍ତର୍ଗତ ଜଳହରି ଗ୍ରାମର ଉଲ୍ଲାସ ବେହେରାଙ୍କ ରୋଷେଇ ଘର ଜଳିଯାଇଛି। ଏଥିରେ ସେଠାରେ ଥିବା ସମସ୍ତ ଆସବାବପତ୍ର ପୋଡିଯାଇଛି। ବେହେରାଙ୍କ ରୋଷେଇ ଘରେ ରୋଷେଇ ଚାଲିଥିବାବେଳେ ଶର୍ଟ ସର୍କିଟ ଯୋଗୁ ସେଠାରେ ନିଆଁ ଲାଗିଯାଇଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ସାଲେପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଲା। ମାତ୍ର ସେତବେଳକୁ ସବୁ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା।

## ସଂକ୍ଷେପରେ

### ୧୬ରେ ଜାତୀୟ ବରିଷ୍ଠ ନାଗରିକ ମହାଅଧିବେଶନ

କଟକ ଅଫିସ, ୧୩।୧୧: ଆସନ୍ତା ୧୬ ଓ ୧୭ ତାରିଖ ଦୁଇଦିନ କର୍ଣାଟକର ମହୀଶୂର ସହରରେ ଜାତୀୟ ବରିଷ୍ଠ ନାଗରିକ ମହାଅଧିବେଶନ ଅନୁଷ୍ଠିତ ହେବ। ଏଥିରେ କଟକ ବରିଷ୍ଠ ନାଗରିକ ମହାସଭାର ୩୧ ଜଣ ମହିଳା ଓ ପୁରୁଷ ଯୋଗଦେବେ। ଏ ନେଇ କେଶରପୁରସ୍ଥିତ ପଣ୍ଡା ମେଡିକାଲ ସେଣ୍ଟରଠାରେ ଏକ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ, ମହାସଭା ସଭାପତି ଡା. କୃପାସିନ୍ଧୁ ପଣ୍ଡା, ବରିଷ୍ଠ ମହିଳା ସଂଘ ସଭାନେତ୍ରୀ ନମିତା ପଣ୍ଡା ଏବଂ ଗୁରୁଜନ ପତ୍ରିକା ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ର ଯୋଗଦେଇ ସଦସ୍ୟାସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହୀଶୂର ଅଧିବେଶନରେ ମହାସଭାର ସାଧାରଣ ସମ୍ପାଦକ ବିଷ୍ଣୁ ମୋହନ ଦାସସାମନ୍ତଙ୍କ ନେତୃତ୍ୱରେ ସମରେନ୍ଦ୍ର ଘୋଷ, ଆଭାସ ରାଏ, ସୁରଜିତ୍ ସିଂ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଅଶ୍ୱିନୀ ସେଠୀ, କିଶୋର ଚନ୍ଦ୍ର ନାଟିଆ, କୃଷ୍ଣ ପ୍ରସାଦ ଦାସ, ପ୍ରକାଶ ଟଙ୍କ ପ୍ରମୁଖ ଯୋଗଦେବେ।

### କୋବି କିଆରି ନଷ୍ଟ କଲେ ଦୁର୍ବୃତ୍ତ

କଣ୍ଟାପଡା, ୧୩।୧୧(ଡି.ଏନ୍.ଏ.): ଗୋବିନ୍ଦପୁର ଥାନା ନାହାଲପୁର ଗ୍ରାମର ଜଣେ ଚାଷୀଙ୍କର ୧୨ ଗୁଣ୍ଠ ଜମିରେ ହୋଇଥିବା କୋବିଚାଷକୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ନଷ୍ଟ କରିଦେଇଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଚାଷୀ ବାବାଜୀ ସାହୁ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏହି ଘଟଣାକୁ ଗ୍ରାମବାସୀ ନିନ୍ଦା କରିଛନ୍ତି। ଖବରରୁ ପ୍ରକାଶ, ବାବାଜୀ ପ୍ରାୟ ୫୦ ହଜାର ଟଙ୍କା କରଜ କରି କୋବିଚାଷ କରିଥିଲେ। ଶୁକ୍ରବାର ସେ ବିଲରେ କାମ ସାରି ସନ୍ଧ୍ୟାରେ ଘରକୁ ଫେରିଥିଲେ। ଶନିବାର ସେ ବିଲକୁ ଯାଇଥିବାବେଳେ କୋବିଗୁଡିକୁ ଦୁର୍ବୃତ୍ତ କାଟି ଫିଙ୍ଗି ଦେଇଥିବା ଦେଖିଥିଲେ। ଏ ସମ୍ପର୍କରେ ବାବାଜୀ କହିଛନ୍ତି, କୋବି ବିକ୍ରି ହୋଇଥିଲେ କରଜ ଶୁଝିଥାନ୍ତି। ହେଲେ ଏବେ କେଉଁଠୁ ଟଙ୍କା ଆଣି କରଜ ଶୁଝିବି।

### ନୀଳାଚଳ ସାରସ୍ୱତ ସଂଘର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

ବଡ଼ମ୍ବା,୧୩।୧୧(ଡି.ଏନ.ଏ.): ବଡ଼ମ୍ବାସ୍ଥିତ ନୀଳାଚଳ ସାରସ୍ୱତ ସଂଘର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଉକ୍ତ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ଅଧିବାସ ଦିବସରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂଘ କେନ୍ଦ୍ର ପରିଚାଳକ ଶରତ ଚନ୍ଦ୍ର ସିଂଦେଓ ଓ ସମ୍ପାଦକ ନରେଶଚନ୍ଦ୍ର ପତିଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଠାକୁର ନିଗମାନନ୍ଦଙ୍କ ଆଧାତ୍ମିକ ଧର୍ମ ବାଣୀ ଆଲୋଚନା କରା ଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇ ଆଧାତ୍ମିକ ଚିନ୍ତାଧାରା ବିକାଶର ଏକ ସୁଗମ ପଥ ବୋଲି କହିଥିଲେ। ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ରବୀନ୍ଦ୍ର ସାହୁଙ୍କ ସମେତ ପ୍ରମୋଦ ମହାପାତ୍ର, ଜଗନ ଦାଶ, ରବୀନ୍ଦ୍ର ପରିଡା ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା ବଡ଼ମ୍ବା ସଂଘର ସଭାପତି ମାଧବ ଚନ୍ଦ୍ର ନନ୍ଦ, ପ୍ରସନ୍ନ ପଣ୍ଡା, ପବିତ୍ର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନାରେ ସହଯୋଗ କରିଥିଲେ।

### କାର୍ତ୍ତିକେଶ୍ୱର ଭସାଣି ଉତ୍ସବ

ଫୁଲନଖରା, ୧୩।୧୧(ଡି.ଏନ୍.ଏ.): କଟକ ସଦର ଥାନା ଅନ୍ତର୍ଗତ ଶାସୋଳ ଗ୍ରାମରେ ପଞ୍ଚୁକଠାରୁ ପୂଜା ପାଉଥିବା କାର୍ତ୍ତିକେଶ୍ୱରଙ୍କ ଭସାଣି ଉତ୍ସବ ରବିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। କାଜିସାହି, ମଝିସାହି, ଭୋଇସାହି, ଗରମ, ସାମଲସାହି ଆଦି ପାଞ୍ଚଟି ମେଢ଼ ସ୍ୱର୍ଣ୍ଣଦେବୀଙ୍କ ମନ୍ଦିର ପଡ଼ିଆରେ ଏକତ୍ରିତ ହୋଇଥିଲେ। ସେଠାରୁ ଧାଡ଼ି କରି ନିଜ ନିଜର ଭସାଣି ଶୋଭାଯାତ୍ରାରେ ବାହାରିଥିଲେ। ଶିଙ୍ଗବାଜା, ଘଣ୍ଟ ବାଜା, ଦୁଲଦୁଲି, ଘୋଡ଼ା ନୃତ୍ୟ, ଡିଜେର ତାଳେ ତାଳେ ପିଲାଙ୍କଠାରୁ ଯୁବକ ସମସ୍ତେ ନୃତ୍ୟରେ ମସଗୁଲ ହୋଇ ନାଚୁଥିବା ଦେଖିବାକୁ ମିଳିଥିଲା। ଭସାଣି ଦେଖିବା ପାଇଁ ଆଖପାଖ ଅଞ୍ଚଳର ଭକ୍ତଙ୍କର ଭିଡ଼ ଜମିଥିଲା। ଶାନ୍ତି କମିଟିର କର୍ମକର୍ତ୍ତା ସୁବାସ ଚନ୍ଦ୍ର ରାଉତରାୟ, ପ୍ରମୋଦ ରାଉତରାୟ, ବ୍ରଜେନ୍ଦ୍ର ଦଳାଇ, ବିଜୟ ପୁଷ୍ପାଳକ, ଲକ୍ଷ୍ମୀଧର ସାହୁ, ଶୁକଦେବ ଭୋଇ, ଶୁକଦେବ ମାଝୀ, ନବକିଶୋର ସାମନ୍ତରାୟ, ବିଜୟ କୁମାର ସାମନ୍ତରାୟ, ଉମେଶ ମଙ୍ଗରାଜ ପ୍ରମୁଖ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଏବଂ ଗ୍ରାମର ପ୍ରତ୍ୟେକ ସାହିର ଯୁବକମାନେ ଭସାଣି କାର୍ଯ୍ୟ ପରିଚାଳନା କରିଥିଲେ।

# ଅବହେଳିତ ଅବସ୍ଥାରେ ୪୧୫ ବର୍ଷର ବାମ୍ଫି

**ଅନାଲୋଚିତ ଐତିହ୍ୟ**

କଟକ ଅଫିସ, ୧୩।୧୧:

କଟକ ସହର ଅନ୍ତର୍ଗତ ବିଦ୍ୟାଧରପୁର ଅଞ୍ଚଳରେ ଚିହ୍ନଟ ହୋଇଛି ପ୍ରାୟ ୪୧୫ ବର୍ଷର ଏକ ପ୍ରାଚୀନ ବାମ୍ଫି। ଐତିହ୍ୟ ଗବେଷକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ ଓ ସିଲଭର ସିଟି କଟକ ପବ୍ଲିକ ଚ୍ୟାରିଟେବଲ ଟ୍ରଷ୍ଟର ସଦସ୍ୟମାନେ କଟକ ସହର ମଧ୍ୟରେ ଏହି ଅବହେଳିତ ଐତିହ୍ୟର ସନ୍ଧାନ ପାଇଛନ୍ତି। ବାମ୍ଫିଟି ଦୀର୍ଘ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହି ପୁରାତନ ବାମ୍ଫିରେ ପାର୍ସି ଓ ପ୍ରାଚୀନ ଓଡ଼ିଆ ଭାଷାରେ ଲିଖିତ ଏକ ଶୀଳାଲେଖ ମଧ୍ୟ ରହିଛି।

ଏ ସମ୍ପର୍କରେ ଅଧିକ ତଥ୍ୟ ଦେବାକୁ ଯାଇ ଗବେଷକ ନାୟକ କହିଛନ୍ତି, ପୁରୁଷୋତ୍ତମ ଦେବ ହେଉଛନ୍ତି ଖୋର୍ଦ୍ଧା ଭୋଇବଂଶୀୟ ରାଜା, ଯାହାଙ୍କ ରାଜୁତି କାଳ ୧୬୦୦ ରୁ ୧୬୨୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଚାଲିଥିଲା। ଏହା ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ରାଜୁତିସମୟ। ସେ ସମୟରେ ହାସିମ ଖାଁ କଟକର ମୋଗଲ ସୁବେଦାର ଭାବେ ନିଯୁକ୍ତି ପାଇଥିଲେ। ୧୬୦୮-୦୯ରେ କେଶୋଦାସ ମାରୁ ନାମକ ମୋଗଲ ଜାଗିରଦାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଉପରେ ଆକ୍ରମଣ କରିଥିଲେ। ସେପଟେ ଖୋର୍ଦ୍ଧା ରାଜା ପୁରୁଷୋତ୍ତମ ଦେବଙ୍କ ସହ କେଶୋଦାସର ପ୍ରବଳ ସଂଘର୍ଷ ହୋଇଥିଲା। ପୁରୀ ଶ୍ରୀମନ୍ଦିର ଲୁଣ୍ଠନ କରିବାକୁ ଆସିଥିବା ଏହି ମୋଗଲ ଜାଗିରଦାରକୁ ବୀର ପାଇକ ସେନା ଚାରିପଟରୁ ଘେରି ରଖିଥିଲେ। ଏହି ସମୟରେ କେଶୋଦାସଙ୍କୁ ଯୁଦ୍ଧରେ ସାହାଯ୍ୟ କରିବା ପାଇଁ ବଙ୍ଗର ସୁବେଦାର ଇସଲାମ ଖାଁ ତାଙ୍କର ବିଶ୍ୱସ୍ତ ସେନାପତି ବକ୍ସି ମହମ୍ମଦ ତାହିରକୁ ପୁରୀ ଅଭିମୁଖେ ପଠାଇଥିଲେ। କଟକର ସୁବେଦାର ହାସିମ ଖାଁ ଓ ମହମ୍ମଦ ତାହିରଙ୍କ ମିଳିତ ସେନା ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ତେବେ ଘଟଣାର ଭୟବହତା ବୁଝି ଉଭୟ ପକ୍ଷ ମଧ୍ୟରେ ସେ ସମୟରେ ସନ୍ଧି ହୋଇଥିଲା। ଏହି ଘଟଣା ସମ୍ପର୍କରେ ତଥ୍ୟ 'ମାଦଳାପାଞ୍ଜି' ଓ ମୀର୍ଜାନାଥନଙ୍କ 'ବାହାରିସ୍ଥାନ-ଏ-ଘାୟିବି' ପୁସ୍ତକରେ ବର୍ଣ୍ଣିତ ହୋଇଛି। ଅଭିଲେଖରୁ ମିଳୁଥିବା ନାମ 'ବକ୍ସି ମହମ୍ମଦ ତାହିର' ଏହି ଯୁଦ୍ଧରେ ଅଂଶଗ୍ରହଣ କରିବାକୁ ଓଡିଶା ଆସିଥିବା ମୋଗଲ ସେନାପତି ବୋଲି ଗବେଷକ ନାୟକ ମତ ଦେଇଛନ୍ତି। ବାମ୍ଫିର ନିର୍ମାଣ କାଳ ପ୍ରାୟ ୧୬୦୮-୦୯ ଖ୍ରୀଷ୍ଟାବ୍ଦରେ ହୋଇଥିବା ଅଭିଲେଖରୁ ସୂଚନା ମିଳୁଛି। ତିନିଧାଡ଼ିବିଶିଷ୍ଟ ଓଡ଼ିଆ ଅଭିଲେଖରେ ପୁରୁଷୋତ୍ତମ ଦେବ ମହାରାଜାଙ୍କ ୧୨ଅଙ୍କରେ ବକ୍ସି ମହମ୍ମଦ ତାହିର ନାମକ ବ୍ୟକ୍ତି ଏହି ବାମ୍ଫି ଖୋଳାଇଥିଲେ ବୋଲି ଲେଖାଯାଇଛି। ମୋଗଲ ସେନା ଓ ଖୋର୍ଦ୍ଧା ରାଜାଙ୍କ ମଧ୍ୟରେ ସନ୍ଧି ହେଲାପରେ ରାଜଧାନୀ କଟକରେ ଏହି ବାମ୍ଫିଟି ଖୋଳା ଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ସାମୟିକ ଶାନ୍ତି ଥିବାରୁ ମୋଗଲମାନଙ୍କ ଦ୍ୱାରା ଓଡ଼ିଆ ରାଜାଙ୍କ ନାମ ଓ ଅଙ୍କ ଅଭିଲେଖରେ ବ୍ୟବହାର କରାଯାଇଥିଲା ବୋଲି ଗବେଷକ ନାୟକ କହିଛନ୍ତି।

ଏହି ପ୍ରାଚୀନ ଐତିହାସିକ ବାମ୍ଫିଟି ଆଜି ଜରାଜୀର୍ଣ୍ଣ ଓ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି। ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପ ଓ ସିଲଭର ସିଟି କଟକ ପବ୍ଲିକ ଚ୍ୟାରିଟେବଲ ଟ୍ରଷ୍ଟର ସଦସ୍ୟମାନଙ୍କ ଦ୍ୱାରା ବାମ୍ଫିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରାଥମିକ ସଫେଇ କାର୍ଯ୍ୟ ହୋଇଛି। ତେବେ ଉଭୟ ସଂସ୍ଥାର ସଦସ୍ୟମାନେ ପ୍ରଶାସନିକ ଅବହେଳା ପାଇଁ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। କଟକ ସହର ମଝିରେ ଅବସ୍ଥିତ ହୋଇ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସ୍ଥଳୀର ଏ ପ୍ରକାର ଅବହେଳା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ସିଲଭର ସିଟି କଟକ ପବ୍ଲିକ ଚ୍ୟାରିଟେବଲ ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ଆକାଶ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସଂସ୍କୃତି ବିଭାଗ, ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଓ ସିଏମସି ପରି ସରକାରୀ ଅନୁଷ୍ଠାନ ଏ ଦିଗରେ ଅଧିକ ତତ୍ପର ହୋଇ କିପରି ଏହି ପ୍ରାଚୀନ ଐତିହ୍ୟର ପୁନରୁଦ୍ଧାର ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ରିଡିସ୍କଭର ଲଷ୍ଟ ହେରିଟେଜ ଗ୍ରୁପର ପ୍ରତିଷ୍ଠାତା ସଦସ୍ୟ ବିକାଶ ପ୍ରସାଦ ଦାସ ମତବ୍ୟକ୍ତ କରିଛନ୍ତି।


ପରିତ୍ୟକ୍ତ ଅବସ୍ଥାରେ ଥିବା ବାମ୍ଫି ଭିତରେ ଲିଖିତ ଶୀଳାଲେଖ।

## ବନ୍ଧୁକ ଦେଖାଇ ୫ ଲକ୍ଷ ଲୁଟ୍

ନିଶ୍ଚିନ୍ତକୋଇଲି, ୧୩।୧୧(ସ୍ୱ.ପ୍ର)

କଟକ ଜିଲା ସାଲେପୁର ବଜାରର ଥିବା ବିକଳାନନ୍ଦ କରଙ୍କ ବ୍ୟବସାୟ ପ୍ରତିଷ୍ଠାନର ଏକ ମିକ୍ସଚର ଗାଡ଼ିକୁ ଅଟକାଇ ୫ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ଘଟିଛି କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ଥାନା ରାଣୀପଡ଼ା ନିକଟରେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ବିକଳାନନ୍ଦ କରଙ୍କ ବ୍ୟବସାୟ ପ୍ରତିଷ୍ଠାନର ମ୍ୟାନେଜର ଧୀରେନ୍ଦ୍ରନାଥ ଦାସ ରବିବାର କେନ୍ଦ୍ରାପଡ଼ାରୁ ଟଙ୍କା ସଂଗ୍ରହ କରି ଏକ ଟାଟା ମ୍ୟାଜିକ୍ ଗାଡ଼ି (ଓଆର୦୨ଏକ୍ୟୁ-୧୬୧୭)ରେ ସାଲେପୁର ଅଭିମୁଖେ ଆସୁଥିଲେ। ଗାଡ଼ିରେ ଡ୍ରାଇଭର ଓ ଅନ୍ୟ ଜଣେ ସହଯୋଗୀ ଥିଲେ। ତେବେ କେନ୍ଦ୍ରାପଡ଼ାରୁ ୨ଜଣ ଯୁବକ ତାଙ୍କ ଗାଡ଼ିକୁ ପିଛା କରି ଆସୁଥିଲେ। ରାଣୀପଡ଼ା ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ଉକ୍ତ ୨ଜଣ ଯୁବକ ଧୀରେନ୍ଦ୍ରଙ୍କ ଗାଡ଼ିକୁ ଅଟକାଇ ସେମାନଙ୍କୁ ମାଡ଼ମାରିବା ସହ ବନ୍ଧୁକ ଦେଖାଇ ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଦ୍ରୁତଗତିରେ ପଳାଇଥିଲେ। ଏ ସମ୍ପର୍କରେ ମ୍ୟାନେଜର ଧୀରେନ୍ଦ୍ର ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୯୪/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି। ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ ଘଟଣାସ୍ଥଳ ପରିଦର୍ଶନ କରି କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା ତାହା ଅନୁଧ୍ୟାନ କରିଛନ୍ତି।

## ଶିଶୁର ସର୍ବାଙ୍ଗୀନ ଉନ୍ନତିରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ


କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ସାଲେପୁର, ୧୩।୧୧(ଡି.ଏନ୍.ଏ.)

ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ କନ୍ୟା ଶିବିର, ମାତୃ କର୍ମଶାଳା ଓ ଶିଶୁ ବାଟିକା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ତରୁଲତା ଦେବୀ ଶିଶୁବାଟିକା ଓ ମାତୃ କର୍ମଶାଳାକୁ ଉଦ୍‌ଘାଟନ କରି ଶିଶୁର ସର୍ବାଙ୍ଗୀନ ଉନ୍ନତିରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଦେବେନ୍ଦ୍ରନାଥ ପଣ୍ଡା, କୋଷାଧ୍ୟକ୍ଷ ଅରୁଣ ଭୂୟାଁ ଯୋଗଦେଇଥିଲେ। କର୍ମଶାଳାରେ ୭୦ଜଣ ମା' ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ପୁଷ୍ପଲତା ନାୟକ, ଅନ୍ନପୂର୍ଣ୍ଣା ସ୍ୱାଇଁ ପରିଚାଳନା କରିଥିଲେ। କଳ୍ପନା ଖୁଣ୍ଟିଆ, ବିଦ୍ୟାୟିନୀ ନନ୍ଦ, ବିନତୀ ଶତପଥୀ, ସୁସ୍ମିତା ଭୂୟାଁ, ସଂଗୀତା ମିଶ୍ର, ତନୁଜା ସାହୁ ସହଯୋଗ କରିଥିଲେ। ସେହିପରି ବିଦ୍ୟାଳୟ ପରିସରରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ଜଣ ଭଉଣୀ ଉପସ୍ଥିତ ରହି ହସ୍ତକର୍ମ ସହ ବିଭିନ୍ନ ପିଠା, ଆଦର୍ଶଗୃହ ଓ ଝୋଟି ଆଦି ପ୍ରଦର୍ଶନ କରିଥିଲେ। ଡାକ୍ତର କ୍ରିଷ୍ଣା ପଣ୍ଡା କନ୍ୟାମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ସମ୍ବନ୍ଧରେ ପରାମର୍ଶଦେବା ସହ ସୁଶ୍ରୀ ଅନୁସ୍କା ମହାନ୍ତି ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ଶିକ୍ଷା ଦେଇଥିଲେ।

## ଶୈଳବାଳା କଲେଜରେ ନୌବାଣିଜ୍ୟ ଆଲୋଚନାଚକ୍ର

କଟକ ଅଫିସ, ୧୩।୧୧:

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ନୌବାଣିଜ୍ୟ ଓ ଓଡ଼ିଆ ସଂସ୍କୃତି' ଶୀର୍ଷକ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଡ. ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତା କରିଥିଲେ। ଡ. ସୁଜ୍ଞାନୀ କୁମାରୀ ସାହୁ ଅତିଥି ପରିଚୟ, ଡ. ସଞ୍ଜୀତା ମିଶ୍ର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅନ୍‌ଲାଇନ୍ ଜରିଆରେ ଇଂଲଣ୍ଡସ୍ଥିତ ସାଉଥାମ୍ପଟନ ବିଶ୍ୱବିଦ୍ୟାଳୟର ପ୍ରଫେସର ଯଦୁ ଦାଶ, ଜର୍ମାନୀର ଇଂଗୋଲଷ୍ଟଡ୍‌ରୁ ଇଂ. ତନ୍ମୟ ପଣ୍ଡା, ଜର୍ମାନୀର ବାଭେରିଆରୁ ଡ. ଦେବାଶିଷ ସାହୁ, ଫ୍ରାନ୍ସସ୍ଥିତ ଲିଲେ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. କଲ୍ୟାଣମାଳିନୀ ସାହୁ, ଫିନ୍‌ଲ୍ୟାଣ୍ଡର ବୈଜ୍ଞାନିକ ଡ. ଶାନ୍ତିପ୍ରିୟ ପରିଡ଼ା, ଜାପାନରୁ ଡ. ସ୍ୱାଧୀନ ବେହେରା ଓ ଇଂଲଣ୍ଡର ଜଗନ୍ନାଥ ସୋସାଇଟିର ଅଧ୍ୟକ୍ଷ ଡ. ସହଦେବ ସ୍ୱାଇଁ ଯୋଗଦେଇ ନୌବାଣିଜ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀମାନେ ଯୋଗଦେଇଥିଲେ। ଡ. ନରେନ୍ଦ୍ରନାଥ ନାୟକ ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ଟାଙ୍ଗୀ(କଟକ), ୧୩।୧୧(ଡି.ଏନ୍.ଏ.):

ଟାଙ୍ଗୀ-ଚୌଦ୍ୱାର ବ୍ଲକ ନଖରା ପଞ୍ଚାୟତ ଅଙ୍ଗତରାଡ଼ିଅ ଗ୍ରାମର ପ୍ରକାଶ କୁମାର ସ୍ୱାଇଁ(୩୩) ଶନିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଘର ସମ୍ମୁଖ ଗ୍ରୀଲ୍‌ରେ ଗାମୁଛା ବାନ୍ଧି ଝୁଲି ପଡିଥିଲେ। ପରିବାର ଲୋକ ପରିବାର ଲୋକଙ୍କଠାରୁ ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲା। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସେ ଜଣେ ସଫଳ ବ୍ୟବସାୟୀ ଓ ଭାଜପାର ଆଗଧାଡ଼ିର କର୍ମୀ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସମସ୍ୟା ଶୁଣିଲେ, ଯୋଜନା ଶୁଣାଇଲେ



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

**ଆଠଗଡ଼ ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପିତ**

ଆଠଗଡ, ୧୩।୧୧(ସ୍ୱ.ପ୍ର):

ଆଠଗଡ଼ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ପଦଯାତ୍ରା ନଭେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହା ଆଠଗଡ଼ ଏନଏସି, ବ୍ଲକ, ଟିଗିରିଆ ବ୍ଲକ, ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଅନୁଷ୍ଠିତ ହୋଇଥିଲା। ମହିଷାଲଣ୍ଡା ପଞ୍ଚାୟତରେ ପଦଯାତ୍ରାକୁ ଉଦ୍‌ଯାପନ ଘୋଷଣା କରାଯାଇଥିଲା। ଏହି ପଦଯାତ୍ରାର ଉଦ୍ଦେଶ୍ୟ କ'ଣ ସେ ସମ୍ପର୍କରେ ରବିବାର ଏକ ଖବରଦାତା ସମ୍ମିଳନୀରେ ଆଠଗଡ଼ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡିକ ବିଷୟରେ ଲୋକମାନଙ୍କୁ ବୁଝାଇବା ସହିତ ଗ୍ରାମାଞ୍ଚଳରେ ଲୋକମାନଙ୍କର ଥିବା ବିଭିନ୍ନ ସମସ୍ୟା ବୁଝି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହିତ କେନ୍ଦ୍ର ସରକାରଙ୍କ ବିଭିନ୍ନ ତ୍ରୁଟିପୂର୍ଣ୍ଣ ନୀତି ସମ୍ପର୍କରେ ସଚେତନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଦିବସ ଉପଲକ୍ଷେ 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ଜରିଆରେ ୧୦୦୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ କଟକ ଜିଲା ବିଜେଡି ଉପସଭାପତି ନୃସିଂହ ମହାପାତ୍ର, କଟକ ଜିଲା ଛାତ୍ର ବିଜେଡି ସମ୍ପାଦକ ଶୁଭେନ୍ଦୁ ବେଉରା, ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, କୃଷକ ନେତା ନିରାକାର ଲେଙ୍କା, ଟିଗିରିଆ ବ୍ଲକ ବିଜେଡି ନେତା ଗୌରହରି ପରିଡା, ଆଠଗଡ଼ ବିଜେଡି କାର୍ଯ୍ୟାଳୟ ସମ୍ପାଦକ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି।

## ବ୍ରହ୍ମଗୁପ୍ତ ଗଣିତ ମେଧା ସମ୍ମାନ ଉତ୍ସବ

ମଙ୍ଗୁଳି-ଜଗତପୁର, ୧୩।୧୧(ଡି.ଏନ୍.ଏ.)


ଗଣିତ ମେଧା ସମ୍ମାନ ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗରୁଡଗାଁ ପଞ୍ଚାୟତସ୍ଥିତ ବିଶିନାହାକାଣୀ ସରକାରୀ ହାଇସ୍କୁଲ ପରିସରରେ ମାଇଣ୍ଡ ପ୍ରୋଗ୍ରାମିଂ କାର୍ଯ୍ୟକ୍ରମ ଓ ବ୍ରହ୍ମଗୁପ୍ତ ଗଣିତ ମେଧା ସମ୍ମାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଂଗଠନ 'ସମ୍ପର୍କ' ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ବିଶୋଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏସ୍‌ସି/ଏସ୍‌ଟି ବିଭାଗର ଯୁଗ୍ମ ସଚିବ ଜୟଶ୍ରୀ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଯୋଗେଶ ଚନ୍ଦ୍ର ସ୍ୱାଇଁ, ମାଇଣ୍ଡ ଏମ୍ପାୟାରମେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ମୁଖ୍ୟ ମନୋଜ ପ୍ରଧାନ, ସାମାଜିକ କର୍ମୀ ତ୍ରିଲୋଚନ ବେହେରା, ଶିକ୍ଷକ ଦିଲୀପ କୁମାର ପୃଷ୍ଟି, ବିଭୂତି ଭୂଷଣ ରଣା, ଶିକ୍ଷୟିତ୍ରୀ ମମତାରାଣୀ ସାମନ୍ତରାୟ, ପ୍ରିୟଙ୍କା ରାଉତରାୟ, ମାହେଶ୍ୱରୀ ମାରାଣ୍ଡି, ଅଭୟ ପ୍ରଧାନ, ଦୀପ୍ତି ରଞ୍ଜନ ଜେନା, ଗୀତାଞ୍ଜଳି ଓଝା, ଜିତନ ମହାନ୍ତି, ସନ୍ତୋଷ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ ସୀତା ଦିଗୀ ପ୍ରଥମ, ପୂଜା ହାଇବୁରୁ ଦ୍ୱିତୀୟ ଏବଂ ସୂର୍ଯ୍ୟାଂଶୁ ଓଝା ତୃତୀୟଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଜିତେନ୍ଦ୍ର କୁମାର ସାହୁ, ସହ ସମ୍ପାଦକ ସତ୍ୟବ୍ରତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ମହେନ୍ଦ୍ର ନାଥ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ପଶ୍ଚିମବଙ୍ଗ ମନ୍ତ୍ରୀଙ୍କ ବିରୋଧରେ ଥାନାରେ ଏତଲା

କଟକ ଅଫିସ, ୧୩।୧୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ପଶ୍ଚିମବଙ୍ଗର ମନ୍ତ୍ରୀ ଅଖିଳ ଗିରି ଦେଇଥିବା ଆପତ୍ତିଜନକ ମନ୍ତବ୍ୟକୁ ନେଇ ଭାଜପା କଟକ ନଗର ପକ୍ଷରୁ ଦରଘାବଜାର ଥାନାରେ ରବିବାର ଏତଲା ଦିଆଯାଇଛି। ଏଥିସହ ଗିରିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏନେଇ ଭାଜପା କଟକ ନଗର ପକ୍ଷରୁ ଗୌରୀଶଙ୍କର ପାର୍କଠାରେ ପ୍ରତିବାଦ ସଭା କରାଯାଇ ଗିରିଙ୍କୁ ଗିରଫ କରିବାକୁ ଦଳୀୟ ନେତାମାନେ ଦାବି କରିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣାରେ ଚୁପ୍ ରହିଥିବାରୁ ସେମାନେ ସମାଲୋଚନା କରିଥିଲେ। ଉକ୍ତ ସଭା ସ୍ଥଳରେ ଦଳ ପକ୍ଷରୁ ମମତା ଓ ଅଖିଳଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାପରେ ଦଳୀୟ କର୍ମକର୍ତ୍ତାମାନେ ଦରଘାବଜାର ଥାନାରେ ସମ୍ପୃକ୍ତ ମନ୍ତ୍ରୀଙ୍କ ବିରୋଧରେ ଏତଲା ଦେଇଥିଲେ।

## 'ମାୟାଧର ମାନସିଂହଙ୍କ ଆତ୍ମଜୀବନୀ ଏକ ଅମୂଲ୍ୟ ସମ୍ପଦ'

କଟକ ଅଫିସ, ୧୩।୧୧

ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଖ୍ୟାତ ସାରସ୍ୱତ ସ୍ରଷ୍ଟା କବି ମାୟାଧର ମାନସିଂହଙ୍କ ସ୍ମୃତି ସମାରୋହ କଟକ ସାରଳା ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶୈଳବାଳା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ମାନସିଂହ ଜୀବନଧର୍ମୀ ଓ ରୋମାଣ୍ଟିକ କବି ଥିଲେ। ସେହିପରି ମୁଖ୍ୟ ଅତିଥି ସାହିତ୍ୟିକ ଡ. ସୁନାମଣି ରାଉତ କହିଥିଲେ, ମାନସିଂହଙ୍କ ଆତ୍ମଜୀବନୀ 'ଶିକ୍ଷାବିତ୍‌ର ଗାଥା' ଓଡ଼ିଆ ସାରସ୍ୱତ ଜଗତର ଏକ ଅମୂଲ୍ୟ ସମ୍ପଦ। କବି ପ୍ରସନ୍ନ ଜେନା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମାନସିଂହ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଅଧ୍ୟାପିକା ଡ. ବୈଜୟନ୍ତୀ ମିଶ୍ର ଓ ସମ୍ମାନିତ ଅତିଥି ଡ. ଭାଗବତ ଶୁକ୍ଳ ଉପସ୍ଥିତ ଥିଲେ। ଏଥିରେ ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଅଧ୍ୟାପକ ଗୋପୀନାଥ ପଣ୍ଡା, କୈଳାସ ଚନ୍ଦ୍ର ଦଳାଇ, ଗାଳ୍ପିକା ସୋହାଗିନୀ ବେହେରା ଉପସ୍ଥିତ ଥିଲେ।



ସ୍ମୃତି ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

## ମନ ମୋହିଲା ଓଡ଼ିଶୀ ନୃତ୍ୟ

**ଖୁଣ୍ଟୁଣୀ ମହୋତ୍ସବ ଉଦ୍‌ଘାଟିତ**

ଖୁଣ୍ଟୁଣୀ, ୧୩।୧୧(ଡି.ଏନ୍.ଏ.)

ଖୁଣ୍ଟୁଣୀ ମହୋତ୍ସବ ପଡିଆରେ ରବିବାର ଖୁଣ୍ଟୁଣୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଖୁଣ୍ଟୁଣୀ ଗ୍ରାମର ଇଷ୍ଟଦେବ ବାବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଖୁଣ୍ଟୁଣୀ-ରମ୍ପେଇ ଯୁବକ ସଂଘର କର୍ମକର୍ତ୍ତା ଓ ଗ୍ରାମବାସୀ ପୂଜାର୍ଚ୍ଚନା କରି ମଶାଲ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ। ଏଠାରେ ମହୋତ୍ସବକୁ ମୁଖ୍ୟ ଅତିଥି ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ବିପିନି ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ୍ୟ କମିଟି ସଦସ୍ୟ ସଚ୍ଚିଦାନନ୍ଦ ପଣ୍ଡା, ସରପଞ୍ଚ କୈଳାଶ ଚନ୍ଦ୍ର ଦାସ, ସମିତିସଭ୍ୟ ଗଗନ ବିହାରୀ ପରିଡା, ସୁଶାନ୍ତ ସାହୁ, ଦୀପକ ସାହାଣୀ ପ୍ରମୁଖ ଯୋଗଦେଇ ମହୋତ୍ସବ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମଞ୍ଚରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପରେ କଳାକାରମାନେ ବିହୁ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଖଣ୍ଡଗିରିର ମର୍ଡନ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା। ଏହି ଉତ୍ସବରେ ଓଡ଼ିଶାର କଳା, ସଂସ୍କୃତି ଓ ସାହିତ୍ୟକୁ ପ୍ରାଧାନ୍ୟ ଦିଆଯାଇ ସୁଯୋଗ୍ୟ ସନ୍ତାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଯୁବକ ସଂଘ ପକ୍ଷରୁ କୁହାଯାଇଛି। ସଂଘ ସଭାପତି ଦୀପକ ସାହାଣୀ, ସମ୍ପାଦକ ମଳୟ ରଞ୍ଜନ ବହିଆ, ସାଂସ୍କୃତିକ ସମ୍ପାଦକ ଗଗନ ବିହାରୀ ପରିଡା, ଲକ୍ଷ୍ମୀଧର ସାହୁ, ସଂଯୋଜକ ଜିତେନ୍ଦ୍ର ସାହୁ ଓ ଲକ୍ଷ୍ମୀଧର ମହାରଣାଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବ ପଡିଆରେ ମିନାବଜାର ସାଙ୍ଗକୁ ବିଭିନ୍ନ ଦୋଳି ଦେଖିବାକୁ ମିଳିଥିଲା।


ମହୋତ୍ସବରେ କଳାକାରମାନେ ଓଡ଼ିଶୀ ନୃତ୍ୟ କରୁଛନ୍ତି।

# ବିଭିନ୍ନତା ହିଁ ଆମ ଗଣତନ୍ତ୍ରକୁ ସୁଦୃଢ଼ କରେ

## ଜାତୀୟ ସଂହତି କାର୍ଯ୍ୟକ୍ରମ ‘ସଦ୍‌ଭାବନା ସଂସଦ’

■ ସୋମନାଥ ପାତ୍ରଙ୍କୁ ଜାମିଆତ୍ ସଦ୍‌ଭାବନା ଏକତା ସମ୍ମାନ

କାକଟପୁର,୧୩।୧୧(ଡି.ଏନ୍.ଏ.)

ଜାତୀୟ ସଂହତି କାର୍ଯ୍ୟକ୍ରମ ‘ସଦ୍‌ଭାବନା ସଂସଦ’ ପୁରୀ ଜିଲା କାକଟପୁର ବ୍ଲକରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଭୟ ହିନ୍ଦୁ ଓ ମୁସଲିମ୍ ସମ୍ପ୍ରଦାୟର ବୁଦ୍ଧିଜୀବୀ, ଶିକ୍ଷାବିତ୍, ଧର୍ମଗୁରୁ, ଉଲମା, ଇମାମ ଓ ସାମାଜିକ କର୍ମୀ ଯୋଗଦେଇଥିଲେ। ସଂସ୍କୃତି, ସହନଶୀଳତା, ସାମ୍ବିଧାନିକ ମୂଲ୍ୟବୋଧ ବିଭିନ୍ନତା ମଧ୍ୟରେ ଏକତା, ଭାଇଚାରା, ଗଣତନ୍ତ୍ର ଓ ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା ହୋଇଥିଲା। ଦେଶରେ ରହିଥିବା ବିଭିନ୍ନତା ହିଁ ଆମ ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ, ଲେଖକ, ଆଇନଜୀବୀ, ସ୍ତମ୍ଭକାର, କବି ଯୋଗଦେଇ କବିତା ପାଠ କରିଥିଲେ। ସମସ୍ତେ ଭାରତୀୟ ମହାନ୍ ମନ୍ତ୍ରରେ ମୁଗ୍ଧ ହୋଇ ବିଶ୍ୱ ଦରବାରରେ ଭାରତୀୟ ସ୍ୱତନ୍ତ୍ରତାର ଛବିକୁ ମଜଭୁତ୍ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ କାକଟପୁର ସ୍ୱାଧୀନତା ସଂଗ୍ରାମୀ, ବର୍ଷିଆନ ଚାଷୀନେତା ତଥା ପ୍ରଗତିଶୀଳ ଲେଖକ ସୋମନାଥ ପାତ୍ରଙ୍କୁ ତାଙ୍କ ଲିଖିତ ପୁସ୍ତକ ‘ମନ୍ଦିର ବନାମ ମସଜିଦ୍’ ପାଇଁ ସଂଗଠନ ପକ୍ଷରୁ ୨୦୨୨-୨୩ ବର୍ଷର ‘ଜାମିୟାତ୍ ସଦ୍‌ଭାବନା ଏକତା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଜାମିୟାତ୍ ଉଲମା-ଏ-ଓଡିଶାର ରାଜ୍ୟ ସମ୍ପାଦକ ମୌଲାନା ମୁହମ୍ମଦ ତକି ଯୋଗ ଦେଇଥିଲେ। ଅତିଥି ଦ୍ୱୟ ଆୟୋଜକ ଅନୁଷ୍ଠାନର କେନ୍ଦ୍ରୀୟ କାର୍ଯ୍ୟାଳୟ ଜାମିୟାତ୍ ଉଲମା-ଏ- ହିନ୍ଦ, ନୂଆଦିଲ୍ଲୀର ଇତିହାସ ଓ ପ୍ରମୁଖ କାର୍ଯ୍ୟବଳୀ ଉପରେ ଆଲୋକପାତ କରିଥିଲେ। ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଭୁବନେଶ୍ୱର ବାର୍ କାଉନସିଲର ପୂର୍ବତନ ସଭାପତି ଜିୟାଉଲ ହକ୍, ସାମାଜିକ କର୍ମୀ ବିଶ୍ୱଭୂଷଣ ଦାସ, ବ୍ଲକ ପଞ୍ଚାୟତ ଚେୟାରମ୍ୟାନ ଶ୍ରୀଧର ନାୟକ, ପୂର୍ବତନ ସମିତି ଚେୟାରମ୍ୟାନ ବିପିନ ବିହାରୀ ମହାନ୍ତି, ଜାମିୟାତ୍‌ର ପୁରୀ ଜିଲା ସଭାପତି ମୌଲାନା ଅବୁଲ କଲାମ ଆଜାଦ ପ୍ରମୁଖ ଉପସ୍ଥିତ ଥିଲେ। ମୌଲାନା ମୁହମ୍ମଦ ୟାକୁବଙ୍କ ସଭାପତିତ୍ୱ ଓ ଶିକ୍ଷାବିତ୍ ଫଜଲୁର ରହମାନ ଇସ୍ଲାହୀ ଓ ମୌଲାନା ଅବ୍ଦୁଲ ଅଜିଜ୍‌ଙ୍କ ସଂଯୋଜନା କରିଥିଲେ। ଜାତୀୟ ସଙ୍ଗୀତ ମୂର୍ଚ୍ଛନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଶେଷରେ ଅଜିଜ୍ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ଶ୍ରୀଶ୍ରୀ ତ୍ରିନାଥ ଦେବଙ୍କ ୨୧ତମ ବାର୍ଷିକୋତ୍ସବ

ନିମାପଡ଼ା,୧୩।୧୧(ଡି.ଏନ୍.ଏ.): ନିମାପଡ଼ା ଅଞ୍ଚଳର ଆରାଧ ଦେବତା ଶ୍ରୀଶ୍ରୀ ତ୍ରିନାଥ ଦେବଙ୍କ ୨୧ତମ ବାର୍ଷିକୋତ୍ସବ ଦୋଳବେଦୀ ଛକସ୍ଥିତ ଆନନ୍ଦ ମାର୍ଗଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କ ଜଳଯାତ୍ରା ଯଥାବିଧି ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ମନ୍ଦର ପରିସରରେ ଗୀତାଯଜ୍ଞ, ନାମ, ସଂକୀର୍ତ୍ତନ ଏବଂ ରାତିରେ ପୀଠରେ ପୂର୍ଣ୍ଣାହୁତି କାର୍ଯ୍ୟ ହୋଇଥିଲା। ଉତ୍ସବରେ ଶହଶହ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ଠାକୁରଙ୍କଠାରେ ପୂଜାର୍ଚ୍ଚନା, ଦୀପଦାନ କରିଥିଲେ। ସକାଳୁ ରାତି ପର୍ଯ୍ୟନ୍ତ ଠାକୁରଙ୍କ ପୀଠରେ ବହୁ ମହିଳା, ଭକ୍ତ, ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କ ପାଇଁ ଆନନ୍ଦମାର୍ଗଠାରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

### ସଦର ବ୍ଲକ୍ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ପୁରୀ ଅଫିସ, ୧୩।୧୧: ପୁରୀ ସଦର ବ୍ଲକ୍ ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ରବିବାର ତଳଜଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ବ୍ଲକ୍ ସଭାପତି ମୋହନ ସାହୁ ଅଧକ୍ଷତା କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ସଦର ବ୍ଲକ୍ ସମ୍ପାଦକ ରମେଶ ଚନ୍ଦ୍ର ପତି ବିଗତ ୩ ବର୍ଷର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କ ସମସ୍ୟା ରଖିଥିଲେ। ସଦର ବ୍ଲକ୍ ଓଷ୍ଟାର କର୍ମକର୍ତ୍ତା ନିର୍ବାଚନ ପରିଚାଳନା ପାଇଁ ରାଜ୍ୟ ନିମ୍ନ ମାଧମିକ ବିଦ୍ୟାଳୟର ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଓଷ୍ଟା ରାଜ୍ୟ ଶିକ୍ଷାପ୍ରଦୀପର ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି , ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାଶ, ଜିଲା ସମ୍ପାଦକ ବିଚିତ୍ରାନନ୍ଦ ପାତ୍ର, ଜିଲା ଯୁଗ୍ମ ସମ୍ପାଦକ ପ୍ରତାପ ଚନ୍ଦ୍ର ଦଳାଇ, ପୂର୍ବତନ ଉପସଭାପତି ସରୋଜିନୀ ମିଶ୍ର, ଜିଲା ଯୁଗ୍ମ ସମ୍ପାଦକ ସୁଲେଖା ମିଶ୍ର ପ୍ରମୁଖ ଯୋଗଦାନ କରି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସଦରବ୍ଲକ୍‌ର ସାମ୍ବାଧାନିକ ନିର୍ବାଚନ ଶିକ୍ଷକ କର୍ମଚାରୀ ମାନଙ୍କ ସହମତି ମାଧମରେ ହୋଇଥିଲା। ସଦରବ୍ଲକ୍ ନିର୍ବାଚନରେ ନୂତନ ସଭାପତି ଭାବରେ ଦିବାକର ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ ଉପ ସଭାପତି ସନ୍ଧ୍ୟାରାଣୀ ସାହୁ ଓ ବସନ୍ତ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ହରିହର ତ୍ରିପାଠୀ ସମ୍ପାଦକ, କୃଷ୍ଣଚନ୍ଦ୍ର ପ୍ରଧାନ ଓ ମନୋଜ କୁମାର ଦଳାଇ ଯୁଗ୍ମ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ସୁବାଷ ଚନ୍ଦ୍ର ପତି, ପ୍ରଫୁଲ କୁମାର ନନ୍ଦ ଜିଲା ପ୍ରତିନିଧି ଭାବେ ନିର୍ବାଚିତ ହୋଇଥିବା ବେଳେ ଭାସ୍କର ଚନ୍ଦ୍ର ପ୍ରଧାନ , ରଶ୍ମି ରଞ୍ଜନ ଷଡଙ୍ଗୀ ଓ ମୋହନ ସାହୁ ରାଜ୍ୟ ପରିଷଦ ପ୍ରତିନିଧି ଭାବରେ ନିର୍ବାଚିତ ହୋଇଛନ୍ତି। ।

## ୩ କାର କାଚ ଭାଙ୍ଗି ଚୋରି

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜଧାନୀରେ ୩ଟି କାର୍‌ର କାଚ ଭାଙ୍ଗି ଚୋରି ହୋଇଛି। ଜଣେ ଦୁର୍ବୃତ୍ତ ଇଟାରେ ୩ଟି କାର କାଚ ଭାଙ୍ଗି ଚୋରି କରିବାର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହୋଇଛି । ବିଡିଏ କଲୋନୀ ଅଞ୍ଚଳର ଖଗେଶ୍ୱର ଜେନାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ ଖଗେଶ୍ୱର ଜେନା ଓ ଅନ୍ୟମାନଙ୍କ କାର ଘର ବାହାରେ ପାର୍କିଂ ହୋଇଥିଲା। ରାତି ପ୍ରାୟ ସାଢେ ୧ଟା ବେଳକୁ ଜଣେ ଯୁବକ କାର କାଚଗୁଡିକୁ ଇଟାରେ ଭାଙ୍ଗିଦେଇଥିଲେ। ଏହାପରେ କାର ଭିତରୁ ଟଙ୍କା, ଅଡିଓ ସିଷ୍ଟମ ସହ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ନେଇଯାଇଥିବା ଖଗେଶ୍ୱର ଅଭିଯୋଗ କରିଛନ୍ତି । ସକାଳୁ କାର ଭାଙ୍ଗି କେହି ଲୁଟ କରିଥିବା ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ପିସିଆର ପହଁଚି ସିସିଟିଭି ଫୁଟେଜକୁ ସଂଗ୍ରହ କରିବା ସହ ଅଭିଯୁକ୍ତଙ୍କୁ ଧରିବା ନେଇ ତଦନ୍ତ ଆରମ୍ଭ କରିଛି।


ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ୮ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାର ରବିବାର ମ୍ୟାଚ ଅବସରରେ ଅତିଥିଙ୍କ ସହ ଖେଳାଳିମାନେ।

## ରାଜ୍ୟସ୍ତରୀୟ ଯୁବ କବି ସମ୍ମିଳନୀ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ହେଲ୍ପମେଟ୍ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ଅବସରରେ ଯାନ୍ତ୍ରିକ ଭବନରେ ଏକ ରାଜ୍ୟସ୍ତରୀୟ ଯୁବ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେଶାତ୍ମବୋଧକ, ସଚେତନତାମୂଳକ, ବୃକ୍ଷ, ନାରୀ ଓ ଗାନ୍ଧୀଙ୍କ ଉପରେ କବିତା ପାଠ ସହ ଲୋପ ପାଇଯାଉଥିବା ରଢ଼ି ଓ ଢ଼ଗ ଢ଼ମାଳି ଉପରେ ଯୁବ ପିଢ଼ିଙ୍କୁ ସଚେତନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ସୁଚେତା ରାଉତ, ମଧୁଲିତା ରାୟ, ନିହାରିକା ପଟ୍ଟନାୟକ, ଲିନା ମିଶ୍ର ଯୋଗଦେଇ ବ୍ୟବହାରିକ ଶବ୍ଦକୁ ନେଇ କିପରି ସାହିତ୍ୟ ସୃଷ୍ଟି କରାଯାଇପାରିବ ସେ ବିଷୟରେ ମତ ରଖିଥିଲେ। ଏଭଳି କବି ସମ୍ମିଳନୀ ଦ୍ୱାରା ଏକ ଶୃଙ୍ଖଳା ଓ ଦାୟିତ୍ୱବୋଧ ସମାଜ ଗଠନ ହୋଇପାରିବ ବୋଲି ଅନୁଷ୍ଠାନର ସଭାପତି ଡ. ଅଞ୍ଜଳୀ ତ୍ରିପାଠୀ ଓ ସମ୍ପାଦିକା ନିବେଦିତା ଭଞ୍ଜ କହିଥିଲେ।

# କଟକକୁ ହରାଇ ନିମାପଡ଼ା ବିଜୟୀ

## ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସ୍ମାରକୀ ଫୁଟବଲ୍ ପ୍ରତିଯୋଗିତା

ନିମାପଡ଼ା,୧୩।୧୧(ଡି.ଏନ୍.ଏ.)

ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ୮ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା ରବିବାର ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ କେବିଏଫ୍‌ସି ଚାଉଳିଆଗଞ୍ଜ (କଟକ)କୁ ୩-୦ ଗୋଲରେ ପରାସ୍ତ କରି ଆୟୋଜକ ନିମାପଡ଼ା ଆଥଲେଟିକ୍ ଆସୋସିଏଶନ (ଏନ୍‌ଏଏ) ବିଜୟ ହାସଲ କରିଛି। ଖେଳର ପ୍ରଥମାର୍ଦ୍ଧରେ ଏନ୍‌ଏଏର ଖେଳାଳି ମଳୟ ଗୋଟିଏ ଗୋଲ ସ୍କୋର, ୨ୟାର୍ଦ୍ଧରେ ଦଳର ଜ୍ଞାନରଞ୍ଜନ ଭୋଇ ୨ଟି ଗୋଲ ସ୍କୋର କରିଥିଲେ। ବିଜୟୀ ଦଳର ଜ୍ଞାନରଞ୍ଜନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିବେଚନା କରାଯାଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ରେଫରି ଭାବେ ସୁଦୀପ୍ତ ଦାସ, ରାଜେନ୍ଦ୍ର ବାରିକ୍, ପ୍ରିୟବ୍ରତ ବାହିନୀପତି, ସମର ବରାଳ, ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ଏହି ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ନିମାପଡ଼ା କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତପ୍ରସାଦ ସାବୁତ୍, କ୍ରୀଡାବିତ୍ ମହେନ୍ଦ୍ର ସିଂ ଭାଟିଆ, ଯୁବ ଇଞ୍ଜିନିୟର ପବିତ୍ରମୋହନ ବେହେରା, ଏନ୍‌ଏଏ ସମ୍ପାଦକ ଜୀବନାନନ୍ଦ ମହାପାତ୍ର, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସୂର୍ଯ୍ୟକାନ୍ତ ବରାଳ ପ୍ରମୁଖ ଯୋଗଦେଇ ଏହି ଟୁର୍ନାମେଣ୍ଟ ଓ ଅନୁଷ୍ଠାନର ସଫଳ କାମନା କରିଥିଲେ। ସୋମବାର ଏହି ପ୍ରତିଯୋଗିତାର ୨ୟ ମ୍ୟାଚ୍‌ରେ ଧାନବାଦ(ଝାଡ଼ଖଣ୍ଡ) ଏବଂ ଜଗା ୟୁନାଇଟେଡ୍ ଏଫ୍‌ସି (ଭୁବନେଶ୍ୱର) ମଧ୍ୟରେ ମୁକାବିଲା ହେବ।

## ମାଙ୍କଡ଼ା ପଥର ଚୋରା ଚାଲାଣ: ୫ ଗିରଫ

ଖୋର୍ଦ୍ଧା ଅଫିସ,୧୩।୧୧

ଖୋର୍ଦ୍ଧାରେ ମାଙ୍କଡ଼ା ପଥର, ମୋରମ ଚୋରାଚାଲାଣ ବଢ଼ିବାରେ ଲାଗିଛି। ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ମାଙ୍କଡ଼ା ପଥର ଚୋରା ଚାଲାଣ ବେଳେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶରଧାପୁର ଅଞ୍ଚଳର ଲଳିତ କୁମାର ଦାସ, ରିଆନ୍ ଖାନ, ତାଜୁରୁଦ୍ଦିନ ଖାନ, ଶିଶିର କୁମାର ବରାଳ, ତ୍ରିନାଥ ନାୟକ। ଅଭିଯୁକ୍ତ ବିରୋଧରେ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଏଥିସହ ୩ଟି ଟ୍ରାକ୍ଟରରେ ବୋଝେଇ ପଥର ଜବତ ହୋଇଛି।

## ସେତୁ ନାହିଁ, ଲୋକେ ହଇରାଣ

ପୁରୀ ଅଫିସ, ୧୩।୧୧

ସେତୁ ନିର୍ମାଣ ସମିତିର ବୈଠକ କୃଷ୍ଣପ୍ରସାଦର ଦେଉଳପଡାରେ ସଭାପତି ଅଭିମନ୍ୟୁ ଜେନାଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଯାତାୟାତ ପାଇଁ ସ୍ଥାୟୀ ପୋଲ ନାହିଁ । ବନ୍ୟା, ବାତ୍ୟା, ଝଡ଼ରେ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ ହୋଇଯାଉଛି। ପରିବେଶ ଓ ଜୈବ ବିବିଧତାକୁ ଆଳ କରି ଉପକୂଳ ଜାତୀୟ ରାଜପଥ ଦିଗ ପରିବର୍ତ୍ତନ କରି ଟାଙ୍ଗୀରୁ ରତନପୁରକୁ ସରକାର ନେଇଗଲେ। ପାରିକୁଦ ଉପାନ୍ତ ଅଞ୍ଚଳକୁ ଅଣଦେଖା କଲେ। ଗତବର୍ଷ ଆଉ ଏକ ଜାତୀୟ ରାଜପଥ ଗୋପାଳ ପୁର ବନ୍ଦରରୁ ସାତପଡ଼ାକୁ ସଂଯୋଗ ପାଇଁ ପ୍ରସ୍ତାବ ଦେଇଛନ୍ତି ଜାତୀୟ ରାଜପଥ ମନ୍ତ୍ରଣାଳୟ। ତେଣୁ ତୁରନ୍ତ ଚିଲିକାର ବିକାଶ, ଯୋଗାଯୋଗ ର ସୁବିଧା ପାଇଁ ଜହ୍ନିକୁଦା ସାତପଡ଼ା ସେତୁ ନିର୍ମାଣ କରିବାକୁ ଉକ୍ତ ବୈଠକରେ ଦାବି କରାଯାଇଛି। ଜୈବ ବିଭିଧତା ଦୃଷ୍ଟିରୁ ଚିଲିକାରେ ଖମ୍ବ ନ ପୋତି ସାତପଡ଼ାରୁ ବ୍ରହ୍ମପୁର ଓ ମହିଂସାରୁ ଜହ୍ନିକୁଦା ଦୁଇଟି ଛୋଟ ବ୍ରିଜ ହେଲେ ପାଣିର ମୁକ୍ତ ଚଳାଚଳ ସହ ମାଛ ଡାଲଫିନ ଅବାଧରେ ଚଳଚଳ ହେବ ବୋଲି ସମ୍ପାଦକ ଶରତ କୁମାର ରାୟଗୁରୁ କହିଥିଲେ। ସେଇ ପ୍ରୋଜେକ୍ଟରେ ନଳବଣ ୭କିଲୋମିଟର ବୋଲି ଦର୍ଶାଇବା ଭୁଲ, ତାହା ୨୫ କିମିରୁ ଉର୍ଦ୍ଧ ବୋଲି କହିଥିଲେ। ଗତବର୍ଷ ବିଡିଓଙ୍କ ମାଧ୍ୟମରେ ସରକାରଙ୍କୁ ଦାବିପତ୍ର ଦେଇ ଗୋପାଳପୁରରୁ ସାତପଡ଼ା ରାଜପଥ ତିଆରି କରି ଚିଲିକାରେ ବ୍ରିଜ ନିର୍ମାଣ ପାଇଁ ଦାବି କରାଯାଇଥିଲେ ମଧ୍ୟ ଅଦ୍ୟାବଧି କିଛି ସୁଫଳ ମିଳିଲା ନାହିଁ। ଏ ନେଇ ଆସନ୍ତା ୨୫ ତାରିଖରେ ଜିଲାପାଳ ଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ।

# ବିକାଶର ଗାଥା ଗାଇଲେ ମନ୍ତ୍ରୀ

## ବିଜେଡି ଜନସମ୍ପର୍କ ପଦଯାତ୍ରା

କଣାସ,୧୩।୧୧(ଡି.ଏନ୍.ଏ.)

କଣାସ ବ୍ଲକରେ ରବିବାର ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିତ୍ୱ କାଳରେ ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଣତ ହୋଇପାରିଛି। ଆଗାମୀ ଦିନରେ ସତ୍ୟବାଦୀ ନିର୍ବାଚନକୁ ୧ନଂ. କରି ଗଢି ତୋଳିବାରେ ସ୍ଥାନୀୟ ବିଧାୟକଙ୍କୁ ଅକୁଣ୍ଠ ସହଯୋଗ କରିବାକୁ ବିଜେଡି ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କେନ୍ଦ୍ର ସରକାର ଓଡିଶା ପ୍ରତି ସର୍ବଦା ଅବହେଳା କରୁଥିବା କହି ଦୃଢନିନ୍ଦା କରିବା ସହ କେନ୍ଦ୍ରର ଦରଦାମ ବୃଦ୍ଧି ଓ ଗରିବ ମାରଣ ନୀତିକୁ ସେ ନିନ୍ଦା କରିଥିଲେ। ଏହି ଶୋଭାଯାତ୍ରା ଗଡସାହି ପଞ୍ଚାୟତରୁ ଜଙ୍କିଆ ମେଳନ ପଡିଆରୁ ବାହାରି ଦୋକନ୍ଦା ମେଳଣ ପଡିଆରେ ପହଞ୍ଚିଥିଲା। ୧୦କି.ମି. ପଦଯାତ୍ରାରେ ୧୦ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ। ବିଜେଡି ସରକାରର ସ୍ୱଚ୍ଛ ଶାସନ ଉପରେ ସ୍ଲୋଗାନ ଦେଇଥିଲେ। ବିଜେଡି ଶାସନ ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମେଗା ପନୀୟଜଳ ପ୍ରକଳ୍ପ, ମିଶନ ଶକ୍ତି, ଜନ୍ମରୁ ମୃତ୍ୟୁ, କୃଷି ସମ୍ବଳିତ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ଉପରେ ମନ୍ତ୍ରୀ ଓ ବିଧାୟକ ମତବ୍ୟକ୍ତ କରିଥିଲେ। ଲୋକଙ୍କ ସହ ମିଶି କାମ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଗରିବ ଲୋକ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ପଦଯାତ୍ରାରେ ବ୍ଲକ ବିଜେଡି ସଭାପତି ସୁରେଶ ସାହୁ, ଯୁବ ବିଜେଡି ସଭାପତି ବସନ୍ତ ଜେନା, ଆତ୍ମା ଅଧକ୍ଷ ସଞ୍ଜୟ ଭୋଳ, ପୂର୍ବତନ ସରପଞ୍ଚ ବଳରାମ ପଲାଇ, ବିଧାୟକଙ୍କ ସ୍ତ୍ରୀ ତଥା ସମିତି ସଭ୍ୟା ଶୁଭ୍ରାନ୍ତି ସାମନ୍ତରାୟ, ବ୍ଲକ ମହିଳା ମହାସଙ୍ଘ ସମ୍ପାଦିକା ଉଲ୍ଲାସ ସାମନ୍ତରାୟ ଓ ଗୁଣନିଧି ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।


ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ଅନ୍ୟମାନେ।

# ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ

## ୧୦୦ କେଜି ବର୍ଗରେ ସତ୍ୟନାରାୟଣ ମହାସୁଆର ପ୍ରଥମ

ପୁରୀ ଅଫିସ, ୧୩।୧୧

ପୁରୀ ଜିଲା କ୍ରୀଡ଼ା ସଂସଦ ଏବଂ ବାଲିସାହି ସ୍ଥିତ ଖୁଣ୍ଟିଆ ଯାଗାର ମିଳିତ ଆନୁକୂଲ୍ୟରେ ଶନିବାର ଜିଲାସ୍ତରୀୟ ସିନିୟର, ଜୁନିୟର, ସବ୍ ଜୁନିୟର ଏବଂ ୧୫ ବର୍ଷରୁ କମ୍ ବାଳିକା ଓ ବାଳକ ପୁରୁଷ ଓ ମହିଳା ବିଭାଗରେ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି, ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଜିଲା କ୍ରୀଡା ସଂସଦର ସମ୍ପାଦକ ରବିଶଙ୍କର ପ୍ରତିହାରୀ, ରବିନ୍ଦ୍ର ସେନାପତି, ରାମଚନ୍ଦ୍ର ପାଢୀ, ରାମଚନ୍ଦ୍ର ଦାସମହାପାତ୍ର, ମହାବୀର ପ୍ରତିହାରୀ, ଗୋପବନ୍ଧୁ ରଣା, ମହାବୀର ପାଢୀ, ଭଗବାନ ସୁଆର, ତଲୁଛ ନୀଳକଣ୍ଠ ମହାପାତ୍ର ଏବଂ ନାରାୟଣ ମହାସୁଆର ପ୍ରମୁଖ ଯୋଗଦେଇଥିଲେ। କୁସ୍ତି ପ୍ରତିଯୋଗିତାର ୧୫ ବର୍ଷରୁ କମ୍ ବାଳିକ ବିଭାଗରେ ୩୮ କେଜି ବିଭାଗରେ ପଞ୍ଚମୁଖୀ ଯାଗାର ରିତିକ୍ ମହାନ୍ତି ପ୍ରଥମ, ଖୁଣ୍ଟିଆ ଯାଗାର ବାବୁ ଜେନା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୪୪ କେଜିରେ ପଞ୍ଚମୁଖୀର ଶୁଭମ୍ ସାହୁ ପ୍ରଥମ ଓ ବାରବାଟୀ ଯାଗାର ଶିବଶଙ୍କର ସୁବୁଦ୍ଧି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ୪୧ କେଜିରେ ଢେପଜାଗାର ଅଭିଷେକ ମହାସୁଆର ପ୍ରଥମ ହୋଇଥିଲେ। ୪୮ କେଜିରେ ସମ୍ବିତ ସାହୁ ପ୍ରଥମ ଏବଂ ସି ବିଚ୍ କ୍ଲବ୍‌ର ଲକ୍ଷ୍ମୀନାରାୟଣ ମହାସୁଆର ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଥିଲେ। ୫୨କେଜି ବର୍ଗରେ ପଞ୍ଚମୁଖୀର ଆରିୟନ ସାହୁ ପ୍ରଥମ ଏବଂ ରାହାସ ମହାନ୍ତି ଜାଗାର ଦେବଦୁଲ୍ଲଭ ଭୋଇ ଦ୍ୱିତୀୟ ସ୍ଥାନ ପାଇଥିଲେ। ୫୭ କେଜିରେ ସି ବିଚ୍ କ୍ଲବ୍‌ର ସନ୍ଦୀପ କୁମାର ବେହେରା ପ୍ରଥମ ଏବଂ ବାରବାଟି ଜାଗାର ଓମ୍ ପ୍ରତିହାରୀ ଦ୍ୱିତୀୟ ହୋଇଥିଲେ। ୬୫ କେଜିରେ ଗଣ୍ଡମାଳ ଜାଗାର ବିଶ୍ୱନାଥ ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ୩୩ କେଜିରେ ସମୁଦ୍ର କୂଳ କ୍ଲବ୍‌ର କ୍ରିଷ୍ଣା ଲେଙ୍କା, ୪୨ କେଜିରେ ରୂପାଲି ମହାନ୍ତି ଏବଂ ୪୬ କେଜିରେ ମଧୁସ୍ମିତା ଲେଙ୍କା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସବ୍‌ଜୁନିୟର ବାଳକ ବିଭାଗର ୪୫ କେଜି ବିଭାଗରେ ରୋହନ କୁମାର ସାହୁ ପ୍ରଥମ, ଆଦି ଅମ୍ରିତ ବାରିକ ଦ୍ୱିତୀୟ, ୪୮ କେଜିରେ ରତ୍ନାକର ନାୟକ ପ୍ରଥମ ଏବଂ ଢିପ ଯାଗାର କ୍ରିଷ୍ଣ ମହାପାତ୍ର ଦ୍ୱିତୀୟ ହୋଇଥିଲେ। ସେହିପରି ୫୧କେଜିରେ ପଞ୍ଚମୁଖୀ ଯାଗାର ଦେବାଶିଷ ପାଣିଗ୍ରାହୀ, ୫୫ କେଜିରେ ବାରବାଟୀ ଯାଗାର ନାରାୟଣ ସୁବୁଦ୍ଧି ୬୦ କେଜିରେ ମଙ୍ଗଳାମୁଖୀ ଯାଗାର ପ୍ରଭାସ ରଞ୍ଜନ ପ୍ରଧାନ, ୬୫ କେଜିରେ ବାରବାଟି ଯାଗାର କୃଷ୍ଣଚନ୍ଦ୍ର ପଣ୍ଡା, ୭୧ କେଜିରେ ଚିନ୍ମୟ ମହାସୁଆର ଏବଂ ୮୦ କେଜି ବର୍ଗରେ ଢିପଯାଗାର ଲକ୍ଷ୍ମୀ ନୃସିଂହ ମହାସୁଆର ପ୍ରଥମ ସ୍ଥାନ ହାସଲ କରିଥିଲେ। ମହିଳା ବର୍ଗର ୪୯ କେଜିରେ ସୋନମ ମହାପାତ୍ର, ୫୩ କେଜିରେ ଶାନ୍ତିଲତା ସୁବୁଦ୍ଧି ଏବଂ ୫୭ଜେକିରେ ଶ୍ରଦ୍ଧାଶ୍ରୀ ଉପାଧ୍ୟାୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜୁନିୟର ପୁରୁଷ ବର୍ଗର ୫୭ କେଜି ବର୍ଗରେ ଅଜିତ୍ ଭୂୟାଁ, ୬୧ କେଜିରେ ହରିଶଙ୍କର ଜେନା, ୭୦ କେଜିରେ ନାରାୟଣ ମେକାପ, ୭୪ କେଜିରେ ପ୍ରଶାନ୍ତ ସାମଲ, ୭୯ କେଜିରେ ରୁଦ୍ରନାରାୟଣ ମହାପାତ୍ର, ୮୬ କେଜିରେ ରଶ୍ମିରଞ୍ଜନ ବେହେରା, ୯୨ କେଜିରେ ସୂର୍ଯ୍ୟନାରାୟଣ ମହାପାତ୍ର ଏବଂ ୧୦୦ କେଜି ବର୍ଗରେ ସତ୍ୟ ନାରାୟଣ ମହାସୁଆର ପ୍ରଥମ ସ୍ଥାନ ହାସଲ କରିଥିଲେ। ମହିଳା ବିଭାଗର ୫୫ କେଜି ବର୍ଗରେ ରୋନାଲି ଗିରି, ୬୨ ବର୍ଗରେ ଦିବ୍ୟଜ୍ୟୋତି ନାୟକ ପ୍ରଥମ ସ୍ଥାନ ପାଇଥିଲେ। ସିନିୟର ବିଭାଗର ୫୭ କେଜିରେ ମା’ ବସନ୍ତେଇ କ୍ଲବ୍‌ର ବିଶ୍ୱନାଥ ଦେ, ୬୧କେଜିରେ ସଦାଶିବ ବାରିକ, ୬୫ ବର୍ଗରେ ପବିତ୍ର ସାହୁ, ୭୦କେଜିରେ ପୂର୍ଣ୍ଣଚନ୍ଦ୍ର ଦାଶ, ୭୪ କେଜିରେ କୁମାର ଗୁରୁଦେବ ମହାନ୍ତି, ୭୯ କେଜିରେ ଅର୍ଜୁନ ପଣ୍ଡା, ୮୬ କେଜିରେ ଲୋକନାଥ ସୁପକାର ଏବଂ ୯୨ କେଜିରେ ସୁଦର୍ଶନ ଦୀକ୍ଷିତ ପ୍ରଥମ ସ୍ଥାନ ପାଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ଅବହେଳିତ ଅବସ୍ଥାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି

■ ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତି ଚାରିପଟେ ଗଛ ଉଠିଲାଣି
■ ପୂଜ୍ୟପୂଜା ପ୍ରତି ଅପମାନ, ପ୍ରଶାସନର ନଜର ନାହିଁ
■ ପ୍ରସ୍ତାବିତ ସ୍ଥାନକୁ ସ୍ଥାନାନ୍ତର ହେଉ ନ ଥିବାରୁ ଅସନ୍ତୋଷ

**ଖୋର୍ଦ୍ଧା ଅଫିସ, ୧୩।୧୧**

ଭାରତୀୟ ମୁକ୍ତି ସଂଗ୍ରାମର କଥା ଉଠିଲେ, ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ପାଇକ ବିଦ୍ରୋହ ଓ ପାଇକ ବୀରଙ୍କ କଥା ମନେପଡ଼େ। ପାଇକ ବିଦ୍ରୋହର ଅନ୍ୟତମ କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ରେ ଖୋର୍ଦ୍ଧା ମାଟିରୁ ଦିନେ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ତେଜିଥିଲା। ଶେଷରେ ଭାରତୀୟଙ୍କ ପରାକ୍ରମ ଆଗରେ ଇଂରେଜଙ୍କୁ ହାର୍ ମାନିବାକୁ ପଡ଼ିଥିଲା। ବକ୍ସି ଜଗବନ୍ଧୁଙ୍କ ପାଇଁ ଏ ମାଟି ଗୌରବାନ୍ୱିତ ହୋଇଛି। ତାଙ୍କ ବଳିଦାନ ଯୋଗୁ ଏ ମାଟି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ତେବେ ସେହି ମହାନ ବୀରଙ୍କୁ ଯଥୋଚିତ ସମ୍ମାନ ମିଳୁନାହିଁ। ଏପରିକି ତାଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହି ଧୂଳିଧୂସରିତ ହୋଇ ପଡ଼ିଛି। ମାତ୍ର ଏଥିପ୍ରତି ପ୍ରଶାସନର ନଜର ନାହିଁ।

ଜାତୀୟ ରାଜପଥ ପାର୍ଶ୍ୱ ଇସ୍କନ ମନ୍ଦିର ନିକଟରେ ରହିଛି ବକ୍ସିଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି। ଏହି ପ୍ରତିମୂର୍ତ୍ତି ଚାରିପଟେ ଅନାବନା ଗଛଲତା ମାଡ଼ିଗଲାଣି। ରାଜପଥ ସମ୍ପ୍ରସାରଣ କାରଣରୁ ପ୍ରତିମୂର୍ତ୍ତିରେ ବହଳେ ଧୂଳିର ଆସ୍ତରଣ ବସିଲାଣି।


ଜାତୀୟ ରାଜପଥ ପାର୍ଶ୍ୱରେ ଅବହେଳିତ ଅବସ୍ଥାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି।

ମାତ୍ର ଏଥିପ୍ରତି ପ୍ରଶାସନର ନଜର ପଡୁନାହିଁ। ଏ କ୍ଷେତ୍ରରେ ରାଜନୈତିକ ଇଚ୍ଛାଶକ୍ତିର ମଧ୍ୟ ଅଭାବ ଦେଖାଦେଇଛି। ପୂଜ୍ୟପୂଜା ପ୍ରତି କିଭଳି ଅବହେଳା କରାଯାଉଛି, ଏହା ହେଉଛି ତାହାର ଏକ ଉଦାହରଣ। ୨୦୦୯ ଜାନୁୟାରୀ ୨୪ରେ ବରୁଣେଇ ଓ ଗଡ଼ଖୋର୍ଦ୍ଧା ବିକାଶ ପରିଷଦ ଆନୁକୂଲ୍ୟରେ ଏହି ପ୍ରତିମୂର୍ତ୍ତି ରାଜପଥ ପାର୍ଶ୍ୱରେ ସ୍ଥାପନି କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ସେତେବେଳେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତତ୍କାଳୀନ ବ୍ରହ୍ମଗିରି ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର କର୍ପୋରେଟର ପ୍ରତାପ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଡ. ଦିଲୀପ ଶ୍ରୀଚନ୍ଦନ ସଭାପତି ଏବଂ ରାଜକିଶୋର ରାମ ଏହି ପରିଷଦର ଉପଦେଷ୍ଟା ରହିଥିଲେ। କିଛିବର୍ଷ ଧରି ଏହି ପ୍ରତିମୂର୍ତ୍ତି ଭଲ ଅବସ୍ଥାରେ ଥିଲା। ସେଠାରେ ବକ୍ସି ଜଗବନ୍ଧୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପ୍ରଭୃତି ପାଳନ ଅବସରରେ ମାଲ୍ୟାର୍ପଣ କରାଯାଉଥିଲା। ଏବେ ବି ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ଆସିଲେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। ମାତ୍ର ଏହାପରେ ସମସ୍ତେ ତାଙ୍କୁ ଭୁଲିଯାଉଛନ୍ତି। ଏଭଳି ଭାବେ ପୂଜ୍ୟପୂଜାକୁ ସମ୍ମାନ ଦିଆଯାଉଛି। ପାଇକ ବିଦ୍ରୋହରେ ବକ୍ସିଙ୍କ ନେତୃତ୍ୱକୁ ନେଇ କୁମ୍ଭୀର କାନ୍ଦଣା କରୁଥିବା କେତେକ ସଙ୍ଗଠନ ଏହି ଅବହେଳିତ ପ୍ରତିମୂର୍ତ୍ତି ସଫା କରିବାକୁ କେବେ ଆସି ନ ଥିବା ସ୍ଥାନୀୟ ଲୋକେ ଗଣମାଧ୍ୟମ ଆଗରେ କହିଛନ୍ତି।

ତେବେ କେବଳ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନୁହେଁ, ଗଡ଼ଖୋର୍ଦ୍ଧା ଛକରେ ଥିବା ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତିର ସମାନ ଅବସ୍ଥା। ରାଜପଥରୁ ଗଡ଼ଖୋର୍ଦ୍ଧା ମୌଜାରେ ଜିଲା ପ୍ରଶାସନ ପକ୍ଷରୁ ଚିହ୍ନଟ ସ୍ଥାନକୁ ପ୍ରତିମୂର୍ତ୍ତି ସ୍ଥାନାନ୍ତର ଲାଗି ବାରମ୍ବାର ବୈଠକ, ଆଲୋଚନା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଏହି ପଞ୍ଚ ପାଇକଙ୍କ ମୂର୍ତ୍ତି ଚାରିପଟେ ଅନାବନା ଗଛଲତା ମାଡିଗଲାଣି। ପ୍ରତିମୂର୍ତ୍ତି ପଛପଟେ ଗଛ ଉଠିଲାଣି। ମୂର୍ତ୍ତିରେ ଫାଟ ସୃଷ୍ଟି ହେଲାଣି। ସଞ୍ଜ ନଇଁଲେ ଏଠାରେ ଅସମାଜିକଙ୍କ ଆଡ୍ଡା ଜମୁଛି। ଯାନବାହନ ଯିବାବେଳେ ଧୂଳି ଉଡ଼ି ଏହି ପ୍ରତିମୂର୍ତ୍ତି ଉପରେ ପଡ଼ି ଆସ୍ତରଣ ଜମିଗଲାଣି। ଯାହାଙ୍କ ପାଇଁ ଓଡ଼ିଶା ଆଜି ବିଶ୍ୱ ଦରବାରରେ ଗର୍ବିତ, ଯେଉଁମାନେ ଓଡ଼ିଆ ଜାତିର ଅସ୍ମିତା ସେମାନଙ୍କ ପ୍ରତିମୂର୍ତ୍ତିକୁ ଅବହେଳା ପୂଜ୍ୟପୂଜାର ଅପମାନ ସଦୃଶ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରସ୍ତାବିତ ସ୍ଥାନକୁ ଏହି ପ୍ରତିମୂର୍ତ୍ତିକୁ କେବେ ସ୍ଥାନାନ୍ତର କରାଯିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନର ଆନ୍ତରିକତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ କାରଣରୁ ପ୍ରତିମୂର୍ତ୍ତି ସ୍ଥାନାନ୍ତର ହୋଇପାରୁନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଏ ନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି, ପ୍ରତିମୂର୍ତ୍ତି ସ୍ଥାନାନ୍ତର ଲାଗି ଜମି ଚିହ୍ନଟ ସରିଛି। ଏଥିପ୍ରତି ଗୁରୁତ୍ୱ ଦିଆଯିବ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବୋଲଗଡ଼, ୧୩।୧୧(ଡି.ଏନ୍.ଏ.)**

ବୋଲଗଡ଼ ଥାନା ଅଧୀନ କଳାଙ୍ଗ ଗ୍ରାମ ବଡ଼ସାହିର ଏକ ବନ୍ଦ ଘରୁ ରବିବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଏହି ଗ୍ରାମର ବିଜୟ କୁମାର ସାହୁ। ତିନିଦିନ ପୂର୍ବେ ବିଜୟ ମଧ୍ୟାହ୍ନରେ ନିଜ ଜଳଖିଆ ଦୋକାନରୁ ଘରକୁ ଖାଇବା ପାଇଁ ଆସିଥିବା ବେଳେ କୌଣସି କାରଣକୁ ନେଇ ତାଙ୍କ ସ୍ତ୍ରୀଙ୍କ ସହ ବଚସା ହୋଇଥିଲା। ପରେ ବିଜୟ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିବାରୁ ସେ ପିଲାଙ୍କୁ ନେଇ ବାପଘରକୁ ପଳାଇଥିଲେ। ପରବର୍ତ୍ତୀ ସମୟରେ ବିଜୟ ତାଙ୍କ ମା'କୁ ମଧ୍ୟ ଘରୁ ବାହାର କରି ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ଫଳରେ ତାଙ୍କ ମା' ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେବାକୁ ପଳାଇଆସିଥିଲେ। ଗ୍ରାମବାସୀ କୌଣସି କାମରେ ଶୁକ୍ରବାର ବିଜୟଙ୍କ ଘର କବାଟ ବାଡେଇଥିଲେ ମଧ୍ୟ ସେ ଖୋଲି ନ ଥିଲେ। ଶନିବାର ପଡିଶା ଘରେ ବିଜୟଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ତାଙ୍କ ମା' ଓ ସ୍ତ୍ରୀଙ୍କୁ ଜଣାଇଥିଲେ। ପୋଲିସ ଉପସ୍ଥିତିରେ କବାଟ ଭଙ୍ଗାଯାଇ ବିଜୟଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏ ସମ୍ପର୍କରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୩/୨୨)ରୁଜୁକରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ମିନିଟ୍ରକ୍-ବାଇକ୍ ଧକ୍କା: ଜଣେ ଗୁରୁତର

**ବୋଲଗଡ଼, ୧୩।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ବୋଲଗଡ଼ଠାରେ ରବିବାର ବାଇକ୍ ଓ ମିନିଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ବାଇକ୍ ଚାଳକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ନୟାଗଡ଼ ଅଭିମୁଖେ ବାଇକ୍ ଚାଳକ ଯାଉଥିବା ବେଳେ ବିପରୀତପଟୁ ଆସୁଥିବା ମିନିଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ଖବରପାଇ ବୋଲଗଡ଼ ଥାନା ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ମାଙ୍କଡ଼ା ପଥର ଚୋରା ଚାଲାଣ: ୫ ଗିରଫ

**ଖୋର୍ଦ୍ଧା ଅଫିସ, ୧୩।୧୧:** ଖୋର୍ଦ୍ଧାରେ ମାଙ୍କଡ଼ା ପଥର, ମୋରମ ଚୋରାଚାଲାଣ ବଢ଼ିବାରେ ଲାଗିଛି। ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ମାଙ୍କଡ଼ା ପଥର ଚୋରା ଚାଲାଣ ବେଳେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶରଧାପୁର ଅଞ୍ଚଳର ଲଳିତ କୁମାର ଦାସ, ରିଆନ୍ ଖାନ, ତାଜୁରୁଦ୍ଦିନ ଖାନ, ଶିଶିର କୁମାର ବରାଳ, ତ୍ରିନାଥ ନାୟକ। ଅଭିଯୁକ୍ତ ବିରୋଧରେ ଥାନାରେ ପୃଥକ ମାମଲା ରୁଜୁ ହୋଇଛି। ଏଥିସହ ୩ଟି ଟ୍ରାକ୍ଟରରେ ବୋଝେଇ ପଥର ଜବତ ହୋଇଛି।

### ଡିସେମ୍ବର ୨ୟ ସପ୍ତାହରୁ ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଯାଁଳା, ୧୩।୧୧(ଡି.ଏନ୍.ଏ.):** ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ୨୭ତମ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟବ୍‌ଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୧୨ଟି ଟିମ୍ ଅଂଶଗ୍ରହଣ କରିବେ। ନକଆଉଟ ଭିତ୍ତିରେ ଖେଳାଯିବାକୁ ଥିବା ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଟିମକୁ ତମାଣ୍ଡୋ କପ୍ ସହ ୨୫ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ରନର୍ସ ଅପ ଟିମକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯିବା ସହ ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପ୍ରଦାନ କରାଯିବ। ଓଫା ମାନ୍ୟତାପ୍ରାପ୍ତ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାକୁ ଇଚ୍ଛୁକ ଦଳ ନଭେମ୍ବର ଶେଷ ସୁଦ୍ଧା ସୁକାନ୍ତ ପଟ୍ଟନାୟକ ସାଧାରଣ ସମ୍ପାଦକ ମୋ-୯୦୬୪୦୭୬୭୦୯ ରେ ଯୋଗାଯୋଗ କରିବାକୁ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।


ଜଟଣୀ: ରାମଚନ୍ଦ୍ରପୁରସ୍ଥିତ ଗୋପୀନାଥ ଦେବ ମନ୍ଦିର ପରିସରରେ ଶ୍ରୀମଦ୍ ଭଗବତ କଥା ଜ୍ଞାନଯଜ୍ଞ ଏବଂ ରାସଉତ୍ସବ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା।

## ଶ୍ରୀମଦ ଭଗବତ କଥା ଜ୍ଞାନଯଜ୍ଞ, ରାସ ଉତ୍ସବ ଆରମ୍ଭ

**ଜଟଣୀ, ୧୩।୧୧(ଡି.ଏନ୍.ଏ.)**

ରାମଚନ୍ଦ୍ରପୁରସ୍ଥିତ ଗୋପୀନାଥ ଦେବ ମନ୍ଦିର ପରିସରରେ ଶ୍ରୀମଦ ଭଗବତ କଥା ଜ୍ଞାନଯଜ୍ଞ ଏବଂ ରାସଉତ୍ସବ ଆରମ୍ଭ ହୋଇଛି। ୭ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ସ୍ଥାନୀୟ ଉତ୍ତରାୟଣୀ ମନ୍ଦିର ପରିସରରୁ କଳସ ଶୋଭାଯାତ୍ରା ବାହାରି ସହର ମୁଖ୍ୟ ରାସ୍ତା ଦେଇ ରାସଉତ୍ସବ ସ୍ଥଳରେ ପହଞ୍ଚିବା ପରେ କଳସ ସ୍ଥାପନ କରାଯାଇଥିଲା। ଏହି ଯାତ୍ରାରେ ଦୁଇ ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ମୁଖ୍ୟ ଯଜମାନ ବାଲକିଷନ ଅଗ୍ରୱାଲ ଏବଂ ତାଙ୍କ ସହଧର୍ମିଣୀ ମୀରାଦେବୀଙ୍କ ସହିତ କଳସ ଶୋଭାଯାତ୍ରାରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ପୌରାଧ୍ୟକ୍ଷ ଅନନ୍ତ ବେହେରା, ସଜନ ଅଗ୍ରୱାଲ, ଗୁଡୁ ଅଗ୍ରୱାଲଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଯୋଗଦେଇଥିଲେ। ପ୍ରତିଦିନ ସନ୍ଧ୍ୟାରେ ବୃନ୍ଦାବନରୁ ଆସିଥିବା କଳାକାର ଶ୍ରୀକୃଷ୍ଣ ଲୀଳା ଆଧାରିତ ରାସଲୀଳା ପରିବେଶ କରିବା ସହିତ ରାଇରଙ୍ଗପୁରର ବ୍ୟାସ ପଣ୍ଡିତ ସୁରେଶ ଚନ୍ଦ୍ର ଶାସ୍ତ୍ରୀ ଭଗବତ କଥା ପ୍ରବଚନ ପ୍ରଦାନ କରୁଛନ୍ତି। ମାରୱାଡ଼ି ଯୁବ ମଞ୍ଚ, ମାରୱାଡ଼ି ମହିଳା ସମିତି, କର୍ମା ଗ୍ରୁପ, ମିତ୍ର ବେୱାଲ୍ଫେୟର ସୋସାଇଟି ଏବଂ ଗୋପୀନାଥ ମନ୍ଦିର କମିଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ବ୍ଲକ ଭାରତୀୟ ମଜଦୁର ସଂଘର ବାର୍ଷିକ ଅଧିବେଶନ


ଅଧିବେଶନରେ ଭାରତୀୟ ମଜଦୁର ସଂଘର କର୍ମକର୍ତ୍ତାମାନେ।

**ଜଟଣୀ, ୧୩।୧୧(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିକାଶନଗର ଠାରେ ଭାରତୀୟ ମଜଦୁର ସଂଘର ବାର୍ଷିକ ଅଧିବେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଜଦୁର ସଂଘ ଜଟଣୀ ବ୍ଲକ ସଭାପତି ବିଜୟ କୁମାର ହରିଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଅଧିବେଶନରେ ସଂଘ ଜିଲା ସଭାପତି ପାର୍ଥସାରଥି ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି ସଂଘ ରାଜ୍ୟ ଉପ ସଭାପତି ବନୀତାଞ୍ଜଳି ଦାସ, ଜିଲା ସମ୍ପାଦକ ଅକ୍ଷୟ କୁମାର ରାଉତରାୟ, ବ୍ଲକ ସମ୍ପାଦକ ଦଣ୍ଡପାଣି ଜେନା, ମୁଖ୍ୟ ବକ୍ତାଭାବେ ବିଜୟ କୁମାର ପାତ୍ର ଯୋଗଦେଇଥିଲେ। ୩୦ ଲକ୍ଷ ପ୍ରବାସୀ ମଜଦୁରଙ୍କ ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବା ଆର୍ଥିକ ସାହାଯ୍ୟ ବର୍ତ୍ତମାନ ସମୟରେ ନ ମିଳିବା, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରବାସୀ ମଜଦୁରଙ୍କ ପଞ୍ଜୀକରଣ ତୁରନ୍ତ ଆରମ୍ଭ କରିବା, ବ୍ଲକ ଅଞ୍ଚଳରୁ କାମ ନ ପାଇ ଅନ୍ୟ ରାଜ୍ୟକୁ ପଳାୟନ କରୁଥିବା ଭାଇ ଭଉଣୀଙ୍କୁ ଥଇଥାନ କରିବା ଉପରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜଟଣୀ ବ୍ଲକ ମଜଦୁର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ଦଣ୍ଡପାଣି ଜେନା, କାର୍ଯ୍ୟକାରୀ ସଭାପତି ପ୍ରତାପ ରାଉତ, ଉପସଭାପତି ପ୍ରଭାତୀ ମଙ୍ଗରାଜ, ସମ୍ପାଦକ ବିଜୟ ହରିଚନ୍ଦନ, ସହସମ୍ପାଦିକା ଅମ୍ରିତା ମହାପାତ୍ର, କୋଷାଧ୍ୟକ୍ଷ ବିପିନ ନାୟକ ପ୍ରମୁଖ ପଦାଧିକାରୀଙ୍କ ସମେତ ସନ୍ତୋଷ ରାଉତରାୟ, ବିଜୟ ବଳିୟାରସିଂ, ସନାତନ ମଲିକ, ବାଦଲ ନାୟକ, ମାଧବ ସାମଲ, ପରମାନନ୍ଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକାରିଣୀ ସଦସ୍ୟଭାବେ ମନୋନୀତ ହୋଇଛନ୍ତି।

## ଓଡ଼ିଆ ସାହିତ୍ୟକୁ ମାୟାଧର ମାନସିଂଙ୍କ ଅବଦାନ ଅତୁଳନୀୟ

**ଖୋର୍ଦ୍ଧା ଅଫିସ, ୧୩।୧୧**

ଖୋରଧା ସାହିତ୍ୟ ସଂସଦର ମାସିକ ଆସର ରବିବାର ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ପୌରୋହିତ୍ୟ କରିଥିଲେ। ଆସରରେ ଯଶସ୍ୱୀ କବି ତଥା ବରେଣ୍ୟ ସାହିତ୍ୟିକ ମାୟାଧର ମାନସିଂଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଧୁନିକ ଓଡ଼ିଆ ସାହିତ୍ୟକୁ ମାୟାଧର ମାନସିଂଙ୍କ ଅବଦାନ ଅତୁଳନୀୟ। ତାଙ୍କ ଦ୍ୱାରା ରଚିତ ପୂଜାରିଣୀ, ହେମଶସ୍ୟ, ଧୂପ, କୁଶ ଏବଂ ଓଡ଼ିଆ ସାହିତ୍ୟର ଇତିହାସ ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି ମତ ପ୍ରକାଶ ପାଇଥିଲା। ଡ. ସସ୍ମିତା ପଟ୍ଟନାୟକ, ଡ. ବୃନ୍ଦାବନ ପଣ୍ଡା ଓ ନିରଞ୍ଜନ ମହାନ୍ତି ପ୍ରମୁଖ ମାନସିଂଙ୍କ କାଳଜୟୀ କବିତା ସଙ୍କଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଆରତିମଞ୍ଜରୀ ଦାଶ, ଗାଳ୍ପିକ ତପନ ମହାପାତ୍ର, ପଣ୍ଡିତ ବାସୁଦେବ ସାହୁ, ଇତିଶ୍ରୀ ସାହୁ, ବଂଶୀଧର ଦାସ, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂସଦ ସମ୍ପାଦକ ବିଭୁପ୍ରସାଦ ହରିଚନ୍ଦନ ସ୍ୱାଗତ ଭାଷଣ, ଅତିଥି ପରିଚୟ ଏବଂ ସଙ୍ଗଠନ ସମ୍ପାଦକ ରାମଶଙ୍କର ଧନ୍ୟବାଦ ଦେଇଥିଲେ।

## ସେମିରେ ବଜରଙ୍ଗବାଲୀ କ୍ଲବ

**ବେଗୁନିଆ, ୧୩।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମ ସ୍ଥିତ ଖେଳପଡିଆରେ ରବିବାର ଜୟଦୁର୍ଗା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ମୁଖ୍ୟ ଅତିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସ ମ୍ୟାଚ ଖଣ୍ଡପଡ଼ା ଟାଉନ ଫୁଟ୍‌ବଲ କ୍ଲବ ଏବଂ ଭୁବନେଶ୍ୱର ଉପକଣ୍ଠ ଘାଟିକିଆର ବଜରଙ୍ଗବାଲୀ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩-୦ ଗୋଲରେ ବଜରଙ୍ଗବାଲୀ ଟିମ୍ ବିଜୟୀ ହୋ ସହ ସେମିଫାଇନାଲରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟର ଉପଦେଷ୍ଟା ଦୟାନ ଖାନଙ୍କ ନେତୃତ୍ୱରେ ପ୍ରଫୁଲ୍ଲ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଏସ୍.ଜାନି, ମନୋରଞ୍ଜନ ଖୁଣ୍ଟିଆ, ଫୈଜଲ ଖାନ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବସମାଜ ଦେଶର କର୍ଣ୍ଣଧାର

**ଖୋର୍ଦ୍ଧା ଅଫିସ, ୧୩।୧୧**

ଯୁବଶକ୍ତି ଯୁବଶକ୍ତି ହେଉଛି ରାଷ୍ଟ୍ରଶକ୍ତି। ଯୁବସମାଜ ଦେଶର କର୍ଣ୍ଣଧାର। ଏକ ସମୃଦ୍ଧ ଦେଶ ଗଠନ ଦିଗରେ ଯୁବକମାନଙ୍କ ପ୍ରମୁଖ ଭୂମିକା ରହିଛି। ନିଜ ସ୍ୱାର୍ଥ ଅପେକ୍ଷା ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିଷ୍ଠା ଓ ଏକାଗ୍ରତା ପୂର୍ବକ କାର୍ଯ୍ୟ କରିବାକୁ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ଆଜାଦୀକା ଅମୃତ ମହୋତ୍ସବ ଅବସରରେ ଆୟୋଜିତ 'ଏକ ବିକଶିତ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ସେ କହିଲେ ଯେ, ଯୁବ ସମାଜ ଦେଶର ଭବିଷ୍ୟତ। ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଦୃଷ୍ଟିରୁ ଏକ ସମୃଦ୍ଧ, ସଶକ୍ତ ଭାରତ ଗଠନ ଦିଗରେ ଯୁବକମାନଙ୍କ ପ୍ରମୁଖ ଭୂମିକା ରହିଛି। ଗଠନମୂଳକ ସମାଜ ଦିଗରେ ଅଗ୍ରସର ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ ସୁଜନ ମିଶ୍ର କହିଲେ ଯେ, ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟ ପୂର୍ବକ କାର୍ଯ୍ୟ କଲେ, ସଫଳତା ମିଳିଥାଏ। ସେବା ମନୋଭାବ ନେଇ ଆଗକୁ ବଢିବାକୁ ସେ କହିଥିଲେ। ସେହିପରି ସାମାଜିକ କର୍ମୀ ସତ୍ୟ ବିଶୋଇ କହିଥିଲେ, ରାଷ୍ଟ୍ର ସ୍ୱାର୍ଥ ଆଗରେ ନିଜ ସ୍ୱାର୍ଥ ନିରର୍ଥକ। ଭାରତୀୟତା, ରାଷ୍ଟ୍ରୀୟତା, ଭାତୃଭାବ, ଭାରତମାତାଙ୍କ ପ୍ରତି ସମର୍ପଣ ଭାବ ରଖି ଆଗକୁ ଅଗ୍ରସର ହେଲେ ସମାଜ ଏବଂ ରାଷ୍ଟ୍ରର କଲ୍ୟାଣ ହୋଇପାରିବ। ଅନୁଷ୍ଠାନ ସଭାପତି ରଞ୍ଜିତ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ମୀନକେତନ ସୁବୁଦ୍ଧି, ଗୋପାଳକୃଷ୍ଣ ଦାସ, ରାକେଶ ସାହୁ, ଓମ୍ ପ୍ରକାଶ ମହାନ୍ତି, ଆଦିତ୍ୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସୁଆଙ୍ଗ କ୍ଲବ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ, ୧୩।୧୧**

ସତ୍ୟପୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା କାଇପଦର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ସୁଆଙ୍ଗ କ୍ଲବ ଚାମ୍ପିୟନ ହୋଇଛି। ରବିବାର ସ୍ଥାନୀୟ ଖେଳପଡିଆରେ ଭୁବନେଶ୍ୱର ସୁଆଙ୍ଗ କ୍ଲବ ଏବଂ ସତ୍ୟପୀର ସ୍ପୋର୍ଟିଂ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ସତ୍ୟପୀର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୯୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଲାଲଦୀପ ଛୋଟରାୟ ୩୬ ବଲରୁ ୫୪ ଏବଂ ସୁରେନ୍ଦ୍ର ଚମ୍ପତିସିଂ ୬୦ରନ କରିଥିଲେ। ସୁଆଙ୍ଗ ପକ୍ଷରୁ ଅମିତ ବଡଜେନା ୪ ଓଭରରେ ୨୮ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ସୁଆଙ୍ଗ ଟିମ୍ ୧୯୬ ରନ ପିଛା କରି ୧୯.୨ ଓଭରରେ ୬ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଝଜ ସାମନ୍ତରାୟ ଓ ବିଜୟ ରଣା ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସାମାଜିକ କର୍ମୀ ନଟବର ରାଉତ, ତାପସ କୁମାର ମଲ୍ଲିକ, ରମେଶ ଚନ୍ଦ୍ର ସାହୁ, ଭିକାରୀ ବଳିଆରସିଂ, ଶୁଭ୍ରାଂଶୁ ଚମ୍ପତିରାୟ, ପ୍ରତାପ କିଶୋର ଛୋଟରାୟ ଓ ସୌମେନ୍ଦ୍ର ରଞ୍ଜନ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳିମାନେ।


ବିଧାୟକ ସୁରେଶ କୁମାର ରାଉତରାୟ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

## କେସିପିଏଲ ପ୍ରିମିୟର ଲିଗ୍ ଆରମ୍ଭ: ଗତିଶ୍ୱର କ୍ଲବ ବିଜୟୀ

**ଜଟଣୀ, ୧୩।୧୧(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ କୁସୁମାଟି ଛଣଘର ପକ୍ଷରୁ କୁସୁମାଟି ଛଣଘର ପ୍ରିମିୟର ଲିଗ(କେସିପିଏଲ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ହାଇସ୍କୁଲ ପଡିଆରେ ଆରମ୍ଭ ହୋଇଛି। ମୁଖ୍ୟ ଅତଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ। ସରପଞ୍ଚ ସୁବାସିନୀ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ଦିବସରେ ଗତିଶ୍ୱର କ୍ରିକେଟ କ୍ଲବ ଏବଂ କଣ୍ଢେଇ ନାଇଟ ରାଇଡର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଗତିଶ୍ୱର କ୍ଲବ ବ୍ୟାଟିଂ କରି ୧୬ ଓଭରରେ ୫ ଉଇକେଟ ବିନିମୟରେ ୧୨୫ ରନ ସଂଗ୍ରହ କରିଥିଲା। ଜବାବରେ କଣ୍ଢେଇ ନାଇଟ ରାଇଡର ନିର୍ଦ୍ଧାରିତ ଓଭରରେ ୧୦୮ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଗତିଶ୍ୱର କ୍ଲବର ସିଟୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ସମରଜିତ ମହାନ୍ତି ଏବଂ ହେମନ୍ତ ସେଠୀ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ସାଇ ଏବଂ ବାୟାଣୀ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।





ବାଲିଯାତ୍ରା ପଡ଼ିଆର ରାତ୍ରିବେଳର ଦୃଶ୍ୟ।



ଗାନ୍ଧୀଶିଳ୍ପ ବଜାରର ଏକ ଷ୍ଟଲରେ ଦୁଇ ଯୁବତୀ ଅଳଙ୍କାର ଓ ସାମଗ୍ରୀ କିଣୁଛନ୍ତି।

# ଦିନରୁ ରାତିଯାଏ ଅସମ୍ଭାଳ ଭିଡ଼



**ବାଲିଯାତ୍ରାର ଷଷ୍ଠ ଦିନ**

କଟକ ଅଫିସ,୧୩।୧୧: କଟକ ବାଲିଯାତ୍ରା ଏତିକି ହିଁ ଯଥେଷ୍ଟ, ସ୍ୱରୂପକୁ ବୁଝାଇବାରେ ବେଶି କସରତ କରିବାକୁ ପଡ଼ିବ ନାହିଁ। ବାଲିଯାତ୍ରାର ଷଷ୍ଠ ଦିନ ରବିବାର ସମ୍ପୂର୍ଣ୍ଣ ଭିନ୍ନ ଥିଲା ମାହୋଲ। ଯାହାକୁ ଅଙ୍ଗେ ନ ନିଭାଇଲେ କଥାରେ କହି ବୁଝାଇ ହେବ ନାହିଁ। ଯୁଆଡ଼େ ଚାହିଁଲେ ସିଆଡ଼େ ଜନସମୁଦ୍ର। ଉତ୍ତାଳ ଢେଉ ମାଡ଼ିଆସିବା ପରି ଲୋକଙ୍କ ଗତି ପରିଲକ୍ଷିତ ହେଉଥାଏ। ସମ୍ପୂର୍ଣ୍ଣ ଛୁଟି ହୋଇଥିବା କାରଣରୁ ଦିନରୁ ରାତିଯାଏ ଅସମ୍ଭାଳ ଭିଡ଼ ହୋଇଥିଲା। ପଡ଼ିଆ ଭିତରେ କଡ଼ ବୁଲାଇବା ମୁସ୍କିଲ ହୋଇଥିଲା। ବାଲିଯାତ୍ରାର ବର୍ଦ୍ଧିତ କଳେବର ଅବଶ୍ୟ ଲୋକ ଭିଡ଼କୁ କେତେକାଂଶରେ ପ୍ରଶମିତ କରିବାରେ ସକ୍ଷମ ହୋଇଥିଲା। ଚଳିତବର୍ଷ ପୂଣ୍ୟତୋୟା ମହାନଦୀ ବି ବାଲିଯାତ୍ରାର ଏକ ପ୍ରମୁଖ ଆକର୍ଷଣ ପାଲଟିଛି। ଲେଜର ଲାଇଟ୍ ଶୋ, ପାୱାର ବୋଟ୍‌ରେ ଭ୍ରମଣ, ମହାନଦୀ ଆଳତି, ନଦୀପାର୍ଶ୍ୱର କଂକ୍ରିଟ ବେଞ୍ଚରେ ବସିବାଠାରୁ ନଦୀ କୂଳେ କୂଳେ ଓଟ, ଘୋଡ଼ା ପିଠିରେ ବସି ବୁଲିବାର ସୁଯୋଗକୁ ଲୋକମାନେ ପୂରାପୂରି ଉପଯୋଗ କରିଛନ୍ତି। ବିଭିନ୍ନ ଦୃଷ୍ଟିରୁ ନଦୀକୂଳ ପାର୍ଶ୍ୱ ତଳପଡ଼ିଆର ଗୁରୁତ୍ୱ ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଅନ୍ୟତମ ପ୍ରମୁଖ ଆକର୍ଷଣ ସାଜିଥିଲା ଦୁଇଟି ଯାକ ସାଂସ୍କୃତିକ ମଞ୍ଚ। ବୈଷ୍ଣବ ପାଣି ମଞ୍ଚରେ ମେଲୋଡ଼ିଠାରୁ ଆରମ୍ଭ କରି ଓଡ଼ିଶୀ ନୃତ୍ୟ, କିନ୍ନରମାନଙ୍କ ସମ୍ବଲପୁରୀ ନୃତ୍ୟ ଏବଂ ସେପଟେ ଅକ୍ଷୟ ମହାନ୍ତି ମଞ୍ଚରେ ଦମଦାର ଓଡ଼ିଆ, ହିନ୍ଦୀ ଚଳଚ୍ଚିତ୍ରର ସୁପରିହିଟ୍ ଗୀତ ସାଙ୍ଗକୁ ବଲିଉଡ୍ ଗାୟକ ଜାଭେଦ ଅଲିଙ୍କ ସଙ୍ଗୀତ ପରିବେଷଣ। ପଲ୍ଲୀଶ୍ରୀ ମେଳା ଭିତରେ ଏସ୍ଏଚ୍‌ଜି ମହିଳାମାନେ କରିଥିବା ବିଭିନ୍ନ ଷ୍ଟଲରେ ଲୋକଙ୍କୁ ଖାଦ୍ୟ ସାମଗ୍ରୀର ସ୍ୱାଦ ଚଖାଇବା ନେଇ ଏକ ସୁନ୍ଦର ତରିକା ଆପଣେଇଛନ୍ତି। ସବୁଠି ଚାଖିବାକୁ ମିଳୁଥିବାରୁ ଲୋକଙ୍କ ଭିଡ଼ ସେଠି ଜମୁଛି, ଆଉ ସେଇ ମାଧ୍ୟମରେ ବ୍ୟବସାୟ ବି ଭଲ ହେଉଛି। ଗାନ୍ଧୀ ଶିଳ୍ପ ବଜାର, ଭିନ୍ନକ୍ଷମଙ୍କ ଷ୍ଟଲରେ ସାମଗ୍ରୀଗୁଡ଼ିକ କଳାତ୍ମକ ହୋଇଥିବାରୁ କିଣିବା ନିମନ୍ତେ ଲୋକେ ଅଧିକ ଆଗ୍ରହ ଦେଖାଉଛନ୍ତି। ଅପରପକ୍ଷେ ବାଲିଯାତ୍ରାରେ ପ୍ରବଳ ଭିଡ କାରଣରୁ ଅନେକ ପଡିଆ ଭିତରକୁ ପ୍ରବେଶ କରି ନ ପାରି ଫେରି ଯାଇଥିଲେ।

## ସୁଗାର ଫ୍ରି ଚାଉଳ କେଜି ୮୦




ବାଲିଯାତ୍ରାର ଓର୍‌ମାସ ପରିସରରେ ବିକ୍ରି ହେଉଛି ସୁଗାର ଫ୍ରି ଚାଉଳ। ତିଗିରିଆ ଅଞ୍ଚଳର ନଗମଣି ମହାନ୍ତି ନିଜ ଚାଷ କରିଥିବା ଚାଉଳକୁ ବିକ୍ରି କରିବାକୁ ଆଣିଛନ୍ତି। ସେଥିରେ ରହିଛି ସୁଗାର୍ ଫ୍ରି ଚାଉଳ। ଏହା ମଧୁମେହ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରକ। ଏହାର ଦାମ୍ କେଜି ପିଛା ୮୦ ଟଙ୍କା ରହିଛି। ଏଥିସହ ବ୍ଲାକ୍ ରାଇସ ମଧ ଏଠାରେ ରହିଛି।



ଓର୍‌ମାସ-ମିଶନ ଶକ୍ତି ପକ୍ଷରୁ ଖୋଲାଯାଇଥିବା ଷ୍ଟଲରେ ବିକ୍ରି ପାଇଁ ରଖାଯାଇଥିବା ପିତଳ ସାମଗ୍ରୀ।

## ୫୦୦ ଟଙ୍କାରେ ଦୁଇଟା ଶାଢ଼ି



ଚଳିତବର୍ଷ ବାଲିଯାତ୍ରାରେ ଶାଢି ବିକ୍ରି କରିବାକୁ ଗୁଜରାଟର ବ୍ୟବସାୟୀମାନେ ଆସିଛନ୍ତି। ଷ୍ଟଲରେ ବିକ୍ରି ହେଉଛି ରଙ୍ଗବେରଙ୍ଗର ସୁନ୍ଦର ଶାଢ଼ି। ଦୁଇଟା ଶାଢିର ମୂଲ୍ୟ ୫୦୦ ଟଙ୍କା ରହିଛି। ଏଥିସହ ସିଲ୍କ, କଟନ, ସିଫନ ଶାଢ଼ୀ ମଧ ଉପଲବ୍ଧ ରହିଛି।



ବାଲିଯାତ୍ରା ପଡ଼ିଆରେ ଏରୋପ୍ଲେନ୍ ଆକୃତିର ବେଲୁନ ପାଖରେ ଜଣେ ଯୁବତୀ ସେଲ୍ଫି ନେଉଛନ୍ତି।

## ରୁଚି-ଫ୍ରୋଜିଟ୍ ଷ୍ଟଲ୍‌ରେ ଜମୁଛି ଭିଡ଼

### ୨୦୦ ଟଙ୍କାର ଖାଇଲେ ୨୦ ପ୍ରତିଶତ ରିହାତି

ରୁଚି-ଫ୍ରୋଜିଟ୍ ମେଗା ଫୁଡ୍ କୋର୍ଟ ବାଲିଯାତ୍ରାରେ ସବୁଠାରୁ ସ୍ୱଚ୍ଛ ଷ୍ଟଲ୍ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଏଠାରେ ଏକ ହୋଟେଲର ସମସ୍ତ ସୁବିଧା ମିଳୁଛି। ଫ୍ରୋଜିଟ୍ ପକ୍ଷରୁ ବିଭିନ୍ନ ପ୍ରକାର ଫ୍ରୋଜେନ ଖାଦ୍ୟ ମଧ୍ୟରେ ଖିରି, ପୋଡପିଠା, ଡାଲମା, ମାଲପୁଆ ସହ ସୁପ୍, ବିରିୟାନୀ, ରୁମାଲ ରୁଟି, ଜୁସ୍, ଚା’, ଷ୍ଟାର୍ଟର୍ ଆଦି ପ୍ରସ୍ତୁତ କରାଯାଉଛି। ଏଥିସହ ଉକ୍ତ ଷ୍ଟଲ୍‌ରେ ଗୁଣାତ୍ମକ ଖାଦ୍ୟ, ଗୁଣବତ୍ତା ସେବା ଏବଂ ଆରାମଦାୟକ କ୍ଷେତ୍ର ବ୍ୟବସ୍ଥା କରାଯାଇଛି। ଫଳରେ ଗ୍ରାହକମାନେ ଏଠାରେ ଆରାମରେ ଖାଦ୍ୟ ଖାଇବା ସହ ବାଲିଯାତ୍ରାର ମଜା ଉଠାଉଛନ୍ତି। ବାଲିଯାତ୍ରାରେ ୮ହଜାର ସ୍କୋୟାର ଫୁଟ୍ ପରିମିତ ଅଞ୍ଚଳରେ ଉକ୍ତ ଷ୍ଟଲ୍ କରାଯାଇଛି। ସୁଲଭ ମୂଲ୍ୟରେ ସୁସ୍ୱାଦୁ ଖାଦ୍ୟ ପଦାର୍ଥକୁ ଉପଲବ୍ଧ କରାଯାଉଛି। ଏଥିସହ ୨୦୦ ଟଙ୍କାରୁ ଅଧିକ ମୂଲ୍ୟର ଖାଦ୍ୟ ଖାଇଲେ ଗ୍ରାହକଙ୍କ ପାଇଁ ୨୦ ପ୍ରତିଶତ ରିହାତି ସୁବିଧା ରହିଛି। ୬୦ ଜଣ ସଦସ୍ୟ ବିଶିଷ୍ଟ ଏକ ଟିମ୍ ବାଲିଯାତ୍ରାର ଏହି ଷ୍ଟଲ୍‌କୁ ପରିଚାଳନା କରୁଛନ୍ତି।




## ଭିଆଇପି ବସିଲେ, ସାଧାରଣ ଲୋକ ଫେରିଗଲେ

ବାଲିଯାତ୍ରାର ଅକ୍ଷୟ ମହାନ୍ତି ମଞ୍ଚରେ ଜାଭେଦ୍ ଅଲ୍ଲିଙ୍କ ସଙ୍ଗୀତ ଶୁଣିବା ପାଇଁ ଲୋକଙ୍କ ସମାଗମ ହୋଇଥିଲା। ମଞ୍ଚ ସମ୍ମୁଖରେ ଭିଆଇପିଙ୍କ ବସିବା ପାଇଁ ଧଳା ରଙ୍ଗର ସୋଫା ଓ ତା’ ପଛକୁ ପାସ୍‌ଧାରୀଙ୍କ ପାଇଁ ଧଳା ଚୌକି ବ୍ୟବସ୍ଥା କରାଯାଇଥିଲା। ହେଲେ ସାଧାରଣ ଲୋକଙ୍କ ବସିବା ପାଇଁ ବ୍ୟବସ୍ଥା ନ ଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଇଚ୍ଛା ଥିଲେ ମଧ ଅଧିକ ସମୟ ଠିଆ ହୋଇ ଦେଖିବା ସମ୍ଭବ ହେଉ ନ ଥିବାରୁ ଲୋକମାନେ ଚାଲି ଯାଇଥିଲେ।

## ଜାଭେଦଙ୍କ ସହିତ ସ୍ୱର ମିଳାଇ ଗାଇଲେ ଜିଲାପାଳ

କଣ୍ଠଶିଳ୍ପୀ ଜାଭେଦ୍‌ଙ୍କ ସହ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୀତ ଗାଇଥିଲେ। ଜାଭେଦ କାର୍ଯ୍ୟକ୍ରମ ମଝିରେ ମଞ୍ଚତଳକୁ ଆସିଥିଲେ। ନିଜେ ଗାଇବା ସହ ଲୋକମାନଙ୍କୁ ଗାଇବାକୁ ମାଇକ ଦେଖାଇଥିଲେ। ଏହି ସମୟରେ ମଞ୍ଚ ସମ୍ମୁଖରେ ବସିଥିବା ଜିଲାପାଳ ଏବଂ ତାଙ୍କ ସ୍ତ୍ରୀ ସମେତ ବହୁ ବିଚାରପତି ତଥା ଭିଆଇପିଙ୍କୁ ଜାଭେଦ୍ ଗାଇବାକୁ କହିବା ପରେ ସେମାନେ ତାଙ୍କ ସହିତ ସ୍ୱର ମିଳାଇ ଗାଇଥିଲେ।

## ରାଗି ଚାଲିଗଲେ ବରିଷ୍ଠ ଅଧିକାରୀ

ଜାଭେଦ୍ ଅଲ୍ଲିଙ୍କ ଷ୍ଟେଜ ପରଫର୍ମାନ୍ସ ଚାଲିଥିବାବେଳେ ଏକ ଦୃଶ୍ୟ ନଜରକୁ ଆସିଥିଲା। ନିମନ୍ତ୍ରିତ ହୋଇଥିବା ଜଣେ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମ ମଝିରୁ କ୍ରୋଧାନ୍ୱିତ ହୋଇ ଚାଲିଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଜିଲାପାଳ ଭବାନୀ ଶଙ୍କର ଚୟନୀ ତାଙ୍କୁ ବୁଝାଶୁଝା କରି ଆଣିବାକୁ ଯାଇଥିଲେ। ହେଲେ ସେ ଆସି ନ ଥିଲେ। ତେବେ ମଞ୍ଚ ସମ୍ମୁଖରେ ବସିବା ପାଇଁ ସୁବ୍ୟବସ୍ଥା କରାଯାଇ ନ ଥିବାରୁ ଅଧିକାରୀ ଜଣକ ଚାଲି ଯାଇଥିବା ଉପସ୍ଥିତ ଲୋକମାନେ କହିଛନ୍ତି।

## ଭିଆଇପିଙ୍କ ସେଲ୍ଫି କ୍ରେଜ୍

ବଲିଉଡ୍‌କଣ୍ଠଶିଳ୍ପୀ ଜାଭେଦ୍‌ଅଲ୍ଲିଙ୍କୁ ଭେଟି ସେଲ୍ଫି ନେବା ପାଇଁ ଭିଆଇପିମାନେ ତାଙ୍କ ଟେଣ୍ଟକୁ ପ୍ରବେଶ କରୁଥାନ୍ତି। ସେ ଆସିବା କ୍ଷଣି ସପରିବାରେ ତାଙ୍କ ସହ ଫଟୋ ଉଠାଇଥିଲେ। ଏପଟେ ଜାଭେଦ୍‌ଙ୍କ ମତାମତ ନେବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ବାଲିଯାତ୍ରା ସଫଳତା ପଛରେ ଗଣମାଧ୍ୟମର ଏକ ବଡ଼ ଭୂମିକା ରହିଥିବା ଅଧିକାରୀମାନେ କହୁଥିବାବେଳେ ସେଠାରେ ପ୍ରତିନିଧିଙ୍କୁ ରୋକା ଯାଇଥିଲା। ପରେ ହୋହଲ୍ଲା ହେବାରୁ ମତାମତ ନେବା ପାଇଁ ଛଡ଼ାଯାଇଥିଲା।

## ପ୍ରତ୍ୟେକ କଳାକାର କଟକ ଆସିବାକୁ ଚାହାନ୍ତି

**➲ବାଲିଯାତ୍ରା ସମ୍ପର୍କରେ କ’ଣ କହିବେ?**
ଐତିହାସିକ ବାଲିଯାତ୍ରା ପରମ୍ପରା ସହିତ ଜଡିତ। ବହୁ ବର୍ଷ ପରେ ଏଠାକୁ ଆସିବାର ସୁଯୋଗ ମିଳିଛି। ଏଠାକାର ମଞ୍ଚରେ ସଙ୍ଗୀତ ପରିବେଷଣ କରିବାର ସୁଯୋଗ ପାଇଥିବାରୁ ନିଜକୁ ଧନ୍ୟ ମନେ କରୁଛି। ଏତେ ସଂଖ୍ୟକ ଲୋକଙ୍କୁ ଦେଖି ଖୁସି ଲାଗୁଛି।

**➲ବାଲିଯାତ୍ରାର ସ୍ମୃତିକୁ ସାଙ୍ଗରେ ନେଇ ଯିବେ କି?**
ନିଶ୍ଚିତ। ଷ୍ଟେଜ୍‌ରେ ମୁଁ ପରଫରମାନ୍ସ କରିଥିବା ସମସ୍ତ ସ୍ମୃତିକୁ ସାଙ୍ଗରେ ନେଇଯିବି।

**➲କଟକରେ ସବୁଠୁ କ’ଣ ଭଲ ଲାଗିଲା?**
ଭାଇଚାରାର ସହର କଟକ। ଏଠାକାର ଲୋକମାନେ ଭଲ। ଏଠାକାର ଲୋକ ସଙ୍ଗୀତ ଓ ପ୍ରତ୍ୟେକ କଳାକାରଙ୍କୁ ବହୁତ ପସନ୍ଦ କରିଥାନ୍ତି। ସେଥିପାଇଁ ପ୍ରତ୍ୟେକ କଳାକାର କଟକ ଆସିବାକୁ ଚାହାନ୍ତି।

**➲ଓଡ଼ିଶା ଆସି କିପରି ଲାଗିଲା?**
ଓଡ଼ିଶା ଏକ ଐତିହ୍ୟ ସମ୍ପନ୍ନ ରାଜ୍ୟ। ଏଠାରେ ଅନେକ ଇତିହାସ ରହିଛି। ବିଶେଷକରି ଓଡ଼ିଶାର ଭୁବନେଶ୍ୱର ଓ କଟକ ମୋର ବହୁତ ପସନ୍ଦ ସ୍ଥାନ।



ଜାଭେଦ ଅଲ୍ଲି

# ଦର୍ଶକଙ୍କୁ ମତୁଆଲା କଲେ ଜାଭେଦ

ରବିବାର ଷଷ୍ଠ ସନ୍ଧ୍ୟାରେ ଦର୍ଶକଙ୍କୁ ମତୁଆଲା କରିଦେଇଥିଲେ ବଲିଉଡ ଗାୟକ ଜାଭେଦ୍ ଅଲ୍ଲି। ତାଙ୍କ ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ପ୍ରଥମ ଗୀତ ଗଜନୀ ଫିଲ୍ମର ‘ତୁ ମେରି ଅଧୁରି ପ୍ୟାସ୍ ପ୍ୟାସ୍...’ ଦର୍ଶକଙ୍କ ମନରେ ରୋମାଞ୍ଚ ଭରି ଦେଇଥିଲା। ତାଳିମାଡ଼ରେ କମ୍ପିଥିଲା ମଞ୍ଚ। ଜାଭେଦ ଗୋଟିଏ ପରେ ଗୋଟିଏ ଗୀତ ଭେଟି ଦେଇଥିଲେ। ଦୁଇଘଣ୍ଟା ବଲିଉଡ ଗୀତକୁ ମନଭରି ଉପଭୋଗ କରିଥିଲେ ଦର୍ଶକ। ଦର୍ଶକ ବି ଜାଭେଦଙ୍କୁ ନିରାଶ କରି ନ ଥିଲେ। ତାଙ୍କ ସଙ୍ଗୀତକୁ ପସନ୍ଦ କରିବା ସହିତ ପ୍ରଶଂସା ବି କରିଥିଲେ। ଗୀତରେ ମସଗୁଲ ହୋଇ ନାଚିଉଠିଥିଲେ ଦର୍ଶକ। କଟକର ଦର୍ଶକ ହେଉଛନ୍ତି ସମସ୍ତଙ୍କଠାରୁ ନିଆରା ବୋଲି ଜାଭେଦ କହିଥିଲେ। ଅକ୍ଷୟ ମହାନ୍ତି ମଞ୍ଚରେ ପ୍ରାରମ୍ଭରେ ଦୁଃଖୀରାମ ସ୍ୱାଇଁ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ ଦଧିବାମନଜୀଉ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ମନ ମୋହିଥିଲା। ଓଲିଉଡ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି ‘ବୋଉ ମାରିବ ବୋଉ ମାରିବ...’, ‘ଔଷଧ ନେଇ ଆ ଜାନିଆଁ...’ ପ୍ରଭୃତି ଓଡ଼ିଆ ଗୀତ ଭେଟି ଦେଇଥିଲେ। ସେହିପରି ମଞ୍ଚରେ କଳାକାରମାନେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ।

